

ଆସିବ ମୁନ୍ନା ଭାଇ ୩

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-123 ♦THURSDAY ♦30 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୨୩ ♦ଗୁରୁବାର ♦୩୦ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

### ଯୁଦ୍ଧବିରତି ମାନୁ ନାହାନ୍ତି ଇସ୍ରାଏଲ, ହମାସ

## ଗାଜାରେ ପୁଣି ଇସ୍ରାଏଲର ଆକ୍ରମଣ; ୧୦୪ ମୃତ

■ **ତେଲ ଅଭିଭ୍, ୨୯ ।୧୦(ଏଜେନ୍ସି):** ଗାଜାରେ ଅସ୍ତ୍ରବିରତି ଲାଗୁ ହେବା ପରେ ଇସ୍ରାଏଲ ପୁଣିଥରେ ଏକ ବଡ଼ଧରଣର ଆକ୍ରମଣ କରିଛି । ମଙ୍ଗଳବାର ଇସ୍ରାଏଲ ବାୟୁସେନାର ଆକ୍ରମଣରେ ଅତିକମ୍‌ରେ ୧୦୪ ଜଣ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ୪୬ ଜଣ ପିଲା ସାମିଲ ଅଛନ୍ତି ବୋଲି ପାଲେଷ୍ଟାଇନ୍ ସିଭିଲ ଡିଫେନ୍ସ ତରଫରୁ କୁହାଯାଇଛି । ତେବେ ହମାସ ପ୍ରଥମେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା ଓ ଗାଜାରେ ନିୟୋଜିତ ଇସ୍ରାଏଲ ସୈନିକଙ୍କ ଉପରେ ପ୍ରଥମେ ଆକ୍ରମଣ କରିଥିଲା ବୋଲି ଇସ୍ରାଏଲ ତରଫରୁ ଅଭିଯୋଗ କରାଯାଇଛି । ତେବେ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଆମେ ଅସ୍ତ୍ରବିରତି ପାଳନ କରୁଛୁ ବୋଲି ହସମା ତରଫରୁ କୁହାଯାଇଛି ।

ଗାଜା ସିଟି, ଖାନ୍ ୟୁନୁସ, ବେଇତ ଲାହିଆ ଓ ଅଲ ବୁରେଜି ସ୍ଥିତ ଘନ ଜନବସତି ଅଞ୍ଚଳ ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା । ▶ପୃଷ୍ଠା-୭



### ବ୍ରାଜିଲରେ ହେଲିକପ୍ଟରରୁ ଆକ୍ରମଣ

## ୬୦ ଡ୍ରଗ୍ସ ମାଫିଆ ନିହତ, ୮୦ ଗିରଫ

■ **ରିଓ ହି ଜେନେରିଓ, ୨୯ ।୧୦ (ଏଜେନ୍ସି):** ବ୍ରାଜିଲରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଆରମ୍ଭ ହୋଇଛି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ । ଡ୍ରଗ୍ସ ମାଫିଆ ଏବଂ ଅସ୍ତ୍ର ଚାଲାଣ ରାକେଟ ଚଳାଉଥିବା ଗୋଷ୍ଠୀକୁ ମୂଳପୋଛ କରିବା ଲକ୍ଷ୍ୟରେ ପୁଲିସ ହେଲିକପଟର ଓ ଡ୍ରୋନ ସହାୟତାରେ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଚଳାଇଛି । ଏହି କାର୍ଯ୍ୟାନୁଷ୍ଠାନରେ ୬୪ ଜଣ ପ୍ରାଣ ହରାଇଥିବା ବେଳେ ୮୦ ଜଣଙ୍କୁ ଗିରଫ କରାଯାଇଛି । କୁଖ୍ୟାତ ଡ୍ରଗ୍ସ ସଂଗଠନ 'ରେଡ କମାଣ୍ଡ' ବିରୋଧର ଏପର୍ଯ୍ୟନ୍ତ ଏହା ହେଉଛି ସବୁଠାରୁ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ବୋଲି ସରକାରୀ ଭାବେ କୁହାଯାଇଛି ।

ଗତକାଲି ସକାଳେ ରାଜଧାନୀ ରିଓ ଡି ଜାନେଇରୋରେ ୨୫୦୦ ପୁଲିସ୍ କର୍ମଚାରୀ ହେଲିକପ୍ଟର ସହାୟତାରେ ଡ୍ରଗ୍ସ ମାଫିଆ ଓ ଅପରାଧୀଙ୍କ ଅଞ୍ଚଳରେ ଚଢ଼ାଉ କରିଥିଲା । ପୁଲିସ ଟିମ୍ ଆଗକୁ ବଢୁଥିବା ବେଳେ ଆକାଶମାର୍ଗରୁ ସେମାନଙ୍କୁ ସୁରକ୍ଷାର ଦେଉଥିଲା ହେଲିକପଟର । ପୁଲିସ ଏହି ▶ପୃଷ୍ଠା-୭



### ଇ-କେୱାଇସି କରି ନ ଥିବାରୁ ମିଳିଲାନି ଚାଉଳ

# ଅନାହାରରେ ଆଖି ବୁଜିଲେ ବୃଦ୍ଧ !

■ **ଭୁବନେଶ୍ୱର, ୨୯।୧୦ (ସମିସ):** ନବୀନ ପଟ୍ଟନାୟକ ସରକାର ସମୟରେ ଓଡ଼ିଶା ରାଜ୍ୟର ଚାଉଳ ଆବଶ୍ୟକତା ପୂରଣ କରି ଅନ୍ୟ ରାଜ୍ୟକୁ ଚାଉଳ ଯୋଗାଇବାକୁ ସକ୍ଷମ ହୋଇଥିଲା । ଗରିବଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ନିମନ୍ତେ ପ୍ରଣୟନ ହୋଇଥିବା ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରିତାରେ ଓଡ଼ିଶା ସମଗ୍ର ବିଶ୍ୱରେ ସୁନାମ ଅର୍ଜନ କରିଥିଲା । ଏଥିପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଆନ୍ତର୍ଜାତୀୟସ୍ତରରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେତେବେଳେ ଚାଉଳ ଉତ୍ପାଦନରେ ଆରମ୍ଭ ହୋଇଥିବା ଧାରା ଏବେ ବି ଅବ୍ୟାହତ ରହିଛି । ରାଜ୍ୟରେ ବିପୁଳ ପରିମାଣର ଧାନ ଉତ୍ପାଦିତ ହେଉଛି, ସରକାରଙ୍କ ଗୋଦାମରେ ଲକ୍ଷଲକ୍ଷ ଟନ୍ ଚାଉଳ ଗଚ୍ଛିତ ରହିଛି । ମାତ୍ର ଇ-କେୱାଇସି ଅପଡେଟ୍ କରି ନ ଥିବା ଯୋଗୁଁ ରାଜ୍ୟର ଲକ୍ଷଲକ୍ଷ ଗରିବ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଛନ୍ତି । ଏହି କ୍ରମରେ ଇ-କେୱାଇସି ନ କରିବା ଯୋଗୁଁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ରାସୋଳ ପଞ୍ଚାୟତର ରିସା ମାଙ୍କଡ଼ିଆ ନାମକ ଜଣେ ବୃଦ୍ଧ ଅନାହାରରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି । କୁହାଯାଉଛି ଯେ ବୟସାଧିକ୍ୟ ଯୋଗୁଁ ସରକାରଙ୍କ ନିୟମ ଅନୁସାରେ ବୃଦ୍ଧ ଜଣକ ଜନସେବା କେନ୍ଦ୍ର ଯାଇ ଇ-କେୱାଇସି କରି ପାରିଲେନାହିଁ । ବ୍ୟବସ୍ଥା ଅନୁସାରେ ପ୍ରଶାସନ ପକ୍ଷରୁ କେହି ଯାଇ ତାଙ୍କର ଇ-କେୱାଇସି କଲେ ନାହିଁ । ଫଳରେ ସରକାରଙ୍କ ପକ୍ଷରୁ ତାଙ୍କୁ ମିଳୁଥିବା ଚାଉଳ ବନ୍ଦ ହୋଇଗଲା । ଯାହାଫଳରେ ଖାଦ୍ୟାଭାବରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି ।

ଅନ୍ତ୍ୟୋଦୟ କାର୍ଡ (୧୩୧୦୨୧୧୫୯୯)ରେ ରିସା ପୂର୍ବରୁ ଚାଉଳ ପାଉଥିଲେ; କିନ୍ତୁ ଗତ ଜୁନ ମାସ ପରଠାରୁ ତାଙ୍କୁ କୌଣସି ଚାଉଳ ମିଳିନଥିଲା । ସେ ବାରମ୍ବାର ଡିଲରଙ୍କ ପାଖକୁ ଯାଉଥିଲେ ମଧ୍ୟ ତାଙ୍କର ଇ-କେୱାଇସି ହୋଇନଥିବାରୁ ତାଙ୍କ ପାଇଁ ଚାଉଳ ଆସୁ ନ ଥିବା ଉତ୍ତର ମିଳିଥିଲା । ନିଜର ବୟସାଧିକ୍ୟ ଯୋଗୁଁ ସେ କୌଣସି କାମ କରିପାରୁନଥିଲେ । ନିଜ ଘରେ ଭୋକ ଉପାସରେ ପଡ଼ି ରହିଥିଲେ । ପଡ଼ୋଶୀମାନେ ବେଳେ ବେଳେ କିଛି ଖାଇବାକୁ ଦେଉଥିଲେ । ଏଭଳି ଅବସ୍ଥାରେ ତାଙ୍କର ଗତ ୨୨ ତାରିଖ ଦିନ ମୃତ୍ୟୁ ହୋଇଯାଇଥିଲା । ସ୍ଥାନୀୟ ▶ପୃଷ୍ଠା-୭



ଫାଇଲ୍ ଫଟୋ



# ଦୁଷ୍କର୍ମ ପରେ ଜାଳିଦେଲେ

### ଚାଷ ଜମିରୁ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର

■ **ବଲାଙ୍ଗିର/ଦେଓଗାଁ, ୨୯ ।୧୦ (ସମିସ):** ରାଜ୍ୟରେ ଶାସନ ବ୍ୟବସ୍ଥାରେ ଅରାଜକତା ସୃଷ୍ଟି ହୋଇଥିବା ବେଳେ ଆଇନଶୃଙ୍ଖଳା ଭୁଶୁଡି ପଡ଼ିଛି । ମହିଳାମାନେ ସବୁଠାରୁ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଶାସକ ବିଜେପି ରାଜ୍ୟରେ ମହିଳାଙ୍କୁ 'ସୁଭଦ୍ରା' ସମ୍ବୋଧନ କରି ମାନ ସମ୍ମାନ ଦେବା କଥା କହୁଥିବା ବେଳେ ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ ଓ ହତ୍ୟା ଘଟଣା ସାମ୍ନାକୁ ଆସୁଛି । ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ପୁଣି ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ନିଆଁରେ ପୋଡ଼ି ହତ୍ୟା କରାଯିବା ଅଭିଯୋଗ ହୋଇଛି । ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାର ୨୪ ଘଣ୍ଟା ନ ପୂରୁଣୁ ସେହି ଅଞ୍ଚଳର ଗଏଲପିଟା ନିକଟସ୍ଥ କପା ଓ ଧାନ କିଆରୀ ମଝିରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ଗଳିତ ଶବ ମିଳିବା ଦେଓଗାଁ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ସମ୍ପୃକ୍ତ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଚାଲିଛି । ଖବର ପାଇ ପୁଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜକୁ ପଠାଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି ।

ବୁଧବାର ସକାଳେ ସ୍ଥାନୀୟ କିଛି ଯୁବକ ଛେଳି ଚରାଇବାକୁ ଯାଇଥିବା ବେଳେ ଜମିରେ ମହିଳାଙ୍କ ଶବ ପଡିଥିବା ଦେଖିଥିଲେ । ଗାଁଲୋକଙ୍କୁ କହିବା ପରେ ଜମି ମାଲିକ ସ୍ଥାନୀୟ ଫାଣ୍ଡିରେ ଖବର ଦେଇଥିଲେ । ଖବର ପାଇ ବନ୍ଧପଡା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ । ସାଇଣ୍ଟିଫିକ ଟିମ୍‌କୁ ଖବର ଦେବାପରେ ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରାଯାଇଛି । ମହିଳାଙ୍କୁ ପ୍ରଥମେ ଦୁଷ୍କର୍ମ ଓ ପରେ ହତ୍ୟା କରି ପ୍ରମାଣ ନଷ୍ଟ କରିବା ▶ପୃଷ୍ଠା-୭

## କୁଆଡ଼େ ଗଲା ଶ୍ରୀମନ୍ଦିରରୁ ଲକ୍ଷ୍ମୀ ମୂର୍ତ୍ତି



■ **ପୁରୀ, ୨୯।୧୦ (ସମିସ):** ଶ୍ରୀମନ୍ଦିର ପରିସରରୁ ମା' ଲକ୍ଷ୍ମୀଙ୍କ ପିତ୍ତଳ ପ୍ରତିମା ମୂର୍ତ୍ତି ଚୋରି ହୋଇଛି । ଏହି ଘଟଣା ୩ ମାସରୁ ଊର୍ଦ୍ଧ୍ୱ ହେବ ଘଟିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହି ମୂର୍ତ୍ତି ସଂକ୍ରାନ୍ତରେ କୌଣସି ସୁରାକ୍ ମିଳିପାରି ନାହିଁ । ଏ ନେଇ ବରିଷ୍ଠ ସେବାୟତ ଇପ୍‌ସିତ ପ୍ରତିହାରୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବୁଧବାର ପତ୍ର ଲେଖିଛନ୍ତି । ଶ୍ରୀମନ୍ଦିର ପରିସର ଭୋଗ ମନ୍ଦିର ବାଟରେ ରହିଛି ଶ୍ରୀନୃସିଂହ ମନ୍ଦିର । ଏହି ମନ୍ଦିରରେ ମା' ଲକ୍ଷ୍ମୀଙ୍କର ଏକ ଛୋଟ ପିତ୍ତଳ ମୂର୍ତ୍ତି ପୂଜା ପାଉଥିଲା । ହେଲେ ୩ ମାସରୁ ଊର୍ଦ୍ଧ୍ୱ ହେବ ଏହି ମୂର୍ତ୍ତି କେହି ଚୋରି କରି ନେଇଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ମୂର୍ତ୍ତିର କୌଣସି ଖୋଜ୍‌ଖବର ନାହିଁ । ଅନୁସନ୍ଧାନ ▶ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସେବାୟତ**

# ବାତ୍ୟା ଗଲା; ୨ରୁ ପହିଲି ଶୀତ

■ **ଭୁବନେଶ୍ୱର, ୨୯।୧୦ (ସମିସ):** ସ୍ଥଳଭାଗ ଛୁଇଁବା ପରେ କ୍ରମଶଃ ଦୁର୍ବଳ ହେଉଛି ବାତ୍ୟା 'ମୋନ୍ଥା' । ସମୁଦ୍ର ଉପକୂଳରେ ଏହା ଦୂରେଇ ଯାଉଥିବାରୁ ଗୁରୁବାର ସକାଳ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଫଳରେ ଗୁରୁବାରଠାରୁ ରାଜ୍ୟରେ ପାଗ ଫିଟିବା ସହ କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ଥାନରେ ଖରାଟିଆ ପାଗ ରହିବାର ଅନୁମାନ କରାଯାଉଛି । ଅନ୍ୟପଟେ 'ମୋନ୍ଥା' ମଙ୍ଗଳବାର ରାତିରେ ତା'ର ନିର୍ଦ୍ଧାରିତ ପଥ ପରିବର୍ତ୍ତନ କରିଥିବାରୁ ଓଡ଼ିଶା ଉପରେ ଏହାର ବିଶେଷ ପ୍ରଭାବ ପଡ଼ିନାହିଁ । କେବଳ ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ ଭାଗରେ ବାତ୍ୟା ନିଷ୍ପ୍ରଭ ରହିଛି । ବାତ୍ୟା ଯୋଗୁଁ ରାଜ୍ୟର ମାତ୍ର ୫ଟି ଷ୍ଟେସନ୍‌ରେ ୧୦୦ ମିମି.ରୁ ଅଧିକ ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଜପତି ଜିଲ୍ଲାର ଗୋଷାଣୀଠାରେ ସର୍ବାଧିକ ୧୫୦.୫ ମିମି ▶ପୃଷ୍ଠା-୭

**୬ ଡିଗ୍ରୀ କମିବ ତାପମାତ୍ରା**

### 'ମୋନ୍ଥା'ରେ ୩୩ ବ୍ଲକ୍, ୧୧ ସହରାଞ୍ଚଳ ପ୍ରଭାବିତ

**୭୨ ଘଣ୍ଟା ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୨୯।୧୦ (ସମିସ):** ରାଜ୍ୟବାସୀ ବାତ୍ୟା 'ମୋନ୍ଥା'କୁ ନେଇ ଚିନ୍ତିତ ଥିଲାବେଳେ ଏହାର ସେଭଳି କୌଣସି ପ୍ରଭାବ ପଡ଼ିନାହିଁ । ଶେଷ ମୁହୂର୍ତ୍ତରେ ବାତ୍ୟା ଦିଗ ବଦଳାଇବାରୁ ଓଡ଼ିଶା ଉପରେ ପ୍ରଭାବ କମ୍ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବୁଧବାର ମନ୍ତ୍ରୀ ଶ୍ରୀ ପୂଜାରୀ ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ ଏସ୍‌ଆରସି ଡିକେ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିବା ପରେ ରାଜୀବ ଭବନଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ଗୁରୁବାରଠାରୁ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ୭୨ ଘଣ୍ଟା ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି । ବହୁଜାଗାରେ ଘର କାନ୍ଥ ପଡିଛି । ସେମାନଙ୍କୁ ପଲିଥିନ ଦିଆଯାଇଛି । ଘର କ୍ଷତି ହୋଇଥିଲେ ଆକଳନ ପରେ କ୍ଷତିପୂରଣ ଦିଆଯିବ । ଆକଳନ ବେଳେ ବ୍ୟାଙ୍କ ଖାତା, ଆକାଉଣ୍ଟ ନମ୍ବର ଆଦି ଅଧିକାରୀମାନେ ଆଣିବେ । ଫଳରେ ଅନଲାଇନରେ ତୁରନ୍ତ କ୍ଷତିପୂରଣ ଦିଆଯିବ ବୋଲି ମନ୍ତ୍ରୀ ▶ପୃଷ୍ଠା-୭

### ନୂଆପଡ଼ା ଉପନିର୍ବାଚନ

## ପ୍ରଚାର ମଇଦାନକୁ ଓହ୍ଲାଇବେ ନବୀନ



**୩ରେ କୋମନାରେ ସାଧାରଣ ସଭା**

**୭ରେ ଖରିଆର ରୋଡ଼ରୁ ନୂଆପଡ଼ା ଯାଏ ରୋଡ୍ ଶୋ'**

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଉପନିର୍ବାଚନ ପାଇଁ ନୂଆପଡ଼ାରେ ପ୍ରଚାର ସରଗରମ ହୋଇଛି । ତିନି ଦଳ ନିର୍ବାଚନ ପାଇଁ ଘମାଘୋଟ ପ୍ରଚାର ଚଳାଇଥିବା ବେଳେ ବିଜେଡି ନିଜର ସ୍ଥିତି ଦିନକୁ ଦିନ ସୁଦୃଢ଼ କରିବାରେ ଲାଗିଛି । ଏହି କ୍ରମରେ ଆସନ୍ତା ୩ ତାରିଖରେ ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନବୀନ ୩ ତାରିଖରେ କୋମନାରେ ପ୍ରଚାର କରିବେ ବୋଲି ସୂଚନା ମିଳିଛି ।

ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନବୀନ ଆସନ୍ତା ୩ ତାରିଖରେ ନୂଆପଡା ଯିବେ । ସେହିପରି ୭ ତାରିଖରେ ନବୀନ ଦ୍ୱିତୀୟ ▶ପୃଷ୍ଠା-୭

### ଚୌଦ୍ୱାର ଜେଲ୍‌ରୁ ଦୁଇ ବିହାରୀ ଅଭିଯୁକ୍ତ ଚମ୍ପଟ୍ ଘଟଣା

# ଫେରାର ପଛରେ ଗ୍ୟାଙ୍ଗଷ୍ଟର!

■ **ଭୁବନେଶ୍ୱର, ୨୯ ।୧୦ (ସମିସ):** ଚୌଦ୍ୱାର ଜେଲ୍‌ରୁ ଦୁଇ ବିହାରୀ ଅଭିଯୁକ୍ତ ରାଜା ସାହାଣୀ ଓ ମଧୁକାନ୍ତ ଫେରାର ଘଟଣାକୁ ମାସେ ବିତିବାକୁ ବସିଥିଲେ ମଧ୍ୟ ପୁଲିସ ଏଯାଏଁ ସେମାନଙ୍କୁ ଧରି ପାରିନାହିଁ । ଯଦିଓ ଘଟଣାରେ ଜଣେ ୱାର୍ଡରଙ୍କୁ ନିଲମ୍ବନ କରାଯାଇଛି, କିନ୍ତୁ ଫେରାର ପଛରେ ଥିବା ଖଳନାୟକଙ୍କୁ ଚିହ୍ନଟ କରିପାରିନାହିଁ । ଏହାରି ଭିତରେ ଏକ ସାଙ୍ଘାତିକ କଥା ପଦାକୁ ଆସିଛି । ଦୁଇ ବିହାରୀ ଅଭିଯୁକ୍ତ ଫେରାର ପଛରେ ଗ୍ୟାଙ୍ଗଷ୍ଟର ସକିଲର ହାତ ଥିବା ସନ୍ଦେହ କରାଯାଉଛି । ଗତକାଲି କଟକ କମିସନରେଟ ପୁଲିସର ଏକ ଟିମ୍ ଜେଲକୁ ଯାଇ ସକିଲକୁ ପଚରାଉଚରା କରିଛି ।

ସୂଚନା ଅନୁସାରେ, ଗତ ଜାନୁଆରୀ ୪ ତାରିଖରେ ରାଜା, ମଧୁକାନ୍ତ ଓ ସହଯୋଗୀମାନେ ମିଶି ଯାଜପୁର ପାଣିକୋଇଲି ପଣ୍ଡା ଅଳଙ୍କାର ଲୁଟ୍ ଉଦ୍ୟମ କରିଥିଲେ । ଲୁଟେରାଙ୍କ ଗୁଳିମାଡ଼ରେ ଦୁଇ ଜଣ ମୃତ୍ୟୁବରଣ କରିଥିବା ବେଳେ ଲୋକମାନେ ରାଜା ଓ ମଧୁକାନ୍ତକୁ ଧରି ପୁଲିସକୁ ଦେଇଥିଲେ । ସୁରକ୍ଷା ଦୃଷ୍ଟିକୋଣରୁ ଉଭୟଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା । ଚୌଦ୍ୱାର ସର୍କଲ ଜେଲର ହାଇ ସିକ୍ୟୁରିଟି ସେଲ୍ ନଂ ୪ ଓ ୭ ରେ ସେମାନଙ୍କୁ ରଖାଯାଇଥିଲା । ଗତ ୩ ତାରିଖ ଦିନ ରାଜା ଓ ମଧୁକାନ୍ତ ସେଲର ଲୁହା ରଡ୍ କାଟି କମ୍ବଳ ଜରିଆରେ ପାଚେରି ଡେଇଁ ଫେରାର ହୋଇ ଯାଇଥିଲେ । ଫେରାର ପୂର୍ବରୁ ସେଲ୍‌ରେ ଥିବା କ୍ୟାମେରାକୁ ମୁହଁକୁ ଭିନ୍ନ ଦିଗକୁ ବୁଲାଇ ଦେଇଥିଲେ । ରାଜ୍ୟର ଅନ୍ୟତମ ସୁରକ୍ଷିତ ଜେଲ୍ କୁହାଯାଉଥିବା ଚୌଦ୍ୱାର ଜେଲରୁ ବିହାରୀ ଅଭିଯୁକ୍ତ ଫେରାର ହେବାପରେ ଜଣେ ୱାର୍ଡରଙ୍କୁ ▶ପୃଷ୍ଠା-୭

**ଜେଲ୍‌ରେ ସକିଲକୁ ପୁଲିସର ପଚରାଉଚରା**

# ଗାଣ୍ଠିଆରେ ଧନ; ଖର୍ଚ୍ଚରେ ନାହିଁ ମନ

**ପୂର୍ଣ୍ଣାଙ୍ଗ ବଜେଟ ଖର୍ଚ୍ଚ ନିରୁତ୍ସାହଜନକ ■ ବିଭାଗକୁ ଚିନ୍ତା ଅର୍ଥ ବିଭାଗ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଆସନ୍ତା ଶୀତ ଅଧିବେଶନରେ ଅତିରିକ୍ତ ବଜେଟ୍ ପାଇଁ ସରକାରୀସ୍ତରରେ ଆରମ୍ଭ ହୋଇଛି ପ୍ରସ୍ତୁତି । ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ସବୁ ବିଭାଗକୁ ଚିଠି ଲେଖି ଅତିରିକ୍ତ ବଜେଟ୍ ପାଇଁ ପ୍ରସ୍ତାବ ଆହ୍ୱାନ କରିଛି । ମାତ୍ର ବଜେଟ ବ୍ୟୟରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ବିଭାଗଗୁଡ଼ିକ ପାଇଁ ଅର୍ଥ ବିଭାଗର ନିର୍ଦ୍ଦେଶନାମା ଚିନ୍ତା ବଢ଼ାଇଛି । ସେପ୍ଟେମ୍ବର ମାସ ସୁଦ୍ଧା ଅନ୍ୟୂନ ବଜେଟ୍ ବରାଦର ୪୦% ଅର୍ଥ ଖର୍ଚ୍ଚ କରି ନ ଥିଲେ ଅତିରିକ୍ତ ବଜେଟ୍ ପାଇଁ ପ୍ରସ୍ତାବ ବିଚାରକୁ ନିଆଯିବ ନାହିଁ ବୋଲି ଅର୍ଥ ବିଭାଗ ରୋକଠୋକ୍ ଶୁଣାଇଦେଇଛି । ଏପରିସ୍ଥଳେ ଅତିରିକ୍ତ ବଜେଟରେ କିପରି ପ୍ରସ୍ତାବ ଦିଆଯିବ ସେନେଇ କିଛି ବିଭାଗ ଚିନ୍ତାରେ ଥିବାବେଳେ ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ମଧ୍ୟ ସରକାର ବାଟ ଖୋଜୁଛନ୍ତି ।

ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିଥିଲେ । ତେବେ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୫ ମାସ ଅର୍ଥାତ୍ ଏପ୍ରିଲ-ଅଗଷ୍ଟ ମଧ୍ୟରେ ମୋଟ ଆବଣ୍ଟିତ ଅର୍ଥର ମାତ୍ର ୨୭ ପ୍ରତିଶତ ଖର୍ଚ୍ଚ ହୋଇଛି । ଅର୍ଥାତ୍ ରାଜ୍ୟ ସରକାରଙ୍କର ୪୪ଟି ବିଭାଗ ଗତ ଅଗଷ୍ଟ ଶେଷ ସୁଦ୍ଧା ମାତ୍ର ୭୮୪୦୧ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି । ସେହିପରି ଏକାଧିକ ବିଭାଗ ଆଜିସୁଦ୍ଧା ୨୫ ପ୍ରତିଶତ ଆବଣ୍ଟିତ ଖର୍ଚ୍ଚ କରିପାରିନଥିବା ବେଳେ ଏହା ପରୋକ୍ଷରେ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

ଅର୍ଥ ବିଭାଗର ସର୍ତ୍ତ ପରେ ଅନେକ ବିଭାଗ ଅତିରିକ୍ତ ବଜେଟ ପାଇଁ ପ୍ରସ୍ତାବ ପ୍ରେରଣ କରିବାକୁ ଯେ ଯୋଗ୍ୟ ବିବେଚିତ ହେବେ ନାହିଁ, ସେନେଇ ଆଶଙ୍କା ପ୍ରକାଶ ପାଇଲାଣି । ଅପରପକ୍ଷେ ଆସନ୍ତା ଡିସେମ୍ବର ସୁଦ୍ଧା ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି । ମାତ୍ର ଅଗଷ୍ଟ ଶେଷ ସୁଦ୍ଧା ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଆସନ୍ତା ୪ ମାସରେ ୩୩ ପ୍ରତିଶତ ଅର୍ଥ କିପରି ଖର୍ଚ୍ଚ ହୋଇପାରିବ, ସେନେଇ ଅର୍ଥନୀତି ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି । ▶ପୃଷ୍ଠା-୭



**୬ ମାସରେ ୪୦% ଖର୍ଚ୍ଚ ହୋଇ ନ ଥିଲେ ମିଳିବନି ଅତିରିକ୍ତ ବଜେଟ**

## ବର୍ଷା ଯୋଗୁଁ ବିରି ଫସଲ ହାନି



ବିଲରେ ପାଣି ଜମିଛି

ରାଜକନିକା,୨୯।୧୦(ସମିସ): ରାଜକନିକା ବ୍ଲକ୍ ପଶ୍ଚିମ କନିକାର ପାଞ୍ଚ ପଞ୍ଚାୟତର ଚାଷଜମି ବର୍ଷା ପାଣିରେ ବୁଡିଗଲା। ଫଳରେ ବିରି ଚାଷ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ କହିଛନ୍ତି। ସୂଚନାନୁଯାୟୀ, ଗତକାଲି ରାତିରେ ବାତ୍ୟା ମନ୍ଥାର ପ୍ରଭାବ ଯୋଗୁଁ ପବନ କମ୍ ବର୍ଷାର ପରିମାଣ ଅଧିକ ଥିବାରୁ ଚାଷଜମିରେ ପାଣି ଭର୍ତ୍ତି ହୋଇଛି। ଯଦିଓ ଧାନ ଫସଲ କେବଳ ପାଣି ମଧ୍ୟରେ ଶୋଇ ରହିଛି। ବେଶୀ କ୍ଷତିଗ୍ରସ୍ତ ହୋଇଛି ବିରି ଫସଲ। ଖୁବ୍ ନିକଟରେ ଚାଷୀ ବିରି ବୁଣିଛି। କେତେକ ପଡିଆ କିଆରିରେ ହଳ କରାଯାଇ ବିରି ବୁଣା ସରିଥିଲେ ବି ବର୍ଷା ପାଣି ଯୋଗୁ ଗଛ ନଷ୍ଟ ହୋଇଯିବ ବୋଲି ଚାଷୀ କହିଛନ୍ତି। ବିଶେଷ ଭାବେ ପଶ୍ଚିମ କନିକାର ପାରିନୂଆପଡା ହାବଳଗଣ୍ଡ ପଞ୍ଚାୟତ ଉଜାଙ୍ଗ, କୈଥାପାଳ, ହାବଳଗଣ୍ଡ, ଦେଉଳତରା ପଞ୍ଚାୟତର ମୁରାଦପୁର, ଦେଉଳତରା, ପାଟଣା, ନମତରା ପଞ୍ଚାୟତ ନମତରା, ଚରପଡା ପଞ୍ଚାୟତର କଣ୍ଡିଆ, ରସିକ ନଗର, ଠାକୁରାଣୀପାଳ, ପଣସଗଣ୍ଡ ପଞ୍ଚାୟତର ଅହମ୍ମଦପୁର, ହାଟସାହି ପଞ୍ଚାୟତର ହାଟସାହି, ଅବଦୁଲପୁର ପଞ୍ଚାୟତର ପ୍ରାୟ ୧୫ଶହ ହେକ୍ଟର ଚାଷ ଜମିରେ ଚଳିତ ବର୍ଷ ବିରି ଫସଲ ହୋଇଛି। ଡାଲି ଜାତୀୟ ଏହି ଲାଭଜନକ ବିରି ଫସଲ ଚାଷୀଙ୍କୁ ଧାନ କ୍ଷୟକ୍ଷତିରୁ ଭରଣା କରିଥାଏ ବୋଲି ଦେଉଳତରା ପାଟଣା ଗ୍ରାମର ବରିଷ୍ଠ ଚାଷୀ ବଂଶୀଧର ରାଉତ କହିଛନ୍ତି। ଚଳିତ ବର୍ଷ ଦେଉଳତରା-ନମତରା ବାଲି ଜମିରେ ଧାନ ଚାଷ ନ ହୋଇ ପଡିଆ ପଡିଥିବା ବେଳେ ୭୦୦ ହେକ୍ଟର ପରିମାଣ ବାଲି ଜମିରେ ହଳକରି ବିରି ପକାଇଥିଲେ ଚାଷୀ। ବିରି ଗଛ ବି ଦି ପତର ହୋଇ ଯାଇଥିଲା। ହେଲେ ଗତକାଲିର ବର୍ଷା ସହିତ ଆଜି ବି ଦିନତମାମ ତୁହାକୁ ତୁହା ବର୍ଷା ଫଳରେ ଚାଷ ଜମିରେ ହିଡବୁଡି ପାଣି ଚାଲୁଛି। ଏଣୁ ବିରି ଗଛ ସମ୍ପୂର୍ଣ୍ଣରୂପେ ପଚିଯିବାର ଆଶଙ୍କା ଦେଖାଦେଇଛି। ଏଭଳି ସ୍ଥିତିରେ ବିରି ଉଜୁଡି ଯିବା ଭୟରେ ଚାଷୀ ହତବାକ୍ ହୋଇପଡ଼ିଛି।

# ୧ରୁ ମାଛଧରା ଉପରେ କଟକଣା

ରାଜନଗର,୨୯।୧୦(ସମିସ)





- ଧାମରାରୁ ଦେବୀ ମୁହାଁଣ ପର୍ଯ୍ୟନ୍ତ ମାଛଧରା ବନ୍ଦ
- ଗହୀରମଥାରେ ମଧ୍ୟ କଟକଣା ଲାଗିବ

ନଭେମ୍ବର ୧ ତାରିଖ ଠାରୁ ଆରମ୍ଭ ହେଉଛି କଇଁଛ ଋତୁ। ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଏକୁଡିଶାଳ ଭାବେ ସମଗ୍ର ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିବା ୧୪୩୭ ବର୍ଗ କିଲୋମିଟର ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଁଣରୁ ଦେବୀ ମୁହାଁଣ ଯାଏଁ ୧୬୦ କିଲୋମିଟର ପର୍ଯ୍ୟନ୍ତ ଲାଗିବ କଟକଣା। ନଭେମ୍ବର ୧ ତାରିଖରୁ ମେ' ମାସ ୩୧ ତାରିଖ ଯାଏଁ ୭ ମାସ ଧରି ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବର୍ଷ ତମାମ ଟ୍ରଲର ଚଳାଚଳ ଓ ମାଛଧରା ଉପରେ ସଂପୂର୍ଣ୍ଣ ନିଷେଧାଜ୍ଞା ଥିବା ବେଳେ କଇଁଛ ଋତୁ ନିମନ୍ତେ ଧାମରା ମୁହାଁଣରୁ ଦେବୀ ମୁହାଁଣ ପର୍ଯ୍ୟନ୍ତ ସମୁଦ୍ରକୂଳ ଠାରୁ ୨୦ କି.ମି. ଯାଏଁ ଯନ୍ତ୍ରଚାଳିତ ଟ୍ରଲର, ବୋଟ୍, ଭୁଟୁଭୁଟି ଚଳାଚଳ ବନ୍ଦ ସହିତ ମାଛଧରା ଉପରେ କଟକଣା ଜାରି କରାଯାଇଛି ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ଏହି ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ମାଦଳିଠାରେ ଦୁଇଟି ଅଫିସର କ୍ୟାମ୍ପ କରାଯାଇଥିବା ବେଳେ ଏକକୂଳା, ସାତଭାୟା, ଜଉଦିଆ, ଦୋବନ୍ଧି, ତାଲଙ୍ଗ, ଜଟାଧାର, ଷଣ୍ଢକୁଦ ୧, ୨, ହାୱାଖାନା, ରାମତାରା ଓ ବନ୍ଦର ଆଦି ୧୪ଟି ସ୍ଥାନରେ ଟ୍ରଟଲ୍ ପ୍ରୋଟେକ୍ସନ୍ କ୍ୟାମ୍ପ କରାଯିବ। ଏହାବାଦେ ବାବୁବାଲି ଓ ଶାସନପେଟାରେ ଗୋଟିଏ ସେକ୍ସନ୍ ଲେଖାଏଁ ଏପିଆର୍ ଫୋର୍ସ ନିୟୋଜିତ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କୁ ଜଳଦସ୍ୟୁ ଓ ମାଛ ମାଫିଆଙ୍କ କବଳରୁ ରକ୍ଷା କରିବା ଓ ବେଆଇନ୍ ଟ୍ରଲର ଚଳାଚଳ ଉପରେ ଅଙ୍କୁଶ ରଖିବା ପାଇଁ ବନବିଭାଗ ପାଟ୍ରୋଲିଂକୁ କଡ଼ାକଡ଼ି କରିବେ। ଦୁଇଟି ସ୍ପିଡ୍‌ବୋଟ୍ ଗହୀରମଥା-୧, ଗହୀରମଥା-୨ ଦୀର୍ଘଦିନ ହେଲା ଖରାପ ଥିବା ବେଳେ ଏବେ କେବଳ ଅଲଭିଆ ଟ୍ରଲରରେ ପାଟ୍ରୋଲିଂ ପାଇଁ ରହିଛି। ଧାମରା ପୋର୍ଟ ପକ୍ଷରୁ ଟ୍ରଲର ଏଯାଏଁ ଆସିନଥିବା ନେବେ ଭଡା ଟ୍ରଲର ମଧ୍ୟ ଏଯାଏ ଆସିନି। ଗୋଟିଏ ଟ୍ରଲରରେ ବନବିଭାଗ କିପରି ସମୁଦ୍ର ମଧ୍ୟରେ ପାଟ୍ରୋଲିଂ କରି ବେଆଇନ ଭାବେ ମାଛ ଧରୁଥିବା ଟ୍ରଲରକୁ ଜବତ କରିବ, ତାହାକୁ ନେଇ ଆରମ୍ଭରୁ ପ୍ରଶ୍ନ ଉଠିଛି। ୧୯୭୪ ମସିହାରେ ଆମେରିକାର ବିଶିଷ୍ଟ ପ୍ରାଣୀବିଜ୍ଞାନୀ ଡଃ. ଏଚ୍‌ଆର୍‌ବଷ୍ଟାର୍ଡ ଭିତରକନିକାର ବଉଳା କୁମ୍ଭୀରମାନଙ୍କ ଉପରେ ଗବେଷଣା କରିବାକୁ ଆସି ଗହୀରମଥାର ବିରଳ କଇଁଛ ସମାଗମ ସ୍ଥଳ ଦେଖି, ଏହା ଅଲିଭ୍‌ରିଡ୍‌ଲେ ପ୍ରଜାତିର ବୋଲି ଚିହ୍ନଟ କରିଥିଲେ। ବିରଳ କଇଁଛଙ୍କ ସୁରକ୍ଷା ପାଇଁ ବିଭିନ୍ନ ଆଇନ୍ ପ୍ରଣୟନ ଓ କଟକଣା ଲାଗୁକରାଯାଇଛି। ୧୯୯୭ ସେପ୍ଟେମ୍ବର ୨୭ରେ ରାଜ୍ୟ ସରକାର ଗହୀରମଥାକୁ ରାଜ୍ୟର ପ୍ରଥମ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା, ୧୯୯୩ରେ ଓଡିଶା ମାରାଇନ୍ ଫିସ୍ ରେଗୁଲେସନ୍ ଆକ୍ଟ ୧୯୮୧ ଅନୁସାରେ ଗହୀରମଥାକୁ ନୋ ଫିସିଂ ଜୋନ୍ ଘୋଷଣା, ସମୁଦ୍ର କୂଳଠାରୁ ୨୦ କିଲୋମିଟର ଯାଏଁ ମେସିନ୍ ଡଙ୍ଗା ବା ଟ୍ରଲର ସାହାଯ୍ୟରେ ମାଛ ଧରା ନିଷେଧ, କଇଁଛଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ୧୯୭୨, ପରିବେଶ ସୁରକ୍ଷା ଆଇନ୍ ୧୯୮୬, କୋଷ୍ଟାଲ୍ ରେଗୁଲେସନ୍ ଜନ୍ ୧, ୨, ୩, ଓ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଆଇନ୍ ୧୯୮୨ ମଧ୍ୟ ରହିଛି।

## ଭିଜିଲାନ୍ସ ସଚେତନତା ସପ୍ତାହ

ରାଜନଗର,୨୯।୧୦(ସମିସ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ "ଭିଜିଲାନ୍ସ ସଚେତନତା ସପ୍ତାହ' ଦିବସ ଅର୍ଥନୀତି ବିଭାଗରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ବସନ୍ତ କୁମାର ବେହେରା ଛାତ୍ରଛାତ୍ରୀଙ୍କୁ ସଚ୍ଚୋଟତାର ଶପଥ ପାଠ କରାଇଥିଲେ। ଉତ୍ସବରେ ଅଧ୍ୟାପକ ଅଭିଜିତ୍ ଖୁଣ୍ଟିଆ ଛାତ୍ରଛାତ୍ରୀ ନିଜର ବୃତ୍ତିଗତ ଆଚରଣରେ ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଦାୟିତ୍ୱ ବୋଧତାର ମୂଲ୍ୟବୋଧକୁ କିପରି ବଜାୟରଖିବେ ସେନେଇ କହିଥିଲେ। ଏହି ପଦକ୍ଷେପର ଲକ୍ଷ୍ୟ ଥିଲା କର୍ମଚାରୀ ଏବଂ ସମାଜ ମଧ୍ୟରେ ନୈତିକ ଅଭ୍ୟାସ, ସ୍ୱଚ୍ଛତା ଏବଂ ସଚ୍ଚୋଟତାକୁ ପ୍ରୋତ୍ସାହିତ କରିବା ଏବଂ ଏକ ନିରପେକ୍ଷ ଓ ସ୍ୱଚ୍ଛ ଶାସନ ବ୍ୟବସ୍ଥା ଗଠନରେ ସାମୂହିକ ଦାୟିତ୍ୱକୁ ଉତ୍ସାହିତ କରିବା ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।

## ଗ୍ରୀଲ୍ କାଟି ଲୁଟିନେଲେ ଲକ୍ଷାଧିକ ଟଙ୍କାର ଅଳଙ୍କାର



ମାଡିଛନ୍ତି ଲୁଟେରା

ଡେରାବିଶ,୨୯।୧୦(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ମାଡିଛନ୍ତି ଲୁଟେରା। ଗତ ସପ୍ତାହକ ମଧ୍ୟରେ ସଦରଥାନା ଅଧୀନ ଦାନପୁର ପଞ୍ଚାୟତର କେଶରପୁର ଗ୍ରାମ ଓ ଗତକାଲି ରାତିରେ ହରିଅଙ୍କ ପଞ୍ଚାୟତ ଅଧୀନ ହରିଅଙ୍କ ଗ୍ରାମରେ ଲୁଟେରା ଘରର ଗ୍ରୀଲ୍ କାଟି ଲୁଟ କରିଥିବା ଅଭିଯୋଗ ହୋଇଛି। କେଶରପୁର ଘଟଣାରେ ଲୁଟେରାମାନେ ଗ୍ରିଲ୍ କାଟି ଘରର ପରିବାର ସଦସ୍ୟଙ୍କ ଶୋଇଥିବା ବେଳେ ଲୁଟ କରିଥିବା ବେଳେ ହରିଅଙ୍କ ଗ୍ରାମରେ ଛୋଟ ପିଲାଙ୍କ ବେକରେ ଭୁଜାଲି ଲଗାଇ ଘରେ ଥିବା ସମସ୍ତ ସୁନାଗହଣା ଲୁଟି ନେଇଛନ୍ତି। ହରିଅଙ୍କ ଗ୍ରାମର ସ୍ୱାତି ସୁଚରିତା ନାୟକ ସଦର ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ୧୦ ଜଣ ଦୁର୍ବୃତ୍ତ ତାଙ୍କ ଶିଡ଼ି ଘରର ଗ୍ରିଲ ଓ ଦାଣ୍ଡ କବାଟ ଗ୍ରିଲ୍ କାଟି ଘରେ ପଶିଥିଲେ। ପରିବାରର ସମସ୍ତଙ୍କ ନିକଟରୁ ମୋବାଇଲ ଛଡ଼ାଇ ନେଇ ଘରେ ପୂରାଇ ବାହାରୁ କବାଟ ବନ୍ଦ କରିଥିଲେ ଏବଂ ଘରର ଅନ୍ୟ ପାଞ୍ଚୋଟି କୋଠରୀରେ ଥିବା ସୁନା ଅଳଙ୍କାର ଲୁଟିନେଇଥିଲେ। ପରେ ବନ୍ଦଘର ଖୋଲି ମହିଳାଙ୍କ ଦୁଇ ଝିଅଙ୍କ ବେକରେ ଭୁଜାଲି ଲଗାଇ ଗହଣା ରଖିଥିବା ଗଡ଼ରେଜର ଚାବି ମାଗିଥିଲେ। ଭୟରେ ସ୍ୱାତି ତାଙ୍କୁ ଚାବି ଦେବାରୁ ଦୁର୍ବୃତ୍ତମାନେ ଗଡ଼ରେଜରେ ଥିବା ସମସ୍ତ ଅଳଙ୍କାର ଲୁଟି ନେଇଥିଲେ। ଏମିତିକି ତାଙ୍କ ଶାଶୂଙ୍କୁ ମାରି ସେ ପିନ୍ଧିଥିବା କାନଫୁଲକୁ ଲୁଟିନେଇଥିଲେ। ଚୋରମାନେ ତାଙ୍କ ଘରୁ ତିନୋଟି ମଙ୍ଗଳସୂତ୍ର, ୬ହଳ କାନଫୁଲ, ଦୁଇଟି ସୁନାହାର, ଏକ ହଳ ଚୁଡ଼ି, ୫ଟି ସୁନା ଚେନ୍ ଲୁଟିନେଇଛନ୍ତି। ଲୁଟ ହୋଇଥିବା ସୁନା ଅଳଙ୍କାରର ଆନୁମାନିକ ଓଜନ ୧୭୩ ଗ୍ରାମ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏଥିସହିତ ୧୦୦ ଗ୍ରାମ ଓଜନର ୪ ହଳ ରୁପା ପଟି, ଦୁଇଟି ମୁଦି ଓ ୪ଟି ମୋବାଇଲ ସମେତ ନଗଦ ୪୦ ହାଜର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ ହେବାପରେ ମାମଲା ରୁଜୁ କରାଯାଇ ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଚିତରଞ୍ଜନ ଗୌଡ଼, ସଦର ଥାନା ଅଧିକାରୀ ସୁଭେନ୍ଦୁ କୁମାର ସାହୁ, ଏସ୍‌ଆଇ ବିଶ୍ୱଭୂଷଣ ସାହାଣୀ ଓ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ସଦଳ ବଳେ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡର୍ ପହଞ୍ଚି ତଦନ୍ତକୁ ଆଗେଇ ନେଇଛନ୍ତି।

## ମା'ଜଗଦ୍ଧାତ୍ରୀଙ୍କ ପୂଜା

ମାର୍ଶାଘାଇ,୨୯।୧୦(ସମିସ): ମାର୍ଶାଘାଇ ବ୍ଲକ୍ ପରକୁଳା ପବିତ୍ର କାର୍ତ୍ତିକ ଶୁକ୍ଳ ସପ୍ତମୀ ତିଥିରେ ୭୧ତମ ବାର୍ଷିକ ମା'ଜଗଦ୍ଧାତ୍ରୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସପ୍ତମୀରେ ଶୁଭାଧିବାସ, ସୂର୍ଯ୍ୟପୂଜା କଳସଯାତ୍ରା, ବରୁଣପୂଜା, ଅଗ୍ନିସ୍ଥାପନ, ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ଉପଚାରପୂଜା, ମହାଶକ୍ତିଙ୍କ ଆବାହନ ପୂର୍ବକ ଶାରଳା ମେଳା ଓ ଆହୂତିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩୦ତାରିଖ ଗୁରୁବାର ଗୋଷ୍ଠାଷ୍ଟମୀରେ ବିଶେଷ ଭାବେ ଗୋ'ପୂଜା, ମଙ୍ଗଳଆଳତୀ, ନିତ୍ୟ ସ୍ନାନାଦିକର୍ମ, ସୂର୍ଯ୍ୟପୂଜା, ଚଣ୍ଡିପାଠ, ମାନସିକ ମେଳା ସହିତ ଦେବୀଙ୍କ ମହାଷ୍ଟମୀପୂଜା କରାଯାଇଥିଲା। ପବିତ୍ର ଅଁଳାନବମୀରେ ମା' ଜଗଦ୍ଧାତ୍ରୀଙ୍କ ବିଶେଷ ପୂଜାର୍ଚ୍ଚନା ଚଣ୍ଡୀଯଜ୍ଞ ଓ ଦଶମୀରେ ମାନସିକ ଶାରଳାମେଳା ଓ ଏକାଦଶୀରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି। ମଣ୍ଡପରେ ପଣ୍ଡିତ ନାରାୟଣ ମିଶ୍ର, ନିହାର ଦାଶ, ବିଶ୍ୱରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ଗୋ'ପୂଜା ଚଣ୍ଡୀପାଠ, ଗୀତାପାଠ, ସ୍ତୋତ୍ରପାଠ ଯଥାବିଧି ଅନୁଷ୍ଠିତ ହୋଉଛି। ଦୈନିକ ଆନନ୍ଦବଜାରରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହେଉଛି। ୫ଦିନ ବ୍ୟାପୀ ମା' ଜଗଦ୍ଧାତ୍ରୀଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପୀଠରେ ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ନଭେମ୍ବର ୨ତାରିଖ ପୂର୍ଣ୍ଣାହୂତୀ, ସହ ମା'ଙ୍କ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।



## ଅଳପୁଆ ନୋଡାଲ ସ୍କୁଲରେରେ ସୁରଭି ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୯।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଅଳପୁଆ ନୋଡାଲ ସ୍କୁଲ ତରଫରୁ କ୍ଲଷ୍ଟରସ୍ତରୀୟ ସୁରଭିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ବିଦ୍ୟାଳୟତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ମାଳତିଦେବୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଅଳପୁଆ ନୋଡାଲ କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମରେ ପ୍ରାୟ ୯ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଅଳପୁଆ ନୋଡାଲ ସ୍କୁଲର ଛାତ୍ରୀମାନେ ନୃତ୍ୟରେ ଶୁଭାନଖି ଦାସ, ଶୁଚିସ୍ମିତା ସାହୁ, ଆଲିସ୍ମା ନାଥ, ରିତୁ ମଲ୍ଲିକ, ଏସ ଅନୁରାଧା ସାହୁ, ସୁପ୍ରିୟା ଦାସ ପ୍ରଥମ ସ୍ଥାନରେ କୃତିତ ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ଏପରି ସଫଳତାକୁ ଅଞ୍ଚଳବାସୀଙ୍କ ତରଫରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ନାଥ ଶର୍ମା, ସହକାରୀ ଶିକ୍ଷକ ପ୍ରତାପ ମଲ୍ଲିକ, ଚିରଞ୍ଜୀବ ସାହୁ, ସୁମିତ ମଲ୍ଲିକ ଓ ପ୍ରଦ୍ୟୁମ୍ନ ପାତ୍ରଙ୍କ ଉଦ୍ୟମକୁ ବୁଦ୍ଧିଜୀବୀଙ୍କ ମହଲରୁ ପ୍ରଶଂସା କରାଯାଇଛି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



କେନ୍ଦ୍ରାପଡା,୨୯।୧୦(ସମିସ): ମୁନିସିପାଲଟି ଫ୍ରେଜର ବାଳିକା ଉ.ପ୍ରା ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିଶୁ ମହୋତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରଳା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ବ୍ଲକର ଏବିଇଓ ବଳଦେବ ପ୍ରସାଦ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୁଲନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ତରାଇଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରର ୧୪ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଓ ୨ଟି ହାଇସ୍କୁଲ ଓ ୨ଟି କଲେଜର ୨୩୦ରୁ ଅଧିକ ଛାତ୍ରଛାତ୍ରୀ ୧୦ଟି ବିଭାଗର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସିଆରସିସି ସଦାଶିବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ କାଉନସିଲର ରଶ୍ମିତା ସିଂ ଓ ଏସ୍‌ଏମ୍‌ସିର ଉପ ସଭାପତି ସେକ୍ ର ଇସିଉଦ୍ଦିନ୍ କୃତୀ ପ୍ରତିଯୋଗିତାଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷିକା ସବ୍ୟସାଚୀ ବେହେରା, ଖୁଲଣା ସୁନ୍ଦରୀ ରାଉତରାୟ, ପୁଷ୍ପଲତା ଦାଶ, ସିପ୍ରା ତ୍ରିପାଠୀ ଓ ଶୁଭସ୍ମିତା ସିଂ ପରିଚାଳନ କରିଥିଲେ ଏବଂ କ୍ଲଷ୍ଟର ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମହାରାଷ୍ଟ୍ର ସୋଲାପୁରରୁ ନାବାଳିକା ଉଦ୍ଧାର

ରାଜନଗର,୨୯।୧୦(ସମିସ): ମହାରାଷ୍ଟ୍ରର ସୋଲାପୁରରୁ ଅପହୃତ ନାବାଳିକାକୁ ଉଦ୍ଧାର କରାଯିବ ସହିତ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଛି ତାଳଚୁଆ ସାମୁଦ୍ରିକ ଥାନା ପୁଲିସ। ସୂଚନାନୁଯାୟୀ, ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ୧୪ ବର୍ଷିଆ ନାବାଳିକାକୁ ଗତ ମେ' ୨୪ ତାରିଖରେ ଅପହରଣ କରାଯାଇଥିଲା। ବାଲେଶ୍ୱର ଅଞ୍ଚଳର ସୌରଭ ଦାସ ନାବାଳିକାକୁ ଅପହରଣ କରି ନେଇଥିବା ନାବାଳିକାର ପରିବାର ଲୋକେ ଅଭିଯୋଗ କରିଥିଲେ। ତାଳଚୁଆ ସାମୁଦ୍ରିକ ଥାନାରେ ଅପହରଣ ମାମଲା ରୁଜୁ ହୋଇଥିଲା। ଅପହରଣ ପରେ ଯୁବକ ଜଣଙ୍କ ନାବାଳିକାକୁ ନେଇ ମହାରାଷ୍ଟ୍ରର ସୋଲାପୁର ଅଞ୍ଚଳରେ ରଖିଥିଲେ। ପୁଲିସ ସୂଚନା ପାଇ ଚଢଉ କରି ନାବାଳିକାକୁ ଉଦ୍ଧାର କରିବା ସହିତ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଥିଲା। ଆଜି ପୂର୍ବ ମାମଲାରେ ପୋକ୍ସୋ ଦଫା ଲଗାଯାଇ ଯୁବକଙ୍କୁ କୋର୍ଟଚାଳନା କରାଯାଇଛି।

## ଜେନାମଣି ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ

ଡେରାବିଶ,୨୯।୧୦(ସମିସ): ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଅଧୀନ ଅର୍ତାମୂଳସ୍ଥିତ ଜେନାମଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଆଜି ପୋଷାକ ବିତରଣ କରାଯାଇଛି। ପ୍ରଧାନଶିକ୍ଷକ ଅଭିରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୋଷାକ ବିତରଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବଜାନୀ ମଲିକ, ପୂର୍ବତନ ସଭାପତି ପ୍ରମୋଦ କୁମାର ପ୍ରଧାନ ଉପସ୍ଥିତ ରହି ପ୍ରଥମ ଶ୍ରେଣୀରୁ ପଞ୍ଚମ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ୨ ହଳ ଲେଖାଏ ପୋଷାକ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ପରିଚାଳନା କରିଥିଲେ।

## ବିଶ୍ୱଶାନ୍ତି ଗୀତାଜ୍ଞାନ ଯଜ୍ଞ

ଡେରାବିଶ,୨୯।୧୦(ସମିସ): ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବମ୍ପ ଗ୍ରାମର ମା' ନାରାୟଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ୨୬ ତମ ବାର୍ଷିକ ବିଶ୍ୱଶାନ୍ତି ଗୀତାଜ୍ଞାନ ଯଜ୍ଞ ଆରମ୍ଭ ହୋଇଯାଇଛି। ଚାରିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଯଜ୍ଞର ମଙ୍ଗଳବାର ସନ୍ଧ୍ୟାରେ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଘୋଡ଼ାନାଚ ପରିବେଶିତ ହୋଇଥିଲା। ବୁଧବାର ନିକଟସ୍ଥ ପବିତ୍ର ଲୁଣାନଦୀର ଅର୍ତାମୂଳ ଘାଟରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ସଂଗ୍ରହ କରାଯାଇ ଘଣ୍ଟ, ସଂକୀର୍ତ୍ତନ ଓ ପାରମ୍ପରିକ ବାଜା ବାଣ ରୋଷଣୀରେ ଶହଶହ ଶ୍ରଦ୍ଧାଳୁ ଶୁଭ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳକୁ ଆଣିଥିଲେ। ପରେ ବେଦଜ୍ଞ ପଣ୍ଡିତମାନଙ୍କୁ ଦ୍ୱାରା ଘଟସ୍ଥାପନ କରାଯାଇ ନାମଯଜ୍ଞର ଶୁଭରାମ୍ଭ କରାଯାଇଥିଲା। ସନ୍ଧ୍ୟାରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ଶାରଦା ପ୍ରସାଦ ମିଶ୍ରଙ୍କ ଦ୍ୱାରା ଗୀତାଜ୍ଞାନ ପ୍ରବଚନ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆସନ୍ତାକାଲି ନାମଯଜ୍ଞ ଓ ଭଜନ ସମାରୋହ ଏବଂ ଶୁକ୍ରବାର ଯଜ୍ଞର ପୂର୍ଣ୍ଣାହୂତୀ ଏବଂ ସମୂହ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

### ପଟ୍ଟାମୁଣ୍ଡାଇ ସହରରୁ ଜବରଦଖଲ ଉଚ୍ଛେଦ ଅଭିଯାନ ପ୍ରହସନରେ ପରିଣତ

## ଥଇଥାନ ହେଲେନି ଉଠାଦୋକାନୀ; ଉଚ୍ଛେଦ ସ୍ଥାନକୁ ପୁଣି ଜବରଦଖଲ

ପଟ୍ଟାମୁଣ୍ଡାଇ,୨୯।୧୦(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ସହରରୁ ଗତ ମାସ ୧୯ ତାରିଖଠାରୁ ୩ ଦିନ ବ୍ୟାପି ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇ ସହରର ବିଭିନ୍ନ ସ୍ଥାନରୁ ଦଖଲ ଉଠାଯାଇଥିଲା। ଉଠାଦୋକାନୀଙ୍କୁ ଉପଯୁକ୍ତ ଥଇଥାନ ନକରି ଉଚ୍ଛେଦ କରାଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଥିଲା। ସେମାନଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରିବା ପୂର୍ବରୁ ପଟ୍ଟାମୁଣ୍ଡାଇ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ପ୍ରଶାସନ ଅଧିକାରୀମାନେ ଯୋଗଦେଇ ଉଠାଦୋକାନୀଙ୍କ ସହିତ ଆଲୋଚନା କରି ଦୁର୍ଗାପୂଜା ପରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ପ୍ରଶାସନର ଉପସ୍ଥିତରେ ପଟ୍ଟାମୁଣ୍ଡାଇ ବାଇପାସଠାରୁ ସହରର ବିଭିନ୍ନ ସ୍ଥାନରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଥିଲା। କିନ୍ତୁ ଜବରଦଖଲ ଉଚ୍ଛେଦ ଦୀର୍ଘଦିନ ପରେ ମଧ୍ୟ ଥଇଥାନ କାର୍ଯ୍ୟ ତ୍ୱରାନିତ ହୋଇପାରି ନାହିଁ ବୋଲି ଅଭିଯୋଗ ହେଉଛି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଜବରଦଖଲ ଉଚ୍ଛେଦ ହୋଇଥିଲେ ମଧ୍ୟ, ଉଚ୍ଛେଦ ସ୍ଥାନରେ ପୂର୍ବବତ ଉଠାଦୋକାନୀମାନେ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ଦେଖାଦେଇଛି। ପଟ୍ଟାମୁଣ୍ଡାଇ ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଟ୍ରାଫିକ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ଧାରଣ କରିଛି। ଟ୍ରାଫିକ ସମସ୍ୟା ଯୋଗୁଁ ଜନସାଧାରଣ ଓ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହିବା ଦେଖାଯାଉଛି। ଜିଲ୍ଲାପାଳ ଏସମ୍ପର୍କରେ ଅବଗତ ହେବା ପରେ ପଟ୍ଟାମୁଣ୍ଡାଇ ସହରରୁ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୌରପରିଷଦ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ କରାଯାଇଥିଲା; କିନ୍ତୁ ପୁନର୍ବାର ଜବରଦଖଲ ଆରମ୍ଭ ହୋଇଯାଇଥିବାରୁ ପ୍ରଶାସନର ଉଦ୍ଦେଶ୍ୟ ସଫଳ ହୋଇପାରି ନାହିଁ। ୨୦୧୩ ମସିହାରେ ବଡ଼ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ ପ୍ରଶାସନ ହାତକୁ ନେଇଥିବା ବେଳେ ଉଚ୍ଛେଦ କାର୍ଯ୍ୟକ୍ରମ ପାଇଁ ପୌର ପରିଷଦକୁ ବହୁ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡ଼ିଥିଲା। ୨୦୧୩ ମସିହାଠାରୁ ୨୦୨୫ ମଧ୍ୟରେ ବହୁ ବାର ସହରରୁ ଛୋଟ ବଡ଼ ଉଚ୍ଛେଦ କାର୍ଯ୍ୟକ୍ରମ କରାଯାଇଥିଲେ ହେଁ, ସହରରୁ ଜବରଦଖଲ ଉଚ୍ଛେଦ ଉଦ୍ଦେଶ୍ୟ ସଫଳ ହୋଇପାରି ନାହିଁ କିମ୍ବା ଟ୍ରାଫିକ ସମସ୍ୟାରେ ସୁଧାର ଅଣାଯାଇପାରିନାହିଁ। ପ୍ରଶାସନ ଓ ପୌର ପ୍ରଶାସନର ଏପରି ଉପର ଠାଉରିଆ ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମକୁ ସାଧାରଣରେ ସମାଲୋଚନା କରାଯାଉଛି।


Government of Odisha "e" Procurement
Notice Bid Identification No.37/2025-26 C-1344

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

OIPR-13205/11/0040/2526
Supertintending Engineer,
P.H. Division, Bhubaneswar

OFFICE OF THE EXECUTIVE ENGINEER O-1160
RURAL WORKS DIVISION, BARGARH
e-Procurement Notice No. ONLINE-BGH-11 OF 2025-26

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.

OIPR-25062/11/0037/2526
Superintending Engineer
R.W. Division, Bargarh

No. 4107 / Dated 25.10.2025 O-1203
Government of Odisha "e" Procurement Notice
Bid Identification No. TENDER ONLINE SNPR-08 OF 2025-26

1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
(1) Other details can be seen from detailed notice
(2) Inviting tenders available in website: www.tendersodisha.gov.in
(3) Corrigendum, if any, shall only be published in the website: www.tendersodisha.gov.in

OIPR-25054/11/0045/2526
Executive Engineer
Rural Works Division, Sonepur

# ବୈତରଣୀରେ ବାଲି ସତ୍ୟାଗ୍ରହ ଜାରି

# ବାଲି ଲୁଟେରାଙ୍କ ସମ୍ପତ୍ତି ବାଜ୍ୟାପ୍ତି ଦାବି

ଆନନ୍ଦପୁର, ୨୯।୧୦ (ସମିସ)

ପ୍ରତିକୂଳ ପାଗ ସତ୍ତ୍ୱେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବୈତରଣୀ ନଦୀରେ ଚାଲିଥିବା ବାଲି ସତ୍ୟାଗ୍ରହ ଜାରି ରହିଛି। ପ୍ରବଳ ବର୍ଷା, ପବନ ସତ୍ତ୍ୱେ ଶତାଧିକ ସତ୍ୟାଗ୍ରହୀ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସତ୍ୟାଗ୍ରହୀଙ୍କ ଦୃଢ଼ତାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ସତ୍ୟାଗ୍ରହର ନେତୃତ୍ୱ ନେଇ ବାଲି ମାଫିଆଙ୍କ ବିରୋଧରେ ବିଷୋଦଗାର କରିଥିଲେ।

ସମସ୍ତ ବେଆଇନ ଘାଟରେ ନିୟୋଜିତ ଥିବା ବଡ ବଡ ମେସିନକୁ ଜବତ କରାଯାଉ, ଘାଟ ଚଳାଉଥିବା ମାଫିଆଙ୍କୁ ଗିରଫ କରାଯିବା ସହ ଲୁଟ୍ କରିଥିବା ବାଲି ପରିମାଣକୁ ମପାଯାଇ ଜରିମାନା ଆଦାୟ କରିବାକୁ ଯଜ୍ଞପ୍ରସାଦ ସାହୁ ଦାବି କରିଛନ୍ତି। ଜରିମାନା ଆଦାୟ ସହ ମାଫିଆ ଓ ତାଙ୍କ ସହଯୋଗୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ସେ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବେଆଇନ ଘାଟ ପାଇଁ କଟାଯାଇଥିବା ଗଛ ବାବଦ କ୍ଷୟକ୍ଷତି ଆକଳନ କରିବାକୁ ସତ୍ୟାଗ୍ରହୀମାନେ ଦାବି କରିଛନ୍ତି। ସେହିପରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ କୁମଡ ଘାଟ ବେଆଇନ ଭାବେ ଚାଲିବା ଯୋଗୁ ଠେକୁଆ, ଝିଙ୍କ ଆଦି ବନ୍ୟ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଥିବା ସେ କହିଛନ୍ତି। ଏଥିପାଇଁ ବନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଶ୍ରୀ ସାହୁ କହିଛନ୍ତି।



ଆଜିର ସତ୍ୟାଗ୍ରହରେ ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତାଞ୍ଜଳି ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ଶୁଭଲକ୍ଷ୍ମୀ ନନ୍ଦ, ସତ୍ୟବ୍ରତ ଜେନା ଜୟନାରାୟଣ ଜେନା, ମହେନ୍ଦ୍ର ପଣ୍ଡା, ନଟବର ମହାରଣା, ରାମଚନ୍ଦ୍ର ସାହୁ, ସୁଦର୍ଶନ ସାହୁ, ଶ୍ରୀଧର ଜେନା, ଗଣେଶ ଜେନା, ଶୁକଦେବ ପଣ୍ଡା, ସୁବାସ ଜେନା, କିଶୋର ଜେନା, ନାରାୟଣ ଓଝା, ନଟବର ବେହେରା, ଅଲେଖ ଜେନା, ପରୀକ୍ଷିତ ଜେନା, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ ଶହରୁ ଅଧିକ ସତ୍ୟାଗ୍ରହୀ ସାମିଲ ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିଛି। ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ସତ୍ୟଗ୍ରହୀମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ନିଷ୍କର୍ଶ ବାହାରି ପାରି ନାହିଁ।

## ଗଛରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

କେନ୍ଦୁଝର, ୨୯।୧୦(ସମିସ): ଗଛରେ ଝୁଲି ପଡ଼ି ପ୍ରେମୀଯୁଗଳ ଆତ୍ମହତ୍ୟା କଲେ। ଏପରି ସମ୍ବେଦନଶୀଳ ଘଟଣା ଘଟିଛି ମଙ୍ଗଳବାର ରାତି କେନ୍ଦୁଝର ଜିଲ୍ଲା ସଦର ଥାନା ବରଦାପାଳ ପଞ୍ଚାୟତ ହାଟପଡ଼ିଆ ନିକଟରେ। ସ୍ଥାନୀୟ ଡୁମୁରିକୁଦର ଜଙ୍ଗଲର ଏକ ଗଛରେ ଝୁଲି ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି। ମୃତକ ଦୁଇଜଣ ତଳକମ୍ପଡିହି ଟୁଡୁସାହିର ବୋଲି ଜଣାପଡ଼ିଛି। ମୃତ ଯୁବକ ଉଷା ପୂର୍ତ୍ତି ବିବାହିତ ଥିଲେ। ସେ ଗାଁର ସୁରୁବାଲି ମୁଣ୍ଡାଙ୍କୁ ଭଲ ପାଉଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଉଭୟ ଏକ ଟେଣ୍ଟ କପଡ଼ାର ଦୁଇ ପାର୍ଶ୍ୱକୁ ନିଜ ବେକରେ ବାନ୍ଧି ଗଛରେ ଝୁଲି ପଡ଼ିଥିଲେ। ଏହା ଦେଖି ଲୋକେ ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ପ୍ରାଥମିକ ତଦନ୍ତ ସହ ଶବ ବ୍ୟବଚ୍ଛେଦ କରାଇଛି।

## ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ, ୨ ଗୁରୁତର



ଚମ୍ପୁଆ,୨୯।୧୦(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ରାମଚନ୍ଦ୍ରପୁର ଗ୍ରାମର ବୁଧବାର ଦ୍ୱିପହର ସମୟରେ ମହୁମାଛି ଆକ୍ରମଣରେ ଜଣଙ୍କର ପ୍ରାଣ ଯାଇଛି। ଆଉ ୨ ଗୁରୁତର ଅବସ୍ଥାରେ ବର୍ତ୍ତମାନ ଚମ୍ପୁଆ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ରାମଚନ୍ଦ୍ରପୁର ଗ୍ରାମର ମଝିସାହିର ନିରାଶ ମୁଣ୍ଡା (୭୦)। ସେ ମାର୍କଣ୍ଡ ମୁଣ୍ଡା (୫୦), ରାଜା ମୁଣ୍ଡା (୧୪) ସହ ଫୁଲମତୀ ମୁଣ୍ଡା ଓ ଅନ୍ୟ ଜଣେ ମହିଳା ମିଳିମିଶି ନିକଟସ୍ଥ ଜଙ୍ଗଲକୁ ଛେଳି ଚରେଇବାକୁ ଯାଇଥିଲେ। ଛେଳି ଚରେଇବା ସମୟରେ ବଣୁଆ ମହୁ ପ୍ରଥମେ ରାଜା ମୁଣ୍ଡା ପରେ ମାର୍କଣ୍ଡ ମୁଣ୍ଡାଙ୍କୁ ଆକ୍ରମଣ କରିବାରୁ ସେମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଏହାମଧ୍ୟରେ ନିରାଶ ମୁଣ୍ଡା ମହୁମାଛି ଆକ୍ରମଣର ଶିକାର ହୋଇ ଅତ୍ୟଧିକ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ୩ ଜଣଙ୍କୁ ଚମ୍ପୁଆ ଡାକ୍ତରଖାନା ଅଣାଯାଇଥିଲେ ମଧ୍ୟ ନିରାଶ ମୁଣ୍ଡାଙ୍କ ମୃତ୍ୟୁ ହୋଇଯାଇଥିଲା। ବର୍ତ୍ତମାନ ରାଜା ମୁଣ୍ଡା ଓ ମାର୍କଣ୍ଡ ମୁଣ୍ଡା ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

## କୁକୁର କାମୁଡ଼ାରେ ବାଳକ ଗୁରୁତର

ତୁରୁମୁଙ୍ଗା, ୨୯।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବଜାର ନିକଟରେ ଏକ ବୁଲା କୁକୁର କାମୁଡ଼ାରେ ଜଣେ ୯ ବର୍ଷର ନାବାଳକ ଗୁରୁତର ହୋଇ ପାଟଣା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ନାବାଳକ ହେଲେ କାବୁଲି ବେହେରାଙ୍କ ପୁଅ ପୃଥ୍ୱୀରାଜ ବେହେରା (୯ ବର୍ଷ)। ପୃଥ୍ୱୀରାଜ ଘର ନିକଟରେ ଥିବା ଦୋକାନରୁ ଖାତା କିଣି ଘରକୁ ଫେରୁଥିବା ବେଳେ ଏକ ବୁଲା କୁକୁର ତାଙ୍କୁ ହଠାତ ଆକ୍ରମଣ କରିଥିଲା।



କୁକୁରଟି ତାଙ୍କ ଡାହାଣ ଗୋଡ ପୁଟିଆରେ ୨ଟି ସ୍ଥାନ କାମୁଡି କ୍ଷତବିକ୍ଷତ କରି ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି।

## ଜାତୀୟ ଏକତା ଦିବସ ପାଇଁ ପ୍ରତିଯୋଗିତା




ଚମ୍ପୁଆ,୨୯।୧୦(ସମିସ); ଆସନ୍ତା ୩୧ ତାରିଖ ଭାରତୀୟ ରାଜନୀତିର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀକୁ ଜାତୀୟ ଏକତା ଦିବସ ଭାବେ ପାଳନ ପରିପ୍ରେକ୍ଷୀରେ ଚମ୍ପୁଆ ପୁଲିସ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ନିମନ୍ତେ ବୁଧବାର ଚମ୍ପୁଆ କେରଳା ଇଂରାଜୀ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁ ଓ ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କ ତତ୍ତ୍ୱାବଧାନରେ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବକ୍ତୃତା ପ୍ରତିଯୋଗିତା, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉପରେ ପୋଷ୍ଟର ଅଙ୍କନ ଓ ଜାତୀୟ ସଂହତି ଉପରେ ଅଭିଭାଷଣ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟକୁମାର ଭାରତୀ ଉପସ୍ଥିତିରେ ହିନ୍ଦୀ ଓ ଇଂରାଜୀରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଧାନ ଅଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ଧରଣୀଧର ଦାସ, ସହକାରୀ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ନାଏକଙ୍କ ଉପସ୍ଥିରେ ଓଡ଼ିଆ ଭାଷାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବଞ୍ଚୋ ବିଦ୍ୟାଳୟରେ ମିଳୁନି ଛାତ୍ରବୃତ୍ତି; ଜିଲ୍ଲାପାଳଙ୍କୁ ଫେରାଦ



ଆନନ୍ଦପୁର, ୨୯।୧୦(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ବରାହୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆଦିବାସୀ ହରିଜନ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଅନୁଦାନ ନମିଳିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାଯାଇଛି। ଶିକ୍ଷାବର୍ଷର ଅଧା ସମୟ ବିତିଯାଇଥିବାରୁ ସ୍କୁଲ କମିଟି ସଭାପତି ଓ କିଛି ସଦସ୍ୟା ମିଶି ଗତ ସେପ୍ଟେମ୍ବର କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ନିର୍ଦ୍ଦେଶରେ ହାଟଡ଼ିହୀ ଶିକ୍ଷାଧିକାରୀ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ସବିଶେଷ ତଦନ୍ତ ପାଇଁ ଭାରପ୍ରାପ୍ତ ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ପଠାଇଥିଲେ। ତଦନ୍ତର ସପ୍ତାହେ ବିତିଯାଇଥିଲେ ମଧ୍ୟ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତଦନ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏନେଇ ରିପୋର୍ଟ ହାଟଡିହି ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି ହେଲେ ତାହା ବିଭାଗୀୟ ଦସ୍ତାବିଜରେ ଚାପି ହୋଇଯାଇଛି ବୋଲି ସନ୍ଦେହ ପ୍ରକାଶ ପାଇଛି। ସେହିପରି ବିଦ୍ୟାଳୟକୁ ଆସୁଥିବା ସରକାରୀ ଅନୁଦାନ ଉନ୍ନତିମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯାଇନି ବୋଲି ସ୍କୁଲ୍ ପରିଚାଳନା କମିଟିର ସଭାପତି ଦିପ୍ତିମୟୀ ଖୁଣ୍ଟିଆ, ସଭ୍ୟା ପଦ୍ମାବତୀ ବରାଳ, ସ୍ୱପ୍ନାରାଣୀ ବରାଳ, ଜ୍ୟୋସ୍ନାରାଣୀ ବରାଳ, ସୁରେଖା ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରି ଘଟଣାକୁ ନେଇ ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଲେଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଆନନ୍ଦପୁର ଉପଜିଲ୍ଲାପାଳ ଏଭଳି ଘଟଣା ଉପରେ ହସ୍ତକ୍ଷେପ କରି ତଦନ୍ତ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀଙ୍କ ପକ୍ଷରୁ ଦାବି ହୋଇଛି।

### ସାମ୍ବାଦିକଙ୍କୁ ଧମକ

ହାଟଡ଼ିହୀ,୨୯।୧୦(ସମିସ): ହାଟଡ଼ିହୀ ଶିକ୍ଷାମଣ୍ଡଳ ବଞ୍ଚୋସ୍ଥିତ ବରାହୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମାଣ୍ଡିଆ ଲଡୁ ଓ ଛାତ୍ରବୃତ୍ତି ଅନୁଦାନ ବଣ୍ଟନରେ ଅନିୟମିତତା ଘଟଣାର ତଦନ୍ତ ଉପରେ ଦୈନିକ ଓଡ଼ିଆ "ସକାଳ' ଖବରକାଗଜରେ ଗତ ୨୭ ତାରିଖ ପ୍ରକାଶ ପାଇଥିଲା। ଭାରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିବାରୁ ସେ ତଦନ୍ତ କରିଥିଲେ। ଶ୍ରୀ ଜେନାଙ୍କ ସୂଚନା ଅନୁସାରେ "ସକାଳ' କାଗଜରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ସମ୍ପୃକ୍ତ ଶିକ୍ଷକ "ସକାଳ'ର ହାଟଡ଼ିହୀ ପ୍ରତିନିଧିଙ୍କୁ ଫୋନ୍ କରି ଧମକାଇବା ସହ ଥାନାରେ ମାମଲା ରୁଜୁ କରିବାର ଧମକ ଦେଇଛନ୍ତି। ବିଦ୍ୟାଳୟର ସାମଗ୍ରୀ ଏବଂ ଅନୁଦାନ ଅନିୟମିତତା ସମ୍ପର୍କରେ ସତ୍ୟ ଖବର ପ୍ରସାରଣ ଯୋଗୁଁ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିବା ଏବଂ ଧମକ ଦେଇ ଗଣମାଧ୍ୟମର କଣ୍ଠରୋଧ କରିବା ଘଟଣାରେ ଶିକ୍ଷକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଆନନ୍ଦପୁର ଉପଜିଲ୍ଲାପାଳ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ତଦନ୍ତ କରିବାକୁ ଗଣମାଧ୍ୟମରେ ଦାବି କରାଯାଇଛି।

## କେନ୍ଦୁଝର କାଳୀତୀର୍ଥର ସ୍ମରଣିକା 'କାଳପଦ୍ମା' ଉନ୍ମୋଚିତ



କେନ୍ଦୁଝର, ୨୯।୧୦(ସମିସ): କେନ୍ଦୁଝର କାଳୀତୀର୍ଥ ଚଳିତବର୍ଷ ମା' କାଳୀଙ୍କ ୮୫ବର୍ଷ ପୂଜା ସମାପନ କରିବାକୁ ଯାଉଥିବାବେଳେ ଅନୁଷ୍ଠାନର ଏକ ସ୍ମରଣିକା 'କାଳପଦ୍ମା' ମଙ୍ଗଳବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଛି। କାଳୀତୀର୍ଥ ମଣ୍ଡପରେ ମା' କାଳୀଙ୍କ ପ୍ରତିମା ନିକଟରେ ପ୍ରଥମେ ସ୍ମରଣିକା ପୂଜାର୍ଚ୍ଚନା ପରେ ମାଆଙ୍କ ସମ୍ମୁଖରେ ଏହି ପତ୍ରିକା ଉନ୍ମୋଚନ ଅବସରରେ କାଳୀତୀର୍ଥ କମିଟିର ସଭାପତି ରବୀନ୍ଦ୍ର କୁମାର ମିଶ୍ର, ସାଧାରଣ ସମ୍ପାଦକ ଦୀପକ ମିଶ୍ର, ଜିଲ୍ଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ତଥା କାଳୀତୀର୍ଥର ସଦସ୍ୟ ଜନାର୍ଦ୍ଦନ ଦାଶ, ବରିଷ୍ଠ ସଦସ୍ୟ ସରୋଜ କୁମାର ରଣା ସାମ୍ବାଦିକ ପ୍ରଦୀପ କୁମାର ମହାନ୍ତି, ନିତ୍ୟାନନ୍ଦ ଦାଶ, ଅଜୟ କୁମାର ମିଶ୍ର, ସୁଶାନ୍ତ କୁମାର ସାହୁ, ମନୋଜ ଶତପଥୀ, ଅଶୋକ କୁମାର ମିଶ୍ର, ଲୋକନାଥ କର, ଦୁର୍ଯ୍ୟୋଧନ ନାଏକ, ପ୍ରମୋଦ କୁମାର ନାଏକ ଓ ସଦସ୍ୟବୃନ୍ଦ, ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟିର ସଭାପତି ଜ୍ଞାନେନ୍ଦ୍ର ଜେନା, ସଂଗଠନ ସମ୍ପାଦକ ଜୟକୃଷ୍ଣ ପଣ୍ଡା, ମୁନା ରାଉତ, ବାପୁ ସାହୁ, ମନୋଜ ବାରିକ, ଅନୁପ ସାହୁ ଓ ସାମ୍ବାଦିକ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଖବରର ସମ୍ପାଦକ, କାଳୀତୀର୍ଥର ସଦସ୍ୟ ଓ ଶବ୍ଦ ମନ୍ଦିରର ସତ୍ତ୍ୱାଧିକାରୀ ଦେବୀଶଙ୍କର ଦାଶ ଏହି ପତ୍ରିକାର ସମ୍ପାଦନା କରିଥିବା ସହ କେନ୍ଦୁଝରର ସୁନାମ ଅର୍ଜନ କରିଥିବା ଲେଖକ ଓ ଲେଖିକାଙ୍କ ଲେଖା ଏଥିରେ ସନ୍ନିବେଷିତ ହୋଇଛି।

## ଓରିୟା ଓଏଭିରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ତେଲକୋଇ, ୨୯।୧୦(ସମିସ): ତେଲକୋଇ ବ୍ଲକ ଓରିୟାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ରଘୁନାଥ ପରିଡ଼ାଙ୍କ ସଭାପତିତ୍ୱରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତେଲକୋଇ ତହସିଲଦାର ଅନୁପମା ମୁର୍ମୁ, ସମ୍ମାନିତ ଅତିଥି ଭାବେ ଚାରିଗଡ଼ ମହାବିଦ୍ୟାଳୟର ପଦାର୍ଥବିଜ୍ଞାନ ଅଧ୍ୟାପକ ପଙ୍କଜ କୁମାର ମିଶ୍ର, ଦୋବଲାପଲା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଭିଏମଡିସିର ସଦସ୍ୟ ଅକ୍ଷୟ କୁମାର ବାରିକ ସଭାରେ ଯୋଗଦାନ କରିଥିଲେ। ସାଇନ୍ସ କ୍ଲବ ଦ୍ୱାରା ଦିଆଯାଇଥିବା ପାଞ୍ଚଟି ଥିମ ଉପରେ ପିଲାମାନେ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। 'ଏନର୍ଜି କଞ୍ଜରଭେସନ'ରେ ଯଶରାଜ ବିଶାଳ ପ୍ରଥମ, ଆରାଧ୍ୟ ପ୍ରଧାନ ଦ୍ୱିତୀୟ, ଦୁନାରାଣୀ ସାହୁ ଓ ଆରୋସ୍ମିତ ଖୁଣ୍ଟିଆ ତୃତୀୟ ସ୍ଥାନ ଅଧିକାର କରିଥିଲା ବେଳେ 'ଅର୍ଗାନିକ ଫାର୍ମିଙ୍ଗ'ରେ ପ୍ରଥମ ଅନନ୍ୟ ମିଶ୍ର, ଦ୍ୱିତୀୟ ବିଶ୍ୱନାଥ ମହାରଣ, ତୃତୀୟ ସାହିଲ ହୁସେନ ଏବଂ 'ହେଲଥ' ଥିମରେ ମଧୁସ୍ମିତା ନାଏକ, ଯୋଶିତା ଜାଗୃତି ଓ ଦିବ୍ୟାଙ୍ଗଶି ମହାରଣା ପ୍ରଥମ ସ୍ଥାନ, ରିୟରାଣୀ ସାହୁ, ପ୍ରିନ୍ସା ପ୍ରିୟଦର୍ଶିନୀ ସାହୁ ଓ ଭାଗ୍ୟଜ୍ୟୋତି ବାରିକ ଦ୍ୱିତୀୟ ଅନନ୍ୟା ଅନ୍ୱେଷା ସାହୁ ଓ ଲୋପାମୁଦ୍ରା ପ୍ରଧାନ ତୃତୀୟ ହୋଇଥିଲେ।



'ଟ୍ରାନପୋର୍ଟ ଓ କମ୍ୟୁନିକେସନ' ଥିମରେ କେଶବ ଦାସ ଗୋଡିକୃଷ୍ଣ ଓ ଆୟୁଷ ସାହୁ ପ୍ରଥମ, ଗୌତମ କୁମାର ଜେନା ଓ ପରେଶ କୁମାର ସାହୁ ଦ୍ୱିତୀୟ ଭୂମିକା ପାତ୍ର ଓ ଲକ୍ଷ୍ମୀପ୍ରିୟା ପ୍ରଧାନ ତୃତୀୟ, 'ୱେଷ୍ଟ ମେନେଜମେଣ୍ଟ'ରେ ବନ୍ଦନ ମିଶ୍ର ପ୍ରଥମ ପ୍ରିୟରଞ୍ଜନ ପ୍ରଧାନ ଓ ଜିଜ୍ଞାସା ଖୁଣ୍ଟିଆ ଦ୍ୱିତୀୟ ଆରାଧ୍ୟ ଲକ୍ଷ୍ମୀ ପ୍ରଧାନ ଓ ସୋନମ ଶେଷାଦ୍ରି ସାଲିନି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଓ ଗଣିତ ଶିକ୍ଷକ ସଂଜୟ ବେହେରା ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବ୍ଲକ୍ସ୍ତରୀୟ ବିତର୍କ ପ୍ରତିଯୋଗିତା



ହାଟଡ଼ିହୀ,୨୯।୧୦(ସମିସ): ମଙ୍ଗଳବାର ହାଟଡ଼ିହୀ ହାଇସ୍କୁଲଠାରେ ସାଇବର ସୁରକ୍ଷା ପକ୍ଷରୁ ବ୍ଲକସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷାର ବିତର୍କ ପ୍ରତିଯୋଗିତାରେ ସୋସୋ ବାଳିକା ହାଇସ୍କୁଲର ବର୍ସନକ୍ରାନ୍ତି ରାଉତ ପ୍ରଥମ ସ୍ଥାନ, ୨ୟରେ ଜମ୍ବିରା ସ୍ଥିତ ଆଶାଦେବୀ ହାଇସ୍କୁଲର ସଚ୍ଚିଦାନନ୍ଦ ରାଉତ, ୩ୟରେ ହାଟଡ଼ିହୀ ହାଇସ୍କୁଲର ସୋମନାଥ ଜେନା କୃତୀ ପ୍ରତିଯୋଗୀ ଭାବେ ମନୋନୀତ ହୋଇଥିବା ବେଳେ ଓରାଳିସ୍ଥିତ ଜିସି ବାଳିକା ହାଇସ୍କୁଲର ଶୁଭଲକ୍ଷ୍ମୀ ରାଉତ ଇଂରାଜୀ ବିତର୍କରେ କୃତିତ୍ୱ ଅର୍ଜନ କରିଛନ୍ତି। କାର୍ଯ୍ୟକ୍ରମରେ ବଣିଆପଙ୍କସ୍ଥିତ ପିପି ହାଇସ୍କୁଲରୁ ସୁଦର୍ଶନ ପାଣିଗ୍ରାହୀ, ସୋସୋ ବାଳିକା ହାଇସ୍କୁଲରୁ ଆର୍ତ୍ତବନ୍ଧୁ ଜେନା, ବାଲିବରେଇ ହାଇସ୍କୁଲରୁ ରବିନାରାୟଣ ବାରିକ, ହାଟଡ଼ିହୀ ହାଇସ୍କୁଲରୁ ସାଇସୌମ୍ୟା ରାଉଳ, ଶାସଙ୍ଗ ପଞ୍ଚାୟତ ହାଇସ୍କୁଲରୁ ମାଧବାନନ୍ଦ ଜେନା ପ୍ରମୁଖ ଶିକ୍ଷକ ବିଚାରକ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ହାଟଡ଼ିହୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ଦୁର୍ନୀତି ନିବାରଣ ସପ୍ତାହରେ ସଚେତନତା ଓ ଶପଥ ପାଠ

# ଦୁର୍ନୀତି ହଟିଲେ ବିକଶିତ ରାଷ୍ଟ୍ର ସମ୍ଭବ



କେନ୍ଦୁଝର, ୨୯।୧୦(ସମିସ)

ଜିଲ୍ଲା ଜଜ୍ କୋର୍ଟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ-୨୦୨୫ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରା, ଜିଲ୍ଲା କୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ବିଚାରପତି, କୋର୍ଟ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ପରେ ସମସ୍ତଙ୍କୁ ଉଦ୍‌ବୋଧନ ଦେଇ ଆମ ଦେଶରୁ ଦୁର୍ନୀତି ହଟିଲେ ବିକଶିତ ଭାରତ ରାଷ୍ଟ୍ର ଗଠନ ସମ୍ଭବ ପର ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ଦୁର୍ନୀତି ନିବାରଣ) ଭଗବାନ ପ୍ରଧାନ, ପରିବାର ଅଦାଲତ ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାଶ, ଅତିରିକ୍ତ ଜିଲ୍ଲା ଜଜ୍ (ପୋକ୍ସ) ମୋନାଲିସା ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍(ଆଡହକ) ବିଜୟ ମିଶ୍ର, ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାଶ, ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାଶ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ଶପଥ ପାଠ କରିଥିଲେ।

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଶପଥ ପାଠ ସଭା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଦୁର୍ନୀତି ନିବାରଣ ବିଭାଗ, କେନ୍ଦୁଝରର ଡିଏସପି ସୁଧାଂଶୁ ଶେଖର ପୂଜାରୀ, ସମ୍ମାନିତଅତିଥି ଇନ୍ସପେକ୍ଟର ଉଲୁପୀ ବେହେରା ଓ ସବ୍‌ଇନ୍ସପେକ୍ଟର ସୁଶାନ୍ତ କୁମାର ସେଠୀ ସମସ୍ତ ଅଧ୍ୟାପକଅଧ୍ୟାପିକା, ଅଣଶିକ୍ଷକବୃନ୍ଦ ଓ ଛାତ୍ରୀଙ୍କୁ ନିଷ୍ଠାର ସହ କାର୍ଯ୍ୟ ପାଳନ ନିମନ୍ତେ ଶପଥ ପାଠ କରାଇଥିଲେ। ଅତିଥିମାନେ କହିଥିଲେ ଯେ ସମସ୍ତେ ମିଶି ଦୁର୍ନୀତି ରୋକିବାରେ ସଚେତନ ହେଲେ ଏକ ସ୍ୱଚ୍ଛ ଉତ୍ତରଦାୟୀ ସମାଜ ଗଠନ ହୋଇପାରିବ। ଏହି ସଭାରେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପିକା ଡ. ନିବେଦିତା ଦାସ। ଅଧ୍ୟାପିକା ଗୀତାଞ୍ଜଳି ନାୟକ ଧନ୍ୟବାଦ ଦେଇଥିଲେ।



## ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବିଶ୍ୱ ଷ୍ଟ୍ରୋକ୍ ଦିବସ



କେନ୍ଦୁଝର, ୨୯।୧୦(ସମିସ): ପୂର୍ବାହ୍ଣରେ ଜିଲ୍ଲାସ୍ତରୀୟ ଷ୍ଟ୍ରୋକ ଦିବସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଜିଲ୍ଲା ଚିକିତ୍ସାଧିକାରୀ ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ମିଶ୍ର ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ମଧୁମେହ, ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଦ୍ୱାରା ଷ୍ଟ୍ରୋକ ପ୍ରତିରୋଧ କରାଯାଇପାରିବ ଓ ଏଥିରୁ ସୁରକ୍ଷିତ ରହିବା ପାଇଁ କମ ଲୁଣ, ଅଧିକ ତନ୍ତୁଯୁକ୍ତ ଓ ଚର୍ବିମୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ପରିବାର କଲ୍ୟାଣ ନିୟମିତ ରକ୍ତଚାପ ଓ ମଧୁମେହର ପରୀକ୍ଷା, ଯୋଗ ପ୍ରାଣାୟାମ ଓ ବ୍ୟାୟାମ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୁଷୋତ୍ତମ ମହାନ୍ତ ଷ୍ଟ୍ରୋକର ଶୀଘ୍ର ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତ ସରକାରୀ ଡାକ୍ତରଖାନାରେ ସିଟି ସ୍କାନ, ଏମଆରଆଇ ଦ୍ୱାରା ଷ୍ଟୋକର ଚିହ୍ନଟ ଓ ଚିକିତ୍ସା ସୁବିଧା ମାଗଣାରେ ଉପଲବ୍ଧ ଅଟେ। ଉକ୍ତ ବୈଠକରେ ସ୍ୱାସ୍ଥ୍ୟକର୍ମୀ, ଆଶା, ପାରାମେଡିକାଲ ସ୍ୱାସ୍ଥ୍ୟକର୍ମୀ, ମେଡିକାଲ ଷ୍ଟାଫ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ସଞ୍ଚାଳନ କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷା ଅଧିକାର କ୍ଷୁଣ୍ଣ

# ଅବ୍ୟବସ୍ଥାରେ ମୂକ ଓ ବଧିର ସ୍ୱତନ୍ତ୍ର ବିଦ୍ୟାଳୟ



ଯାଜପୁର, ୨୯।୧୦(ସମିସ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଳକୁଣ୍ଡ ନୂଆଗାଁ ଠାରେ ଥିବା ଶିବନ ଶିଳ୍ପ ମୂକ ଓ ବଧିର ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମିଳୁନି ମୌଳିକ ଅଧିକାର। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଏହି ବିଦ୍ୟାଳୟରେ ମୋଟ ୮୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଏହି ଆବାସିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ସୁବିଧା ନଥିବାରୁ ନାମ ଲେଖାଇଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ବାଧ ହୋଇ ନିଜ ନିଜ ଘରେ ରହିଛନ୍ତି। ଯାହା ଫଳରେ ଚଳିତବର୍ଷ ୧୭ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଟିସି ନେଇଯାଇଥିବାରୁ ସେମାନଙ୍କ ଶିକ୍ଷା ଅଧିକାର ଓ ଖାଦ୍ୟ ଅଧିକାର କ୍ଷୁର୍ଣ୍ଣ ହେଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ବିଦ୍ୟାଳୟରେ ୧୧ଜଣ ଶିକ୍ଷକ ଥିବା ବେଳେ ଜଣେ ୱାଡେନ, ଜଣେ ରୋଷେଇଆ, ଜଣେ ରାତ୍ରି ଜାଗୁଆଳ ଓ ଜଣେ ସହାୟକ ଅଛନ୍ତି। ମାତ୍ର ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ ନଥିବାରୁ ତିନୋଟି ଶ୍ରେଣୀ ଗୃହରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଏକାଠି ପାଠ ପଢୁଛନ୍ତି। ଯାହାଫଳରେ ଗୁଣାଫକ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି। ହଷ୍ଟେଲ ଗୃହ ନଥିବାରୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଶ୍ରେଣୀ ଗୃହରେ ରାତ୍ରି ଯାପନ କରୁଛନ୍ତି। ମୋଟା ମୋଟି ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମିର ନଥିବାରୁ ପୂର୍ବତନ ଜିଲ୍ଲାପାଳ ପି ଅନ୍ୱେଷା ରେଡି ଇଣ୍ଟିଗେଟେଡ ଇନକ୍ଲୁସିଭ ସେଣ୍ଟର (ଆଇଆଇସି) ଚିଠି ନଂ ୮୯୩ (୦୬/୦୫/୨୫) ରୁଢିଆକୁ ସ୍ଥାନାନ୍ତରିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ନିର୍ଦ୍ଦେଶର ସାତ ମାସ ପରେ ମଧ ସ୍ଥାନାନ୍ତରିତ ନହେବାରୁ ଅଭିଭାବକ ନିଜନିଜ ପିଲାମାନଙ୍କୁ ବିଦ୍ୟାଳୟରୁ ନେଇଯାଉଛନ୍ତି। ତେଣୁ ଦିବ୍ୟାଙ୍ଗ ଅଧିକାର କର୍ମୀ ମଣ୍ଟୁ ଦାସ ଆଜି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କୁ ଭେଟି ତୁରନ୍ତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଆଗାମୀ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳନ ପୂର୍ବରୁ ଏହି ବିଦ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଅକ୍ଟୋବରରେ ସ୍ୱଳ୍ପ ବୃଷ୍ଟିପାତ

ଧର୍ମଶାଳା, ୨୯।୧୦(ସମିସ): ଧର୍ମଶାଳା ବ୍ଲକରେ ଚଳିତ ଅକ୍ଟୋବର ମାସରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି। ତେବେ ବାତ୍ୟା ମୋନ୍ଥାର ପ୍ରଭାବରେ ବର୍ଷା ଅଧିକ ପରିମାଣର ହେବା ନେଇ ପୁର୍ବାନୁମାନ କରାଯାଇଥିଲେ ମଧ ଗତକାଲି ଏହି ବ୍ଲକରେ ୮ ମିଲିମିଟର ଓ ଆଜି ୧୫ ମିଲିମିଟର ବର୍ଷା ହୋଇଥିବା ବେଳେ ଯାଜପୁର ବ୍ଲକରେ ଦୁଇଦିନ ମଧ୍ୟରେ ସର୍ବାଧିକ ୭୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସମଗ୍ର ଜିଲ୍ଲାର ୧୦ ଗୋଟି ବ୍ଲକ ମଧ୍ୟରୁ ଧର୍ମଶାଳା ବ୍ଲକରେ ଚଳିତ ମାସ ଆଜି ପର୍ଯ୍ୟନ୍ତ ସର୍ବନିମ୍ନ ୪୩ ମିଲିମିଟର ବର୍ଷା ହୋଇଥିବା ବେଳେ ଯାଜପୁର ବ୍ଲକରେ ସର୍ବାଧିକ ୧୭୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମୋନ୍ଥା ପ୍ରଭାବରେ ଧର୍ମଶାଳା ସମେତ ଜିଲ୍ଲାର ବିଭିନ୍ନ ବ୍ଲକରେ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୁର୍ବାନୁମାନ କରାଯାଇଥିଲେ ମଧ ଏହା ଭୁଲ ପ୍ରମାଣିତ ହୋଇଛି। ତେବେ ଏହି ଅଦିନିଆ ବର୍ଷାରେ ବ୍ଲକର କେତେକ ସ୍ଥାନରେ ଧାନ ଫସଲ ନଷ୍ଟ ହେବା ସହ ପନିପରିବା ଚାଷ ଉପରେ ଏହାର ପ୍ରଭାବ ପଡ଼ିଛି।

## କରୁଣାରେ ଗୋସେବା ଶିବିର

ବିଞ୍ଝାରପୁର, ୨୯।୧୦(ସମିସ): ବିଞ୍ଝାରପୁର ବ୍ଲକର ଗୁହାଳି ପଞ୍ଚାୟତର କରୁଣା ଗ୍ରାମରେ ଗୋଷ୍ଠାଷ୍ଟମୀ ଉପଲକ୍ଷେ ଗୀତାବାଣୀ ପ୍ରଚାର ସମିତି ବାଇଁଶିରିଆ ଓ କରୁଣା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଗୋସେବା ଶିବିର ଅନୁଷ୍ଠିତ ହୋଇଥିଲା। ଗୋମାତାଙ୍କ ପୂଜା ସହିତ ଚିକିତ୍ସା କରାଯାଇ ଗୋଖାଦ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ସମାଜସେବୀ ବିଶ୍ୱନାଥ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ବହୁ ଗୋମାତାଙ୍କୁ ଚିକିତ୍ସା ସହିତ ଗୋଖାଦ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଗୀତାବାଣୀ ପ୍ରଚାର ସମିତି ସହସମ୍ପାଦକ ବିଶ୍ୱଭୂଷଣ ଜେନା, ଶରତ କୁମାର ଧଳ, ବ୍ରଜ ମୋହନ ତ୍ରିପାଠୀ, କାମଦେବ ଭୂୟାଁ, ସୁରେଶ ଚନ୍ଦ୍ର ଜେନା, ହରିଚନ୍ଦ୍ର କର, ରାଜେଶ ଓଝା, ପ୍ରିୟାଂଶୁ ତ୍ରିପାଠୀ, ମନମୋହନ ତ୍ରିପାଠୀ, ଶ୍ୟାମସୁନ୍ଦର ଜେନା, ରଞ୍ଜନ କୁମାର ବାରିକ, ପୀତବାସ ଭୂୟାଁ, ବୁଟା ଧଳ, ରବୀନ୍ଦ୍ର ସାହାଣି, ରାମଚନ୍ଦ୍ର ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ବିଞ୍ଝାରପୁର ପ୍ରାଣୀ ଚିକିତ୍ସା ପକ୍ଷରୁ କର୍ମଚାରୀ ସୁଜିତ କୁମାର ରାଉଳ, କିଶୋର ଜେନା ଉପସ୍ଥିତ ଗୋମାତାଙ୍କୁ ଚିକିତ୍ସା କରିଥିଲେ।

## ଆମ ବଡ଼ଚଣା ମହୋତ୍ସବ କମିଟି ବୈଠକ

ବଡ଼ଚଣା, ୨୯।୧୦(ସମିସ): ବଡ଼ଚଣା ଅଞ୍ଚଳର ଗର୍ବ, ଗୌରବ, କଳା ସଂସ୍କୃତି ପରମ୍ପରାର ବାର୍ତ୍ତାବହନ କରୁଥିବା ଆମ ବଡ଼ଚଣା ମହୋତ୍ସବ କମିଟିର ଏକ ବୈଠକ ବଡ଼ଚଣା ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଅଛି। ଦିଲ୍ଲୀପ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଗାମୀ ଜାନୁଆରୀ ୭ରୁ ୧୩ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଆଲେଶଚନା ହୋଇଥିଲା। ଚଳିତ ବର୍ଷ ଆମ ବଡ଼ଚଣା ମହୋତ୍ସବକୁ ପଞ୍ଜିକୃତ କରାଯାଇଛି। ଏହି ଅବସରରେ ଆମ ବଡ଼ଚଣା ମହୋତ୍ସବ କମିଟିର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇ ସଭାପତି ଭାବେ ବଡ଼ଚଣା ବିଧାୟକ ଅମର ନାୟକ, ଉପସଭାପତି ନୃସିଂହ ନାରାୟଣ ହୋତା, ରବୀନ୍ଦ୍ର ପ୍ରଧାନ, ସମ୍ପାଦକ ଭାବେ ଦିଲ୍ଲୀପ କୁମାର ଚୌଧୁରୀ, ସହ ସମ୍ପାଦକ ଭାବେ ରଶ୍ମିରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଭାବେ ନାରାୟଣ ରାଉତଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ଅମିୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବଡଚଣା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ମଧୁସୂଦନ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପିର ଯୁବ ସଙ୍ଗଠନ ପକ୍ଷରୁ ସହାୟତା

ଧର୍ମଶାଳା, ୨୯।୧୦(ସମିସ): ବିଜେପି ଯୁବ ସଙ୍ଗଠନ ପକ୍ଷରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ କୋଟପୁର ମଣ୍ଡଳ ଅଧିନ ବିଭିନ୍ନ ଗ୍ରାମକୁ ଗସ୍ତକରି ସାଙ୍ଗଠନିକ ଆଲୋଚନା କରିବା ସହ ରୋଗରେ ପୀଡ଼ିତ ଲୋକମାନଙ୍କୁ ସହାୟତା କରାଯାଇଛି। ଧର୍ମଶାଳା ବିଧାୟକ ଶ୍ରୀ ସାହୁଙ୍କ ପରାମର୍ଶକ୍ରମେ ଆଜି ଧର୍ମଶାଳା ନିର୍ବାଚନମଣ୍ଡଳୀର ଯୁବସଙ୍ଗଠକ ରାଜେଶ କୁମାର ପାଳଙ୍କ ନେତୃତ୍ୱରେ ବିଜେପି ସଙ୍ଗଠନର କର୍ଯ୍ୟକର୍ତ୍ତାମାନେ ଅରାବଳ ପଞ୍ଚାୟତକୁ ଯାଇ ଲୋକମାନଙ୍କ ସମସ୍ୟା ପଚାରି ବୁଝିବା ସହିତ ସାଙ୍ଗଠନିକ ଆଲୋଚନା କରିଥିଲେ। ଏଥିସହ ପକ୍ଷାଘାତରେ ଆକ୍ରାନ୍ତ ମୋହନପୁର ଗ୍ରାମର ହେମଲତା ମଲିକ ଓ ଅରାବଳ ଗ୍ରାମର ଅସହାୟ ଭାବେ ଜୀବନ ଅତିବାହିତ କରୁଥିବା ଅଜୟ ମଲିକ, ପକ୍ଷାଘାତରେ ଅକ୍ରାନ୍ତ ନାଳକୁଳ ଗ୍ରାମର ଶତ୍ରୁଘ୍ନ ମଲିକ ଓ କ୍ୟାନସର ରୋଗରେ ଆକ୍ରାନ୍ତ ଏହି ଗ୍ରାମର କୁନିଲତା ମଲିକଙ୍କୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସଦସ୍ୟ ଓ ବିଜେପି କାର୍ଯ୍ୟକର୍ତ୍ତାମାନେ ସେମାନଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ କୋଟପୁର ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ ସମେତ ତୀର୍ଥରାଜ ପଣ୍ଡା, ପ୍ରଦୀପ କୁମାର ପରିଡ଼ା, ଅଭିଷେକ ରାଉତ, ବିଶ୍ୱଜିତ ପୃଷ୍ଟି, ଲୋକନାଥ ମହାନ୍ତି ପ୍ରମୁଖ ଶତାଧିକ ବିଜେପି ଯୁବ ସଙ୍ଗଠକ ଓ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ସାମିଲ ହୋଇଥିଲେ।

## ଦୁର୍ନୀତି ନିବାରଣ ସଚେତନତା ଶିବିର



କର୍ୟାଁଗୋଲା, ୨୯।୧୦(ସମିସ): ଦୁର୍ନୀତି ନିବାରଣ ସଚେତନତା ପାଳନ ଅବସରରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଏହା ପାଳିତ ହୋଇଥିବା ଦେଖିବାକୁ ମିଳିଥିବା ବେଳେ ଦଶରଥପୁର ବ୍ଲକ ଅନ୍ତର୍ଗତ ଛତ୍ରପଡ଼ା ଶାଖା ପଞ୍ଜାବ ନେସ୍‌ନାଲ ବ୍ୟାଙ୍କ୍ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଏହି ଦୁର୍ନୀତି ମୁକ୍ତ ସପ୍ତାହ ପାଳନ ଅବସରରେ ବ୍ୟାଙ୍କ୍ କର୍ମଚାରୀ ସୁନିଲ କୁମାର ଶତପଥୀ, ଅଭିନନ୍ଦନ ସେଠୀ, ବ୍ୟାଙ୍କ୍ କୃଷି ଅଧିକାରିଣୀ ପ୍ରତିଚୀ ମହାପାତ୍ର, ବ୍ୟାଙ୍କ ମିତ୍ର ଜୟସ୍ମିତା ରାଉତ, ଚତୁର୍ଥ ଶ୍ରେଣୀ କର୍ମଚାରୀ ସଞ୍ଜୟ କୁମାର ମଲ୍ଲିକ ଙ୍କ ସହ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ଦୁର୍ନୀତି ସପ୍ତାହ ପାଳନ ଅବସରରେ ଉପସ୍ଥିତ ସମସ୍ତେ ଦୁର୍ନୀତିର ମୂଳପ୍ରୋଟନ ନିମନ୍ତେ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୋଧରେ ସଂଗ୍ରାମ କରିବା ସହିତ ପ୍ରତ୍ୟକ୍ଷ ସଚ୍ଚୋଟତା ଆଇନର ଶାସନକୁ ଅନୁପାଳନ କରିବା ପାଇଁ ଶପଥ କରିଥିଲେ।

## କମ୍ୟୁନିଟି ସେଣ୍ଟର ନାଁରେ ସରକାରୀ ଅର୍ଥ ହଡ଼ପ ଅଭିଯୋଗ



ବିଞ୍ଝାରପୁର, ୨୯।୧୦(ଆପ୍ର): ବିଞ୍ଝାରପୁର ବ୍ଲକ ଘଣ୍ଟିଆଳି ପଞ୍ଚାୟତରେ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବା ନାମରେ ଅର୍ଥ ହଡ଼ପ ଅଭିଯୋଗ ଆସିଛି। କମ୍ୟୁନିଟି ସେଣ୍ଟର ନାଁରେ ଟଙ୍କା ହେରଫେର ହୋଇଥିବା ନେଇ ଗ୍ରାମବାସୀ କୌଣସି ସୂତ୍ରରୁ ଜାଣିବା ପରେ ଏ ସଂକ୍ରାନ୍ତ ବିଞ୍ଝାରପୁର ବିଡ଼ିଓ ହିତାଂଶୁ ଶେଖର ସାମଲଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ ଜନୈକ ବ୍ୟକ୍ତିଙ୍କ ନିଜସ୍ୱ ପୁରୁଣା ଘରକୁ ମହାବୀର କମ୍ୟୁନିଟି ସେଣ୍ଟର ଦର୍ଶାଇ ବିଲ୍ କରିବାକୁ ମସୁଧା କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଯେଉଁ ଘର ଦେଖାଇ ବିଲ୍ କରାଯାଉଛି ଏହି ଘରେ ପୂର୍ବରୁ କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ କରାଯାଉଥିଲା। ସେହି ଘରେ ପୁଣି କନିଷ୍ଠ ଯନ୍ତ୍ରୀ କେମିତି ବିଲ୍ କରିବାକୁ ଯାଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଡ଼ିଓଙ୍କୁ ଏ ସମ୍ପର୍କରେ ପଚାରିବାରୁ ଆସନ୍ତାକାଲି ସହକାରୀ ଯନ୍ତ୍ରୀଙ୍କୁ ପଠାଇ ସତ୍ୟାସତ୍ୟ ଯାଞ୍ଚ କରିବି ବୋଲି କହିଛନ୍ତି।

## ରକ୍ତଦାନ ଶିବିରରେ ୫୦ୟୁନିଟ୍ ରକ୍ତ ସଂଗ୍ରହ



ଯାଜପୁର, ୨୯।୧୦(ସମିସ): ଯାଜପୁରର ସମାଜ ସେବୀ ପାଗା ବାବୁଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ବିରଜା କଲ୍ୟାଣ ମଣ୍ଡପ ପରିସରରେ ୨୬ତମ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଶୋକ ଦାସ ଫାଉଣ୍ଡେସନ ଏବଂ ଭାଇଭାଇ ପୂଜା କମିଟି ମିଳିତ ସହଯୋଗରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ଭବପ୍ରସାଦ ଦାସ ଉଦଘାଟନ କରିଥିଲେ। ଏହି ଶିବିରରେ ମୋଟ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ବାତ୍ୟା ସତ୍ତ୍ୱେ ସହରର ଯୁବକମାନେ ଉତ୍ସାହର ସହିତ ରକ୍ତଦାନ ଶିବିରରେ ସାମିଲ ହୋଇ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୮ ନମ୍ବର ୱାର୍ଡର କାଉନସିଲର ସୁରେନ୍ଦ୍ରରଣା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣରେ ଅନିୟମିତତା



କାଳିଆପାଣି, ୨୯।୧୦(ସମିସ): ସୁକିନ୍ଦା ବ୍ଲକର କୁହିକା ପଞ୍ଚାୟତ ଅଧୀନ ବମ୍ଭିଲୋ ମହାନ୍ତସାହି ଅଙ୍ଗନବାଡ଼ି କେନ୍ଦ୍ର ପାଚେରି ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ଉଠିଛି। ସ୍ଥାନୀୟ ସୂଚନା ଅନୁସାରେ, ଫଳକ ବିହୀନ ଭାବେ ସରକାରୀ କାର୍ଯ୍ୟ ଚାଲୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନ ଉପସ୍ଥିତ ହୋଇଛି। କେଉଁ ବିଭାଗରୁ କେତେ ଅର୍ଥ ମଞ୍ଜୁର ହୋଇଛି, ସେଥିପାଇଁ କୌଣସି ସୂଚନା ଦିଆଯାଇନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ନିର୍ମାଣ ସମୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ସହିତ ଲୁହା ରଡ୍ ୨/୩ ଖଣ୍ଡ ଲେଖାଏଁ ଦେଇ ରାତିରେ କାମ କରାଯାଇଥିଲା। ଏହା ନେଇ ଅଞ୍ଚଳରେ ଅସନ୍ତୋଷ ବ୍ୟାପି ଯାଇଛି। ସ୍ଥାନୀୟ ବାସିନ୍ଦାମାନେ ଏହି କାମ ଉପରେ ତଦନ୍ତ ଓ ନିର୍ମାଣ ଗୁଣମାନ ଯାଞ୍ଚ କରାଯାଇ ସଠିକ୍ ପଦକ୍ଷେପ ନିଆଯିବାକୁ ଦାବି କରିଛନ୍ତି।

## ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ପ୍ରଦାନ



ଯାଜପୁର, ୨୯।୧୦(ସମିସ): ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅନୁମୋଦନ ଏବଂ ଅନୁମତି କ୍ରମେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ନିର୍ମାଣ ଶ୍ରମିକମାନଙ୍କ ସହାୟତା ରାଶି ଡମି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୃତ୍ୟୁକାଳୀନ, ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୨୫ ଜଣଙ୍କୁ ୩୨.୭୦ ଲକ୍ଷ, ଶିକ୍ଷା ସହାୟତା ବାବଦରେ ୨୧୯ ଜଣଙ୍କୁ ୧୨.୧୭ ଲକ୍ଷ, ବିବାହ ସହାୟତା ବାବଦରେ ୧୦୨ ଜଣଙ୍କୁ ୫୦. ୭୫ଲକ୍ଷ ଏବଂ ପ୍ରସୂତି କାଳୀନ ସହାୟତା ବାବଦରେ ୪ ଜଣଙ୍କୁ ୪୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସିଧା ଉକ୍ତ ୧.୯୭ କୋଟି ଟଙ୍କା ଅର୍ଥ ରାଶି ହିତାଧିକାରୀଙ୍କ ଆକାଉଣ୍ଟକୁ ଛାଡି ଦିଆଯାଇଛି ବୋଲି ଜିଲ୍ଲା ଶ୍ରମ ଅଧିକାରୀ ସୁଧିର କୁମାର ସାହୁ ପ୍ରକାଶ କରିଛନ୍ତି। ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର ଓ ଯାଜପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଏହା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଏତଦଭିନ୍ନ ଓଡ଼ିଶା ଅଣସଙ୍ଗଠିତ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୨ ଜଣ ହିତାଧିକାରୀଙ୍କ ମୃତ୍ୟୁ ପାଇଁ ତାଙ୍କ ମନୋନୀତ ବ୍ୟକ୍ତିଙ୍କୁ ୪ ଲକ୍ଷ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଶଶିକାନ୍ତ ପ୍ରଧାନ, ନାରାୟଣ ଚନ୍ଦ୍ର ନନ୍ଦ, ପ୍ରକାଶ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ବିଜ୍ଞାନ ମେଳା

ବରୀ, ୨୯।୧୦(ସମିସ): ବରୀ ବ୍ଲକ ଅନ୍ତର୍ଗତ କଳାମାଟିଆ ପଞ୍ଚାୟତ ସୁନାକର ବିହାର ବିଦ୍ୟପାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟ ସ୍ତରିୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୧୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିରୂପା ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ତଥା କଳିଙ୍ଗସେନାର ସାଧାରଣ ସମ୍ପାଦକ ଅଶୋକ ନାୟକ ଯୋଗଦେଇ ବିଜ୍ଞାନ ଓ ଜୀବନ ମଧ୍ୟରେ ନିବିଡ଼ତା ଉପରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବାସନ୍ତୀ ମଞ୍ଜରୀ ହାଇସ୍କୁଲ ନହଣର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ମହାରଣା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ସ୍ୱପ୍ନେଶ୍ୱର ଧଳ, ଆଦର୍ଶ ଶିକ୍ଷକ ପର୍ଶୁରାମ ପରିଡ଼ା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦେବାଶିଷ ରାଉତ, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର କୁମାର ଧଳ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ସଞ୍ଜୟ ପରିଡ଼ା, ହୃଦାନନ୍ଦ ପାତ୍ର, ବାସୁଦେବ ମଲ୍ଲିକ, ସୁକାନ୍ତ ସାମଲ, ପ୍ରମେୟ ପରିଡ଼ା, ବିନୋଦ ବେହେରା, ଦେବବ୍ରତ ପଣ୍ଡା, ସୁପ୍ରିୟା ରାଉତ, ଶୁଭ ଲକ୍ଷ୍ମୀ ତ୍ରିପାଠୀ ଯୋଗଦେବା ସହ ବିଜ୍ଞାନ ଭିତ୍ତିକ ଅନେକ କଥା ଛାତ୍ରଛାତ୍ରୀଙ୍କୁ କହିଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା ଓ ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଦେବାଶିଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା



ଧର୍ମଶାଳା, ୨୯।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ପଞ୍ଚାୟତର ସରପଞ୍ଚ କୁମୁଦିନୀ ମହାନ୍ତି, ଭିଏଲ୍‌ଡବ୍ଲୁ ସେଖ ଅବଜଲ୍ ବକ୍ସ ଏବଂ ଏଡିଓ ବିଚିତ୍ର ମୋହନ ମହାପାତ୍ର ପ୍ରମୁଖ ଯୋଗଦାନ କରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସେଥି ମଧ୍ୟରୁ ମୋ ଉପକାରୀ ବଗିଚା, ଫାର୍ମ ପଣ୍ଡ, କମ୍ପୋଷ୍ଟ ପିଟ୍, ଫଳ ବଗିଚା ଭଳି ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରିବା ସହ କିପରି ଭାବେ ଏହା ସହଜ ଏବଂ ସୁବିଧାରେ କରାଯିବ ତାହା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପଞ୍ଚାୟତର ବିଭିନ୍ନ ଗାଁରେ ବର୍ଷା ପାଣି ଜମି ରହୁଥିବା ବେଳେ ଏହାର ସମାଧାନ ଉପରେ ମଧ ଆଲୋଚନା କରାଯାଇଥିଲା। ପଞ୍ଚାୟତରେ କିଛି ମରାମତି କାର୍ଯ୍ୟ ଚାଲୁ ରହିଥିବା ବେଳେ ଆଉ କିଛି କାର୍ଯ୍ୟ ବନ୍ଦ ରହିଥିବାରୁ ଏହାକୁ ତୁରନ୍ତ ସମ୍ପୁର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିଶିର ମାହାଣା, ସୁକାନ୍ତ ସାହୁ, କାହ୍ନୁ ସାହୁ, ଅମର ସାହୁ, ସୁଶାନ୍ତ ଘଟୁଆରି ସମେତ ପଞ୍ଚାୟତର ବିଭିନ୍ନ ଗାଁର ୱର୍ଡମେମ୍ବର ପ୍ରମୁଖ ଉପସ୍ଥିତ ରହିଥିଲେ। ରମେଶ ମହାନ୍ତି ଏବଂ ଚିତ୍ତରଞ୍ଜନ ବାରିକ ସହଯୋଗ କରିଥିଲେ।

## ପାରା ସନ୍ତରଣରେ ସୁକିନ୍ଦାର ପପୁ ଓ ଗୋଲପିଙ୍କୁ ରୌପ୍ୟ





ସୁକିନ୍ଦା, ୨୯।୧୦(ସମିସ): ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ସୁକିନ୍ଦାର ପପୁ ଗୋଚ୍ଛାୟତ ଓ ଗୋଲାପି ସିର୍କା ରୌପ୍ୟ ପଦକ ହାସଲ କରିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗତ ରବିବାର ଅନୁଷ୍ଠିତ ଓଡ଼ିଶା ପାରା ସନ୍ତରଣ ପ୍ରତିଯୋଗିତାରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମର ବଟକୃଷ୍ଣ ଗୋଚ୍ଛାୟତଙ୍କ ପୁଅ ପପୁ ଗୋଚ୍ଛାୟତ(୩୦) ଓ ରାଁସୋଳ ପଞ୍ଚାୟତ କାକୁଡ଼ିଆ ଗ୍ରାମ ବୀରସିଂ ସିର୍କାଙ୍କ ଝିଅ ଗୋଲାପି ସିର୍କା ଭଲ ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରି ନିଜର ଓ ସୁକିନ୍ଦା ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି। ପୂର୍ବରୁ ଗୋଲାପି ରାଜ୍ୟ ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ୨୦୨୪-୨୫ରେ ଅଂଶଗ୍ରହଣ କରି ସଟ୍‌ଫୁଟ, ଡିସକସ୍ ଓ ଜାଭେଲିନ ଥ୍ରୋ'ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପପୁ ସୁକିନ୍ଦାର ହରିପୁର ଭଳି ଏକ ମଫସଲ ଗ୍ରାମରେ ବସବାସ କରୁଥିବା ବେଳେ କଳିଙ୍ଗନଗର ସ୍ଥିତ ଟାଟା ପ୍ରକଳ୍ପରେ ଗତ ୧୦ବର୍ଷ ଧରି ଠିକା ଶ୍ରମିକ ଭାବେ କାର୍ଯ୍ୟ କରଛନ୍ତି। ଗୋଲାପିର ଘର ସୁକିନ୍ଦା ଖଣି ଅଞ୍ଚଳର କାକୁଡିଆ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମରେ। ଉଭୟ କ୍ରୀଡ଼ାବିତ ବିନା ପ୍ରୋତ୍ସାହନରେ ବିନା ତାଲିମରେ ନିଜ ଦୃଢ଼ ଇଚ୍ଛାଶକ୍ତି ଓ କଠୋର ପରିଶ୍ରମରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଭିନ୍ନ ମହଲରୁ ଉଭୟଙ୍କ ନିକଟକୁ ସୁଭେଚ୍ଛାର ସୁଅ ଛୁଟିଛି।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ବାଲିଚନ୍ଦ୍ରପୁର, ୨୯।୧୦(ସମିସ)

ବାଲିଚନ୍ଦ୍ରପୁର ଥାନା ଆନୁକୂଲ୍ୟରେ ସାହାସପୁର ମହାବିଦ୍ୟାଳୟ ଓ ପଲିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବାଲିଚନ୍ଦ୍ରପୁର ଥାନାର ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ସମରଜିତ ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଚନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ଅମୀୟ ସାହାଣୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଅଫିସ ପକ୍ଷରୁ ସ୍ୱତନ୍ତ୍ର ବିଶେଷଜ୍ଞ (ସାଇବର ଅଫିସର) ମାନେ ଯୋଗ ଦେଇଥିଲେ। ସାହାସପୁର ମହାବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ପୃଷ୍ଟି, ପଲିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ମାମି ବଳବନ୍ତରାୟ, ଅଧ୍ୟାପକ ସଂଗ୍ରାମ କେଶରୀ ପରିଡ଼ା, ପ୍ରତ୍ୟୁଷ କୁମାର ସାହୁ, କାହ୍ନୁଚରଣ ଜେନା, ଅଧ୍ୟାପିକା ମିନତୀ ମଞ୍ଜରୀ ନାୟକ, ଗାୟତ୍ରୀ ଶତପଥି, ଚିତ୍ତରଞ୍ଜନ ନାୟକ, କଲେଜ ର ମୁଖ୍ୟ କିରାଣୀ ମାନସ ବରାଳ, ପଲିଶ୍ରୀ ଉଚ୍ଚ ବିଦ୍ୟାଳୟ ପ୍ରାଧ୍ୟାପକ ଭାବଗ୍ରାହୀ ମହାରଣା, ସ୍ନିଗ୍ଧାରାଣୀ ମହାନ୍ତି, ଡ. ନିରୁପମା ବେହୁରା, ପ୍ରେମାନନ୍ଦ ପରିଡ଼ା ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ଚୈତନ୍ୟ ପ୍ରସାଦ ପୃଷ୍ଟି, ହାବିଲଦାର ରାଜକିଶୋର ସ୍ୱାଇଁ, କନଷ୍ଟେବଳ ବିଜୟକୁମାର ତ୍ରିପାଠୀ ଆଦି ବହୁ ଜିଲ୍ଲା ଓ ବାଲିଚନ୍ଦ୍ରପୁର ଥାନାର କର୍ମଚାରୀମାନେ ଯୋଗ ଦେଇ ସାଇବର ଅପରାଧୀରୁ ମୁକୁଳିବା ପାଇଁ ବିଭିନ୍ନ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ବ୍ୟାପକ ସଚେତନତା କରାଇବାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସଚେତନତା ସ୍ଲୋଗାନ ମାନ ଦେଉଥିବା ଦେଖା ଯାଇଥିଲା। ଜିଲ୍ଲା ପୁଲିସ ବାହିନୀ ପକ୍ଷରୁ ସାଇବର ଅପରାଧ ଉପରେ ଦୃଷ୍ଟାନ୍ତ ମୂଳକ ଭିଡିଓ ଚିତ୍ର ପଦର୍ଶିତ ହୋଇଥିଲା।

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH** O-1160
e-Procurement Notice No. ONLINE-BGH-11 OF 2025-26

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding: From | Availability of Tender On-line for bidding: To | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.
OIPR-25062/11/0037/2526
Superintending Engineer
R.W. Division, Bargarh

**Government of Odisha "e" Procurement Notice Bid Identification No.37/2025-26** C-1344

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
OIPR-13205/11/0040/2526
Supertintending Engineer,
P.H. Division, Bhubaneswar

No. 4107 / Dated 25.10.2025 O-1203
**Government of Odisha "e" Procurement Notice**
**Bid Identification No. TENDER ONLINE SNPR-08 OF 2025-26**
1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
(1) Other details can be seen from detailed notice
(2) Inviting tenders available in website: www.tendersodisha.gov.in
(3) Corrigendum, if any, shall only be published in the website: www.tendersodisha.gov.in
Executive Engineer
Rural Works Division, Sonepur
OIPR-25054/11/0045/2526

## ହୃଦ୍‌ଘାତରେ ମହିଳାଙ୍କ ପରଲୋକ



ପଦ୍ମପୁର,୨୯।୧୦ (ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ସ୍ଥିତ ଖମାପଦର ଗ୍ରାମର ଜିଲ୍ଲା ଆୟୁର୍ବେଦିକ ସଂଘର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ଚୌଧୁରୀଙ୍କ ପତ୍ନୀ ରତ୍ନବାଳା ଚୌଧୁରୀଙ୍କର ୮୦ ବର୍ଷ ବୟସରେ ଗତକାଲି ରାତି ୧୦ଟା ସମୟରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ସେ ଶ୍ରୀକାକୁଲମ ମେଡିକାଲରେ ଚିକିତ୍ସିତ ହେବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ସମୟରେ ସ୍ୱାମୀ ରାମକୃଷ୍ଣ ଚୌଧୁରୀ ,ଦୁଇ ପୁଅ ପ୍ରଦୀପ ଚୌଧୁରୀ, ରୁଦ୍ର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବଡ ପୁଅ ପ୍ରଦୀପ ଚୌଧୁରୀ ନିଜ ମା ରତ୍ନବାଳା ଚୌଧୁରୀଙ୍କୁ ମୁଖାଗ୍ନି ଦେଇଥିଲେ।

## ବିଭିନ୍ନ ଗାଁକୁ ଲକ୍ଷ୍ମୀ ବସ୍‌ସେବା ପାଇଁ ଦାବି

ବୈପାରିଗୁଡ଼ା, ୨୯।୧୦(ସମିସ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ଗମନାଗମନ ସୁବିଧା ପାଇଁ ଏବଂ ବ୍ଲକ୍‌ର ସଦରମହକୁମା ଠାରୁ ପ୍ରତ୍ୟେକ ପଞ୍ଚାୟତକୁ ସଂଯୋଗ ପାଇଁ ଲକ୍ଷ୍ମୀବସ ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ଲକ୍ଷ୍ମୀ ବସ୍ ବୈପାରିଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମପଞ୍ଚାୟତର କିଛି ଗ୍ରାମକୁ ଠିକ୍ ଭାବେ ଯାତାୟତ କରୁନାହିଁ। କିଛି ଗ୍ରାମର ରାସ୍ତା ଖରାପ ହୋଇଯାଇଥିବାରୁ ଲକ୍ଷ୍ମୀ ବସ୍ ଚଳାଚଳ ବନ୍ଦ ରହିଥିଲା। ବର୍ତ୍ତମାନ ସେହି ରାସ୍ତା ଗୁଡ଼ିକ ସମ୍ପୂର୍ଣ୍ଣ ମରାମତି ହୋଇସାରିଛି। ରାସ୍ତା ମରାମତି ସରିବା ପରେ ମଧ୍ୟ ବସ୍ ଗୁଡିକ ୧୦ରୁ ୧୨ ଗାଁର ଲୋକଙ୍କୁ ସେବା ଯୋଗାଉ ନାହିଁ। କେନ୍ଦୁଗୁଡ଼ା ପଞ୍ଚାୟତର କୁମ୍ଭାରଗୁଡ଼ା, ବୁଡ୍ରାଗୁଡ଼ା, ଶୁଣ୍ଡିଗୁଡ଼ା, ହରିନାୟକ ଗୁଡ଼ା, ଦିସାରିଗୁଡ଼ା, ଚେରକିଆଗୁଡ଼ା, ରାଙ୍ଗିନିଗୁଡ଼ା, ମୁର୍ଜିଆ ଗୁଡା ଭାଲୁଗୁଡ଼ା ଭଳି ଅନେକ ଗାଁ ଗୁଡ଼ିକରେ ଲକ୍ଷ୍ମୀ ବସ୍ ପୁନଃ ଚଳାଚଳ କରିବା ପାଇଁ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟକୁ ଆସି ଏବିଡିଓ ନିବେଦିତା ଦଣ୍ଡସେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କେନ୍ଦୁଗୁଡ଼ାର ପୂର୍ବତନ ସମିତି ସଭ୍ୟ ବିଶ୍ୱଜିତ ନାୟକ, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, ସିରା ହରିଜନ, ଲୋକନାଥ ଦାସ, ଗୁପ୍ତ ଫଳମ୍, ବାବୁଲା ମହାନ୍ତି ,କାର୍ତ୍ତି, ପୂର୍ଣ୍ଣଚନ୍ଦ୍ର ଡାକୁଆ, ସୁରେଶ ଖରା ପ୍ରମୁଖ ଉପସ୍ଥିତ ଥିଲେ।

### ଲୁଟର ଶିକାର ହେଲେ ବ୍ୟବସାୟୀ

# ମାରଣାସ୍ତ୍ର ଦେଖାଇ ୫ ଲକ୍ଷ ଟଙ୍କା ଲୁଟ୍



କୁନ୍ଦୁରା, ୨୯।୧୦ (ସମିସ): କୁନ୍ଦୁରା ଥାନା ଅନ୍ତର୍ଗତ ଖଟଲାପଦର ନିକଟରେ ଜଣେ ଜଣେ ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ପ୍ରାୟ ୫ ଲକ୍ଷ ଟଙ୍କା ଲୁଟିଲେ ମୁଖାପିନ୍ଧା ଦୁର୍ବୃତ୍ତ। ବ୍ୟବସାୟୀ ଜଣକ ହେଲେ କୋଟପାଡ ଅଞ୍ଚଳର ଦେବାଶିଷ ପଟ୍ଟନାୟକ। ସୂଚନା ଅନୁସାରେ, ଆଜି ଅପରାହ୍ନ ପ୍ରାୟ ୩ ଟା ବେଳେ ୭,୮ ଜଣ ଲୁଟେରା ବ୍ୟବସାୟୀଙ୍କ ଗାଡ଼ି ସିଜି ୦୪ ଏନଟି ୬୦୭୪କୁ ଅଟକାଇ ଥିଲେ।ଗାଡ଼ି ଡୋର ନ ଖୋଲିବାରୁ ଆଗ ଓ ପଛ ପଟ କାଚ ଭାଙ୍ଗି ଗାଡ଼ିରେ ବସିଥିବା ବ୍ୟବସାୟୀ ଏବଂ ତାଙ୍କ ସାଥୀଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଏବଂ ମୋବାଇଲ ନେଇଯାଇଥିଲେ । ସମସ୍ତ ଲୁଟେରା ମୁହଁରେ ମୁଖା ପିନ୍ଧି ମାରଣାସ୍ତ୍ର ଧରିଥିଲେ । ପ୍ରକାଶ ଯେ ପ୍ରତି ବୁଧବାର ଏହି ବ୍ୟବସାୟୀ ମାନେ କୁନ୍ଦୁରା ଅଞ୍ଚଳରେ ନିଜ ବ୍ୟବସାୟ ଟଙ୍କା ଆଦାୟ କରିବାକୁ ଆସିଥାନ୍ତି । ଏହି ସ୍ଥାନରେ ପୂର୍ବରୁ ମଧ୍ୟ ବହୁବାର ଏଭଳି ଡକାୟତ ହୋଇଥିବା ନଜିର ରହିଛି। ଏହି ପୋଲ ଦୁଇ ପାଶ୍ୱର୍ରେ ରହିଛି ବୁଲାଣି ରାସ୍ତା । ଏଣୁ ଏହା ପୋଲ ନିକଟରେ ଯେ କୌଣସି ଗାଡ଼ିର ବେଗ କମିଥାଏ । ଏହାର ସୁଯୋଗ ନେଇ ସେହି ସ୍ଥାନରେ ଏଭଳି ଲୁଟପାଟ ହେଉଥିବା ଜଣାପଡ଼ିଛି।।ବ୍ୟବସାୟୀଙ୍କ ଗାଡ଼ିକୁ ଥାନାକୁ ଅଣା ଯାଇ ଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଏଡିଇଓଙ୍କ ବିରୋଧରେ ବିଡ଼ିଓଙ୍କୁ ଗ୍ରାମବାସୀଙ୍କ ଫେରାଦ

ବୈପାରିଗୁଡ଼ା,୨୯।୧୦(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚେରକା ପଞ୍ଚାୟତର ଅଟାଳଗୁଡା ଗାଁରେ ମନରେଗା ଯୋଜନାରେ ଦୁର୍ନୀତି ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଏଡିଇଓଙ୍କ ବିରୋରେ ବିଡ଼ିଓଙ୍କ ନିକଟରେ ଫେରାଦ ହେଲେ ଗାଁ ଲୋକେ। ବୈପାରୀଗୁଡା ବ୍ଲକ କର୍ଯ୍ୟାଳୟରେ ସ୍ଥାନୀୟ ବିଡିଓ ଶକ୍ତି ମହାପାତ୍ରଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି ଦୁଇ ଗ୍ରାମର ଶ୍ରମିକ। ଅଭିଯୋଗ ଅନୁଯାୟୀ, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଚେରକା ପଞ୍ଚାୟତର ଅଟାଳଗୁଡା ଏବଂ ମୁଣ୍ଡାଗୁଡା ଗ୍ରାମର ଗ୍ରାମବାସୀ ମିଶି ଅଟାଳଗୁଡା ଗ୍ରାମରେ ୨୦୨୩-୨୪ ମସିହାର ମନରେଗା ଯୋଜନାରେ ୭ ଲକ୍ଷ ଟଙ୍କାର ଡ୍ରେନ୍ କାମ ଆରମ୍ଭ କରିଥିଲେ। ଦୁଇ ଗ୍ରାମର ଗ୍ରାମବାସୀ ଶ୍ରମିକ ଭାବେ କାମ କରୁଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଜବ୍ କାର୍ଡଧାରୀ ଶ୍ରମିକଙ୍କୁ ମଜୁରୀ ବାବଦକୁ ୮୦ ହଜାର ଟଙ୍କା ମିଳିଥିଲା। ଦ୍ୱିତୀୟ ପର୍ଯ୍ୟାୟର କାମ ସାରି ବିଲ୍ କରିବାକୁ ଏଡିଇଓ ଶ୍ରୀମନ୍ତ ସାମନ୍ତଙ୍କୁ କହିଥିଲେ ଶ୍ରମିକ। କିନ୍ତୁ ଏଡିଇଓ ଶ୍ରୀମନ୍ତ ସାମନ୍ତ ଚଞ୍ଚକତା କରି ଯେଉଁମାନେ ଉକ୍ତ ଡ୍ରେନ୍ କାମରେ ମୂଳ ଲାଗି ନଥିଲେ, ସେମାନଙ୍କ ଏକାଉଣ୍ଟକୁ ଟଙ୍କା ଛାଡିଥିବା ଜାଣିବାକୁ ପାଇଥିଲେ। ଏସମ୍ପର୍କରେ ଚେରକା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭାରେ ଅଭିଯୋଗ ଉଠାଯିବାରୁ ଏଡିଇଓ ସଭା ଛାଡ଼ି ଲୁଚି ପଳେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଦୁଇ ଗ୍ରାମବାସୀ। ଏହାର ତଦନ୍ତ କରି ଡ୍ରେନ୍ କାମରେ ନିୟୋଜିତ ଥିବା ଶ୍ରମିକଙ୍କୁ ମଜୁରୀ ପ୍ରଦାନ କରି ଉଚିତ ନ୍ୟାୟ ଦେବାକୁ ବିଡିଓଙ୍କୁ ଦାବି କରାଯାଇଛି।

## ୬ଟି ସ୍ଥାନରେ ଅବକାରୀ ଚଢ଼ଉ; ୨୪୫ ଲିଟର ଦେଶୀମଦ ଜବତ



ଜୟପୁର,୨୯ ।୧୦(ସମିସ): ଜୟପୁର ଅବକାରୀ ସର୍କଲ ପକ୍ଷରୁ ଏକ ବଡ ଧରଣର ଚଢ଼ଉ ୬ଟି ସ୍ଥାନରେ କରାଯାଇ ୨୪୫ ଲିଟର ଦେଶୀ ମଦ ଏବଂ ୨ଟି ଚାଲଣ ପାଇଁ ବ୍ୟବହୃତ ବାଇକ୍ ଜବତ କରାଯାଇଛି। ୨ ହଜାର ଲିଟର ପୋଚ ନଷ୍ଟ ହୋଇଛି। ଜୟପୁର ଅବକାରୀ ନିରୀକ୍ଷକ, ଅବକାରୀ ଥାନା ଏବଂ ଜିଲ୍ଲା ସ୍ୱତନ୍ତ୍ର ଦଳ ପକ୍ଷରୁ ମିଳିତ ଭାବେ ନୀଳାଗୁଡା ଗ୍ରାମ ଉପରେ ଚଢ଼ଉ କରାଯାଇ ୬୦ ଲିଟର, ପାତ୍ରପୁଟ ଠାରେ ୮ ଲିଟର, ମୂଳାସର ଠାରେ ୨୦ ଲିଟର, ଦୁବୁଲୀରେ ୨୫ ଲିଟର , ଡାଙ୍ଗରା ଠାରେ ୧୨ ଲିଟର ବେଆଇନ ଦେଶୀମଦ ଜବତ କରାଯାଇଛି। ଗଡ଼ପଦର ଗ୍ରାମ ଠାରେ ବେଆଇନ ପ୍ରସ୍ତୁତ ହେଉଥିବା ୧୨୦ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ୨ ଲିଟର ପୋଚ ନଷ୍ଟ କରାଯାଇଛି। ଦୁଇଟି ସ୍ଥାନରେ ଏହି ଦେଶୀ ମଦ ଚାଲାଣ ବେଳେ ଦୁଇଟି ବାଇକ୍ (ଓଡି ୨୧ସି୫୩୫୩) ଏବଂ ଓଡି ୧୦ ଏଚ ୧୧୭୨ ଜବତ କରାଯାଇଛି। ମାମଲାରେ ନୀଳାଗୁଡା ଗ୍ରାମର ଫକିର ହରଜନ, ପାତ୍ରପୁଟର ଶିବ କଟଲୀ, ମୂଳାସରରେ ଗୋବିନ୍ଦ ପାଇକ, ଦୁବୁଲୀରେ ତ୍ରିନାଥ ପରଜା, ଡାଙ୍ଗରାରେ ଶିବ ମୁଦୁଲିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢଉରେ ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ, ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶରୀ ହିରନ, ଏସ୍‌ଆଇ ରାଜୁ କମୁରା ଖେତି, ଏଏସଆଇ ସୁଶାନ୍ତ ନାୟକ ଏବଂ ଅନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

## ଜାତୀୟ ସ୍କେ ମାର୍ଶଲ ଆର୍ଟରେ ସଫଳତା; କୋରାପୁଟକୁ ୯ ସ୍ୱର୍ଣ୍ଣ ସହ ୨୪ ପଦକ



ଜୟପୁର,୨୯ ।୧୦(ସମିସ): ଜାତୀୟ ସ୍କେ ମାର୍ଶଲ ଆର୍ଟ ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲାକୁ ସଫଳତା ମିଳିଛି। ଝାରସୁଗୁଡା ଠାରେ ଆୟୋଜିତ ଜାତୀୟ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ କୋରାପୁଟ ଏବଂ ଜୟପୁର ସହରର ୯ଜଣ ପ୍ରତିଯୋଗୀ ୯ଟି ସ୍ୱର୍ଣ୍ଣ ସହ ମୋଟ ୨୪ଟି ପଦକ ବିଜୟୀ ହୋଇଛନ୍ତି। ଏହି ପ୍ରତିଯୋଗିତା ଗତ ୨୫ ଏବଂ ୨୬ ତାରିଖ ଦୁଇଦିନ ଧରି ଝାରସୁଗୁଡାର ଏକ ଘରୋଇ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। ସର୍ବ କନିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କୁ ନେଇ ଆୟୋଜିତ ଏହି ଜାତୀୟ ପ୍ରତିଯୋଗୀତାରେ ଓଡିଶା ଦଳକୁ ପ୍ରତିନିଧିତ୍ୱ କରିଥିବା ୧୫୦ ଜଣ ପ୍ରତିଯୋଗିଙ୍କ ମଧ୍ୟରୁ ୯ଜଣ କୋରାପୁଟ ଜିଲ୍ଲା ପ୍ରତିଯୋଗୀ ଥିଲେ। ଏଥିରେ ୧୧ ବର୍ଷରୁ କମ୍ ବର୍ଗରେ ପ୍ରିନସ ଖୋସ୍ଲା ସ୍ୱର୍ଣ୍ଣ, କୁନାଲ ବିଷୋୟୀ ରୌପ୍ୟ(କେ-୧), ମାନସୀ ବିଡିକା ସ୍ୱର୍ଣ୍ଣ(କେ-୧), ୧୯ ବର୍ଷରୁ କମ ବର୍ଗରେ ଆରାଧ୍ୟା ପଟ୍ଟନାୟକ ରୌପ୍ୟ(କେ-୧), ଶିବାଂଶୁ ନାୟକ ସ୍ୱର୍ଣ୍ଣ(କେ-୨), ଆକାଶ ସାଗର ସ୍ୱର୍ଣ୍ଣ(କେ-୧)ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୪ ବର୍ଷରୁ କମ ବର୍ଗରେ ଆଭାଶ ମିଶ୍ର ସ୍ୱର୍ଣ୍ଣ(କେ-୧), ଅକସରା ରାଉତ ସ୍ୱର୍ଣ୍ଣ(କେ-୧) ଓ ତରୁଣ ଖୋସ୍ଲା ରୌପ୍ୟ(କେ-୩) ପଦକ ହାସଲ କରିଛନ୍ତି। ରମେଶ ଦାସଙ୍କ ତତ୍ତ୍ୱାବଧାନରେ ଏହି ଦଳର କୋଚ ଭାବେ ସି.ଏଚ ମହେଶ ରାଜୁ ପ୍ରତିଯୋଗୀଙ୍କ ସହ ଜାତୀୟ ପ୍ରତିଯୋଗିତାରେ ଯୋଗ ଦେଇଥିଲେ।

## ଶୈବପୀଠ ପରିଦର୍ଶନ କଲେ ଜିଲ୍ଲାପାଳ, ଏସ୍‌ପି



କାକିରିଗୁମା,୨୯।୧୦(ସମିସ): କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ ପରବ ୨୦୨୫ ନଭେମ୍ବର ୧୨ରେ ଲକ୍ଷ୍ମୀପୁର ବ୍ଲକ୍ କୁସୁମୁଗୁଡା ପଞ୍ଚାୟତର କୁଟୁଁଣିପଦର ଶୈବପୀଠରୁ ଶୁଭାରମ୍ଭ ହେବାକୁ ନିଷ୍ପତି ନିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଆଇଏଏସ ପ୍ରବେଶନାରୀ ସନ୍ତୋଷ କୁମାର ପ୍ରଧାନ, ସିଡିଓ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ସିଡିଏମପିଏଚଓ ଡାକ୍ତର ରବିନ୍ଦ୍ର ନାଥ ମିଶ୍ର, ବିଡିଓ ସବ୍ୟସାଚି ବେହେରା କୁଟୁଁଣିପଦର ଶୈବପୀଠ ପରିଦର୍ଶନ କରିଛନ୍ତି। ପରବ ଉଦ୍‌ଘାଟନୀ ସମାରୋହ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ, ଟ୍ରାଫିକ ନିୟନ୍ତ୍ରଣ, ଲୋକଙ୍କ ଯାତାୟାତ, ପାର୍କିଂ ବ୍ୟବସ୍ଥା ବିଷୟରେ ସମୀକ୍ଷା କରି ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଥିବା ଜଣାପଡିଛି।

## ଡ. ଝାନ୍‌ସି ସିଂହ ସମ୍ମାନିତ



ସେମିଳିଗୁଡା, ୨୯।୧୦ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍‌ସି ସିଂହଙ୍କୁ ବରିଷ୍ଠ ସାମାଜିକ କର୍ମୀ ସିୱାଇସଡିର ଚେୟାରମ୍ୟାନ ଡ. ଜଗଦାନନ୍ଦ ଓ ବିଶିଷ୍ଟ ଗାନ୍ଧି ଦର୍ଶନର ପ୍ରବକ୍ତା ପ୍ରହ୍ଲାଦ ସିଂହ ଅହିଂସା ବିଚାର ସମ୍ମାନରେ ଭୁବନେଶ୍ୱରରେ ସମ୍ମାନିତ କରିଛନ୍ତି। ଗତ ୨୭ ଅକ୍ଟୋବରରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାର୍ଷିକ ଅହିଂସା ବିଚାର ଆଲୋଚନାଚକ୍ରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଜୀବନ ବ୍ୟାପି ଯୁବଗୋଷ୍ଠୀକୁ ନେଇ ଜାତୀୟ ସେବା ଯୋଜନା, ଜାତୀୟ ଯୁବ ରେଡକ୍ରସ ଓ ଜାତୀୟଯୁବ ପ୍ରକଳ୍ପର ଜାତୀୟସ୍ତରରେ, ରାଜ୍ୟ ସ୍ତରରେ ଓ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରାମ ସ୍ତରରେ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ, ଯୁବ ସମାଜର ବିକାଶ ପାଇଁ ଏହି ସମ୍ମାନ ତାଙ୍କ ଅବିଶ୍ରାନ୍ତ ଅବଦାନର ପ୍ରତୀକ। ଏହି ସମ୍ମାନ ଗ୍ରହଣ କରି ଫେରିବା ପରେସେମିଳିଗୁଡାମହାବିଦ୍ୟାଳୟରେଛାତ୍ରଛାତ୍ରୀଅଧ୍ୟାପକଅଧ୍ୟାପିକାଏବଂକର୍ମଚାରୀଙ୍କମଧ୍ୟରେଆନନ୍ଦରଲହରୀଖେଳିଯାଇଛି।

## ଟାଉନ୍ ଥାନାରେ ସେଲ୍‌ଫି ପଏଣ୍ଟ ଉଦ୍‌ଘାଟିତ



ଜୟପୁର,୨୯ ।୧୦(ସମିସ): ଜୟପୁର ଟାଉନ ପୁଲିସ ପକ୍ଷରୁ ଥାନା ପରିସରରେ ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ପରିସରରେ ନିର୍ମିତ ସେଲଫି ପଏଣ୍ଟକୁ ମୁଖ୍ୟଅତିଥି ଭାବେ ଏସଡିପିଓ ପାର୍ଥ କାଶ୍ୟପ ଉଦଘାଟନ କରିଥିଲେ। ଏହି ଅବସରରେ ଶ୍ରୀ କଶ୍ୟପ ବର୍ତ୍ତମାନ ସାରା ବିଶ୍ୱ ଡିଜିଟାଲ ଉପରେ ନିର୍ଭର କରୁଛି , ତେଣୁ ଏହି ଅବସରରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା କେବଳ ସରକାର କିମ୍ବା ପୁଲିସର ଦାୟୀତ୍ୱ ନୁହେଁ ପ୍ରତ୍ୟେକ ନାଗରିକ ମଧ୍ୟ ସଚେତନତା ରହିବା ଓ ଅନଲାଇନ ତଥ୍ୟ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପର ଆବଶ୍ୟକତା ରହିଛି। ସାଇବର ଅପରାଧୀମାନେ ବିଭିନ୍ନ ନୂତନ ଉପାୟ ଅବଲମ୍ବନ କରିବା ସହ ସାଧାରଣଲୋକଙ୍କୁ ଠକୁଛନ୍ତି, ତେଣୁ ବ୍ୟାଙ୍କ ଖାତା, ଆଧାର ନମ୍ବର, ଓଟିପି, ପାସ୍‌ୱାର୍ଡ ଭଳି ଗୁପ୍ତ ତଥ୍ୟ କାହାକୁ ମଧ୍ୟ ଦେବା ଉଚିତ ନୁହେଁ ବୋଲି କହିଥିଲେ। ଏହି ଅବସରରେ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଉପସ୍ଥିତ ରହି ସାଇବର ସୁରକ୍ଷା ନେଇ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଆସନ୍ତା ୨ ତାରିଖରେ ସାଇବର ସୁରକ୍ଷା ରଥ ଜୟପୁରରେ ପହଞ୍ଚିବ ଏବଂ ବିକ୍ରମଦେବ କଲେଜ ପଡିଆରେ ଠାରେ ମହିଳା, ବରିଷ୍ଠ ନାଗରିକ ଓ ପୁରଷ ଏହିପରି ୩ଟି ବର୍ଗରେ ୫କିଲୋମିଟର ଦୌଡ଼ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସ୍ଥାନୀୟ ରଥପଡିଆ ଠାରେ ଏକ ପଥପ୍ରାନ୍ତ ନାଟକ କରାଯାଇ ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯିବ। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗୀତା ଏବଂ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏପରିକି ସଚେତନତା କାର୍ଯ୍ୟକ୍ରମ ଗ୍ରାମସ୍ତର ପର୍ଯ୍ୟନ୍ତ ପହଞ୍ଚାଇବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରୟାଲ ଜୁନିଅର କଲେଜର ଛାତ୍ରଛାତ୍ରୀଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## 'ମୋନ୍ଥା'ପ୍ରଭାବରେ ଭାଙ୍ଗିଲା ଘର

ଦାମନଯୋଡି,୨୯।୧୦(ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ସିମିଳିଗୁଡା ବ୍ଲକ୍‌ର ଚାରାଙ୍ଗୁଲ୍ ପଞ୍ଚାୟତରେ ଦୁଇଟି ଘର ଭାଙ୍ଗିଥିବା ସୂଚନା ମିଳିଛି। ଖବର ନେବାରେ ଜଣାପଡିଛି କି, ଉକ୍ତ ଗ୍ରାମର ରାମ ନାୟକ ଓ ଦାସୀ ମୁଦୁଲିଙ୍କ ଘର ଭାଙ୍ଗିଯାଇଛି। ବାତ୍ୟା ପ୍ରଭାବରେ ମଙ୍ଗଳବାର ଦିନ ଏ ଅଞ୍ଚଳରେ ପବନ ସହ ତୁହାକୁ ତୁହା ବର୍ଷା ଲାଗି ରହିଥିଲା। ଫଳରେ ଦୁଇ ଜଣଙ୍କ ଘର ଭାଙ୍ଗିଥିବା ସୂଚନା ହସ୍ତଗତ ହୋଇଛି। ଖବର ପାଇ ଚାରାଙ୍ଗୁଲ୍ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ତେବେ ପ୍ରଭାବିତ ବ୍ୟକ୍ତି ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## 'ବଜାଜ ଗୋଲ୍ଡ ଲୋନ୍' ଶାଖା ଉଦ୍‌ଘାଟିତ



ସେମିଳିଗୁଡା, ୨୯।୧୦ (ସମିସ): କୋରାପୁଟ ଜିଲ୍ଲାରସେମିଳିଗୁଡାରେବଜାଜ୍‌ଗୋଲ୍ଡଲୋନର ନୂତନ ଶାଖା ଉଦ୍‌ଘାଟନ ହୋଇଛି। ସେମିଳିଗୁଡା ଜାତୀୟ ରାଜପଥ କଡ଼ ମୁଖ୍ୟ ବଜାର ନିକଟରେ ବଜାଜ ଗୋଲ୍ଡ ଲୋନର ନୂତନ ଶାଖାକୁ ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ତଥା ବିଜେପି ନେତ୍ରୀ ସ୍ନିଗ୍ଧାରାଣୀ ମିଶ୍ର ଫିତାକାଟି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ବହୁ ଲୋକ, ବ୍ୟବସାୟୀ, ସୁନା ବ୍ୟବସାୟୀ ଉପସ୍ଥିତ ଥିଲେ। ସେମିଳିଗୁଡା ଭଳି ଏକ ବ୍ୟବସାୟିକ ପେଣ୍ଠ ସ୍ଥଳୀରେ ଏହାର ନିହାତି ଆବଶ୍ୟକତା ଥିଲା ଓ ଆବଶ୍ୟକତା ସମୟରେ ଲୋକ ଘରୋଇ ଭାବେ ସୁନା ବନ୍ଧକ ଦେଇ ଚଢା ସୁଧ ଗଣୁଛନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ମିଶ୍ର କହିଥିଲେ। ଆଞ୍ଚଳିକ ପ୍ରବନ୍ଧକ କମଳ କୁମାର ବେସ୍ରା ଗୋଲ୍ଡ ଲୋନର ନିୟମାବଳୀ ବୁଝାଇ ଥିଲେ। କାର୍ଯ୍ୟକ୍ରମରେ ଶାଖାର ଶାଖା ପ୍ରବନ୍ଧକ ବିନିତ ସାମଲ, ପ୍ରଦୀପ କୁମାର ବେହେରାମାଳୀ, ଆର୍.ଏମ୍.ଭାସ୍କର ମସିଆ, ସତ୍ୟ ପ୍ରକାଶ ପାଲ ସହଯୋଗ କରିଥିଲେ। ଆଜି ଅନେକ ଲୋକ ସୁନା ଜମା ଦେଇ ଋଣ ନେଇଥିବା ଦେଖିବାକୁ ମିଳିଥିଲା।

## ରାୟଗଡ଼ା ୱାର୍କସ୍ କ୍ଲବର ନିର୍ବାଚନ; ବ୍ରଜସୁନ୍ଦର ସଭାପତି, ମନ୍ମଥ ସମ୍ପାଦକ



ରାୟଗଡା,୨୯.୧୦(ସମିସ) ରାୟଗଡା ୱାର୍କସ୍ କ୍ଲବ ପକ୍ଷରୁ ୨୦୨୫- ୨୦୨୬ ବର୍ଷ ନିମନ୍ତେ ସ୍ଥାନୀୟ ପ୍ରେମ ପାହାଡ଼ କାର୍ଯ୍ୟାଳୟ ଠାରେ ନୂତନ କାର୍ଯ୍ୟକର୍ତ୍ତା ଚୟନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ତଥା ସଦସ୍ୟ ବ୍ରଜ ସୁନ୍ଦର ନାୟକ ନିର୍ବାଚିତ ହୋଇଥିବା ବେଳେ ଉପ ସଭାପତି ଭାବେ ପ୍ରଭାକର ଦୋରା, ଜଳନ୍ଧର ପୁଷିକା, ସମ୍ପାଦକ ଭାବେ ମନ୍ମଥ ତ୍ରିଳ, ସହ ସମ୍ପାଦକ ବିଶ୍ୱନାଥ ସାହୁ, କୋଷାଧକ୍ଷ ଭାବେ ଗୋପାଳ ଜୈନ୍ ନିର୍ବାଚିତ ହୋଇଛନ୍ତି। ସେହିପରି କ୍ଲବ ଲୋକସମ୍ପର୍କ ଅଧିକାରୀ ଭାବେ ଡାଲିରାଜୁ ଏବଂ ତ୍ରିପତି ପଣ୍ଡା, ଜଲି ୱାକର ଭାବେ ରାଜ କିଶୋର ସାହୁ ଏବଂ ଦାଶରଥି ଶବର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ନୂତନ କର୍ମକର୍ତ୍ତାଙ୍କୁ କ୍ଲବ ତରଫରୁ ଶୁଭେଚ୍ଛା ଜଣାଯାଇ ଥିବା ବେଳେ ସମସ୍ତଙ୍କ ସହଯୋଗରେ କ୍ଲବର ଆଗାମୀ ଭବିଷ୍ୟତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଭାପତି ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

# କୁନ୍ଦୁରା ବ୍ଲକ୍‌ରେ 'ପରବ' ଶୁଭାରମ୍ଭ ପାଇଁ ଦାବି



### ପ୍ରଶାସନ ନ ଶୁଣିଲେ ଉତ୍ସବ ବର୍ଜନ

କୁନ୍ଦୁରା,୨୯।୧୦(ସମିସ): କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେବାକୁ ଥିବା ପରବ ୨୦୨୫କୁ ବିରୋଧ କରିବେ କୁନ୍ଦୁରା ବ୍ଲକ୍‌ବାସୀ। କୁନ୍ଦୁରା ବ୍ଲକରେ ଜିଲ୍ଲାସ୍ତରୀୟ ପରବ ଶୁଭାରମ୍ଭ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ପି.ମନସ୍ମିତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, କୋରାପୁଟ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏକାଧିକ ଥର ଜିଲ୍ଲା ସ୍ତରୀୟ ପରବ ଶୁଭାରମ୍ଭ ହୋଇଛି । ସେଠାରୁ ସମସ୍ତ ବ୍ଲକ ମଶାଲ ନେଇ ପଞ୍ଚାୟତ ଓ ବ୍ଲକ ସ୍ତରୀୟ ପରବ ପାଳନ କରିଥାନ୍ତି । ଏହା ଭିତରେ ପ୍ରାୟ ୨୯ ବର୍ଷ ବିତିଗଲାଣି । କିନ୍ତୁ କୁନ୍ଦୁରା ବ୍ଲକରେ ଥରେ ବି ଜିଲ୍ଲା ସ୍ତରୀୟ ପରବ ଶୁଭାରମ୍ଭ ହୋଇନାହିଁ। ଏ ନେଇ ବ୍ଲକ ପ୍ରଶାସନ ମାଧ୍ୟମରେ ଜିଲ୍ଲା ପ୍ରଶାସନକୁ ବହୁବାର ଲିଖିତ ଅଭିଯୋଗ କରାଯାଇଛି । ତଥାପି ଏ ଦିଗରେ ପଦକ୍ଷେପ ନିଆଯାଉ ନାହିଁ । କୁନ୍ଦୁରା ବ୍ଲକରେ ବହୁ ସ୍ଥାନରେ ରାଜା ରାଜୁଡ଼ା ଅମଳରୁ ପୂଜା ପାଉଥିବା ଦେବାଦେବୀ ପୀଠ ରହିଛି। ଗତ ବର୍ଷ କୁନ୍ଦୁରା ବ୍ଲକରେ ଶୁଭାରମ୍ଭ ପାଇଁ ଦାବି ହୋଇଥଲା । ଏହି ବର୍ଷ ୨୦୨୫ରେ କରାଯିବା ନେଇ ଜିଲ୍ଲା ପ୍ରଶାସନରୁ ପ୍ରତିଶୃତି ମିଳିଥିଲା। କିନ୍ତୁ ଚଳିତ ବର୍ଷ ଲକ୍ଷ୍ମୀପୁର ବ୍ଲକରେ ଶୁଭାରମ୍ଭ ହେବାନେଇ ନିଷ୍ପତ୍ତି ହୋଇଛି । ତେବେ କାହିଁକି କୁନ୍ଦୁରା ବ୍ଲକକୁ ଅଣଦେଖା କରାଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋରାପୁଟ ଜିଲ୍ଲା ମାନଚିତ୍ରରେ କୁନ୍ଦୁରା ବ୍ଲକ ନାହିଁ କି ବୋଲି ପ୍ରଶ୍ନ କରାଯାଉ। କୁନ୍ଦୁରା ବ୍ଲକବାସୀଙ୍କ ଏହି ଦାବି ଅନୁସାରେ ଚଳିତ ବର୍ଷର ପରବକୁ କୁନ୍ଦୁରା ବ୍ଲକରୁ ଶୁଭାରମ୍ଭ କରିବାକୁ ଜିଲ୍ଲା ପ୍ରଶାସନକୁ ନିବେଦନ କରାଯାଇଛି। ବ୍ଲକବାସୀଙ୍କ ଏହି ଅନୁରୋଧ ଓ ଦାବିକୁ ଅଣଦେଖା କରାଗଲେ ବ୍ଲକ ପରବକୁ ବର୍ଜନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଚଳିତ ବର୍ଷ ପରବ ଲୋକ ମହୋତ୍ସବରେ କୌଣସି କଳା, ସଂସ୍କୃତି ପ୍ରଦର୍ଶନ କରାଯିବ ନାହିଁ। ପରବ ଶେଷ ହେବା ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟରେ ବ୍ଲକ ବାସୀଙ୍କ ସହଯୋଗ ରହିବ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ଏବଂ ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ ଏ ନେଇ କ୍ଷୋଭ ପ୍ରକାଶ କରି କହିଛନ୍ତି। ସେମାନେ ଜିଲ୍ଲା ପରିଷଦର ସଭ୍ୟ ହୋଇ ବି ପ୍ରସ୍ତୁତି ବୈଠକ ବିଷୟରେ ଅବଗତ ନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅତିରିକ୍ତ ବ୍ଲକ ଅଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ସହିଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ସମ୍ପାଦକ ତ୍ରିନାଥ ସମରଥ,ବରିଷ୍ଠ ଉପ ସଭାପତି ଚନ୍ଦ୍ର ସଗରିଆ,କାର୍ଯ୍ୟକାରୀ ସଭାପତି ଭଜମନ ସାନ୍ତା,ବ୍ଲକ କଳା ସଂସ୍କୃତି ବିକାଶ ପରିଷଦ ଉପ ସଭାପତି ଭୀମ ନାୟକ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା, ବିଧାୟକ ପ୍ରତିନିଧି ବଦ୍ରୀ ନାରାୟଣ ଆଚାର୍ଯ୍ୟ, କଳାକାର ସଙ୍ଘ ଏବଂ ମୂଳ ଅଧିବାସୀ ସଙ୍ଘର କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ ।


**OFFICE OF THE EXECUTIVE ENGINEER** O-1160
**RURAL WORKS DIVISION, BARGARH**
e-Procurement Notice No. ONLINE-BGH-11 OF 2025-26

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.
Superintending Engineer
R.W. Division, Bargarh
OIPR-25062/11/0037/2526

No. 4107 / Dated 25.10.2025 O-1203
**Government of Odisha "e" Procurement Notice**
**Bid Identification No. TENDER ONLINE SNPR-08 OF 2025-26**
1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
(1) Other details can be seen from detailed notice
(2) Inviting tenders available in website: www.tendersodisha.gov.in
(3) Corrigendum, if any, shall only be published in the website: www.tendersodisha.gov.in
Executive Engineer
Rural Works Division, Sonepur
OIPR-25054/11/0045/2526

**Government of Odisha "e" Procurement Notice Bid Identification No.37/2025-26** C-1344

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Supertintending Engineer,
P.H. Division, Bhubaneswar
OIPR-13205/11/0040/2526

## ଏନଆଇଏଲପି ଉଲ୍ଲାସ କାର୍ଯ୍ୟକ୍ରମ



ବଲାଙ୍ଗିର,୨୯ ।୧୦(ସମିସ): ବଲାଙ୍ଗିର ଜିଲ୍ଲାରେ ନିଉ ଇଣ୍ଡିଆ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ନିରକ୍ଷରମାନଙ୍କ ଏକ ଏନଆଇଏଲପି(ଉଲ୍ଲାସ) ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାରେ ଥିବା ସମସ୍ତ ଏଲିମେଣ୍ଟାରୀ ସ୍କୁଲରେ ନିରକ୍ଷରଙ୍କୁ ସାମିଲ କରି ସେମାନଙ୍କ ଏକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମୁଦାୟ ୩୨ ହଜାର ୬୧୨ ଜଣ ସାମିଲ ହୋଇଥିଲେ । ଏଥିରେ ମହିଳାମାନଙ୍କ ସାକ୍ଷରତାକୁ ବିଶେଷ ଭାବେ ଧ୍ୟାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୧ ହଜାର ୨୬୩ ଜଣ ମହିଳା ସାମିଲ ହୋଇଥିବା ବେଳେ ୧୧ ହଜାର ୩୪୯ ପୁରୁଷ ସାମିଲ ହୋଇଥିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ହରିଶଙ୍କରରେ ଗଜସାଥି ତାଲିମ ଶିବିର



ଖପ୍ରାଖୋଲ,୨୯ ।୧୦(ସମିସ): ହରିଶଙ୍କର ବନ ବିଭାଗ ଡାକ ବଙ୍ଗଳାରେ ବନ ବିଭାଗ ତରଫରୁ ଗାଜସାଥିଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ତାଲିମ ଶିବିରରେ ତାଲିମଦାତା ରୂପେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ଖପ୍ରାଖୋଲ ବନପାଳ ସୁଧୀର ଜେନା, ରେଙ୍ଗାଲି ବନପାଳ ବିପିନ ସାହୁ, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା ଯୋଗ ଦେଇଥିଲେ । ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳକୁ ହାତୀ ଆସୁଥିବାରୁ ହାତୀଙ୍କ ସୁରକ୍ଷା ସହିତ ଧନ ଜୀବନ ସୁରକ୍ଷା ପାଇଁ ଗଜସାଥିଙ୍କ କର୍ତ୍ତବ୍ୟ ଉପରେ ତାଲିମ ପ୍ରଦାନ କରିଥିଲେ । ଆମ ଜଙ୍ଗଲ ଯୋଜନାର ବ୍ଲକ ସଂଯୋଜକ ତହସିଲ ବାଗଙ୍କ ଅଧ୍ୟକ୍ଷତାରେ ବିଷ୍ଣୁ ଛୁରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନରକ୍ଷୀ, ବନ୍ୟପ୍ରାଣୀ ସୁରକ୍ଷା ଦଳ, ଗଜସାଥି ଉପସ୍ଥିତ ଥିଲେ ।

## ପୃଥ୍ୱୀରାଜ ଗୋଶାଳାରେ ଗୋପାଷ୍ଟମୀ ଉତ୍ସବ

ବଲାଙ୍ଗିର,୨୯ ।୧୦(ସମିସ): ବଲାଙ୍ଗିରର ସର୍ବ ପୁରାତନ ପୃଥ୍ୱୀରାଜ ଗୋଶାଳାରେ ଗୋପାଷ୍ଟମୀ ଉତ୍ସବ ପାଳିତ ହୋଇଛି । ପାଟଣା ଶାସନ ସମୟର ସର୍ବ ପୁରାତନ ପୃଥ୍ୱୀରାଜ ଗୋଶାଳାକୁ ମହାରାଜ ପୃଥ୍ୱୀରାଜ ସିଂଦେଓ ୧୯୧୯ରେ ନିର୍ମାଣ କରିଥିଲେ । ସେହିଦିନଠାରୁ ଏଠାରେ ଧୁମଧାମରେ କାର୍ତ୍ତିକ ଶୁକ୍ଲପକ୍ଷ ଅଷ୍ଟମୀ ଅତିଥିରେ ଗୋପାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ଏଠାରେ



ଗୋଶାଳାର ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇଛି । ପୂଜ୍ୟ ସ୍ୱାମୀ ଶ୍ୟାମାନନ୍ଦ ଦାସଜୀ ମହାରାଜ ଗୋ ମହାତ୍ମ୍ୟ ଉପରେ ପ୍ରବଚନ ହୋଇଥିଲେ । ଗୋଶାଳ କମିଟି ସଭାପତି ନରେନ୍ଦ୍ର ଜୈନ, ସମ୍ପାଦକ ପ୍ରଫୁଲ୍ଲ ଜୈନ, କୋଷାଧ୍ୟକ୍ଷ ବିକାଶ ଅଗ୍ରୱାଲ, ଜୈନ ସମାଜ ରାଜ୍ୟ ସଭାପତି ମନୋଜ ଜୈନ, ମାରୱାଡି ସମାଜ ସଭାପତି ସଂଜୟ ଅଗ୍ରୱାଲ, ଶ୍ରୀରାମ ଚରିତ ମାନସ ମନ୍ଦିର ସଭାପତି ସନ୍ତୋଷ ଅଗ୍ରୱାଲ, ପୂର୍ବସଭାପତି ସଦସ୍ୟ ବଜରଙ୍ଗ ଅଗ୍ରୱାଲ ଓ ନକୁଳ ଅଗ୍ରୱାଲଙ୍କ ସମେତ ପରି.ଳନା କମିଟି ସଦସ୍ୟ ସହଯୋଗ କରିଥିଲେ । ପଣ୍ଡିତ ବିଜୟ ଶର୍ମା ପୂଜା ଓ ଅନୁଷ୍ଠାନ କାର୍ଯ୍ୟ ପରିଚାଳନା କରିଥିଲେ ।

## ଭ୍ରାମ୍ୟମାଣ ଆଇନ ସେବା ଶିବିର

ବଲାଙ୍ଗିର,୨୯ ।୧୦(ସମିସ): ବିଡିଘାଟ ପଞ୍ଚାୟତରେ କ୍ଲାପ ଏବଂ ଆଇନସେବା ପ୍ରାଧିକରଣ ଦ୍ୱାରା ଦିନିକିଆ ଆଇନ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ଲାପର ସଦାନନ୍ଦ ବାଗ, ବିଜୟଶ୍ରୀ ବାରିକ ଏବଂ କ୍ଲାପର ଆଇନ ଉପଦେଷ୍ଟା ଚନ୍ଦ୍ରଦେବ ପୁରୋହିତ ଉପସ୍ଥିତ ରହି ବିଭିନ୍ନ ସ୍ଥାନରୁ ଆସିଥିବା ଲୋକଙ୍କ ଆଇନଗତ ସମସ୍ୟାର ସମାଧାନ କରିଥିଲେ । ଶିବିରରେ ୮୦ରୁ ଅଧିକ ଲୋକଙ୍କ ଆଇନଗତ ସମସ୍ୟାର ସମାଧାନ କରାଯାଇଥିଲା । ଜାଗ୍ରୁତି ଅନୁଷ୍ଠାନର ସଭାପତି ବିକାଶ ଦୀପ, ସଂପାଦକ ପରିତୋଷ ବାଗ, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପାଲ, ଅନୁଷ୍ଠାନର ଉପଦେଷ୍ଟା ଯଦୁପତି ନାଥ, ଜୋଥମ ନନ୍ଦଙ୍କ ସହଯୋଗରେ ଏହି କାର୍ଯ୍ୟଖ୍ରମ ଅନୁଷ୍ଠିତ ହୋଇଥିଲା ।




## କେନ୍ଦୁଗଣ୍ଠି ବୋଝେଇ ପିକ୍‌ଅପ୍ ଜବତ
# ଡେଇଁ ପଳାଇଲା ମୁଖ୍ୟ କାଠ ମାଫିଆ

ପାଟଣାଗଡ଼,୨୯ ।୧୦ (ସମିସ)



### ଡ୍ରାଇଭରକୁ ଗିରଫ କରି ବନ ବିଭାଗ ସନ୍ତୁଷ୍ଟ

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଫରେଷ୍ଟ ରେଞ୍ଜ ଲରମ୍ଭା ସେକ୍ସନ ଅଧୀନ ଘୁମେର ଛକଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଙ୍ଗଲ ବିଭାଗ ଏକ ବେଆଇନ କେନ୍ଦୁଗଣ୍ଠି ବୋଝେଇ ପିକଅପ୍ (ଓଆର ୦୨ ଏଏମ ୪୦୬୩) ଜବତ କରିଛି । ଏହାସହ ଗାଡି ଚାଳକଙ୍କୁ ଗିରଫ କରିଛି । ଗିରଫ ଗାଡି ଚାଳକ ଜଣକ ହେଲେ ପାଟଣାଗଡ଼ ଥାନା ମଲ୍ଲିକମୁଣ୍ଡା ଗାଁର ମହେନ୍ଦ୍ର କୁଅଁର (୩୮) । ଏଥିସହ ଏହି କାରବାରରେ ସମ୍ପୃକ୍ତ ମୁଖ୍ୟ କାଠ ମାଫିଆ ସରଜୁ ମେହେରର ହାତ ରହିଥିବା ତଦନ୍ତରେ ସ୍ପଷ୍ଟ ହୋଇସାରିଛି । ଏଣୁ ତା ନାମରେ ମଧ ମାମଲା ରୁଜୁ ହେବା ସହ ତାକୁ ମଧ ଶୀଘ୍ର ଗିରଫ କରାଯିବ ବୋଲି ଡିଏଫଓ ଅଜିତ ବିଶି ସୂଚନା ଦେଇଛନ୍ତି ।

ଲରମ୍ଭା ସେକ୍ସନ ଅଧୀନ ମହଦା ଜଙ୍ଗଲରୁ ମଙ୍ଗଳବାର ରାତ୍ରି ୧୦ଟାରେ ଏକ ପିକଅପ ତମିଆଁରୁ ପାଟଣାଗଡ଼ ରାସ୍ତା ଦେଇ କୁକୁରମୁଣ୍ଡାର ମୁଖ୍ୟ କାଠ ମାଫିଆ ସରଜୁ ଘରକୁ ଯାଉଥିଲା । ଏହି ସମୟରେ ଘୁମେର ଅଁଏଁଲାତୁଙ୍ଗା ରାସ୍ତାରେ ପାଟ୍ରୋଲିଂରେ ଥିବା ବନ ବିଭାଗର ଏକ ଟିମ୍ ଘୁମେର ଛକଠାରେ ପିକଅପକୁ ଅଟକାଇବାକୁ ଚେଷ୍ଟା କରିଥିଲା । ଗାଡିର ବାମ ପଟେ ବସିଥିବା ମୁଖ୍ୟ କାଠ ମାଫିଆ ସରଜୁ ଚଳନ୍ତା ଗାଡିରୁ ଡିଆଁ ମାରି ଦାବକାନି ନିକଟସ୍ଥ ଜଙ୍ଗଲରେ ପଶି ଯାଇଥିଲା । ବନ ବିଭାଗ କର୍ମଚାରୀ ଖୋଜିଥିଲେ ମଧ ତାକୁ ପାଇ ନ ଥିଲେ । ବନ ବିଭାଗ କେନ୍ଦୁଗଣ୍ଠି ବୋଝେଇ ପିକଅପ୍ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି ରେଞ୍ଜ ଅଫିସକୁ ନେଇଥିଲେ । ଏହାପରେ ଡ୍ରାଇଭରକୁ ବିଭାଗ ତରଫରୁ ଅଧିକ ପଚରାଉଚୁରା କରାଯାଇଥିଲା । ଏହି କାରବାରରେ କୁକୁରମୁଣ୍ଡା ଗାଁର କାଠ ମାଫିଆ ସରଜୁ ମାଷ୍ଟରମାଇଣ୍ଡ ବୋଲି ଲରମ୍ଭା ଫରେଷ୍ଟର ବିରଞ୍ଚି କୁମ୍ଭାର କହିଛନ୍ତି । ବେଆଇନ କାଠ ଚୋରାଚାଲାଣ ଅଭିଯୋଗରେ ଏକ ମାମଲା ରୁଜୁ କରି ଗିରଫ ହୋଇଥିବା ଡ୍ରାଇଭର ମହେନ୍ଦ୍ର କୁଅଁରକୁ କୋର୍ଟ ଚାଲାଣ କରାଯାଇଛି । ଜବତ ୧୫ ଖଣ୍ଡ କେନ୍ଦୁଗଣ୍ଠି (୨୪.୫୩ ଘନଫୁଟ)ର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି । ଏହି ଚଢ଼ଉରେ ଫରେଷ୍ଟର ଶ୍ରୀ କୁମ୍ଭାରଙ୍କ ସହ ନିତ୍ୟାନନ୍ଦ ମିର୍ଦ୍ଧା, ସ୍ୱର୍ଣ୍ଣଲତା ଭୋଇ, ହେମ ସାଗର ସିଂ, ଉତ୍ତମ ସିଂ, କୃଷ୍ଣ ସିଂ ପ୍ରମୁଖ ବନ କର୍ମଚାରୀ ସାମିଲ ଥିଲେ । ପ୍ରକାଶଥାଉ କି ଗତ କିଛି ମାସ ତଳେ ବେଆଇନ କାଠ ଚୋରାଚାଲାଣ ଅଭିଯୋଗରେ କାଠ ମାଫିଆ ସରଜୁକୁ ବନ ବିଭାଗ ଗିରଫ କରିଥିଲା । ଜେଲରୁ ମୁକୁଳି ପୁଣି ସେ କାଠ ଚୋରାଚାଲାଣରେ କାୟା ବିସ୍ତାର କରିବାରେ ଲାଗିଛି ।

### ମୁରିବାହାଲରେ ସାଇବର ସୁରକ୍ଷା ଅଭିଯାନ ସଚେତନତା
## 'ସଚେତନ ରୁହ, ବିପଦରୁ ମୁକ୍ତି ପାଅ'




ମୁରିବାହାଲ, ୨୯ ।୧୦(ସମିସ): ମୁରିବାହାଲ ଡିଗ୍ରୀ କଲେଜରେ ମୁରିବାହାଲ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଚେତନ ରୁହ, ବିପଦରୁ ମୁକ୍ତି ପାଅ ବୋଲି ପୁଲିସ ପରାମର୍ଶ ଦେଇଛି ।

ମୁରିବାହାଲ ଥାନା ଅଧିକାରୀ ସନାତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁରିବାହାଲ ବିଡ଼ିଓ ବାସନ୍ତୀ ସେଠି, ଡିଗ୍ରୀ କଲେଜ ଅଧକ୍ଷ ସରୋଜ ନାଏକ, କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ସାଇବର ଥାନା ଅଧିକାରୀ ଅଲେଖ ଗର୍ଡିଆ, ମଧୁ ସାହୁ, ତହସିଲଦାର ଜଗଦୀଶ କର୍ତ୍ତାମୀ, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଶକ୍ତି ସ୍ୱରୂପ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ସାଇବର ଠକାମୀ ରୋକିବା ପାଇଁ ସଚେତନତା ଅବଲମ୍ବନ କରିବା ସହ ସାଇବର ଓଡ଼ିଶା ସୁରକ୍ଷା ଗଠନ ପାଇଁ ଲୋକଙ୍କୁ ସଚେତନ କରିଥିଲେ । ପରେ ସାଇବର ସୁରକ୍ଷା ନେଇ ଶପଥ ପାଠ କରାଯାଇଥିଲା । ନିକଟରେ ଘଟିଥିବା ସାଇବର ଅପରାଧ ବିଷୟରେ ଆଲୋଚନା କରି ସେଥିରୁ କିପରି ନିଜେ ରକ୍ଷା ପାଇ ଅନ୍ୟମାନଙ୍କୁ ରକ୍ଷା କରିହେବ ସେ ବିଷୟରେ ସଚେତନତା କରାଯାଇଥିଲା । ସାଇବର ହେଲ୍ପ ଲାଇନ ନମ୍ବର ୧୯୩୦ ବିଷୟରେ ବିସ୍ତୃତ ଭାବେ ବୁଝାଯାଇଥିଲା । ସାଇବର ଠକେଇର ଶିକାର ହେଲେ କିପରି ତାହାର ଲାଭ ନେଇ ହେବ ସେ ବିଷୟରେ ଲୋକଙ୍କୁ ବୁଝାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ଏସଆଇ ପ୍ରମୋଦ ପ୍ରଧାନ, ଏସଆଇ ପାଙ୍କଜିନି ବାଗ, ଏଏସଆଇ ସୁଶିଲ ମହାପାତ୍ର, କନେଷ୍ଟବଳ ମହେଶ ଧାରୁଆ, ରବୀନ୍ଦ୍ର ନାଗ, ସୁଶାନ୍ତ ପଧାନ, ଡିଗ୍ରୀ କଲେଜ ଏବଂ ଓଏଭିର ଛାତ୍ରଛାତ୍ରୀ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ ।

## ବଲାଙ୍ଗିର ହେବ ହରଡ ବିହନ ଉତ୍ପାଦନର ଅଗ୍ରଣୀ ଜିଲ୍ଲା

ବଲାଙ୍ଗିର,୨୯ ।୧୦(ସମିସ): ବଲାଙ୍ଗିର ଜିଲ୍ଲାରେ ଓଡିଶା ସରକାରଙ୍କ କୃଷି ବିଭାଗ ଓ ଅନ୍ତର୍ଜାତୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା କେନ୍ଦ୍ର (ଇକାର୍ଡା)ଙ୍କ ମିଳିତ ଆନୁକୂଲ୍ୟରେ ବିଲୁପ୍ତ ପ୍ରାୟ ଫସଲ ସମୂହର ପୁନରୁଦ୍ଧାର ନିମନ୍ତେ ଦୀର୍ଘସ୍ଥାୟୀ ସଘନ କୃଷି ଯୋଜନା ମାଧ୍ୟମରେ ୧୦୦୦ ହେକ୍ଟରରେ ଅଧିକ ଅମଳକ୍ଷମ ହରଡ ବିହନ ଉତ୍ପାଦନ କାର୍ଯ୍ୟକ୍ରମ ନିଆଯାଇଛି । ହରଡ ବିହନ ଉତ୍ପାଦନରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ସହିତ ଚାଷୀଙ୍କ ଆର୍ଥିକ ଉନ୍ନତି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ପ୍ରଣୟନ କରାଯାଉଛି । ଏହି କ୍ରମରେ ଇକାର୍ଡା ସଂସ୍ଥାର ଆଞ୍ଚଳିକ ସଂଯୋଜକ (ଦକ୍ଷିଣ ଏସିଆ ଓ ଚୀନ) ଡ. ଶିବ କୁମାର ଅଗ୍ରୱାଲ ଓ ଓଡିଶା ପ୍ରତିନିଧି ଡ. କିଶୋର କୁମାର ବେହେରା ଦେଓଗାଁ ବ୍ଲକର ପରୁଆଭାଡି ଗ୍ରାମରେ ପରୀକ୍ଷାମୂଳକ ଭାବରେ .ଷ କରାଯାଇଥିବା ଅଧିକ ଅମଳକ୍ଷମ ହରଡ ବିହନ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି ଗ୍ରାମରେ ୧୦ଟି ପ୍ରଜାତିର ଅଧିକ ଅମଳକ୍ଷମ ହରଡ ବିହନର ପରୀକ୍ଷାମୂଳକ ଭାବରେ .ଷ କରାଯାଇଛି । ଏହି କ୍ଷେତ୍ର ପରିଦର୍ଶନ ସହିତ ଦେଓଗାଁ ଓ ପାଟଣାଗଡ ବ୍ଲକର ବିଭିନ୍ନ ଅଗ୍ରଣୀ .ଷୀଙ୍କ ହରଡ ବିହନ ଉତ୍ପାଦନ କ୍ଷେତ୍ରକୁ ଡ. ଅଗ୍ରୱାଲ ନିରୀକ୍ଷଣ କରିଥିଲେ । ପରିଦର୍ଶନ ପରେ ଜିଲ୍ଲାର ହରଡ ବିହନ ଉତ୍ପାଦନକାରୀ ଅଗ୍ରଣୀ .ଷୀଙ୍କ ସହିତ ମତ ବିନିମୟ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ଯୋଜନାରେ ଗତ ୩ ବର୍ଷରେ ବଲାଙ୍ଗିର ଜିଲ୍ଲାର ହରଡ ବିହନ ଉତ୍ପାଦନ କରି ୧୦୦୦ କ୍ୱିଣ୍ଟାରୁ ଅଧିକ ଅମଳକ୍ଷମ ହରଡ ବିହନକୁ ଓଡିଶା ରାଜ୍ୟ ବିହନ ନିଗମକୁ ଯୋଗାଇ ଦିଆଯାଇଛି । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରି ବଲାଙ୍ଗିରକୁ ହରଡ ବିହନ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା ।

## ଗୋପପୁରରେ କୃଷ୍ଣବଳରାମଙ୍କୁ ବରଣ

ବଙ୍ଗୋମୁଣ୍ଡା,୨୯ ।୧୦(ସମିସ):ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାର ଆୟୋଜିତ ହେବାକୁ ଥିବା ୩୯ତମ ବଙ୍ଗୋମୁଣ୍ଡା ଧନୁଯାତ୍ରା ମହୋତ୍ସବରେ ବଙ୍ଗୋମୁଣ୍ଡାକୁ ମଥୁରାନଗରୀ ଏବଂ ଗୋହିରାପଦରକୁ ଗୋପପୁର କରାଯାଇଛି । ଗୋପପୁର ଗୋହିରାପଦରରେ କୃଷ୍ଣ ରୂପେ ଆଲୋକ ମେହେର ଓ ବଳରାମ ରୂପେ ମୁକେଶ ମେହେରଙ୍କୁ ବରଣ କରାଯାଇଛି । ମଥୁରାନଗରୀ ବଙ୍ଗୋମୁଣ୍ଡାର କୃଷ୍ଣ-ରୋହନ ମନହୀରା, ବଳରାମ ସିଦ୍ଧାର୍ଥ ପୁଟେଲଙ୍କୁ ବରଣ କରାଯାଇଛି । ଏଥିରେ ଧନୁଯାତ୍ରା ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଆନନ୍ଦ ଅଗ୍ରୱାଲ, ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ପୁଟେଲ, ସାଂସ୍କୃତିକ ସମ୍ପାଦକ ଘନଶ୍ୟାମ ମନହୀରା, ଉପ ସଭାପତି ଶରତ ଚନ୍ଦ୍ର ସିଂ ଭୋଇ, ଉପ ସଭାପତି ଡ. ନାରାୟଣ ମିଶ୍ର, ନବୀନ ମନହୀରା, ଲୋକସମ୍ପର୍କ ଅଧିକାରୀ ବୈକୁଣ୍ଠ ସା, ଅର୍ଦ୍ଧେନ୍ଦୁ ଦାସ ଯାଦବ, ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ବଲାଙ୍ଗୀରର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ସାମ୍ବାଦିକ ପୁଷ୍ପକେତୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ । ଆୟୋଜକ ଗୋପପୁର କମିଟିର ସଭାପତି ବିନୋଦ ମେହେର, ଉପସଭାପତି ବସନ୍ତ ମେହେର, ସମ୍ପାଦକ କ୍ଷମାସାଗର ମେହେର, ସହସମ୍ପାଦକ ବାବୁଲାଲ ମେହେର, କୋଷାଧ୍ୟକ୍ଷ ଭରତ ମେହେର, ଉପ କୋଷାଧ୍ୟକ୍ଷ ପ୍ରକାଶ ମେହେର, ଉପଦେଷ୍ଟା ହରିବନ୍ଧୁ ମେହେର, ବୈକୁଣ୍ଠ ହଂସ, ଭୋଳାନାଥ ମେହେର, ରାମ ଭୋଇ, ଭୁବନ ମେହେର, କ୍ଷମାସାଗର ମେହେର, ସଦସ୍ୟ ବିଜୟ ମେହେର, ନୌକା ରାଜ ମେହେର, ଶେଷଦେବ ମେହେର୍, ବବଲୁ ମେହେର, ରୁଦ୍ର ମେହେର, ଛିନୁ ମେହେର, ବିରସିଂ ଭୋଇ, ଚୈତନ ଅଦା, ଝସ କେତନ ପୋଡ୍, ନୀଳମଣି ଭାଟି, ମିନିକେତନ ଭାଟି ପ୍ରମୁଖଙ୍କ ସହ ଗ୍ରାମବାସୀ ସାମିଲ ହୋଇଥିଲେ । ବଙ୍ଗୋମୁଣ୍ଡା ଧନୁଯାତ୍ରା ମହୋତ୍ସବ ଆୟୋଜନ ନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

## ଫୁଟବଲ ଖେଳ ଏକତା ଶିକ୍ଷାଦିଏ



ବଲାଙ୍ଗିର,୨୯ ।୧୦(ସମିସ): ପୁଇଁତଲା ବ୍ଲକ୍ ବିଲେଇସର୍ଡା ଖେଳ ପଡିଆରେ ୧୭ବର୍ଷରୁ କମ୍ ବାଳକ ଓ ବାଳିକାମାନଙ୍କୁ ନେଇ ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଚି । ବ୍ଲକର ୪ଟି ଜୋନ ବିଲେଇସର୍ଡା, ବହଲପଦର, ମହିମୁଣ୍ଡା ଓ ଛତାପିପଲର ୮୦ଜଣ ଖେଳାଳି ଏଥିରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ ଯୋଗ ଦେଇଥିଲେ । ଫୁଟବଲ ଖେଳ ଏକତା ଶିକ୍ଷା ଦେଇଥାଏ । ଏହି ଖେଳରେ ସର୍ବଦା ସତର୍କ ଓ ଫୁର୍ତ୍ତି ରହିବାକୁ ପଡିଥାଏ ବୋଲି ସେ କହିଥିଲେ । କ୍ରୀଡା ସମ୍ପାଦକ ସୁଶାନ୍ତ ନାଗ ଏହି ଖେଳାଳି ଚୟନ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରଧାନ ଶିକ୍ଷକ ସ୍ୱାଧୀନ ସାହୁ, ପ୍ରଫୁଲ୍ଲ ସାହୁ, ବିନୋଦ ସୁନା, ଦିଲୀପ ବାରିକ, ଭାଗୀରଥି ବାଗ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ ଛତ୍ରିଆ, ଏସଏମସି ସଭାପତି ଅନନ୍ତ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ । ସୁଧାଂଶୁ ଶେଖର ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଶିକ୍ଷୟତ୍ରୀ ପ୍ରତିଶା ମିଶ୍ର ଧନ୍ୟବାଦ ଦେଇଥିଲେ । ରେଫରୀ ଭାବେ ସୁଖିରାଜ ବିଶ୍ୱାଳ, ଲାଇନ ମ୍ୟାନ ଭାବେ ସଚ୍ଚିଦାନନ୍ଦ ସାହୁ, ମିତ୍ରଭାନୁ ବିଶ୍ୱାଳ, ସନତ ଭୋଇ ଓ ରଜତ ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ । ପରିଚାଳନାରେ କ୍ରୀଡା ଶିକ୍ଷକ ଯଶୋବନ୍ତ ନାଏକ, ନିରୋତ୍ତମା ବିଶ୍ୱାଳ, ରଶ୍ମିତା ବିଶ୍ୱାଳ, ସରିତା ମେହେର, ସତ୍ୟଜିତ ବିଶ୍ୱାଳ, ସୁମତି ପଧାନ, ମମତା ମିଶ୍ର, ବସନ୍ତ ଷାଣ୍ଢ, ସଂକେତ ଯୋଶୀ, ହରେକୃଷ୍ଣ ନାଏକ, ପ୍ରେମାନନ୍ଦ ବିଶି, ଦେବୀ ପ୍ରସାଦ ରାଉତ ପ୍ରମୁଖ ସହଯୋଗ କରିଥିଲେ । ବାଳକମାନଙ୍କ ମଧ୍ୟରେ ୧୬ ଓ ବାଳିକାଙ୍କ ମଧ୍ୟରେ ୧୭ଜଣଙ୍କୁ ଶିବିରରେ ଚୟନ କରାଯାଇଥିଲା ।ଶିବିରରେ ଚୟନ ହୋଇଥିବା ଖେଳାଳି ୩୦ ତାରିଖରୁ ୩ ଦିନ ଧରି ଦେଓଗାଁ ବ୍ଲକ୍ ଉପରଝର ଆଞ୍ଚଳିକ ନୋଡାଲ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ।

### ନୋ ଏଣ୍ଟ୍ରି ଜୋନ୍ ପାଇଁ ଗଡୁଛି ମୁଣ୍ଡ
# କାଳ ପାଲଟିଛି କଟକଣା

ବଲାଙ୍ଗିର,୨୯ ।୧୦(ସମିସ): ବଲାଙ୍ଗିର ସହର ଉପକଣ୍ଠରେ ଥିବା ନୋ ଏଣ୍ଟ୍ରି ଜୋନ ଯୋଗୁଁ ପୁଣି ରାଜପଥରେ ମୁଣ୍ଡ ଗଡିଛି । ବଲାଙ୍ଗିର-ସୋନପୁର ୫୭ ନଂ ଜାତୀୟ ରାଜପଥ କଡରେ ଛିଡା ହୋଇ ରହିଥିବା ଟ୍ରକ୍‌ରେ ପିଟି ହୋଇ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି । କିଛି ଦିନ ପୂର୍ବରୁ ୨୬ ନଂ ଜାତୀୟ ରାଜପଥ ଜାମସର ନିକଟରେ ଏକ ଟ୍ରକ୍‌ର ପଛପଟେ ଏକ ବୋଲାରୋ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ମଧ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା । ୨ ବର୍ଷ ଭିତରେ ଏମିତି ଅନେକ ଦୁର୍ଘଟଣା ସାମ୍ନାକୁ ଆସିଛି । ରାସ୍ତାକଡରେ ନୋ ଏଣ୍ଟ୍ରି କଟକଣା ଯୋଗୁଁ ଛିଡା ହୋଇରହୁଥିବା ଭାରୀଯାନ ପାଇଁ ଏଭଳି ଦୁର୍ଘଟଣା ଘଟୁଛି ।



ବଲାଙ୍ଗିର ଦେଇ ଯାଇଥିବା ଦୁଇଟି ଜାତୀୟ ରାଜପଥ ଏବେ ଦୁର୍ଘଟଣାର ହଟ୍‌ସ୍ପଟ୍ ପାଲଟିଛି । ୨୬ ଓ ୫୭ ନଂ ଜାତୀୟ ରାଜପଥ ବଲାଙ୍ଗିର ସହର ଦେଇ ଯାଇଛି । ଆଜି ପର୍ଯ୍ୟନ୍ତ ବାଇପାସ୍ ନିର୍ମାଣ କାମ ସରିନାହିଁ । ଏହାଫଳରେ ଦିନବେଳା ସହର ଦେଇ ଭାରୀଯାନ ଯାତାୟାତ ଉପରେ କଟକଣା ଲଗାଯାଇଛି । ଏହି କଟକଣା କାରଣରୁ ମାସକୁ ଏକାଧିକ ଦୁର୍ଘଟଣା ଘଟୁଛି । ଯେଉଁଥିରେ ସାଧାରଣ ଲୋକଙ୍କ ଧନଜୀବନ ନଷ୍ଟ ହେଉଛି । ମଙ୍ଗଳବାର ଏହିଭଳି ଏକ ଦୁର୍ଘଟଣାରେ ଜଣେ ଯୁବ ଶିକ୍ଷକଙ୍କ ମୃତ୍ୟୁ ଘଟିଛି । ଏହା ପୂର୍ବରୁ କିଛି ଦିନ ତଳେ ବଲାଙ୍ଗିର-ଲୋଇସିଂହା ୨୬ ନଂ ଜାତୀୟ ରାଜପଥ ଜାମସର ନିକଟରେ ଏକ ଟ୍ରକ୍‌କୁ ଗୋଟିଏ ବୋଲେରୋ ପଛପଟୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବୋଲେରୋରେ କଳାହାଣ୍ଡି ଓ ନୂଆପଡାର ପ୍ରାୟ ୮ ଜଣ ବୁର୍ଲା ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରୁଥିଲେ । ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁଇ ଦୁର୍ଘଟଣା କେବଳ ଉଦାହରଣ ମାତ୍ର । ଏହିଭଳି ଅନେକ ଥର ଅଟକି ରହିଥିବା ଟ୍ରକ୍ ଯୋଗୁଁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ରାଜପଥ କଡକୁ ଖାଲି କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ ।

ସହରରେ ଭାରୀଯାନ ପାଇଁ ରହିଥିବା କଟକଣା ଯୋଗୁ ୨୬ ନଂ ଜାତୀୟ ରାଜପଥ ବଲାଙ୍ଗିର-ଲୋଇସିଂହା ରାସ୍ତାର ଜାମସର, ବଲାଙ୍ଗିର-ଦେଓଗାଁ ରାସ୍ତାର କଦଳୀମୁଣ୍ଡା, ବଲାଙ୍ଗିର-ସୋନପୁର ରାସ୍ତାର ପୁଇଁନ୍ତଲା ନିକଟରେ ରାଜପଥ କଡରେ ଘଣ୍ଟା ଘଣ୍ଟା ଧରି ଭାରୀଯାନ ଛିଡା ହୋଇରହୁଛି । କଦଳୀମୁଣ୍ଡା ନିକଟରେ ନିର୍ମାଣ ଚାଲିଥିବା ଟ୍ରକ୍ ଟର୍ମିନାଲ କାମ ସଂପୂର୍ଣ୍ଣ ହୋଇନି । ଏହି ରାସ୍ତା ସଂକୀର୍ଣ୍ଣ ସତ୍ତ୍ୱେ ରାସ୍ତାରେ ଟ୍ରକ୍ ଛିଡା ହୋଇରହୁଛି । ସେହିପରି ବଲାଙ୍ଗିର-ଲୋଇସିଂହା ଓ ବଲାଙ୍ଗିର-ସୋନପୁର ରାସ୍ତାରେ ଅସ୍ଥାୟୀ ଟ୍ରକ୍ ପାର୍କିଂ ବ୍ୟବସ୍ଥା କରାଯାଇଛି; କିନ୍ତୁ ତାହା ଠିକ୍ ଭାବେ ବ୍ୟବହାର ନ ହୋଇ ରାସ୍ତାକୁ ହିଁ ଭାରୀଯାନ ମାଡି ରହୁଛି । ଏହି ଭାରୀଯାନ ଯୋଗୁ ନିୟମିତ ଭାବେ ଏହି ଦୁଇ ରାଜପଥରେ ଛୋଟ ବଡ ଦୁର୍ଘଟଣା ଘଟୁଛି । ଦୁର୍ଘଟଣାରେ ଅନେକ ମୁଣ୍ଡ ଗଡୁଛି । ତେବେ ରାଜପଥ ଉପରେ ଏହି ବେଆଇନ ପାର୍କିଂ ହଟାଇବା, ଟ୍ରକ୍ ଗୁଡିକର ସ୍ଥାୟୀ ଓ ସୁରକ୍ଷିତ ପାର୍କିଂ କରିବା ଦିଗରେ ଜିଲ୍ଲା ପ୍ରଶାସନ କି ପୁଲିସ ଆଦୌ ଗୁରୁତ୍ୱ ଦେଉନି । ଜିଲ୍ଲା ପ୍ରଶାସନ, ପୁଲିସ, ପରିବହନ ବିଭାଗର ଅଧିକାରୀ ଏ ସବୁ ଦେଖୁଥିଲେ ମଧ ଚୁପ୍ ରହିବା ଚିନ୍ତାର କାରଣ ପାଲଟିଛି ।

- ଦୁର୍ଘଟଣା ହଟ୍‌ସ୍ପଟ୍ ସାଜିଛି ଜାତୀୟ ରାଜପଥ
- ରାଜପଥରେ ଅଟକୁଥିବା ଟ୍ରକ୍ ଯୋଗୁଁ ଦୁର୍ଘଟଣା ଘଟୁଛି
- ମଙ୍ଗଳବାର ଟ୍ରକ୍ ପଛରେ ପିଟିହୋଇ ଜଣେ ଶିକ୍ଷକଙ୍କ ମୃତ୍ୟୁ
- କିଛି ଦିନ ତଳେ ଦୁଇ ଜଣଙ୍କ ଜୀବନ ଯାଇଛି
- ଜିଲ୍ଲା ପ୍ରଶାସନ, ପୁଲିସ, ପରିବହନ ବିଭାଗ ସମସ୍ତେ ଚୁପ୍

## ଟ୍ରକ୍ ପଛରେ ପିଟିହୋଇ ଶିକ୍ଷକଙ୍କ ମୃତ୍ୟୁ

ବଲାଙ୍ଗିର, ୨୯ ।୧୦(ସମିସ): ବଲାଙ୍ଗିର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥ ୫୭ର ପୁଇଁନ୍ତଲା ଥାନା ଅଧୀନ ଗଇଁନ୍ତଲା ଗିରିଗୋବର୍ଦ୍ଧନ ମନ୍ଦିର ପାଖ ରାଜପଥ କଡରେ ମଙ୍ଗଳବାର ଦୁର୍ଘଟଣା ଘଟିଛି । ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ ଜଣେ ବାଇକ୍ ଚାଳକ ପିଟି ହୋଇଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ବଲାଙ୍ଗିର ସଦର ଥାନା ଧୁବାଉଡାର ଗାଁର ଭଜରାମ ବାରିକ । ସେ ସୋନପୁର ଜିଲ୍ଲା ତରଭା ବ୍ଲକ୍ ଦେଓଗାଁ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ ।



ପୁଇଁନ୍ତଲା ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି । ତେବେ ଏହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା । ମୃତଦେହ ଧରି ପରିବାର ଓ ଗ୍ରାମବାସୀ ବୁଧବାର ରାସ୍ତାରୋକ କରିଥିଲେ । ରାସ୍ତାରେ ଶବ ରଖି ୨୬ ନଂ ଜାତୀୟ ରାଜପଥ ଛୁଇବନ୍ଧ ବାଇପାସ୍ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଟ୍ରକ୍ ଯୋଗୁଁ ଦୁର୍ଘଟଣା ଘଟିଥିବାରୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ, ମୃତ ବ୍ୟକ୍ତି ସରକାରୀ ଶିକ୍ଷକ ହୋଇଥିବାରୁ ତାଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରୀ ପ୍ରଦାନ ସହ ଅନ୍ୟ ସବୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଲୋକେ ଦାବି କରିଥିଲେ । ଦୀର୍ଘ ସମୟ ଧରି ଏହି ରାସ୍ତା ଅବରୋଧ କରାଯାଇଥଲା । ପୁଇଁନ୍ତଲା ଥାନା ଅଧିକାରୀ ଅନୀତା ପଧାନ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

# ଜାନୁଆରୀ ୧୦ରେ ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନ୍

- ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ ମେରାମଣ୍ଡଳୀର ମିଳିତ ପ୍ରୟାସ
- ଜୈବ ବିବିଧତା ଓ ହାତୀ ସଂରକ୍ଷଣ ସଚେତନତା ଲକ୍ଷ୍ୟ
- ୯.୬୪ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ



ଢେଙ୍କାନାଳ, ୨୯ ।୧୦(ସମିସ)

ଦୁଇଟି ସ୍ମରଣୀୟ ସଂସ୍କରଣ ପରେ ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସହଯୋଗରେ ଟାଟା ଷ୍ଟିଲ୍ କପିଳାସ ହାଫ ମାରାଥନର ତୃତୀୟ ସଂସ୍କରଣ ଘୋଷଣା କରାଯାଇଛି। ଏହି ହାଫ ମାରାଥନ ୨୦୨୬ ଜାନୁଆରୀ ୧୦ରେ ଅନୁଷ୍ଠିତ ହେବ। ଢେଙ୍କାନାଳର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଚନ୍ଦ୍ରଶେଖର ମହାଦେବ ମନ୍ଦିର ନିକଟରେ ତଥା କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହା ଅନୁଷ୍ଠିତ ହେବ। ଢେଙ୍କାନାଳରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ୨୦୨୬ ହାଫ ମାରାଥନର ଅଫିସିଆଲ ଟି-ସାର୍ଟକୁ ଢେଙ୍କାନାଳର ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଏସପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କର, ଟାଟା ଷ୍ଟିଲ ମେରାମଣ୍ଡଳୀର କର୍ପୋରେଟ ସର୍ଭିସେସ ମୁଖ୍ୟ ମୋହିତ ଦାସ, ଟାଟା ଷ୍ଟିଲର କ୍ରୀଡ଼ା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ଓ ଏମଜିଏମ ମିନେରାଲ୍ସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୋପବନ୍ଧୁ ଦାଶ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଭାରତ ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ଶତବାର୍ଷିକୀ ଅବସରରେ ତାଙ୍କ ଅଦମ୍ୟ ସାହସ ଓ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ହାଫ ମାରାଥନରେ ଜୈବ ବିବିଧତା ସଂରକ୍ଷଣ ବିଶେଷ କରି ହାତୀ ସୁରକ୍ଷାକୁ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଏହାସହ କପିଳାସକୁ ବିଶ୍ୱବ୍ୟାପୀ ଇକୋ ଟୁରିଜମ ଏବଂ ପ୍ରଫେସନାଲ ଦୌଡ଼ର ଗନ୍ତବ୍ୟସ୍ଥଳ ଭାବେ ସ୍ଥାପିତ କରିବାକୁ ଲକ୍ଷ୍ୟ ରହିଛି। ଫିଟନେସ, ସୁସ୍ଥତା ଏବଂ କ୍ରୀଡ଼ା ମନୋଭାବର ସଂସ୍କୃତିକୁ ଉତ୍ସାହିତ କରୁଥିବା ଏହି ହାଫ୍ ମାରାଥନରେ ତିନିଟି ବର୍ଗ ରହିବ। ୧୮ ବର୍ଷ ଓ ଊର୍ଦ୍ଧ୍ୱ ବୟସ୍କ ଅଂଶଗ୍ରହଣକାରୀଙ୍କ ପାଇଁ ୨୧ କିମି ଓ ୧୦କିମି ଦୌଡ଼ ଏବଂ ୧୪ରୁ୧୮ ବର୍ଷବୟସ୍କ ବାଳକ ଓ ବାଳିକାମାନଙ୍କ ପାଇଁ ୫ କିମି ଦୌଡ଼ ହେବ। ବିଶ୍ୱବ୍ୟାପୀ ମାରାଥନ ଲାଗି ସ୍ୱୀକୃତିପ୍ରାପ୍ତ ସଂସ୍ଥା ଆସୋସିଏସନ୍ ଅଫ୍ ଇଣ୍ଟରନ୍ୟାସନାଲ ମାରାଥନ୍ସ ଆଣ୍ଡ ଡିଷ୍ଟାନ୍ସ ରେସେସ (ଏଆଇଏମଏସ) ପକ୍ଷରୁ ଏହି ମାରାଥନର ମାର୍ଗକୁ ସ୍ୱୀକୃତି ଦିଆଯାଇଛି। ଯଦ୍ୱାରା ଆନ୍ତର୍ଜାତୀୟ ଦୌଡ଼ ତାଲିକାରେ ଏହି କାର୍ଯ୍ୟକ୍ରମର ପତିଆରା ବୃଦ୍ଧି ପାଇଛି। ଏନେଇ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ନିରନ୍ତର ପ୍ରଚେଷ୍ଟାକୁ ପ୍ରଶଂସା କରି ଢେଙ୍କାନାଳର ଜିଲ୍ଲାପାଳ ପାଟିଲ କହିଛନ୍ତି ଯେ ଟାଟା ଷ୍ଟିଲ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ହାଫ୍ ମାରାଥନ୍‌ର ତୃତୀୟ ସଂସ୍କରଣ ଆୟୋଜିତ ହେଉଛି। ଏହା ଆନ୍ତର୍ଜାତୀୟ ସ୍ତରର ହେବାକୁ ଯାଉଛି। ଜିଲ୍ଲା ପ୍ରଶାସନ ଓ ଅନ୍ୟ ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହେବ ଓ ଏଥିରେ ବହୁତ ସଂଖ୍ୟାରେ ଭାଗ ନେବାକୁ ସେ ଅନୁରୋଧ କରିଥିଲେ। ଟାଟା ଷ୍ଟିଲର ଉପସଭାପତି (କର୍ପୋରେଟ ସେବା) ଡିବି ସୁନ୍ଦରମ କହିଛନ୍ତି ଯେ କ୍ରୀଡ଼ାକୁ ଫିଟନେସ, ଉତ୍ତମ ସ୍ୱାସ୍ଥ୍ୟ ଓ କମ୍ୟୁନିଟି ସ୍ପିରିଟର ପ୍ରୋତ୍ସାହନ ପାଇଁ ବ୍ୟବହାର କରିବାରେ ଆମେ ବିଶ୍ୱାସ କରୁ। କପିଳାସ ହାଫ ମାରାଥନ ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କାରଣ ଏହା କେବଳ ଯେ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହନ ଦେଉଛି ତା ନୁହେଁ ବରଂ ଏହା ବନ୍ୟଜନ୍ତୁ ଓ ଜୈବ ବିବିଧତା ସଂରକ୍ଷଣ ବିଷୟରେ ସଚେତନତା ମଧ୍ୟ ସୃଷ୍ଟି କରୁଛି। ଚଳିତ ବର୍ଷ ଅମର ସହିଦ ବାଜି ରାଉତଙ୍କ ଶତବାର୍ଷିକୀ ଥିବାରୁ ଜାନୁଆରୀ ୧୦ ହାଫ ମାରାଥନରେ ଆମେ ଧାବକମାନଙ୍କ ଉତ୍ସାହଜନକ ଭାଗିଦାରୀ ଆଶା କରୁଛୁ ବୋଲି ସେ କହିଥିଲେ। ଟାଟା ଷ୍ଟିଲ ମେରାମଣ୍ଡଳୀର ଉପ ସଭାପତି (ପରିଚାଳନା) ଉତ୍ତମ ସିଂ କହିଲେ ଯେ ଏକ ସୁସ୍ଥ ମନ ଓ ଶରୀରର ଯାତ୍ରା ଜିମ୍ ଅବା ଫୁଡ୍ ସପ୍ଲିମେଣ୍ଟରୁ ଆରମ୍ଭ ହୋଇ ନ ଥାଏ ବରଂ ପ୍ରକୃତିକୁ ଆପଣାଇବା ଓ ଅଧ୍ୟବସାୟର ଶକ୍ତିରୁ ହିଁ ହୋଇଥାଏ। ଢେଙ୍କାନାଳ କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର ମନୋରମ ରାସ୍ତାରେ ଟାଟା ଷ୍ଟିଲ କପିଳାସ ହାଫ୍ ମାରାଥନ୍‌ରେ ଭାଗନେବା ପାଇଁ ସେ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲେ। ଆଗ୍ରହୀ କ୍ରୀଡ଼ାବିତମାନେ https//tatasteelruns.com ୱେବସାଇଟରେ ୨୦୨୫ ଡିସେମ୍ବର ୧୫ ପର୍ଯ୍ୟନ୍ତ ନିଜର ନାମ ପଞ୍ଜୀକରଣ କରିପାରିବେ। ୫ ହଜାର ଅଂଶଗ୍ରହଣକାରୀଙ୍କ ପାଇଁ ସୀମିତ ସ୍ଲଟ୍ ସହ ପଞ୍ଜୀକରଣ 'ଫାଷ୍ଟ କମ୍ ଫାଷ୍ଟ ସର୍ଭଡ୍' ଭିତ୍ତିରେ ହେବ। ପ୍ରବେଶ ଶୁଳ୍କ ହେଉଛି ୨୧ କିମି ପାଇଁ ୪୦୦ ଟଙ୍କା, ୧୦ କିମି ପାଇଁ ୩୦୦ ଟଙ୍କା ଏବଂ ୫ କିମି ପାଇଁ ୧୫୦ ଟଙ୍କା। ଅଂଶଗ୍ରହଣକାରୀମାନେ ଟି-ସାର୍ଟ, ବିବ ଚିପ ଏବଂ ରିଫ୍ରେସମେଣ୍ଟ ସହ ଏକ ଗୁଡି ବ୍ୟାଗ ପାଇବେ। ଟାଟା ଷ୍ଟିଲ କପିଳାସ ହାଫ ମାରାଥନ ୨୦୨୬ର ବିଭିନ୍ନ ବର୍ଗରେ ବିଜେତାମାନଙ୍କୁ ୩୦ଟି ପୁରସ୍କାର ସହ ୯.୬୪ ଲକ୍ଷ ଟଙ୍କାର ଆର୍ôଥିକ ପୁରସ୍କାର ପ୍ରଦାନ କରାଯିବ। ପୁରୁଷ ଏବଂ ମହିଳା ବର୍ଗରେ ୨୧ କିମି ଦୌଡ଼ର ବିଜେତାମାନଙ୍କୁ ଶ୍ରେଷ୍ଠ ପୁରସ୍କାର ଭାବେ ୧ ଲକ୍ଷ ଟଙ୍କା ଲେଖାଏଁ ଦିଆଯିବ ବୋଲି କୁହାଯାଇଛି। ଏମଜିଏମ ମିନେରାଲ୍ସ ଲିମିଟେଡ, ଟାଟା ୱାନ ଏମଜି, ଟାଟା ବ୍ଲୁସ୍କୋପ ଷ୍ଟିଲ, ଖେମକା ଇଣ୍ଡଷ୍ଟ୍ରିଜ୍, ନଭ, ଜାମିପୋଲ୍, ଟାଟା ଷ୍ଟିଲ୍ ସପୋର୍ଟ ସର୍ଭିସେସ ଲିମିଟେଡ, ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ ଲିମିଟେଡ ଏବଂ ଟିଏମ ଇଣ୍ଟରନ୍ୟାସନାଲ୍ ଲଜିଷ୍ଟିକ୍ସ ଲିମିଟେଡ୍ ସହଯୋଗରେ ଏହି ହାଫ ମାରାଥନ ଆୟୋଜନ କରାଯାଉଛି।

- 'ମୋନ୍ଥା' ପ୍ରଭାବରେ ବର୍ଷା ସାଜିଲା ଚାଷୀଙ୍କ କାଳ

## ଏକର ଏକର ଚାଷଜମି ଜଳମଗ୍ନ



ବିଲରେ ଶୋଇପଡ଼ିଲା ଧାନକେଣ୍ଡା

**କାମାକ୍ଷାନଗର, ୨୯ ।୧୦(ସମିସ):** ବାତ୍ୟା ମୋନ୍ଥା ଜନିତ ଅଦିନିଆ ବର୍ଷା ସାଜିଲା ଚାଷୀଙ୍କ ପାଇଁ କାଳ। ବର୍ଷସାରା ବାର୍‌ହା, ହାତୀ ତଥା ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବରେ ଚାଷୀମାନେ ଧାନ ଫସଲକୁ ସୁରକ୍ଷା ଦେବାପାଇଁ ଚିନ୍ତାରେ ଥିବାବେଳେ ଏବେ ବାତ୍ୟା ଜନିତ ବର୍ଷା ଭାଙ୍ଗିଦେଇଛି ଚାଷୀଙ୍କ ମେରୁଦଣ୍ଡ। କାମାକ୍ଷାନଗର ବ୍ଲକ କଙ୍ଗେଇଲ ଗାଁରେ ଏକର ଏକର ଧାନ ଫସଲ ବର୍ଷା ଯୋଗୁଁ ଶୋଇପଡ଼ିଥିବା ବେଳେ ବିଲରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି। ଫଳରେ ଅମଳ ସମୟରେ କିପରି ଧାନକୁ ସୁରକ୍ଷା ଦେବେ ସେ ନେଇ ଚିନ୍ତାରେ ଚାଷୀ। କୃଷିବିଭାଗ ତୁରନ୍ତ ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି।

## ଇନ୍‌ଡୋର ଷ୍ଟାଡିୟମରେ ଜିମ୍ ସାମଗ୍ରୀ ମରାମତି ହେଉନି

**ଖଜୁରିଆକଟା, ୨୯ ।୧୦(ସମିସ):** ହିନ୍ଦୋଳ ଏନଏସିରେ ଅବସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଜିମ ସାମଗ୍ରୀ ମରାମତି ହେଉ ନ ଥିବାରୁ ଯୁବଗୋଷ୍ଠୀ ଘରୋଇ ଜିମ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏଠାରେ ୨୦୨୩ରେ ଇନ୍‌ଡୋର ଷ୍ଟାଡିୟମ ସ୍ଥାପନ ହୋଇଥିଲା। ମାତ୍ର ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଉଦଘାଟନ ପୂର୍ବରୁ ବର୍ଷା ପାଣି ଗଳିବା ସହ କାନ୍ଥ ଫାଟି ଆଁ କରିଥିଲା। ବ୍ୟାଡମିଣ୍ଟନ କୋର୍ଟ ଓଦା ହୋଇଯାଉଥିଲା। ଏ ସମ୍ପର୍କରେ ଖେଳାଳିମାନେ ଅଭିଯୋଗ କରିବାରୁ ଠିକାଦାର ତାକୁ ମରାମତି କରିଥିଲେ। ମାତ୍ର ଠିକାଦାର ଆବଶ୍ୟକ ସମସ୍ତ ଜିମ ସାମଗ୍ରୀ ଯୋଗାଣ କରି ନ ଥିଲେ। ଯେଉଁ ସବୁ ଜିମ ସାମଗ୍ରୀ ଠିକାଦାର ଦେଇଥିଲେ ତାହା ନିମ୍ନମାନର ହୋଇଥିବାରୁ ଅଧିକାଂଶ ଭାଙ୍ଗିଗଲାଣି। ତାହାର ମରାମତି କରାଯାଉ ନାହିଁ। ଫଳରେ ଇନ୍‌ଡୋର ଷ୍ଟାଡିୟମରେ ଆବଶ୍ୟକ ଜିମ ସାମଗ୍ରୀ ନ ଥିବାରୁ ଯୁବଗୋଷ୍ଠୀ ଓ ଜନସାଧାରଣ ସରକାରଙ୍କ ଜିମଠାରୁ ମୁହଁ ମୋଡ଼ି ଘରୋଇ ଜିମ ଉପରେ ନିର୍ଭର କରୁଛନ୍ତି। ଇନ୍‌ଡୋର ଷ୍ଟାଡିୟମରେ ସମସ୍ତ ଜିମ ସାମଗ୍ରୀ ଯୋଗାଇଦେବା ସହ ଭାଙ୍ଗିଯାଇଥିବା ସାମଗ୍ରୀଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।



## ଗୁଳିକରି ହତ୍ୟା ମାମଲା; ଦୋଷୀକୁ ଆଜୀବନ ଜେଲ୍

**ଢେଙ୍କାନାଳ, ୨୯ ।୧୦(ସମିସ):** ଏକ ହତ୍ୟା ମାମଲାର ବିଚାର କରି ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ପ୍ରଣତି ସାହା ସମସ୍ତ ସାକ୍ଷ୍ୟ ପ୍ରମାଣ ଏବଂ ଦସ୍ତାବିଜ ଆଧାରରେ ଦୋଷୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ସଦର ଥାନା କନ୍ଧପାଳ ଗ୍ରାମର ଦଳେଇ ନାଏକ।

୨୦୨୨ ଏପ୍ରିଲ ୧୭ ସକାଳ ପ୍ରାୟ ୯ଟାରେ କନ୍ଧପାଳ ଗ୍ରାମର ନୃପତି ନାଏକ ଜେସିବି ସାହାଯ୍ୟରେ ଦଳେଇଙ୍କ ଘର ପଛ ପାଖରେ ମନରେଗା ଯୋଜନାରେ ଏକ ପୋଖରୀ ଖୋଳିବା ପାଇଁ ଉଦ୍ୟମ କରିଥିଲେ। ଦଳେଇ ଏହାକୁ ବିରୋଧ କରିଥିଲେ। ଫଳରେ ନୃପତି ଏବଂ ତାଙ୍କ ସହଯୋଗୀମାନେ ଦଳେଇଙ୍କ ସହ ଗଣ୍ଡଗୋଳ କରିଥିଲେ। ନୃପତି ଉତ୍ତେଜିତ ହୋଇ ଏକ ଦେଶୀ ବନ୍ଧୁକରୁ ଦଳେଇଙ୍କ ଛାତିକୁ ଗୁଳି ମାରିଥିଲେ। ଘଟଣାସ୍ଥଳରେ ଦଳେଇଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଦଳେଇଙ୍କ ପୁଅ ଦୀପକ ନାଏକ ସଦରଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ନୃପତିଙ୍କୁ ଗିରଫ କରିଥିଲା। ବୁଧବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ ସାହା ନୃପତିଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ, ଗଣେଶ୍ୱର ସାହୁ ଏହି ମାମଲା ପରିଚାଳନା କରୁଥିଲେ। ଅନୁଗୋଳ ଏବଂ ଢେଙ୍କାନାଳ ଜିଲ୍ଲା ଡେପୁଟି ଡାଇରେକ୍ଟର ଅଫ ପ୍ରସିକ୍ୟୁସନ ମାମଲାର ତଦାରଖ କରୁଥିଲେ।

- ଆର୍ଟ ଅଫ ଲିଭିଂ ପକ୍ଷରୁ ହାପିନେସ ମହୋତ୍ସବ

## ଘରେ ଘରେ 'ହାପିନେସ' ବାର୍ତ୍ତା ପହଞ୍ଚାଇବାକୁ ସଙ୍କଳ୍ପ

**ଢେଙ୍କାନାଳ, ୨୯ ।୧୦(ସମିସ):** ସ୍ଥାନୀୟ ଶ୍ରୀରାମ ମଣ୍ଡପରେ ଆର୍ଟ ଅଫ ଲିଭିଂ ବ୍ୟକ୍ତି ବିକାଶ କେନ୍ଦ୍ର ଶାଖା ପକ୍ଷରୁ ରବିବାର ହାପିନେସ ମହୋତ୍ସବ ତଥା ରିଫ୍ରେସର କୋର୍ସ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆର୍ଟ ଅଫ ଲିଭିଂର ଶ୍ରଦ୍ଧାଳୁ ଓ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବିଭିନ୍ନ ଦଳଗତ ଆଲୋଚନା ହୋଇ ବ୍ୟକ୍ତିତ୍ୱ ବିକାଶ, ସାମାଜିକ ପରିବର୍ତ୍ତନ ଏବଂ ୱେଭ ଅଫ ହାପିନେସ ସମ୍ପର୍କରେ ଆଲୋଚନା ହୋଇଥିଲା। ଶ୍ରୀଶ୍ରୀ ରବିଶଙ୍କରଙ୍କ ଦ୍ୱାରା ନିସୃତ ସୁଦର୍ଶନ କ୍ରିୟା ମାଧ୍ୟମରେ ଜିଲ୍ଲାର ପ୍ରତି ଘରେ ହାପିନେସ୍ ବାର୍ତ୍ତା ପହଞ୍ଚାଇବାକୁ ସଙ୍କଳ୍ପ ନିଆଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦୦ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ। ଆର୍ଟ ଅଫ ଲିଭିଂର ବରିଷ୍ଠ ପ୍ରଶିକ୍ଷକ ଦେବଜ୍ୟୋତି ମହାନ୍ତି ହାପିନେସ୍ ତାଲିମ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷକ ଭାବେ ସୁଜାତା ମହାନ୍ତି, ସଞ୍ଜୁକ୍ତା ଶତପଥୀ, କାମାକ୍ଷାପ୍ରସାଦ ଲେଙ୍କା, ଜି ଜୟାଲକ୍ଷ୍ମୀ, ଜଲି ଲେଙ୍କା, ରଶ୍ମି ଦାସ, ପ୍ରଳୟ ଦାସ, ମନୋରଞ୍ଜନ ମହାନ୍ତି, ଅଜୟ ପୃଷ୍ଟି, ବାବୁଲା ସାହୁ, ଦୀପ୍ତିରଞ୍ଜନ ପଣ୍ଡା, ଅଭିମନ୍ୟୁ ଦାସ, କେଦାର ସାମଲ, ଭୋଲାନାଥ ଜେନା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ପଟ୍ଟନାୟକ, ଢେଙ୍କାନାଳ ଶାଖାର ବରିଷ୍ଠ ପରାମର୍ଶଦାତା ପ୍ରଦୀପ୍ତ ମିଶ୍ର, ଫାଇନାନ୍ସିଆଲ ଫାସିଲିଏଟର କୁମ୍ଭକର୍ଣ୍ଣ ରାଉଳ, ବିଦ୍ୟାଧର ବିଶ୍ୱାଳ, ଭାସ୍କର ରାଓ ପ୍ରମୁଖଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ନଭେମ୍ବର ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ୬ଦିନିଆ ହାପିନେସ କୋର୍ସ କରାଯିବା ପାଇଁ ଘୋଷଣା କରାଯାଇଛି।



---

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LEGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br><br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br><br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br><br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

## ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା

# ୧୧୪ ଚାକିରି ଆଶାୟୀଙ୍କୁ ସର୍ତ୍ତମୂଳକ ଜାମିନ

**୭ ଦଲାଲଙ୍କ ଆବେଦନ ଖାରଜ**

**୫୧ଟି ଆବେଦନ ଜରିଆରେ ହୋଇଥିଲା ୧୨୧ ଅଭିଯୁକ୍ତଙ୍କ ଜାମିନ ଶୁଣାଣି**

ବ୍ରହ୍ମପୁର,୨୯ ।୧୦(ସମିସ): ବହୁ ଚର୍ଚ୍ଚିତ ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ୧୧୪ଜଣ ନିଯୁକ୍ତି ଆଶାୟୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି କୋର୍ଟ। ଗିରଫ ୭ଜଣ ଦଲାଲ ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ପ୍ରିୟଦର୍ଶିନୀ ସାମଲ, ଟି. ଅଭିମନ୍ୟୁ ଦୋରା, ଲୋକନାଥ ସାହୁ, ବିଶ୍ୱଜିତ୍ ହରିଚନ୍ଦନ ଓ ବିଶ୍ୱରଂଜନ ବେହେରାଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଘଟଣାରେ ଯଦିଓ ପ୍ରାରମ୍ଭିକ ଅବସ୍ଥାରେ ବ୍ରହ୍ମପୁର ଗୋଳନ୍ଥରା ଥାନା ପକ୍ଷରୁ ମାମଲା ରୁଜୁ ସହିତ ୩ଦଲାଲ ଓ ୧୧୪ଜଣ ପରୀକ୍ଷା ଆଶାୟୀଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତି ସମୟରେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ଭାର ଗ୍ରହଣ କରିବା ପରେ ଅଧିକ ୬ଜଣଙ୍କୁ ଗିରଫ କରିଥିଲା। ଫଳରେ ମୋଟ ଗିରଫ ସଂଖ୍ୟା ୧୨୩କୁ ବୃଦ୍ଧି ପାଇଥିଲା। ସମସ୍ତ ଗିରଫ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ କଏଦୀ ଭାବେ ଅଛନ୍ତି। ମାମଲାର ବିଚାରଣା ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚାଲିଥିବା ବେଳେ ୧୧୪ଜଣ ନିଯୁକ୍ତି ଆଶାୟୀ ଓ ୭ଜଣ ଦଲାଲଙ୍କୁ ମିଶାଇ ମୋଟ ୧୨୧ଜଣଙ୍କ ପାଇଁ ୫୧ଟି ଜାମିନ ଆବେଦନ କରାଯାଇଥିଲା। ଏହାର ଶୁଣାଣି କରି କୋର୍ଟ ୨୮ ତାରିଖ ସୁଦ୍ଧା କେସ୍‌ଡାଏରୀ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। ୨୮ ତାରିଖ ମଙ୍ଗଳବାର ଦିନ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତକାରୀ ଅଧିକାରୀ ତଥା ଡିଏସ୍‌ପି ରତ୍ନପ୍ରଭା ଶତପଥୀ ସିଡି ବା କେସ୍‌ଡାଏରୀ ଦାଖଲ କରିଥିଲେ। ପରେ ଜାମିନ ଆବେଦନର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ୧୨୧ଜଣଙ୍କ ମଧ୍ୟରୁ ୧୧୪ଜଣ ଚାକିରି ଆଶାୟୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବା ବେଳେ ଅବଶିଷ୍ଟ ୭ ଦଲାଲଙ୍କ ଜାମିନ ଆବେଦନ ଖାରଜ କରିଦେଇଥିଲେ। ସମସ୍ତ ୧୧୪ଜଣ ଚାକିରି ଆଶାୟୀ ପ୍ରତ୍ୟେକଙ୍କୁ ୫୦ହଜାର ସିକ୍ୟୁରିଟି ଓ ୨ ଜଣ ଜାମିନଦାରଙ୍କ ଜରିଆରେ ମୁକୁଳିବାକୁ ଅନୁମତି ଦେଇଥିଲେ। ଏକକାଳୀନ ଶତାଧିକ ଅଭିଯୁକ୍ତଙ୍କୁ ଜାମିନରେ ମୁକୁଳିବା ପାଇଁ ରହିଥିବା ପ୍ରକ୍ରିୟାରେ ବିଳମ୍ବ ଯୋଗୁ ଜାମିନ ସତ୍ତ୍ୱେ ୧୧୪ଜଣ ଚାକିରି ଆଶାୟୀ ଜେଲରୁ ମୁକୁଳିବା ସମ୍ଭବପର ହୋଇନଥିଲା। ଫଳରେ ସମସ୍ତେ ଗୁରୁବାର ସକାଳେ ମୁକୁଳିବେ ବୋଲି ଜେଲ ସୂତ୍ରରୁ ଜଣାପଡିଛି। ସେପଟେ ଘଟଣାରେ ଗିରଫ ଅନ୍ୟ ଦୁଇଜଣ ଦଲାଲ ତପସ୍ୱିନୀ ବେହେରା ଓ ଅରବିନ୍ଦ ଦାଶଙ୍କ କୌଣସି କାରଣରୁ ଜାମିନ ଆବେଦନ ହୋଇନଥିବା ସୂଚନା ମିଳିଛି।

■ ଟୁନା ଦାସ ହତ୍ୟା ମାମଲା

## ଜାମିନ ପାଇଲେ ୨ ଅଭିଯୁକ୍ତ

ବ୍ରହ୍ମପୁର,୨୯ ।୧୦(ସମିସ): ସ୍ଥାନୀୟ ହାଉସିଂ ବୋର୍ଡ ନିକଟରେ ଟୁନା ଦାସ ନାମକ ଜଣେ ଯୁବକଙ୍କୁ ଗତବର୍ଷ ମେ' ୨୭ ରାତିରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ୨ ଅଭିଯୁକ୍ତ ପପୁନ କୁମାର ନାୟକ ଓ ବଂଶୀଧର ସାହୁ ଓରଫ ଭିକିଙ୍କୁ ହାଇକୋର୍ଟରୁ ଜାମିନ ମିଳିଥିବା ଆଇନଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକ କହିଛନ୍ତି। ପୂର୍ବରୁ ଏହି ମାମଲାରେ ରାଜେଶ ପାଣିଗ୍ରାହୀ, ଆର. ରବି ରାଓ ଏବଂ ସୁରଜ କୁମାର ହାଇକୋର୍ଟରୁ ଜାମିନ ପାଇଥିଲେ। ବର୍ତ୍ତମାନ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଆର.ମୋହନ ରାଓ ବ୍ରହ୍ମପୁର ଜେଲରେ ରହିଛନ୍ତି। ମଙ୍ଗଳବାର ରାତ୍ରିରେ ପପୁନ ଓ ବଂଶୀଧର ସର୍ତ୍ତମୁଳକ ଜାମିନରେ ଜେଲରୁ ମୁକୁଳିଛନ୍ତି। ଉଭୟଙ୍କୁ ଏକ ଶୋଭାଯାତ୍ରାରେ ସେମାନଙ୍କ ସମର୍ଥକମାନେ ନେଇଥିଲେ।

ସୂଚନାଯୋଗ୍ୟ ଯେ, ଗତବର୍ଷ ମେ' ୨୭ରେ ଗୋସାଣିନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ ଅଞ୍ଚଳର ସୁନୀଲ ସେଠୀଙ୍କ ଏକ ଟାଟୁ ଦୋକାନକୁ ଟୁନା ଯାଇଥିଲେ। ଦୋକାନରେ ଉଭୟେ ବସିଥିବାବେଳେ ୪ରୁ ୫ଜଣ ଯୁବକ ହଠାତ୍ ପଶି ଖଣ୍ଡା ଓ ବିଭିନ୍ନ ମାରଣାସ୍ତ୍ରରେ ଟୁନାଙ୍କୁ ବିଭତ୍ସ ଭାବେ ହାଣିଥିଲେ। ସୁନୀଲ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଖଣ୍ଡାରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଛାଡି ଆକ୍ରମଣକାରୀ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ଗୋସାଣିନୂଆଗାଁ ପୁଲିସ ପହଞ୍ଚି ଟୁନାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ପଠାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟୁନାଙ୍କ ଭାଇ ମୁନା ଦାସଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା।

**ଜିଲ୍ଲାରେ କ୍ଷୟକ୍ଷତି ଆକଳନ କରାଯିବ**

## କୃତଜ୍ଞତା ଜଣାଇଲେ ଜିଲ୍ଲାପାଳ

ଛତ୍ରପୁର,୨୯ ।୧୦(ସମିସ): ବାତ୍ୟା ମୋନ୍ଥା ଓ ଲଗାଣ ବର୍ଷାରେ ଗଞ୍ଜାମ ଜିଲ୍ଲାରେ କ'ଣ ସବୁ କ୍ଷତି ହୋଇଛି ସେନେଇ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ବିଡିଓ, ତହସିଲଦାର ଓ ଲାଇନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପାତ୍ରପୁରରେ ଏବେ ବି କିଛି ସ୍ଥାନରେ ପାଣି ଜମି ରହିଛି ନଦୀ ସ୍ତରର ପାଣି ବଢୁଛି ତାହାକୁ ବି ନେଇ ସଜାଗ ରହିଛି ପ୍ରଶାସନ। ଆଜି ଅପରାହ୍ନରେ ସ୍ଥିତିକୁ ଦେଖି ଯେଉଁମାନଙ୍କୁ ଆଶ୍ରୟସ୍ଥଳିରେ ରଖାଯାଇଥିବା ଲୋକଙ୍କୁ ଘରକୁ ପଠାଯିବ। ଜିଲ୍ଲାରେ ଯେତିକି ଘର ଭାଙ୍ଗିଥିବ ଫସଲ ନଷ୍ଟ ହୋଇଥିବା ତାହାର ତଦନ୍ତ କରି ଏକ ରିର୍ପୋଟ ଆସିଲା ପରେ ଏସ୍‌ଆରସିକୁ ପଠାଯିବ ବୋଲି ଗଞ୍ଜାମ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲ୍ଲାରେ ଜିରୋ କାଜୁଆଲଟି ହୋଇଛି। ତେଣୁ ପ୍ରଶାସନର ସମସ୍ତ ଟିମ୍ ଦିନରାତି ଏକକରି ଭଲ କାର୍ଯ୍ୟ କରି ଲୋକଙ୍କୁ ଉତ୍ତମ ସେବା ସହ ସୁରକ୍ଷିତ ସ୍ଥାନକୁ ଆଣିଥିଲେ ଯାହାକି ସଫଳ ମୁକାବିଲା ହୋଇଛି। ଜନସାଧାରଣମାନଙ୍କୁ ମଧ୍ୟ ଗଞ୍ଜାମ ଜିଲ୍ଲାପାଳ କୃତଜ୍ଞତା ଜଣାଇଥିଲେ ପ୍ରଶାସନ ଏବଂ ସରକାରଙ୍କ ଯେଉଁସବୁ ଗାଇଡଲାଇନ ଥିଲା ସେମାନେ ପାଳନ କରିବା ସହ ସହଯୋଗ କରିଥିଲେ।

## ଜିଲ୍ଲା ଓ ଦୌରାଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୯ ।୧୦(ସମିସ): ବ୍ରହ୍ମପୁରରେ ଅବସ୍ଥାପିତ ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ଡ଼ା ଭାଗ୍ୟଲକ୍ଷ୍ମୀ ରଥଙ୍କର ଓଡିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଭାବେ ବଦଳି ହୋଇଛି। ସେହିକ୍ରମେ ବୁଧବାର ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଡଃ ଭାଗ୍ୟଲକ୍ଷ୍ମୀ ରଥଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ସଭାପତି ମନୋଜ ପଟ୍ଟନାୟକ, ଉପସଭାପତି ଟି.କେ. ରେଡ଼ି, ସମ୍ପାଦକ ଟି. ଭେଙ୍କେଟ ରାଓ ଓ ସହ ସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଜିଲ୍ଲା ଜଜ୍ ଡ଼ା ଭାଗ୍ୟଲକ୍ଷ୍ମୀ ରଥଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିଭଳି ପୃଥକ ପୃଥକ ଭାବେ ଗଞ୍ଜାମ ଓକିଲ ସଂଘର ଅନ୍ୟ ସଦସ୍ୟମାନେ ମଧ୍ୟ ଡଃ ଭାଗ୍ୟଲକ୍ଷ୍ମୀ ରଥଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଖୁବଶୀଘ୍ର ଗଞ୍ଜାମର ନୂତନ ଜିଲ୍ଲା ଜଜ୍ ଭାବେ ଅଶାନ୍ତ କୁମାର ଦାସ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡିଛି।



## ବିଦ୍ୟୁତ୍ ଆଘାତରେ ଗର୍ଭବତୀଙ୍କ ମୃତ୍ୟୁ

ଖଲ୍ଲିକୋଟ, ୨୯ ।୧୦ (ସମିସ): ଖଲ୍ଲିକୋଟ ଥାନା ତୁଳସୀପୁର ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗାଁର ଭାଗିରଥୀ ପ୍ରଧାନଙ୍କ ସ୍ତ୍ରୀ ସାଗରିକା ପ୍ରଧାନ(୨୮)। ବୁଧବାର ମଧ୍ୟାହ୍ନରେ ଘରେ ରୋଷେଇ କରୁଥିବା ସମୟରେ ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ମୃତ ସାଗରିକା ୯ ମାସର ଗର୍ଭବତୀ ଥିଲେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଏସ୍‌ଆଇ ପିଙ୍କିନି ପଟ୍ଟନାୟକ କହିଛନ୍ତି।

## ପିକ୍‌ଅପ୍ ଧକ୍କାରେ ଜଣେ ମୃତ

ଦିଗପହଣ୍ଡି,୨୯ ।୧୦(ସମିସ): ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ମୁଖ୍ୟରାସ୍ତାରେ ବୁଧବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗପହଣ୍ଡି ୨ ନମ୍ବର ୱାର୍ଡ ଅନ୍ତର୍ଗତ ସାହାଣୀ ସାହି ବାସିନ୍ଦା ଦଣ୍ଡାସି ଦାସ। ସେ ସାଇକଲରେ ବସଷ୍ଟାଣ୍ଡକୁ ଯାଉଥିବା ବେଳେ ବିପରିତ ଦିଗରୁ ଆସୁଥିବା ପିକ୍‌ଅପ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଦଣ୍ଡାସିଙ୍କ ପୁଅ ପାଣ ଦାସଙ୍କ ଅଭିଯୋଗକ୍ରମେ ଦିଗପହଣ୍ଡି ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ ଅପରାହ୍ନରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

## ଦାଦାବଟି ନ ଦେବାରୁ ଯୁବକଙ୍କୁ ଆକ୍ରମଣ; ଜଣେ ଗିରଫ

ବ୍ରହ୍ମପୁର,୨୯ ।୧୦(ସମିସ): ଦାଦାବଟି ନ ଦେବାରୁ ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରେମନଗର ପ୍ରଥମ ଲାଇନ ନିବାସୀ ଜେ. ମଣିରାଓ(୨୩)। ଗତ ଏପ୍ରିଲ ୭ ରାତିରେ ବଡ଼ବଜାର ଗୌଡ଼ସାହି ନିବାସୀ ଦୀପକ ନାୟକ(୨୦) ନିଜ ଠେଲାଗାଡି ଆଣିବାକୁ ଯିବାବେଳେ ବଡ଼ବଜାର ଛକ ନିକଟରେ ଦୀପକଙ୍କୁ ଅଟକାଇ ଅଭିଯୁକ୍ତ ମଣି ଓ ଚନ୍ଦନ ୫ହଜାର ଟଙ୍କା ଦାଦାବଟି ଦାବି କରିଥିଲେ। ଦୀପକ ପ୍ରତିବାଦ କରିବାରୁ ତାଙ୍କୁ ଅଭିଯୁକ୍ତମାନେ ଖଣ୍ଡାରେ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ସେ ପରେ ଥାନାରେ କରିଥିବା ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଅଭିଯୁକ୍ତ ମଣିକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବଡ଼ବଜାର ଥାନା ଅଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି।

## ହାଇକୋର୍ଟରେ ଆସିଷ୍ଟାଣ୍ଟ ପ୍ରଫେସର ପରୀକ୍ଷା ଦେବାରୁ ବଞ୍ଚିତ ମାମଲା

# ଆବେଦନକାରୀଙ୍କୁ ଲିଖିତ ପରୀକ୍ଷା ଅନୁମତି

**ଅଦାଲତଙ୍କ ବିନାନୁମତିରେ ପ୍ରକାଶ ପାଇବନି ଫଳ**

କଟକ, ୨୯।୧୦ (ସମିସ): ବ୍ରହ୍ମପୁର ଏମକେସିଜି ହସ୍ପିଟାଲ୍ ରେ କାର୍ଯ୍ୟରତ ସିନିୟର୍ ରେସିଡେଣ୍ଟ ଦେବବ୍ରତ ରଥଙ୍କୁ ଆସିଷ୍ଟାଣ୍ଟ ପ୍ରଫେସର ପଦପାଇଁ ଓପିଏସସି ଦ୍ୱାରା ପରିଚାଳିତ ଲିଖିତ ପରୀକ୍ଷା ଦେବାକୁ ହାଇକୋର୍ଟ ଓପିଏସସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଓକିଲ ସତ୍ୟ ରଞ୍ଜନ ପତିଙ୍କ ଯୁକ୍ତିକୁ ବିଚାରକୁ ନେଇ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଆବେଦନକାରୀ ଅକ୍ଟୋବର ୨୭ ତାରିଖ ସୁଦ୍ଧା ଅଫଲାଇନ୍‌ରେ କମିଶନଙ୍କ ନିକଟରେ ଆବେଦନ କରିବାକୁ ଅନୁମତି ଦେଇଛନ୍ତି। କମିଶନଙ୍କୁ ଏହି ରିଟ୍ ପିଟିସନ୍‌ରେ ଉଠାଯାଇଥିବା ଅଧିକାର ଏବଂ ବିବାଦକୁ ଅଣଦେଖା ନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତେବେ କୋର୍ଟଙ୍କ ଅନୁମତି ବିନା ଆବେଦନକାରୀଙ୍କ ଫଳାଫଳ ପ୍ରକାଶିତ ହେବ ନାହିଁ ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ଡାକ୍ତର ରଥ ବ୍ରହ୍ମପୁର ମେଡିକାଲରେ ସିନିୟର୍ ରେସିଡେଣ୍ଟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଷ୍ଟାଣ୍ଟ ପ୍ରଫେସର ପଦରେ ନିଯୁକ୍ତି ନିମନ୍ତେ ଓପିଏସସି ଜରିଆରେ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀ ପାଇଁ ଲିଖିତ ପରୀକ୍ଷା ନିର୍ଦ୍ଧାରିତ ସମୟରେ ହେବା ପାଇଁ ତାରିଖ ଧାର୍ଯ୍ୟ ହୋଇଥଲା। ଡାକ୍ତର ରଥ ଏହି ପରୀକ୍ଷା ଦେବାପାଇଁ ଆବେଦନ କରିଥିଲେ ମଧ୍ୟ ଓଡ଼ିଶା ମେଡିକାଲ୍ ଏଡୁକେଶନ୍ ନିୟମ ଅନୁଯାୟୀ ତାଙ୍କୁ ଏହି ପରୀକ୍ଷା ଦେବାରୁ ଓପିଏସସି କର୍ତ୍ତୃପକ୍ଷ ବଞ୍ଚିତ କରିଥିଲେ । ଏହାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LEGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No- 37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No- 11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No- 38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# କଟକ ସିଟି



## ଚାକିରିରୁ ବହିଷ୍କାର ଯୋଗୁଁ ପ୍ରତିଶୋଧ

# ଡ୍ରାଇଭର ଜାଳିଦେଲେ ମାଲିକଙ୍କ ଗାଡ଼ି

କଟକ,୨୯।୧୦(ସମିସ):

ଶେଖବଜାର ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ପାର୍କିଂରେ ଥିବା ଜଣେ ବ୍ୟକ୍ତିଙ୍କ କାର ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ଏକ ବଡ ଅଘଟଣ ଆଶଙ୍କା ଟଳିଥିଲା। ଚାକିରିରୁ ତଡା ଖାଇଥିବା ଡ୍ରାଇଭର ପ୍ରତିଶୋଧ ପରାୟଣ ହୋଇ ଗାଡିରେ ନିଆଁ ଲଗାଇଦେଇଥିବା ଜଣାପଡିଛି। ଅଭିଯୋଗ ଆଧାରରେ ଲାଲବାଗ ଥାନା ପୁଲିସ ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରିଛି। ଶେଖବଜାର ଅକ୍ଷୟ ମହାନ୍ତି ଲେନରେ ମହମ୍ମଦ କମଲ ରୁହନ୍ତି। ରାତି ପ୍ରାୟ ସାଢେ ୧ଟା ହେବ। ଘର ଅଗଣା ପାର୍କିଂରେ ରଖାଯାଇଥିବା ତାଙ୍କର କାର(ଓଡି-୦୫-ଏଜି-୬୫୮୭)ରେ ନିଆଁ ଲାଗିଥିବା ଜଣାପଡିଲା। ଏନେଇ ସେ ଅଗ୍ନିଶମକୁ ସୂଚନା ଦେବା ସହ ନିଜେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। କିଛି ସମୟ ଭିତରେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଟିମ ଆସି ପହଞ୍ଚିଥିଲା। ମାତ୍ର ସେତେବେଳକୁ ନିଆଁ ଗାଡିଟିକୁ ସମ୍ପୂର୍ଣ୍ଣ କବଳିତ କରିସାରିଥିଲା। ଜଳୁଥିବା କାର ପାଖକୁ ଏକ କପଡା ଗୋଦାମ ଥିଲା। ନିଆଁ ବ୍ୟାପିବା ଆଶଙ୍କାରେ ଅଗ୍ନିଶମ କର୍ମଚାରୀ ଜଳନ୍ତା କାର ସହ ଗୋଦାମ ଉପରକୁ ପାଣିମାଡ କରିଥିଲେ। ପ୍ରାୟ ୧ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁ ସମ୍ପୂର୍ଣ୍ଣ ଲିଭିଥିଲା। କେହି ଜାଣିଶୁଣି ନିଆଁ ଲଗାଇଦେଇଥିବା ସନ୍ଦେହରେ କମଲ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ପରେ ଅଭିଯୁକ୍ତ ତଥା ପୂର୍ବତନ ଡ୍ରାଇଭର ରିୟାଜ ଖାନର ଗତିବିଧି ସାମ୍ନାକୁ ଆସିଥିଲା। ଘଟଣା ନେଇ ସେ ଲାଲବାଗ ଥାନାରେ ଏତଲା ଦେଇଥିଲେ। ପୁଲିସ ଓଡିଆ ବଜାରର ରିୟାଜ ଖାନକୁ ଧରିଆଣି ଜେରା କରିବାରୁ ସେ ସବୁକଥା ମାନି ଯାଇଥିଲା। ରିୟାଜ ଦୀର୍ଘ ଦିନ ଧରି କମଲଙ୍କ ଗାଡି ଚଳାଉଥିଲେ। କିନ୍ତୁ ରିୟାଜ ପ୍ରାୟ ସମୟ ନିଶାସକ୍ତ ଅବସ୍ଥାରେ ରହୁଥିବାରୁ କମଲ ତାଙ୍କୁ କିଛି ଦିନ ତଳେ ଚାକିରିରୁ ବିଦା କରିଦେଇଥିଲେ। ପ୍ରତିଶୋଧ ପରାୟଣ ହୋଇ ରିୟାଜ ଏଭଳି କାଣ୍ଡ ଘଟାଇଥିଲା।

# ଆର୍ଥିକ ଠକେଇ; ଜଣେ ଗିରଫ

କଟକ,୨୯।୧୦(ସମିସ): ଦୁଇ ବନ୍ଧୁଙ୍କ ବ୍ୟବସାୟକୁ ନେଇ ବଡ ଧରଣର ଆର୍ଥିକ ଠକେଇ ହୋଇଛି। ବ୍ୟବସାୟ ପାଇଁ ଜଣଙ୍କ ପ୍ରରୋଚନାରେ ଅନ୍ୟ ଜଣେ ବନ୍ଧୁ ନିଜ ଜମିକୁ ବ୍ୟାଙ୍କରେ ବନ୍ଧକ ରଖି ୭୦ ଲକ୍ଷ ଟଙ୍କା ଋଣ କରି ଦେଇଥିଲେ। ପରେ ବନ୍ଧୁ ଜଣକ ଋଣ ନ ଶୁଝି ବ୍ୟବସାୟ ବନ୍ଦ କରି ଫେରାର ହୋଇଗଲେ। ଏଭଳି ଏକ ଅଭିଯୋଗ ଆଧାରରେ ମଧୁପାଟଣା ଥାନା ପୁଲିସ ନୂଆବଜାର ଅଞ୍ଚଳର ପ୍ରଭୁଦତ୍ତ ଦୀକ୍ଷିତଙ୍କୁ ଗିରଫ କରିଛି। ମଧୁପାଟଣା ଅଞ୍ଚଳର ପ୍ରଦୀପ ପଣ୍ଡା ଓ ନୂଆବଜାରର ପ୍ରଭୁଦତ୍ତ ଦୀକ୍ଷିତ ଭଲ ବନ୍ଧୁ। ରାଜେନ୍ଦ୍ର ନଗରରେ ଏକ ମୋବାଇଲ ଡିଷ୍ଟ୍ରିବ୍ୟୁଟର ଓ ବିକ୍ରୟ ଦୋକାନ କରିଥିଲେ।

୨୦୧୩ରେ ବ୍ୟବସାୟ ବଢାଇବା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ପଡିଥିଲା। ପ୍ରଭୁଦତ୍ତ ଏଥିଲାଗି ସମ୍ପତ୍ତି ବନ୍ଧକ ରଖି ଋଣ କରିବାକୁ ପ୍ରଦୀପଙ୍କ ଉପରେ ଚାପ ପକାଇଥିଲେ। ବାଧହୋଇ ପ୍ରଦୀପ ଲିଙ୍କରୋଡରେ ଥିବା ଏକ ବ୍ୟାଙ୍କରେ ନିଜ ଜମି ବନ୍ଧକ ରଖି ୭୦ ଲକ୍ଷ ଟଙ୍କାର ଋଣ ଉଠାଇଥିଲେ। ୨୦୨୩ ନଭେମ୍ବରରେ ପ୍ରଭୁଦତ୍ତ ହଠାତ ନିଜ ଆଡୁ ବ୍ୟବସାୟରୁ ଓହରିଗଲେ। ଏ ସମ୍ପର୍କରେ କିନ୍ତୁ ପ୍ରଦୀପ ଜାଣିନଥିଲେ। ସେତେବେଳ ଯାଏ ବ୍ୟାଙ୍କରେ ପ୍ରଦୀପଙ୍କ ଜମି ବନ୍ଧକ ଥିବା ସହ ଋଣ ଟଙ୍କା ଶୁଝା ଯାଇନଥିଲା। ପରବର୍ତ୍ତୀ ସମୟରେ ଋଣ ପୈଠ କରାନଯିବାରୁ ବ୍ୟାଙ୍କ ପକ୍ଷରୁ ବନ୍ଧକ ପଡିଥିବା ଜମି ନିଲାମ କରିବାକୁ ପ୍ରଦୀପଙ୍କୁ ନୋଟିସ ଦିଆଗଲା। ଏଭଳି ସ୍ଥିତିରେ ଅନ୍ୟ ଉପାୟ ନପାଇ ପ୍ରଦୀପ ଗଲା ୧୪ ତାରିଖରେ ମଧୁପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଡ୍ରିମ୍ସ ନର୍ସିଂ ସ୍କୁଲ ପକ୍ଷରୁ ସ୍ତନ କର୍କଟ ସଚେତନତା




କଟକ,୨୯।୧୦(ସମିସ): ଡ୍ରିମ୍ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଟାଙ୍ଗୀ ମହାବିଦ୍ୟାଳୟରେ ସ୍ତନ କର୍କଟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧମରେ ଛାତ୍ରଛାତ୍ରୀଙ୍କ ସହ ଯୋଡ଼ି ହୋଇଥିଲେ। ଟାଙ୍ଗୀ ମହାବିଦ୍ୟାଳୟର ଅଧକ୍ଷା ଡ. ବିଲକେଶ ପରଭିନ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍ସ ସ୍କୁଲ ଅଫ ନର୍ସିଂର ଡିନ ଡ. ପ୍ରଥିମା ପ୍ରକାଶମ୍, ସହକାରୀ ଡିନ୍ ଏନ୍ ପ୍ରେମଲତା ଦେବୀ, ଅଧାପିକା ରଞ୍ଜିତା ବେହେରା, ଅଧାପକ ମାନସ ବେହେରା, ସହକାରୀ ପ୍ରାଧାପିକା ଉର୍ମିଳା ସ୍ୱାଇଁ, ସଂଗୀତା ନାୟକ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଯୋଗ ଦେଇଥିଲେ। ବର୍ଷା ସାହୁ, ବିଜୟ ନାୟକ, ଚନ୍ଦନା ପଣ୍ଡା, ଶ୍ରାବଣୀ ପଣ୍ଡା, ବନଜା ପ୍ରିୟଦର୍ଶିନୀ କର ପ୍ରମୁଖ ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଟାଙ୍ଗୀ ମହାବିଦ୍ୟାଳୟର ଅଧକ୍ଷା ଡ. ପରଭିନଙ୍କୁ 'ଡ୍ରିମ୍ସ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପିକା ମନୀଷା ମିଶ୍ର ଧନ୍ୟବାଦ ଦେଇଥିଲେ।

# ସମାଜସେବୀ ଚକ୍ରଧର ଦାସଙ୍କ ପରଲୋକ

କଟକ,୨୯।୧୦(ସମିସ): ୫୨ନଂ ୱାର୍ଡ ଅନ୍ତର୍ଗତ ରାଜେନ୍ଦ୍ରନଗର ନିବାସୀ ତଥା ସାମାଜିକ ସଂଗଠନ ଆଶୀର୍ବାଦ ଫାଉଣ୍ଡେସନର ପ୍ରତିଷ୍ଠାତା ମାଗୁଣୀ ଦାସଙ୍କ ପିତା ସମାଜସେବୀ ଚକ୍ରଧର ଦାସଙ୍କ



ଆଜି ୭୨ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଦାସ, ଭାଗିରଥ ଦାସ, ଜିତେନ୍ଦ୍ର ଦାସ ଓ ପୁତ୍ରବଧୂଙ୍କ ସମେତ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ରାଜେନ୍ଦ୍ରନଗରସ୍ଥିତ ବାସଭବନରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସରୋଜ ରାଉତ, ବିନୋଦ ବେହେରା, ଶ୍ରୀକଣ୍ଠ ନାୟକ, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାରଣା, ସାହି ଅଧିକାରୀ ପ୍ରମୋଦ ଭୋଳ, ଚିତ୍ତରଞ୍ଜନ ନାୟକ, ପ୍ରଦୀପ ଦାସ, ଗଣେଶ୍ୱର ଜେନା ଶେଷ ଦର୍ଶନ କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ଏକ ପଟୁଆରରେ ଖାନନଗରସ୍ଥିତ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପରଲୋକରେ ରାଜେନ୍ଦ୍ରନଗର, କଲ୍ୟାଣୀନଗର ସମେତ ତାଙ୍କ ପୈତୃକ ଗ୍ରାମ ଜଗତସିଂହପୁର ଜିଲ୍ଲା ଏରେଡାରେ ଶୋକର ଛାୟା ଖେଳିଯାଇଛି।

# ସେରା ଟାଇଲ୍‌ସ ମେଗା ସୋ'ରୁମ୍ ଉଦ୍‌ଘାଟିତ

କଟକ,୨୯।୧୦(ସମିସ): ବିଡାନାସୀ ସିଡିଏ ରୋଡ୍‌ଠାରେ ସେରା କମ୍ପାନୀର ନୂତନ




ଆଉଟଲେଟ ମେସରସ ବାଲାଜୀ ମାର୍ବଲସ୍ ଉଦଘାଟିତ ହୋଇଯାଇଛି। ପାଞ୍ଚ ହଜାର ବର୍ଗଫୁଟ ପରମିତ ଜାଗାରେ ଉଦଘାଟିତ ଏହି ସୋ'ରୁମ୍ ଦ୍ୱାରା ଟାଇଲସ ମାର୍ବଲ ଏବଂ ଗ୍ରାନାଇଟ ଖୁବ୍ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ଇତ୍ୟା ରଞ୍ଜନ ସ୍ୱାଇଁ ଓ କୋ ପ୍ରୋପାଇଟର ନରେଶ ପଣ୍ଡା କହିଛନ୍ତି। ଉତ୍ସବରେ ସେରା କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଦୀପେଶ ପଟେଲ ଓ ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କର୍ମଚାରୀ ସୁରେଶ ସାହୁ, ସୁଶାନ୍ତ ପାଢ଼ୀ, ସୁଦର୍ଶନ ପାଢୀ, ସରୋଜ ପଟ୍ଟନାୟକ, ସୁଶାନ୍ତ ସ୍ୱାଇଁ, ପ୍ରମୋଦ ବେହେରା, ରମେଶ ପଣ୍ଡା, ରଶ୍ମିତା ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ।

# ବ୍ରାଉନସୁଗର ଜବତ; ଜଣେ ଗିରଫ

କଟକ,୨୯।୧୦(ସମିସ): ଜଣେ ପେସାଦାର ନିଶା ବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଗୁରୁଡିଝାଟିଆ ଥାନା ବ୍ରଜବିହାରୀପୁର ଗାଁର ଦୀପକ ରଞ୍ଜନ ପ୍ରଧାନ(୩୦) । ତା' ପାଖରୁ ୧୯ ୬ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ବୁଧବାର ମଧ୍ୟାହ୍ନରେ ମର୍କତନଗର ପଟୁ ମଧୁସୂଦନ ସେତୁ ଛକ ନିକଟରେ ଫ୍ଲାଇଂ ସ୍କ୍ୱାଡ ଚଢଉ କରି ଅଭିଯୁକ୍ତ ଦୀପକକୁ କାବୁ କରିଥିଲା। ତା' ପାଖରୁ ୧୯ ୬ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା। ଦୀପକ ଦୀର୍ଘ ଦିନ ହେବ ବ୍ରାଉନସୁଗର ଆଣି କଟକ ସହରରେ ବେପାର କରୁଥିଲା। ବୁଧବାର ସେ ଅନ୍ୟ ଜଣଙ୍କ ସହିତ ନରାଜ ପଟୁ ଆସି ମଧୁସେତୁ ଛକ ନିକଟରେ ପହଞ୍ଚିଥିଲା। ସେଠାରେ ଗ୍ରାହକ ଆସି ତା' ପାଖରୁ କିଛି ନିଶାଦ୍ରବ୍ୟ ନେଇଥିଲେ। ଅବଶିଷ୍ଟ ଗ୍ରାହକଙ୍କୁ ବ୍ରାଉନସୁଗର ପୁଡ଼ିଆ ଦେବାକୁ ଅପେକ୍ଷା କରିଥିଲା।

## ଐତିହାସିକ ବାଲିଯାତ୍ରା କଟକ-୨୦୨୫

# ଶୋଭା ବଢ଼ାଇଲାଣି ମେଳା ପଡ଼ିଆ



କଟକ, ୨୯।୧୦(ସମିସ):

ଆଉ ୬ ଦିନ ପରେ ମହାନଦୀ କୂଳରେ ଆୟୋଜନ ହେବ ମୁକ୍ତାକାଶ ବାଣିଜ୍ୟିକ ମେଳା ତଥା କଟକ ବାଲିଯାତ୍ରା। ଧୀରେ ଧୀରେ ଚଳଚଞ୍ଚଳ ହେଲାଣି ମେଳା ପଡ଼ିଆ। ଭିଡା ଗଲାଣି ବିଦ୍ୟୁତ ଖୁଣ୍ଟ, ବନ୍ଧା ଗଲାଣି ଦୋଳି। ଚୂନ ପକା, ମୋରମ ବିଛା କାମ ସରିବା ଉପରେ। ଭଲ ବ୍ୟବସାୟର ବାଟ ବାଛି ମେଳାକୁ ଆସୁଥିବା ବେପାରୀମାନେ ବି ଭିଡ ଲଗାଇଲେଣି। ଦିନ ଯେତିକି ପାଖେଇ ଆସୁଛି ମେଳା ପଡ଼ିଆ ସେତିକି ସଜେଇ ହେବାରେ ଲାଗିଛି।

ବାଲିଯାତ୍ରାରେ କଳା ଏବଂ ସଂସ୍କୃତି ସହ ସାହିତ୍ୟର ଝଲକ ଦେଖିବାକୁ ମିଳିବ। ଓଡ଼ିଆ ଭାଷା, ସାହିତ୍ୟ ଓ କାଳଜୟୀ ପୁସ୍ତକଗୁଡିକ ବିଷୟରେ ସମସ୍ତେ ଜାଣିବେ। ଓଡ଼ିଆ ଘରର ପରମ୍ପରା ସାଙ୍ଗକୁ ଲୋକ ସଂସ୍କୃତି ବିଷୟରେ ଦିଆଯିବ ବାର୍ତ୍ତା। ଏଥିପାଇଁ ଏଥର ମୁଖ୍ୟ ଆକର୍ଷଣ ସାଜିବ "କଟକ ଇନ୍ କଟକ'। ନୂଆ ବୋହୂ ରୂପେ ଏହି ପାଭିଲିୟନ ସଜେଇ ହେବା ଆରମ୍ଭ କରିଛି। ସବୁଜିମା କୋଳରେ କଳା କାରୁକାର୍ଯ୍ୟର ଛିଟା ଦିଆଯାଉଛି। କଟକ ଇନ୍ କଟକ ପ୍ରବେଶ ପାଇଁ ମୁଖ୍ୟ ଫାଟକ ଆଗରେ ଏକ କୋଣାର୍କ ଚକ୍ର ଶୋଭା ପାଇବ। ଏହା ଏବେ ତିଆରି ସରିଥିବାବେଳେ ସୂକ୍ଷ୍ମ କାରୁକାର୍ଯ୍ୟ ଚାଲିଛି। ସେହିଭଳି ପ୍ରବେଶ ପଥ ବହିର ଆକାର ଦିଆଯିବ। ଲୋକଙ୍କ ପାଇଁ ଦୁଇଟି ପ୍ରବେଶ ପଥ ରଖାଯାଇଛି। ଏଥିସହ ପ୍ରାୟ ୯ଟି ସେଲ୍ଫି ଜୋନ କରାଯିବ। ଏଥର ବାଲିଯାତ୍ରା ତଳପଡ଼ିଆରେ ସ୍ୱତନ୍ତ୍ର କର୍ପୋରେଟ ପାଭିଲିୟନ ଖୋଲାଯାଇଛି। ଗଡ଼ଖାଇ ଗଡ଼ା ରାସ୍ତା ପାଶ୍ୱର୍ରୁ ଏହା ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ ପୃଷ୍ଠପୋଷକ ସଂସ୍ଥା ଏବଂ ଦୋଳି ବ୍ୟବସାୟୀଙ୍କୁ ସ୍ଥାନ ଦିଆଯାଇଛି। ପୂର୍ବ ବର୍ଷ ଯେଉଁ ଅଞ୍ଚଳରେ ପାର୍କିଂ କରାଯାଉଥିଲା, ସେଠାରେ ଷ୍ଟଲ ପଡ଼ିଲାଣି।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | **(A)** Pending criminal cases | | **(B)** Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# କୃଷକଙ୍କ ବିଶାଳ ସଚେତନତା ସମାବେଶ



## ଜଟିଳ ହେବାରେ ଲାଗିଛି ଧାନ ସଂଗ୍ରହ

ବରଗଡ଼, ୨୯।୧୦(ସମିସ)

ଜିଲ୍ଲାର ବିଭିନ୍ନ ବ୍ଲକର କୃଷକ ସଂଗଠନ, ସଂକଳ୍ପ ପରିବାର ଏବଂ କୋସଲ ସେନା, ଜିଲ୍ଲା ଓବିସି ମଞ୍ଚ ବରଗଡ଼ ପକ୍ଷରୁ ବୁଧବାର ଏକ ଜରୁରୀ ବୈଠକ ଅଗ୍ରଗାମୀ ଯୁବକ ସଂଘ ଠାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଚାଷୀ ସଂଗଠନ ଏକତ୍ର ହୋଇ ଏକ ବିଶାଳ ସମାବେଶ ହୋଇଥିଲା। ଜିଲ୍ଲାର ଚାଷୀଙ୍କର ବିଭିନ୍ନ ସମସ୍ୟା ତଥା ଅନ୍ନଦାତାଙ୍କ ପ୍ରତି ସରକାର ଓ ପ୍ରଶାସନର ବୈମାତୃକ ମନୋଭାବ ନେଇ ଆଲୋଚନା ହୋଇଥିଲା।

ବରଗଡ଼ ଜିଲ୍ଲାରେ ମୋଟ ଚାଷ ଉପଯୋଗୀ ୩ ଲକ୍ଷ ୬୦ ହଜାର ହେକ୍ଟରରୁ ଧାନ ଚାଷ ଜମିରୁ ୨.୩୦ ହଜାର ହେକ୍ଟର ଏବଂ ଅଣଧାନ ୧ ଲକ୍ଷ ୧୧ ହଜାର ହେକ୍ଟର ଜମିରେ ଚାଷ ହେଉଛି। ବିଭିନ୍ନ ଶସ୍ୟ, ମିଲେଟ, ପନିପରିବା ଓ ଫଳମୂଳ ଚାଷ ପରେ ମଧ ୬ ହଜାର ହେକ୍ଟରରେ ପାମ ଚାଷରେ ବରଗଡ଼ ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଣୁ ବରଗଡ଼ ଜିଲ୍ଲାକୁ ଯଥାର୍ଥରେ ଓଡ଼ିଶାର ଭାତହାଣ୍ଡି ବୋଲାଉଛି। କେବଳ ଜଳସେଚନ ସୁବିଧା ମିଳିପାରିଲେ ବରଗଡ଼ ଆହୁରି ଖାଦ୍ୟ ଉତ୍ପାଦନର ଗୁରୁ ଦାୟିତ୍ୱ ଉଠାଇ ପାରିବ। ହେଲେ ଯେଉଁ ବ୍ୟବସ୍ଥା ଦେଇ ଧାନ କିଣା ଚାଲିଥିଲା ତାହା ଏବେ ଅଧିକ ଜଟିଳ ଏବଂ କଷ୍ଟ ସାଧ ହୋଇଛି। ନୂତନ ସରକାର ନିର୍ବାଚନୀ ପ୍ରତିଶ୍ରୁତିରେ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ବା ୩୧ ଶହରେ ସବୁ ଧାନ କିଣିବାକୁ କହିଥିଲେ ଏବଂ ୩୧ ଶହ ଦେଲେ; ମାତ୍ର ଚଳିତ ବର୍ଷ ଏମଏସପି ୬୯ ଟଙ୍କା ବୃଦ୍ଧି ପାଇଛି। ତେଣୁ ୩୧୦୦ ବଦଳରେ ୩୧୬୯ ଦେବାକୁ ଦାବି ହୋଇଛି। ସରକାର ଧାନ ପଞ୍ଜୀକରଣ ନୂତନ ନୀତି ଆଣି କୃଷକ ମାନଙ୍କୁ ହଇରାଣ କରିଛନ୍ତି। ୫ ହଜାର ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିଛନ୍ତି। ଚାଷୀ ସଂଗଠନ ତରଫରୁ ଜିଲ୍ଲାପାଳ, ବିଭାଗୀୟ ଅଧିକାରୀ, ବିଧାୟକ ମାନଙ୍କୁ, ଯୋଗାଣ ମନ୍ତ୍ରୀ, ସୋସାଇଟି ମାନଙ୍କରେ ତାଲା ବନ୍ଦ, ରାସ୍ତାରୋକ, ଜିଲ୍ଲାପାଳ ଅଫିସ ଘେରଉ ଆଦି ହୋଇସାରିଛି। ତଥାପି ପଞ୍ଜୀକରଣ ନେଇ ପ୍ରଶାସନ ପକ୍ଷରୁ କୌଣସି ସରଳୀକରଣ ବ୍ୟବସ୍ଥା ହୋଇନାହିଁ।

ଅନ୍ୟପକ୍ଷେ ଅତାବିରା ଆରଏମସିରେ ୧୦୨ କୋଟି, ବରଗଡ଼ରେ ୮୫ ଏବଂ ପଦ୍ମପୁରରେ ୩୩ କୋଟି ଟଙ୍କା ବ୍ୟାଙ୍କରେ ପଡ଼ି ରହିଛି ହେଲେ ଚାଷୀ ଗଛ ମୂଳରେ ଧାନ ବିକ୍ରି କରୁଛି। ଜିଲ୍ଲାର ସମସ୍ତ ଧାନ ରଖିବା ପାଇଁ ଯଥେଷ୍ଟ ମଣ୍ଡି ନିର୍ମାଣ ହେଉନାହିଁ। ଚାଷୀ ନିଜ ଧାନକୁ ନେଇ କଳବଳ ହେବା ବେଳେ ମିଲର ମାନଙ୍କ ଏଜେଣ୍ଟ ଜରିଆରେ ଧାନ କିଣା ହେଉଛି। ବରଗଡ଼ ଜିଲ୍ଲାରେ ଅଣ ଜଳସେଚିତ ଜମି ପାଇଁ ୧୩, ଜଳସେଚିତ ପାଇଁ ୧୯ କ୍ୱିଣ୍ଟାଲ ଧାନ ସରକାର କିଣୁଛନ୍ତି। କିନ୍ତୁ ପ୍ରକୃତରେ ୨୦/୨୨ କ୍ୱିଣ୍ଟାଲ ଧାନ ଉତ୍ପାଦନ ହେଉଥିବାରୁ ବଳକା ଧାନ ଅତି ଶସ୍ତାରେ ବିକ୍ରି କରିବା ପାଇଁ ଚାଷୀ ବାଧ ହେଉଛି। ମୋଟ କ୍ୱିଣ୍ଟାଲ ପ୍ରତି ୨୫୦/୩୦୦ ଟଙ୍କା ଆସୁଥିବା ବେଳେ ତାହାର ଲାଭ କୃଷକ ପାଉନାହିଁ। ଏପରି କି କଟନି ନ ଦେଲେ ଧାନ ଉଠୁନାହିଁ, ମଣ୍ଡିରେ ମାସ ମାସ ଧରି ଧାନ ପଡ଼ି ରହୁଛି। ମିଲ୍‌ରେ ଏଜେଣ୍ଟ ଓ ଦଲାଲଙ୍କ ରାଜନୀତି ଭିତରେ ଚାଷୀ ଅଣନିଶ୍ୱାସୀ ହୋଇପଡ଼ୁଛି। ଏଣୁ ଧାନ ପଡ଼ିବାର ୪୮ ଘଣ୍ଟା ମଧ୍ୟରେ ଧାନ କିଣାଯାଉ ବୋଲି ଦାବି ହୋଇଛି। ରାଇସ ମିଲ ବା ଭଗବାନ ଭରସାରେ ଚାଷୀଙ୍କ ଧାନ ବିକ୍ରି ବ୍ୟବସ୍ଥାକୁ ଛାଡି ନ ଦେଇ ନଭେମ୍ବର ଆରମ୍ଭରୁ ମଣ୍ଡି ଖୋଲି ସମସ୍ତ ଚାଷୀଙ୍କ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରାଯାଉ, ଉତ୍ପାଦିତ ସମସ୍ତ ଧାନ ମଣ୍ଡି ଜରିଆରେ ୪୮ ଘଣ୍ଟା ମଧ୍ୟରେ କଟନି ଛଟଣୀ ନ କରି ସରକାର ନିଜେ ଧାନ କିଣନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ସଂଗଠନର ରମେଶ ମହାପାତ୍ର, ଅଜିତ ଶତପଥୀ, ଉତ୍ପନ୍ନ ଭୋଇ, ଅଶୋକ ସାହୁ, ବୀରେନ୍ଦ୍ର କର, ତପନ ମିଶ୍ର, ରବିଶଙ୍କର ପଧାନ, ଈଶାନ୍ତ ଭୋଇ, ମୁରଲୀ ଭୋଇ, ସୁଦାମ ପାତ୍ର, ଜୟ ପ୍ରକାଶ ବେହେରା, ଥବିର ସାହୁ, ସୁରେଶ ନିକେଣ୍ଟି, ସୁବାସ ସାମନ୍ତରାୟ ଏବଂ ଲିଙ୍ଗରାଜ ପଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଚେକ ବାଉନ୍ସ ମାମଲା, ଅଭିଯୁକ୍ତଙ୍କୁ ୬ ମାସ ଜେଲ୍

ବିଜେପୁର, ୨୯।୧୦(ସମିସ): ଏକ ଚେକ ବାଉନ୍ସ ମାମଲାରେ ବିଜେପୁର କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୋହେଲା ଥାନା ବିନ୍ଧନପାଲି ଗାଁର ବାବୁଲାଲ ମହାନନ୍ଦ ଗୃହ ନିର୍ମାଣ ପାଇଁ ବିଜେପୁର ଥାନା ପଡ଼ାର ଜୟଶଙ୍କର ଗୁରୁଙ୍କ ଠାରୁ ୨୦୨୨ ମସିହା ସେପ୍ଟେମ୍ବର ମାସରେ ୩ ଲକ୍ଷ ୧୫ ହଜାର ଟଙ୍କା ନେଇଥିଲେ। ମାତ୍ର ସେ ଦୀର୍ଘ ମାସ ପର୍ଯ୍ୟନ୍ତ ଟଙ୍କା ପରିଶୋଧ କରି ନ ଥିଲେ। ବାରମ୍ବାର ଟଙ୍କା ମାଗିବା ପରେ ଶେଷରେ ସେ ଏକ ବ୍ୟାଙ୍କ ଚେକ୍ ଦେଇଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟରେ ଟଙ୍କା ନଥିବାରୁ ଚେକଟି ବାଉନ୍ସ ହୋଇଥିଲା। ଏହି ଘଟଣାକୁ ନେଇ ଗୁରୁ ଏନଆଇ ଆକ୍ଟରେ ଧାରା ୧୩୮ ରେ ଗତ ୨୦୨୩ ଜୁଲାଇ ୧ ତାରିଖରେ ମାମଲା ଦାୟର କରିଥିଲେ। ମାମଲାର ବିଚାର କରି ବିଜେପୁର ଜେଏମଏଫସି ମନସ୍ୱିନୀ ମହାପାତ୍ର ଅଭିଯୁକ୍ତଙ୍କୁ ୬ ମାସର କାରାଦଣ୍ଡ ଆଦେଶ କରିବା ସହିତ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉ କି ବିଜେପୁର କୋର୍ଟର ଜେଲ ଦଣ୍ଡ ବିଧାନ ହୋଇଥିବା ଏହା ପ୍ରଥମ ମାମଲା ଅଟେ।

# ବେଆଇନ ବାଲି ଚାଲାଣ ଟ୍ରାକ୍ଟର ଜବତ

ଅତାବିରା, ୨୯।୧୦(ସମିସ): ଅତାବିରା ଥାନା ଅମସ୍ତଲା ବାବେବିରା ଝାଇଁ ଜୋରରେ ବେଆଇନ ବାଲି ଚୋର ଚାଲାଣ ବେଳେ ଅତାବିରା ପୁଲିସ ଓ ଖଣି ବିଭାଗ ଚଢ଼ଉ କରି ଏକ ଟ୍ରାକ୍ଟରକୁ ଆଣି ଅତାବିରା ଥାନାରେ ଅଟକ ରଖିଛି। ଟ୍ରାକ୍ଟର ଉପରେ ଖଣି ବିଭାଗ ଫାଇନ ଲଗାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି।

# ୧୦୪ ଅନୁଷ୍ଠାନକୁ ସେବାରତ୍ନ ସମ୍ମାନ

ବରଗଡ଼, ୨୯।୧୦(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଠାରେ କୋଶଲ ଟାଇମ୍ସ ଦ୍ୱାରା ବରଗଡ଼ର ଅଗ୍ରଣୀ ସମାଜସେବୀ ସଂଗଠନ ସଂଘମିତ୍ରା ଗ୍ରୁପର ମୁଖ୍ୟ ସଂଘମିତ୍ରା ପଟେଲ ରାଜ୍ୟର ୧୦୪ଟି ସଂଗଠନକୁ ରାଜ୍ୟ ସ୍ତରୀୟ 'ସେବାରତ୍ନ ସମ୍ମାନ'ରେ ସମ୍ମାନିତ କରିଛନ୍ତି। କଣ୍ଟାବାଞ୍ଜି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରି ଆସୁଥିବା ରାଜ୍ୟର ପ୍ରତିଷ୍ଠିତ ସମାଜସେବୀ ସଂଗଠନ ଗୁଡ଼ିକୁ ସମ୍ମାନ ପ୍ରଦାନ କରାଯାଇଛି। ସମାଜର ଦୁର୍ବଳ ବର୍ଗଙ୍କ ପାଇଁ ନିରନ୍ତର ସେବା, ଦୁର୍ଘଟଣାରୁ ଉଦ୍ଧାର, ରକ୍ତଦାନ ଓ ଜନସେବାରେ ସେମାନଙ୍କ ଅଟଳ ପ୍ରୟାସକୁ ଦୃଷ୍ଟିରେ ରଖି ଏହି ସମ୍ମାନ ଦିଆଯାଇଥିଲା। ଆଗାମୀ ଦିନରେ ଆହୁରି ମନ ନିବେଶ ସହ ସମାଜସେବାରେ ନିଜକୁ ନିୟୋଜିତ ରଖିବାକୁ ପଟେଲ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ତାଲିମ

ବରଗଡ଼, ୨୯।୧୦(ସମିସ): ବରଗଡ଼ ଜିଲ୍ଲା ଅଧୀନ ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଆମ୍ବାପାଲି ଠାରେ ଅତାବିରା ଏବଂ ବରଗଡ଼ ବ୍ଲକ ଅଧୀନ ସମସ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଧାନଶିକ୍ଷକ ସର୍ବେଶ୍ୱର ରଥଙ୍କ ଅଧ୍ୟକ୍ଷତାରେ ଶିବିରଟି ଆୟୋଜିତ ହୋଇଥିଲା। ବରଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଜୋନ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ବିଆଇ ଓଡ଼ିଶା ଭୁବନେଶ୍ୱରର ତନ୍ମୟ ଯୟସ୍ୱାଲ୍ ଏବଂ ବିଶଦ ତ୍ରିପାଠୀ ସାଧନକର୍ମୀ ଭାବେ ଯୋଗ ଦେଇଥିଲେ। ଶେଷ ପର୍ଯ୍ୟାୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ ଦଣ୍ଡସେନା ଓ ଦିଲ୍ଲୀପ ମେହେର, ମୋ ସ୍କୁଲ ଅଭିଯାନ ଆଲୁମିନି ସଭାପତି ସୁରେଶ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ପଲସଦା ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ପାଇକମାଳ,୨୯।୧୦(ସମିସ): ପାଇକମାଳ ବ୍ଲକ ପଲସଦା ସ୍ଥିତ ଆୟୁଷ ଆରୋଗ୍ୟ କେନ୍ଦ୍ର ବୁଧବାର ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥି ନିମନ୍ତେ ଦମୟନ୍ତୀ ସାହୁ ସ୍ୱାମୀ ଗିରିଧାରୀ ସାହୁ ୫୦ ଡିସମିଲ ଜମିଦାନ କରିଥିବାରୁ ତାଙ୍କ ଝିଅ ନେତ୍ରୀ ସାହୁଙ୍କୁ ପଲସଦା ଗାଁ ତରଫରୁ ସମ୍ମାନିତ କରାଯାଇଥିଲା। ସଭାରେ ବିଶ୍ୱନାଥ ରଣା ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ତାଙ୍କ ଦ୍ୱାରା ପ୍ରଦତ୍ତ ବଉଳ ଚାରା ସାଂସଦ ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ସିଂ ବରିହା, ସରପଞ୍ଚ ପଙ୍କଜ ସାହୁ, ସମିତି ସଭ୍ୟ ମହେନ୍ଦ୍ର ସିଂ ବରିହା, ଗାଁ କମିଟି ସଭାପତି ମିଲନ ସିଂ ବରିହା, ଲଳିତ ପଟେଲ, ଅରୂପା ପଟେଲ, ଗଜେନ୍ଦ୍ର ସାହୁ ଏବଂ ଗାଁର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ପଲସଦା ଡକ୍ଟର ଆଲୋକ ମେହେରଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଯୋଗ ଶିକ୍ଷକ ଅରବିନ୍ଦ ସାହୁ ଯୋଗ ଆଉ ପ୍ରାଣାୟମ ଦ୍ୱାରା ମଣିଷ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବୁଝାଇଥିଲେ। ଶେଷରେ ଡମ୍ବରୁଧର ସାହୁ ଧନ୍ୟବାଦ ଦେଇଥିଲେ।

# ତୋରଣ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ବରପାଲି, ୨୯।୧୦(ସମିସ): ବରପାଲିରୁ ବରଗଡ଼ ଯାଉଥିବା ୨୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ସୁଉଚ୍ଚ ଭବ୍ୟତୋରଣ ନିର୍ମାଣ ସକାଶେ ଭୂମି ପୂଜନ ସହ ଭିତ୍ତିପ୍ରସ୍ତର ସ୍ଥାପନ ପର୍ବ ସମ୍ପନ୍ନ ହୋଇଛି। ବୁଧବାର ବିଜେପୁର ବିଧାୟକ ସନତ ଗଡ଼ତିଆଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ଉଦ୍‌ଘାଟନ ସହ ଭୂମି ପୂଜନ କରାଯାଇଥିଲା। ମହାନ ଶୀତଳ ଷଷ୍ଠୀ ଯାତ୍ରାର ସ୍ମାରକୀକୁ ଉଜ୍ଜୀବିତ ରଖିବା ସହ ସର୍ବସାଧାରଣଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟ ସମ୍ପାଦିତ ହେଲା ବୋଲି ବିଧାୟକ ଗଡ଼ତିଆ କହିଥିଲେ। କମିଟି ପକ୍ଷରୁ ବରପାଲି ବରଗଡ଼ ମୁଖ୍ୟ ରାଜରାସ୍ତା ଉପରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଭାପତି ଶୀତଳ ଷଷ୍ଠୀ ଯାତ୍ରା କମିଟି ଆନନ୍ଦ ବାବୁଙ୍କ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କମିଟି ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ ସମେତ ବରପାଲି ଜମିଦାର ଲାଲବିକ୍ରମ ସିଂଦେଓ, ଯୁବ ନେତା ପ୍ରତାପ ସିଂ, ଉପଦେଷ୍ଟା ପିନାକୀ ଦାଶ, ପଣ୍ଡିତ ହେମନ୍ତ ମିଶ୍ର, ପଣ୍ଡିତ ସଦାନନ୍ଦ ଦାଶ, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଅରୁଣ ପାଣ୍ଡେ, ଏନଏସି ଅଧକ୍ଷ ଦିନେଶ ଗହୀର, ତହସିଲଦାର ରୁକ୍ମଣ ମେହେର, ବିଡିଓ ସୁମନ୍ତ କୁମ୍ଭାର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ ଶତପଥୀ, ସହକାରୀ ଯନ୍ତ୍ରୀ ସଞ୍ଜୟ ପାତ୍ର, କନିଷ୍ଠ ଯନ୍ତ୍ରୀ ଦୁବରାଜ ହେମ୍ବ୍ରମଙ୍କ ସମେତ ବହୁ କମିଟିର ବରିଷ୍ଠ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଲଖମରାକୁ ନୂତନ ବ୍ଲକ୍ ଗଠନ ଦାବି

ପଦ୍ମପୁର, ୨୯।୧୦(ସମିସ): ରାଜ୍ୟ ସରକାର ନୂତନ ବ୍ଲକ ଗଠନ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଲଖମରାକୁ ନୂତନ ବ୍ଲକ ଗଠନ ଦାବି ହୋଇଛି। ଲଖମରା ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ମୁଖରେ ଅନୁଷ୍ଠିତ ବୈଠକରେ ଲଖମରା ତଥା ଆଖପାଖ ଅଞ୍ଚଳର ଶତାଧିକ ଲୋକ ଯୋଗ ଦେଇଥିଲେ। ଲଖମରାର ଭୌଗୋଳିକ, ଗମନାଗମନ, ଜନସଂଖ୍ୟା ଦୃଷ୍ଟିକୋଣରୁ ବ୍ଲକ ହେବା ପାଇଁ ଯୋଗ୍ୟ ହୋଇଥିବା ବେଳେ ଚରଦାପାଲି, ସରେଇ କେଲା ପଞ୍ଚାୟତକୁ ନେଇ ନୂତନ ମେଣ୍ଡା ବ୍ଲକ ଗଠନ ପାଇଁ ଦାବି କରାଯିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ହୋଇଛି। ୧୯୮୦ରୁ ଏହି ଦାବି ହୋଇ ଆସୁଛି। କମିଟି ପକ୍ଷରୁ ଉପରୋକ୍ତ ସମସ୍ତ ପଞ୍ଚାୟତର ସହମତି କ୍ରମେ ଲଖମରାକୁ ବ୍ଲକ ଘୋଷଣା ଦାବିକୁ ଆହୁରି ଜୋରଦାର କରାଯିବା ସହ ବିଡିଓ, ଜିଲ୍ଲାପାଳ, ସ୍ଥାନୀୟ ଜନପ୍ରତିନିଧି ଏବଂ ବିଭିନ୍ନ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନା କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଆଇନଜୀବୀ କେଶବ ସାହୁ ସଭାପତି, ଶପ୍ତଲାଲ ଝଗରା, ଶୁସାନ୍ତ ସାହୁ, ରୁଦ୍ର ମାଧବ ସେଠ, ଟଙ୍କଧର ଡନସନା, ଜଳଧର ବରିହା, ସମ୍ବଲପୁରୀ ଗାଁର ପ୍ରକାଶ ପଧାନ, ଗିରିଧାରୀ ପଧାନ, ସୌଦାଗର ସାହୁ ସରେଇକେଲାର କୁଳମଣୀ ବାରିକ, ରାଧେଶ୍ୟାମ ପ୍ରଧାନ, ଚର୍ଦାପାଲି ଗଣେଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ● ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

# ପ୍ରଥମ ପର୍ଯ୍ୟାୟରେ ପରୀକ୍ଷା ଦେଲେ ୧୭ ହଜାର ଶିକ୍ଷାର୍ଥୀ

ବରଗଡ଼, ୨୯।୧୦(ସମିସ): ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ) ଅଧୀନ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା (ଏଫ୍‌ଏଲ୍‌ଏନ୍‌ଏଟି) ବରଗଡ଼ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ନିରୀକ୍ଷଣ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ତଥା ସମସ୍ତ



ବ୍ଲକ୍‌ର ବିଇଓ ଓ ଏବିଇଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଜିଲ୍ଲାରେ ୧୭ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷାର ସୁପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଭୁଏଙ୍କ ସମେତ ଗୋଷ୍ଠୀ ଶିକ୍ଷାଧିକାରୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଓ ସିଆରସିସି ମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏଥିପାଇଁ ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଘର ଘର ବୁଲି ଶିକ୍ଷାର୍ଥୀମାନଙ୍କୁ ଚିହ୍ନଟ କରିଥିଲେ ଓ ସ୍ୱେଚ୍ଛାସେବୀ ଶିକ୍ଷକ ସେମାନଙ୍କୁ ଶିକ୍ଷାଦାନ କରିଥିଲେ। ୨୦୨୫-୨୬ ଶିକ୍ଷା ବର୍ଷରେ ବରଗଡ଼ ଜିଲ୍ଲାର ୧ ଲକ୍ଷ ୨୦ ହଜାର ନିରକ୍ଷରଙ୍କୁ ସାକ୍ଷର କରିବା ଜିଲ୍ଲା ଶିକ୍ଷା ବିଭାଗକୁ ଲକ୍ଷ୍ୟ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୩, ୨୫୮ ଜଣ ଶିକ୍ଷାର୍ଥୀ ଏବଂ ୨୩୦୦ ଜଣ ସ୍ୱେଚ୍ଛାସେବୀ ଶିକ୍ଷକ ପଞ୍ଜୀକୃତ ହୋଇଥିଲେ। ସ୍ୱେଚ୍ଛାସେବୀ ଶିକ୍ଷକମାନେ ନିରକ୍ଷରଙ୍କୁ ପଢ଼ାଇବା ପରେ ଆଜି ପ୍ରାୟ ୧୭, ୦୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଅବଶିଷ୍ଟ ୧ଲକ୍ଷ ୩ହଜାର ନିରକ୍ଷରଙ୍କୁ ଆଗାମୀ ଦିନରେ ଚିହ୍ନଟ କରାଯିବ ଏବଂ ମାର୍ଚ୍ଚରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା କରିବାକୁ ଲକ୍ଷ୍ୟ ରଖାଯାଇଛି।

## ● ୭୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ

ବରଗଡ଼: ନବ ଭାରତ ସାକ୍ଷର କାର୍ଯ୍ୟକ୍ରମରେ ସାକ୍ଷରତା ଓ ମୌଳିକ ସଂଖ୍ୟା ଜ୍ଞାନ ଆହରଣ ପରିପ୍ରେକ୍ଷୀରେ ୧୫ ରୁ ୭୦ ବର୍ଷ ବୟସ ପର୍ଯ୍ୟନ୍ତ ଯେଉଁମାନେ ପାଠପଢ଼ା ଛାଡିଥିଲେ ସେମାନଙ୍କୁ ପୁଣି ସାକ୍ଷର କରିବା ପାଇଁ 'ଉଲ୍ଲାସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଯୋଜନାରେ ବରଗଡ଼ ଓଡ଼ିଆ ବାଳକ କ୍ଲଷ୍ଟର ଅଧୀନରେ ରବିବାର ୭୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ କାର୍ଯ୍ୟକ୍ରମରେ ସାମିଲ ହୋଇ ପଢ଼ିବା ଲେଖିବା ସହ ଅଙ୍କ କଷି ନିଜର ଦକ୍ଷତା ମାପି ଥିଲେ। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ବାଳକ କ୍ଲଷ୍ଟର ସିଆରସିସି ଅର୍ଚ୍ଚିତା ପାଣିଗ୍ରାହୀ ପରିଚାଳନା କରିଥିଲେ।

## ● ଝାରବନ୍ଧରେ ୨୫୦୦ ପରୀକ୍ଷାର୍ଥୀ

ଝାରବନ୍ଧ: ଦେଶରେ ସାକ୍ଷରତା ବଢ଼ାଇବା ତଥା ଅଶିକ୍ଷିତ ମାନଙ୍କୁ ଶିକ୍ଷିତ କରିବା ପାଇଁ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ଅଶିକ୍ଷିତ ବର୍ଗଙ୍କୁ ଶିକ୍ଷିତ କରିବା କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ବ୍ଲକ ଶିକ୍ଷା ବିଭାଗରେ ୯୭ ଜଣ ଶିକ୍ଷକ ସର୍ଭେ କରି ମୋଟ ୪୦୫୯ ଜଣଙ୍କୁ ଚିହ୍ନଟ କରିଥିଲେ। ଏମାନଙ୍କ ମଧ୍ୟରୁ ଆଜି ପ୍ରାୟ ୨୫୦୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଝାରବନ୍ଧ ବ୍ଲକର ୭୮ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ୧୨ ଜଣ ସିଆରସିସି ଏବଂ ଏବିଇଓଙ୍କୁ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିଥିଲେ।

# 'ମୋନ୍ଥା' ପ୍ରଭାବରେ ଧାନଚାଷ ନଷ୍ଟ



ଥୁଆପାଲି, ୨୯।୧୦(ସମିସ): ବରଗଡ଼ ଜିଲ୍ଲା ଭେଡେନ ତହସିଲ ଅଧୀନ ଲୁପୁରସିଂହା ରାଜସ୍ୱ କାର୍ଯ୍ୟାଳୟ ଅଧୀନସ୍ତ ରୂପାପାଲି ଗାଁ ଓ ଭେଡେନ ତହସିଲ ଅଞ୍ଚଳରେ ବାତ୍ୟା ମୋନ୍ଥା ପ୍ରଭାବ ଦେଖାଦେଇଛି। ଅମଳକ୍ଷମ ଧାନଗଛ ସବୁ ତଳେ ପଡ଼ି କ୍ଷତିଗ୍ରସ୍ତ ହୋଇଛି। ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଅକଳନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

# ଦିନ ଦ୍ୱିପ୍ରହରରେ କାର୍ ଭିତରୁ ୨୦ ଲକ୍ଷ ଟଙ୍କା ଚୋରି

ବରଗଡ଼, ୨୯।୧୦(ସମିସ): ବରଗଡ଼ରେ ବୁଧବାର ଦ୍ୱିପ୍ରହର ୨.୩୦ରେ କାର ଭିତରୁ ୨୦ ଲକ୍ଷ ଟଙ୍କା ଚୋରି ହୋଇଛି। ଗାନ୍ଧୀଛକ ଆଲମ୍ ହୋଟେଲ ନିକଟରେ କାର୍‌କୁ ରଖି ହୋଟେଲ୍‌କୁ ଖାଇବା ପାଇଁ ଯାଇଥିବା ବେଳେ, ଡ୍ରାଇଭର ପଟର କାଚ ଭାଙ୍ଗି ୨୦ ଲକ୍ଷ ଟଙ୍କା ଚୋରି କରି ନେଇଯାଇଥିବା ଭଳି ଘଟଣା ସାମ୍ନାକୁ ଆସିଛି। ପ୍ରକାଶ ଯେ, ସହର ତାଲିପଡ଼ାର ସୁବୋଧ ଦାଶ ପ୍ରଥମେ ବରଗଡ଼ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ବ୍ରାଞ୍ଚରୁ ୧୫ ଲକ୍ଷ ଓ ସରକାରୀ ହସ୍ପିଟାଲରୋଡରେ ଥିବା ମିନି ଷ୍ଟେଟ ବ୍ୟାଙ୍କରୁ ୫ ଲକ୍ଷ ଉଠାଇଥିଲେ। ଖାଇବା ପାଇଁ ଗାନ୍ଧୀଛକ ନିକଟ ଆଲମ ହୋଟେଲ ନିକଟରେ ପହଞ୍ଚିଥିଲେ। ଜାଗା ନଥିବାରୁ ଟିକେ ଦୂରରେ ଗାଡି ପାର୍କ କରିଥିଲେ। ତେବେ ଖାଇସାରି ଆସି ଦେଖନ୍ତି ତ କାରର ଡ୍ରାଇଭର ପଟର କାଚ ଭାଙ୍ଗି କାର୍‌ରୁ ୨୦ ଲକ୍ଷ ଟଙ୍କା ଦୁର୍ବୃତ୍ତ ଚୋରି କରି ନେଇଯାଇଛନ୍ତି। ଏହି ଘଟଣା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କିଛି ଦିନ ପୂର୍ବରୁ ବରପାଲି ଠାରେ ଠିକ୍ ଏମିତି ଫିଲ୍ମ ଷ୍ଟାଇଲରେ ୧୧ ଲକ୍ଷ ଟଙ୍କା ସ୍କୁଟି ଡିକି ଭାଙ୍ଗି ଚୋରି ହୋଇଥିଲା। ପରେ ବରଗଡ଼ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଦୁଇ ଅଭିଯୁକ୍ତଙ୍କ ସମେତ ୧୧ ଲକ୍ଷ ଟଙ୍କା ଜବତ କରିଥିଲା। ଆଜି ପୁଣି ବରଗଡ଼ ଗାନ୍ଧୀ ଛକ ପୁଲିସ ଟ୍ରାଫିକ ଟାୱାର ସାମ୍ନାରୁ ଏମିତି ଘଟଣା ଘଟିବା ବରଗଡ଼ ପୁଲିସ ପ୍ରଶାସନକୁ ଚାଲେଞ୍ଜ ଦେବା ପରି ହୋଇଛି। ସହରର ବିଭିନ୍ନ ଜାଗାରେ ସିସି କେମେରା ଲାଗିଛି; ଖୁବ୍‌ଶୀଘ୍ର ଚୋର ମାନେ ଧରା ପଡ଼ିଯିବେ ବୋଲି ଏସଡିପିଓ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି।

# ଫ୍ଲାଏଆସ୍ ପକାଇବା ବିରୋଧରେ ଗ୍ରାମବାସୀଙ୍କ ଦାବିପତ୍ର



ବରଗଡ଼, ୨୯।୧୦(ସମିସ): ଥୁଆପାଲି କପାବାରୀରେ ପଡ଼ିଥିବା ଫ୍ଲାଏଆସକୁ ସ୍ଥାନାନ୍ତରିତ କରାଯିବା ଦାବିରେ ବୁଧବାର ଜିଲ୍ଲାପାଳ କାର୍ଯ୍ୟାଳୟରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଥୁଆପାଲି କପାବାରୀରେ ଫ୍ଲାଏଆସ ପକା ଯାଉଥିବା ବେଳେ ଅଞ୍ଚଳବାସୀ ଏନେଇ ପୂର୍ବରୁ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଫ୍ଲାଏଆସକୁ ବିରୋଧ କରି ଜମିରେ ଏହାକୁ ପକା ନ ଯାଉ ବୋଲି ଦାବି କରିଥିଲେ। ଏନେଇ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ବୁଧବାର ପୁଣି ଜିଲ୍ଲାପାଳ କାର୍ଯ୍ୟାଳୟ ଦ୍ୱାରସ୍ତ ହୋଇ ଯେଉଁ ସ୍ଥାନରୁ ଏହା ଆଣାଯାଉଛି ସେହି ସ୍ଥାନକୁ ସ୍ଥାନାନ୍ତରୀତ କରିବା ପାଇଁ ଦାବି କରିଛନ୍ତି। ପ୍ରାୟ ୪୦ ଫୁଟ ଗାତ କରି ଏହି ଫ୍ଲାଏଆସ ପକାଯାଉଛି। ଯାହାଦ୍ୱାରା ଅଞ୍ଚଳବାସୀ ଆଗାମୀ ଦିନରେ ଅନେକ ସମସ୍ୟାର ସମ୍ମୁଖୀନ ହେବେ। ଏହାର ସମାଧାନ କରା ନ ଗଲେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଆମରଣ ଅନଶନ କରିବେ ବୋଲି ଗ୍ରାମବାସୀ ଚରମ ବାଣୀ ଜଣାଇଛନ୍ତି।

# 'ସୁରଭି' ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶର ମାଧ୍ୟମ





ପାଇକମାଳ, ୨୯।୧୦(ସମିସ)

ପାଇକମାଳ ବ୍ଲକ ଭେରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଇକମାଳ ବିଇଓ ଅଦନ ସୁନାଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବରଗଡ଼ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ ପ୍ରଶିକ୍ଷିକା ସସ୍ମିତା ସାହୁ, ପାଇକମାଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ, ଟେମରି ସରପଞ୍ଚ ଦିଲୀପ ବେହେରା, କେଛୋଦାଦର ସରପଞ୍ଚ, ଏବିଇଓ ତଥା ବିଆରସିସି ରାଧେଶ୍ୟାମ ମେହେର, ଏବିଇଓ ଚକାମନ ସୁନା, ଦୁବରାଜ ବେସରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗେଶ୍ୱର ମୁଟକିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବିଶିଷ୍ଟ ଅତିଥି ଭାବେ ପାଇକମାଳ ବିଡିଓ ପ୍ରଫୁଲ୍ଲ ଓଦୁ, ପାଇକମାଳ ତହସିଲଦାର ସିନ୍ଧୁସୁତା ପାତ୍ର, ବରଗଡ଼ ସାଂସଦ ପ୍ରତିନିଧି ତଥା ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ମୋହନ ସିଂ ବରିହା ଯୋଗ ଦେଇଥିଲେ। ବରିଷ୍ଠ ବିଚାରକ ଭାବେ ଓଡ଼ିଆ ଅଧ୍ୟାପକ କେଶବ ଚନ୍ଦ୍ର ବାରିକ, ଅଧ୍ୟାପିକା ରଞ୍ଜିତା ମହାନ୍ତି, ନୃତ୍ୟଗୁରୁ ସୁରେନ୍ଦ୍ର ସାହୁ, ଗବେଷକ ଡ.ଲଳିତ ଜଗତ, ସଙ୍ଗୀତ ଗବେଷିକା କମଳା ତାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଇକମାଳ ବ୍ଲକର ସମସ୍ତ କ୍ଲଷ୍ଟରର ଜଣେ ଲେଖାଏଁ ଶ୍ରେଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଏବଂ ବିଇଓ ଅଫିସର ଜୁନିୟର କିରାଣୀ ଉମାକାନ୍ତ ପଟେଲଙ୍କୁ ଉତ୍ତମ ପ୍ରଦର୍ଶନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ସୁରଭି ମାଧ୍ୟମରେ ଆଭିମୁଖ୍ୟ ସହ ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ସଙ୍ଗୀତ, ଦଳଗତ ନୃତ୍ୟ, କୁଇଜ, ବକ୍ତୃତା, ଚିତ୍ରାଙ୍କନ, ଚିତ୍ରକଳା, ସୃଜନଶୀଳ ଲିଖନ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଭେରୁଆମୁଣ୍ଡା ବିଦ୍ୟାଳୟର ଶିକ୍ଷକଗଣ, ଅଭିଭାବକ ଓ ଗାଁବାସୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ସୁଜାତା ଧରୁଆ, ଚକ୍ରଧର ଅଜଗର, ସନ୍ତୋଷ ମେହେର, ମହେନ୍ଦ୍ର ସେଠ, ନୀଳକଣ୍ଠ ସତନାମୀ, ଚିତ୍ର ବିଶ୍ୱାଳ, ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବୈଷ୍ଣବ ପଣ୍ଡା, ସୁଜାତା ଧରୁଆ, ଚକ୍ରଧର ଅଜଗର ମଞ୍ଚ ପରିଚାଳନା କରିଥିବା ବେଳେ ଏବିଇଓ ଚକାମନ ସୁନା ଧନ୍ୟବାଦ ଦେଇଥିଲେ।

ବରଗଡ଼: ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଲଳିତ ବାଗ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରଗଡ଼ର ଅଧ୍ୟକ୍ଷ ରଜନୀକାନ୍ତ ଦାସ, ଶିକ୍ଷକ ପ୍ରଶିକ୍ଷକ ଜନକ ସେଠ୍, ଏବିଇଓ ଲାଲମୋହନ ସିଂ, ଅବସରପ୍ରାପ୍ତ ବିଇଓ ଫକୀର ପ୍ରଧାନ ଓ ସାଂସଦ ପ୍ରତିନିଧି ଗୁନାରୁ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ୍, ସମ୍ମାନିତ ଅତିଥି ଭାବେ ଏବିଇଓ ଲାଲ ମୋହନ ସିଂ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୯ଟି କ୍ଲଷ୍ଟରର ପ୍ରତିଯୋଗୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି କେଦାର ନାଏକ, ଶିକ୍ଷକ ଶ୍ୟାମଚରଣ ନାଏକ, ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଶାନ୍ତନୁ ମିଶ୍ର, ବବଲି ଭେଶ୍ରା, ମାନସୀ ସେଠ୍, ଇନ୍ଦୁ ବଘେଲଙ୍କ ସମେତ ସମସ୍ତ ସିଆରସିସି, ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବ୍ଲକ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ଭୋଜନ ବ୍ୟବସ୍ଥାର ପରିଚାଳନା ଶିକ୍ଷକ ରମେଶ ଚନ୍ଦ୍ର ପଟେଲ, ରମେଶ ଚନ୍ଦ୍ର ଭୂୟାଁ, ଚୌଧୁରୀ ପାତ୍ର ଓ ଜିତେନ୍ଦ୍ର ନାଏକ ପ୍ରମୁଖ କରିଥିଲେ।

ବିଜେପୁର: ବରଗଡ଼ ଜିଲ୍ଲା ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇଯାଇଛି। ବିଜେପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଡନସେନା, ସମ୍ମାନିତ ଅତିଥି ସ୍ଥାନୀୟ ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ଯୋଖିପାଲି ସରପଞ୍ଚ ସବିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଜେପୁର ବ୍ଲକର ବିଭିନ୍ନ କ୍ଲଷ୍ଟରର ଛାତ୍ରଛାତ୍ରୀ ତର୍କ, ବକ୍ତୃତା, ପ୍ରବନ୍ଧ ଲିଖନ, କୁଇଜ, ଚିତ୍ରାଙ୍କନ, ଗୀତ, ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶିକ୍ଷକ, ଶିକ୍ଷୟତ୍ରୀ, କଳାକାର, ବୁଦ୍ଧିଜୀବୀ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁରେଶ ରାଉତରାୟ, ଗଗନ ବେହେରା, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ବରିହା, ସୁଶାନ୍ତ ପାଣ୍ଡେ, ପୂର୍ଣ୍ଣଚନ୍ଦ୍ର ପଧାନ, ପ୍ରଧାନଶିକ୍ଷକ ମନୋଜ ବେହେରା, ଏନଏସି ଅଧକ୍ଷା ସୀତା ବାରିକ ପ୍ରମୁଖ ଅତିଥି ମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସୁନିଲ ମିଶ୍ର, ନିରଞ୍ଜନ ତ୍ରିପାଠୀ, ପାଣ୍ଡବ ପଧାନ, ଜିତେନ୍ଦ୍ର ମେହେର, ଆକାଶ ମେହେର, ଜଗନ୍ନାଥ କୁମ୍ଭାର, ଅମୁଲ୍ୟ ସୁନା, ସୁଶାନ୍ତ ସାହୁ ପ୍ରମୁଖ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ଅମିୟ ପ୍ରସାଦ ଭୋଇ, ବିଜୟରଞ୍ଜନ ଦାଶ, କୃଷ୍ଣ ଚନ୍ଦ୍ର ନାଏକ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ବିଜେପୁର ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ବରିହା ଧନ୍ୟବାଦ ଅର୍ପଣ କରିଥିଲେ।





## ଲଭ୍-ସେକ୍ସ-ଧୋକା ମାମଲାରେ ନୂଆ ମୋଡ଼

# ମୋ ସ୍ୱାମୀଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ ମହିଳା ଏସ୍‌ଆଇ

ଭୁବନେଶ୍ୱର, ୨୯।୧୦ (ସମିସ): ପ୍ରତାରଣା ଅଭିଯୋଗରେ ଇନ୍ସପେକ୍ଟର (ସଶସ୍ତ୍ର) ତୋଷବନ୍ତ ଆଚାର୍ଯ୍ୟ ଗିରଫ ହେବା ଘଟଣା ନୂଆ ମୋଡ଼ ନେଇଛି। ପୀଡ଼ିତା ସବ୍ ଇନ୍ସପେକ୍ଟର କେସ୍ ଦେବା ପୂର୍ବରୁ ୨୦ ଲକ୍ଷ ଟଙ୍କା ମାଗିଥିଲେ ବୋଲି ସାଙ୍ଘାତିକ ଅଭିଯୋଗ ଆସିଛି। ତୋଷବନ୍ତଙ୍କ ପତ୍ନୀ ପ୍ରଜ୍ଞା ଜ୍ୟୋତି ବାରିକ ଏନେଇ ନୂଆପଲ୍ଲୀ ଥାନାରେ ଏତଲା ଦେଇଛନ୍ତି। ଘଟଣାଟି ରଙ୍ଗ ବଜାର ଅଞ୍ଚଳର ହୋଇଥିବାରୁ ନୂଆପଲ୍ଲୀ ଥାନା ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରି ବାଲିଅନ୍ତା ଥାନାକୁ ମାମଲା ହସ୍ତାନ୍ତର କରିଛି। ବାଲିଅନ୍ତା ଥାନା ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସେପଟେ ତୋଷବନ୍ତ ଓ ପୀଡ଼ିତା ଏସ୍‌ଆଇଙ୍କ ଭିଡିଓ କଲ୍ ସାମ୍ନାକୁ ଆସିଛି। ସେଥିରେ ତଣ୍ଟି କାଟି ଦେବି ବୋଲି ପୀଡ଼ିତାଙ୍କୁ ଧମକ ଦେଉଛନ୍ତି ତୋଷବନ୍ତ।



### ସାମ୍ନାକୁ ଆସିଲେ ଇନ୍ସପେକ୍ଟରଙ୍କ ପତ୍ନୀ

- ୨୦ ଲକ୍ଷ ମାଗୁଥିଲେ ମହିଳା ସବ୍ ଇନ୍ସପେକ୍ଟର
- ପୂର୍ବରୁ ନେଇଛନ୍ତି କାର୍, ମୋବାଇଲ୍
- ବାଲିଅନ୍ତା ଥାନାରେ ରୁଜୁହେଲା ମାମଲା

ପ୍ରଜ୍ଞା ଜ୍ୟୋତିଙ୍କ ଅଭିଯୋଗ ଅନୁଯାୟୀ, ତୋଷବନ୍ତ ସବ୍ ଇନ୍ସପେକ୍ଟର (ସଶସ୍ତ୍ର) ଭାବେ ଚାକିରି କରୁଥିବା ସମୟରେ ପୀଡ଼ିତା ଏସ୍‌ଆଇଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ସହମତିରେ ସମ୍ପର୍କ ରହିଥିବା ବେଳେ ତୋଷବନ୍ତ ରେଜିଷ୍ଟ୍ରି ବିବାହ କରିବାକୁ ବାରମ୍ବାର କହିଥିଲେ ମଧ୍ୟ ପୀଡ଼ିତା ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଅନ୍ୟତ୍ର ବିବାହ କରିବାକୁ ହେଲେ ଟଙ୍କା ଓ କାର ଭଳି ଦାମୀ ଉପହାର ଦେବାକୁ ପଡ଼ିବ ବୋଲି ପୀଡ଼ିତା ବ୍ଲାକମେଲ୍ କରିବା ଆରମ୍ଭ କରିଥିଲେ। ଏସବୁ ଦାବି ପୂରଣ ନ କରି ବିବାହ କଲେ ମିଛ ମାମଲା କରି ଫସାଇ ଦେବେ ବୋଲି ଧମକ ଦେଇଥିଲେ। ଏମିତିକି ପୀଡ଼ିତା ତୋଷବନ୍ତଙ୍କ ଠାରୁ ଚାବି ଛଡ଼ାଇ ନେଇ ଆଜି ଯାଏଁ ସେ କାରକୁ ନିଜ ପାଖରେ ରଖିଛନ୍ତି ବୋଲି ଜ୍ୟୋତି ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହିତ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ମଧ୍ୟ ନେଉଥିଲେ। ଏହାରି ଭିତରେ ଗତବର୍ଷ ଜୁଲାଇ ମାସରେ ତୋଷବନ୍ତ ଓ ଜ୍ୟୋତି ବିବାହ କରିଥିଲେ। ବିବାହର ଦୁଇ ମାସ ପରେ ପୀଡ଼ିତା ପୁଣି ତୋଷବନ୍ତଙ୍କୁ ବ୍ଲାକମେଲ୍ କରିବା ଆରମ୍ଭ କରିବା ସହ ଭୁବନେଶ୍ୱରରେ ଏକ ଜମି ଦାବି କରିଥିଲେ। ପୀଡ଼ିତା ଏସ୍‌ଆଇ ନିକଟରେ ଦାବି କରିବାରୁ ତୋଷବନ୍ତ ୧ ଲକ୍ଷ ୧୫ ହଜାର ଟଙ୍କା ମୂଲ୍ୟର ଏକ ମୋବାଇଲ କିଣି ଦେଇଥିଲେ। ସବୁଠାରୁ ସାଙ୍ଘାତିକ କଥା ହେଉଛି, ଏସବୁ ସତ୍ତ୍ୱେ ମଧ୍ୟ ପୀଡ଼ିତା ଏସ୍‌ଆଇ ତୋଷବନ୍ତଙ୍କ ଠାରୁ ଆହୁରି ୨୦ ଲକ୍ଷ ଟଙ୍କା ଦାବି କରିଥିଲେ ଓ ନ ଦେଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି କହିଥିଲେ। ସେ ଟଙ୍କା ନଦେବାରୁ ପୀଡ଼ିତା ଏସ୍‌ଆଇ ଜଣକ ମହିଳା ଥାନାରେ ଏତଲା ଦେଇଛନ୍ତି ବୋଲି ପତ୍ନୀ ଜ୍ୟୋତି ପ୍ରଜ୍ଞା ଅଭିଯୋଗ କରିଛନ୍ତି। ଏଥିସହିତ ପୀଡ଼ିତା ଏସ୍‌ଆଇ ଜଣକ ଯଦି ପ୍ରତାରଣାର ଶିକାର ହୋଇଛନ୍ତି ତେବେ ବିବାହର ୧୪ ମାସ ପରେ କାହିଁକି ଅଭିଯୋଗ ଆଣିଲେ ବୋଲି ଜ୍ୟୋତି ପ୍ରଜ୍ଞା ପ୍ରଶ୍ନ ଉଠାଇଛନ୍ତି। ଅଭିଯୋଗ ଆଧାରରେ ବାଲିଅନ୍ତା ଥାନା ପୁଲିସ ମାମଲା ରୁଜୁ କରିଛି।

ସେପଟେ ତୋଷବନ୍ତ ଓ ପୀଡ଼ିତା ଏସ୍‌ଆଇଙ୍କର ଏକ ଭିଡିଓ କଲ୍ ଏବେ ଭାଇରାଲ ହେଉଛି। ତୋଷବନ୍ତ ପୀଡ଼ିତାଙ୍କ ତଣ୍ଟିଚିପି ହତ୍ୟା କରିବେ ବୋଲି ଧମକ ଦେଉଛନ୍ତି। ଜେଲ୍ ଯିବାକୁ ପଡ଼ିଲେ ଯିବେ କିନ୍ତୁ ପୀଡ଼ିତାଙ୍କୁ ହତ୍ୟା କରିବେ ବୋଲି ଭିଡିଓରେ ଧମକ ଦେଉଛନ୍ତି।

## ଖାଇକି ଆସୁଛି କହି ଗାଡ଼ି ନେଇ ଡ୍ରାଇଭର୍ ଚମ୍ପଟ

ଭୁବନେଶ୍ୱର, ୨୯।୧୦(ସମିସ): ଖାଇକି ଆସୁଛି କି ଗାଡ଼ି ନେଇ ଚମ୍ପଟ ମାରିଲା ଡ୍ରାଇଭର। ମାଲିକ ଫୋନ୍ କଲେ ମଧ ଫୋନ ଉଠାଇଲା ନାହିଁ। ଶେଷରେ ଥାନାରେ ଅଭିଯୋଗ କରିବା ପରେ ଏୟାରଫିଲ୍ଡ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପ୍ରମୋଦ କୁମାର ଦାସ। ତା' ନିକଟରୁ ଗାଡିକୁ ଜବତ କରିଛି ପୁଲିସ।

ଖବର ନେବାରୁ ଜଣାପଡ଼ିଛି, ବିରିବନ୍ଧ ଅଞ୍ଚଳରେ ରହୁଥିବା ମଞ୍ଜୁ ରାୟଙ୍କ ଜଣେ ଡ୍ରାଇଭର ଆବଶ୍ୟକ ଥିଲା। ଅପରପକ୍ଷେ ଗତ ୨୮ ତାରିଖରେ ପ୍ରମୋଦ ଟୁନା ପରିଡ଼ା ନାମକ ଜଣେ ବ୍ୟକ୍ତିଙ୍କୁ ବରମୁଣ୍ଡାସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରି ତାଙ୍କୁ ଡ୍ରାଇଭର ଭାବରେ ଚାକିରି ଖୋଜିବାକୁ ଅନୁରୋଧ କରିଥିଲେ। ତେଣୁ ଟୁନା ପରିଡ଼ା ଅଭିଯୋଗକାରିଣୀଙ୍କ ମୋବାଇଲ୍ ନମ୍ବର ଡ୍ରାଇଭରଙ୍କୁ ଦେଇଥିଲେ। ତା'ପରେ ଡ୍ରାଇଭର ଅଭିଯୋଗକାରିଣୀଙ୍କ ସହିତ ଯୋଗାଯୋଗ କରି ୨୮ ତାରିଖ ଦିନ ମଧ୍ୟାହ୍ନରେ ବିରିବନ୍ଧସ୍ଥିତ ତାଙ୍କ ଘରେ ପହଞ୍ଚି ତାଙ୍କୁ ତାଙ୍କ କାରରେ ଆଣି କପିଳାପ୍ରସାଦ ସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଛାଡ଼ିଥିଲେ। ମଧ୍ୟାହ୍ନ ଭୋଜନ ଖାଇ ସାରି ଫେରିବେ ବୋଲି କହି କାର ନେଇ ସେଠାରୁ ଚାଲିଯାଇଥିଲେ। ପରେ ଅଭିଯୋଗକାରିଣୀ ସେଠାରୁ ତାଙ୍କୁ ନେଇଯିବା ଲାଗି ଅଭିଯୁକ୍ତଙ୍କୁ ବାରମ୍ବାର କଲ କରିଥିଲେ ମଧ୍ୟ ପ୍ରମୋଦ ତାଙ୍କ କଲ ଉଠାଇ ନ ଥିଲେ ଏବଂ ପର ମୁହୂର୍ତ୍ତରେ ମୋବାଇଲ ଫୋନ୍ ବନ୍ଦ କରିଦେଇ କାର ନେଇ ନୟାଗଡ଼ ଅଭିମୁଖେ ଚାଲିଯାଇଥିଲେ। ଥାନାରେ ମାମଲା ରୁଜୁ ହେବା ପରେ ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ଅଭିଯୁକ୍ତ ଚାଳକ ପ୍ରମୋଦ କୁମାର ଦାଶଙ୍କୁ ନୟାଗଡ଼ ଜିଲ୍ଲା ଗଣିଆ ଅଞ୍ଚଳରୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ତାଙ୍କ ହେପାଜତରୁ ଚୋରିଯାଇଥିବା କାରକୁ ଜବତ କରିଥିଲେ।

## ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆଳାପ'

ଭୁବନେଶ୍ୱର, ୨୯।୧୦(ସମିସ): ଗୁରୁ ଶ୍ରୀନିମାକାନ୍ତ ରାଉତରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ଆଳାପ କଲଚୁରାଲ ଟ୍ରଷ୍ଟ ତରଫରୁ ଓଡ଼ିଶୀ ସଙ୍ଗୀତର ଏକ ବିଶେଷ କାର୍ଯ୍ୟକ୍ରମ 'ଆଳାପ-୨୦୨୫' ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ଅନୁଷ୍ଠାନର ସଭାପତି ବଦ୍ରୀ ନାରାୟଣ ମହାନ୍ତି, ସମ୍ପାଦକ ଗୁରୁ ନିମାକାନ୍ତ ରାଉତରାୟ ପ୍ରମୁଖ ଯୋଗଦେଇ ଓଡ଼ିଶୀ ସଙ୍ଗୀତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଚଉପଦୀ, ଛାନ୍ଦ, ଓଡ଼ିଶୀ, ଚମ୍ପୂ, ଚଉତିଶା ଆଦି ବୃନ୍ଦ ଗାୟନ, ଏକକ ଗାୟନ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

### ଓଡିଏ ଆଇନ ଉଲ୍ଲଂଘନ ଅଭିଯୋଗ

## ବିଏମ୍‌ସିର ଉଚ୍ଛେଦ ନୋଟିସ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

କଟକ, ୨୯। ୧୦(ସମିସ): ଓଡ଼ିଶା ଡେଭେଲପମେଣ୍ଟ ଅଥରିଟି (ଓଡିଏ)ଆଇନ ଉଲ୍ଲଘଂନ କରି ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ବେଆଇନ ଭାବେ ଜାରି ଉଚ୍ଛେଦ ନୋଟିସକୁ ଚାଲେଞ୍ଜ କରି ଦାୟର ମାମଲାରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ସ୍ନିଗ୍ଧା ମହାନ୍ତିଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ନଭେମ୍ବର ୬ତାରିଖ ପର୍ଯ୍ୟନ୍ତ ଆବେଦନକାରୀଙ୍କ ଶ୍ୟାମପୁର ମୌଜାସ୍ଥିତ ଘର ଉଚ୍ଛେଦ ଉପରେ ଅଦାଲତ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ଏହି ପ୍ରସଙ୍ଗରେ ବିଏମସି ପକ୍ଷରୁ ଜବାବ ଦାଖଲ ପାଇଁ ସମୟ ନିଆଯାଇଛି। ପ୍ରକାଶଥାଉକି, ଓଡିଏ ଆକ୍ଟ ଅନୁସାରେ ଉଚ୍ଛେଦ ଓ ଅନ୍ୟାନ୍ୟ ମାମଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଓଏସଡିଙ୍କ ଉପରେ ପୂର୍ବରୁ ନ୍ୟସ୍ତ ରହିଥିଲା। ତେବେ ଏହାକୁ ୧୯୭୪ରେ ସଂଶୋଧନ କରାଯାଇ ପରେ ମହାନଗର ନିଗମ ଓ ପୌରନିଗମଗୁଡିକୁ ଦିଆଯାଇଥିଲା। ହେଲେ ଏହି ଅନୁସାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରୁ ବିଏମସିକୁ ଓଡିଏ ଆଇନ ଅନ୍ତର୍ଗତ ମାମଲା ପରିଚାଳନା କ୍ଷମତା ଆସିଥିଲା। ହେଲେ ଏଥିପାଇଁ ବିଧିବଧ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇନଥିଲା ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ବିଡିଏରୁ ଭୁବନେଶ୍ୱର ମହାନଗର ନିଗମ କମିସନରଙ୍କୁ ଓଡିଏ ମାମଲା ପରିଚାଳନା କ୍ଷମତା ଆସିଥିଲା। ବିଏମସି କମିସନର ଗତ ଅଗଷ୍ଟ୮ରେ ବେଆଇନ ଭାବେ ଓଡ଼ିଶା ମ୍ୟୁନସିପାଲ କର୍ପୋରେସନ (ଓଏମସି)ଆଇନ ଆଧାରରେ ଓଡିଏ ମାମଲା ପରିଚାଳନା ପାଇଁ ଡେପୁଟି କମିସନରଙ୍କୁ କ୍ଷମତା ହସ୍ତାନ୍ତର କରି ଦେଇଥିଲେ। ଯାହା ଓଡିଏ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ବିଏମସି ଡେପୁଟି କମିସନରଙ୍କ ପକ୍ଷରୁ ଆବେଦନକାରୀଙ୍କ ଘରକୁ ସରକାରୀ ଜାଗାରେ ଥିବା ଦର୍ଶାଇ ଗତ ସେପ୍ଟେମ୍ବର ୨୩ରେ ଉଚ୍ଛେଦ ନୋଟିସ ଜାରି କରିବା ବେଆଇନ ବୋଲି ଆବେଦନରେ ଅଭିଯୋଗ କରାଯାଇଛି। ଏପରିକି ଉଚ୍ଛେଦ ନୋଟିସ ସେପ୍ଟେମ୍ବର୨୩ରେ ଜାରି ହୋଇଥିଲେ ମଧ୍ୟ ଆବେଦନକାରୀଙ୍କୁ ଅକ୍ଟୋବର୧୬ରେ ଦିଆଯାଇ ଅକ୍ଟୋବର ୨୯ରେ ଉଚ୍ଛେଦ ପାଇଁ କୁହାଯାଇଥିଲା। ହାଇକୋର୍ଟ ଏହି ଉଚ୍ଛେଦ ନୋଟିସ କାର୍ଯ୍ୟକାରୀ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ଆସନ୍ତା ନଭେମ୍ବର୬ରେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରାଯିବ। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ସଚିବ, ବିଏମସି କମିସନର, ବିଏମସି ଉପ କମିସନରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଦେଶ ରଞ୍ଜନ ବେହେରା ମାମଲା ପରିଚାଳନା କରୁଛନ୍ତି।

## ବିଷ ଖାଇଥିବା ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ଯାଁଳା, ୨୯ ।୧୦(ସମିସ): ତମାଣ୍ଡୋ ଥାନା ନଁପୁଟ ପଞ୍ଚାୟତ ରେତଙ୍ଗ ଗ୍ରାମରେ ଗତ ୧୨ ତାରିଖରେ ବିଷ ଖାଇଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ବିଶ୍ୱ ରଞ୍ଜନ ସ୍ୱାଇଁ (୩୫)। ମିଳିଥିବା ସୂଚନା ଅନୁସାରେ ବିଶ୍ୱ ସବୁବେଳେ ନିଶା ସେବନ କରନ୍ତି। ତେଣୁ ଏନେଇ ସବୁବେଳେ ପାରିବାରିକ କଳହ ଲାଗି ରହୁଥିଲା। ଗତ ୧୨ ତାରିଖ ଦିନ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଉପୁଜିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବିଶ୍ୱ ଘରେ ଥିବା ଘାସମରା ଔଷଧକୁ ପିଇ ଦେଇଥିଲେ। ପରିବାର ଲୋକ ବିଶ୍ୱଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଜି ବିଶ୍ୱଙ୍କ ମୃତ୍ୟୁ ଘଟିଛି। ତମାଣ୍ଡୋ ଥାନା ପୁଲିସ ଶବ ଜବତ କରିବା ସହ ବ୍ୟବଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

## ଏପିକେ ଫାଇଲ୍ କ୍ଲିକ୍ ପରେ ୧.୨୫ ଲକ୍ଷ ଗୋଲ୍

ଭୁବନେଶ୍ୱର, ୨୯।୧୦(ସମିସ): ଏପିକେ ଫାଇଲ୍ କ୍ଲିକ୍ କରିବାରୁ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି ହୋଇଯାଇଛି। ସାଇବର ଠକ ଆକାଉଣ୍ଟରୁ ୧ଲକ୍ଷ ୨୫ ହଜାର ଟଙ୍କା ଠକି ନେଇଛନ୍ତି। ଠକାମିର ଶିକାର ହୋଇଥିବା ପ୍ରଫୁଲ ବେହେରା ଏନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ପ୍ରଫୁଲଙ୍କ ହ୍ୱାଟ୍ସଆପ୍‌କୁ ଏକ ଏପିକେ ଫାଇଲ୍ ଆସିଥିଲା। ଏହାକୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଭାବି କ୍ଲିକ୍ କରିଥିଲେ। ଏହାପରେ ତାଙ୍କ ମୋବାଇଲ୍ ହ୍ୟାକ୍ ହୋଇଯାଇଥିଲା। ପରେ ତାଙ୍କ ଆକାଉଣ୍ଟରୁ ୧ଲକ୍ଷ ୨୫ ହଜାର ଟଙ୍କା କଟିଯାଇଥିଲା। ଏନେଇ ସେ ତୁରନ୍ତ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଇଣ୍ଡିଆନ୍ ଆଇଡଲ୍‌ରେ ଓଡ଼ିଆ ଝିଅ

ଭୁବନେଶ୍ୱର,୨୯।୧୦(ସମିସ): ଇଣ୍ଡିଆନ୍ ଆଇଡଲ ସିଜନ୍-୧୬ରେ ଜଲ୍‌ୱା ଦେଖାଇଛନ୍ତି ଓଡ଼ିଆ ଝିଅ ଜ୍ୟୋତିର୍ମୟୀ। ଏହି ଜାତୀୟ ମଞ୍ଚରେ ତାଙ୍କ ତାଙ୍କ କଣ୍ଠସ୍ୱର ଓ ସଙ୍ଗୀତକୁ ବିଚାରକମଣ୍ଡଳୀ ବେଶ୍ ପ୍ରଶଂସା କରିଛନ୍ତି। ତେବେ ସଙ୍ଗୀତ ସାଙ୍ଗକୁ ତାଙ୍କର ମହନୀୟତା ଏବେ ଦେଶ ବିଦେଶରେ ବି ପ୍ରଶଂସା ସାଉଁଟିଛି। କାରଣ ଜ୍ୟୋତିର୍ମୟୀ କେବଳ ଜଣେ କଣ୍ଠଶିଳ୍ପୀ ନୁହଁନ୍ତି ବରଂ ତାଙ୍କ ସଙ୍ଗୀତ ଅନେକଙ୍କ ଜୀବନରେ ପ୍ରାଣ ଭରିଦେଇଛି। ଦୀର୍ଘ ୨ବର୍ଷ ହେବ ସଙ୍ଗୀତକୁ ମାଧ୍ୟମ କରି ଅଫ୍ ମ୍ୟୁଜିକ ଥେରାପିରୁ ଶିକ୍ଷା ଗ୍ରହଣ କରିଛନ୍ତି। ଏହାପରେ ସେ କ୍ୟାନ୍ସର ରୋଗୀଙ୍କୁ ମ୍ୟୁଜିକ୍ ଥେରାପି ଦେବା ଆରମ୍ଭ କରିଥିଲେ। କ୍ୟାନ୍ସର ରୋଗୀଙ୍କୁ ସଙ୍ଗୀତ ଥେରାପି ଦେବା ପରେ ଯେଉଁ ଆଶୀର୍ବାଦ ମିଳେ, ତାହା ବହୁତ ଆନନ୍ଦ ଦେଇଥାଏ। ସଙ୍ଗୀତ ଥେରାପି ମାଧ୍ୟମରେ ରୋଗୀଙ୍କ ମୁହଁରେ ହସ ଓ ଖୁସି ଦେଖିଲେ, ଅନେକ ଦୁଃଖ କଷ୍ଟ ଭୁଲି ଯାଇଥାଏ ବୋଲି କହିବା ସହ ଏହା ତାଙ୍କ ଜୀବନର ଏକ ବଡ଼ ଉପଲବ୍ଧି ବୋଲି କହିଛନ୍ତି। କ୍ୟାନ୍ସର ରୋଗୀଙ୍କୁ ନିକଟକୁ ଯାଇ



- କର୍କଟ ରୋଗୀଙ୍କୁ ଦେଉଛନ୍ତି ମ୍ୟୁଜିକ୍ ଥେରାପି
- ଜାତୀୟ ମଞ୍ଚରେ ଜ୍ୟୋତିର୍ମୟୀଙ୍କୁ ବିଚାରକଙ୍କ ପ୍ରଶଂସା

କ୍ୟାନ୍‌ସର ରୋଗୀଙ୍କର ସେବାରେ ନିଜକୁ ସମର୍ପି ଦେଇଛନ୍ତି। କ୍ୟାନ୍ସର ପୀଡ଼ିତ ଏବଂ ଗର୍ଭବତୀ ମହିଳାଙ୍କୁ ମଧ୍ୟ ମ୍ୟୁଜିକ୍ ଥେରାପି ଦେଇ ତାଙ୍କର ଅନେକ କଷ୍ଟ ଲାଘବ କରିବାରେ ମାଧ୍ୟମ ପାଲଟିଛନ୍ତି। ଇଣ୍ଡିଆନ୍ ଆଇଡଲ୍ ମଞ୍ଚରେ ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ବିଚାରକଙ୍କ ସମେତ ଉପସ୍ଥିତ ମ୍ୟୁଜିସିଆନ୍ ଏବଂ ଦର୍ଶକମାନେ ତାଙ୍କୁ ସାଧୁବାଦ୍ ଜଣାଇବା ସହ ଏଭଳି ମହତ କାର୍ଯ୍ୟ ଆଗକୁ ଜାରୀ ରଖିବାକୁ କହିଥିଲେ।

ଭୁବନେଶ୍ୱର ପଳାଶୁଣୀରେ ବାପା ଚକ୍ରଧର ନାୟକ ଓ ମା'ଗୌରୀ ନାୟକଙ୍କ ସହ ରୁହନ୍ତି ଜ୍ୟୋତିର୍ମୟୀ। ସେ କିଟ୍ ବିଶ୍ୱବିଦ୍ୟାଳୟରୁ ବିଟେକ୍ କରିବା ପରେ ଚେନ୍ନାଇସ୍ଥିତ ସ୍କୁଲ ସଙ୍ଗୀତ ମାଧ୍ୟମରେ ରୋଗୀଙ୍କୁ ଥେରାପି ଦେଇଥା'ନ୍ତି, ଯାହା ସେମାନଙ୍କ ମାନସିକ ଓ ଶାରୀରିକ ସ୍ତରରେ ସକରାତ୍ମକ ପ୍ରଭାବ ପକାଇଥାଏ। ସଙ୍ଗୀତ ମାଧ୍ୟମରେ ମଧ୍ୟ ଜଣଙ୍କ ମନକୁ ଖୁସିବାରେ ଭରପୂର ଆନନ୍ଦ ମିଳିଥାଏ। ଏହି ଥେରାପି ରୋଗୀଙ୍କ ମଧ୍ୟରେ ଅନେକ ସାହାସ ସୃଷ୍ଟି କରିଥାଏ ବୋଲି ସେ କହିଛନ୍ତି। ଜ୍ୟୋତିର୍ମୟୀ ଅନେକ ଓଡ଼ିଆ ସିନେମାରେ ପ୍ରଚ୍ଛଦପଟ ଗାୟିକା ଭାବେ ସୁନାମ ଅର୍ଜନ କରିଥିବା ବେଳେ ନିକଟରେ ତାଙ୍କର ଭଜନ 'ଚାରିଧାମ ଭିତରୁ ଗୋଟିଏ ଧାମ', 'ପାଗଳ ଭଅଁର', 'ଆମ ଗାଁ ଝିଅ ଖାଣ୍ଟି ଗୁଆ ଘିଅ' ଆଦି ସଙ୍ଗୀତ ବେଶ୍ ଲୋକପ୍ରିୟତା ହାସଲ କରିଛି। ଜ୍ୟୋତିର୍ମୟୀ ବଲିଉଡରେ ଓ ରିୟାଲିଟି ଶୋ' ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ଇଚ୍ଛା ରଖିଥିବା ବେଳେ ତାହା ପୂରଣ ହେବାକୁ ଯାଉଥିବାରୁ ପରିବାର ସଦସ୍ୟଙ୍କ ସମେତ ସମ୍ପର୍କୀୟ ଓ ଦର୍ଶକଙ୍କ ଶୁଭେଚ୍ଛାର ସୁଅ ଛୁଟିଛି।


**OFFICE OF THE EXECUTIVE ENGINEER** O-1160
**RURAL WORKS DIVISION, BARGARH**
e-Procurement Notice No. ONLINE-BGH-11 OF 2025-26

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.
Superintending Engineer
R.W. Division, Bargarh
OIPR-25062/11/0037/2526



**Government of Odisha "e" Procurement Notice Bid Identification No.37/2025-26** C-1344

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Supertintending Engineer,
P.H. Division, Bhubaneswar
OIPR-13205/11/0040/2526



No. 4107 / Dated 25.10.2025 O-1203
**Government of Odisha "e" Procurement Notice**
**Bid Identification No. TENDER ONLINE SNPR-08 OF 2025-26**

1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
   (1) Other details can be seen from detailed notice
   (2) Inviting tenders available in website: www.tendersodisha.gov.in
   (3) Corrigendum, if any, shall only be published in the website: www.tendersodisha.gov.in

Executive Engineer
Rural Works Division, Sonepur
OIPR-25054/11/0045/2526


### କୁଆଡ଼େ ଗଲା 'ସେଫ୍ ସିଟି ଡ୍ରାଇଭ୍' ଅଭିଯାନ

# ଅସାମାଜିକଙ୍କ କବ୍‌ଜାରେ ରାତିର ରାଜଧାନୀ

ଭୁବନେଶ୍ୱର, ୨୯।୧୦ (ସମିସ): ଭୁବନେଶ୍ୱର ସହରକୁ ଅପରାଧୀ ଓ ଅସାମାଜିକଙ୍କ କବଳରୁ ମୁକ୍ତ କରିବା ଲକ୍ଷ୍ୟ ନେଇ କମିସନରେଟ୍ ପୁଲିସ ପକ୍ଷରୁ ସେଫ୍ ସିଟି ଡ୍ରାଇଭ୍ ଅଭିଯାନ ଆରମ୍ଭ ହୋଇଥିଲା। ପିଓପିଡି, ଟିମ୍ ୬୦ ଓ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ଗଠିତ ଏକ ଟିମ୍ ବାଇକରେ ସହରର ଗଳିକନ୍ଦିରେ ପଇଁତରା ମାରିବା ସହ ଅସାମାଜିକଙ୍କ ଆଡ୍ଡାରେ ଛାପା ମାରୁଥିଲେ। ହେଲେ ସେସବୁ ଠପ୍ ହୋଇଯାଇଛି। ଭଗବାନଙ୍କ ଭରସାରେ କଟୁଛି ରାଜଧାନୀର ରାତି। ପୁଲିସର ବେପରୁଆ ମନୋଭାବ ଯୋଗୁଁ ସହରରେ ପୁଣିଥରେ ଉତ୍ପାତ କଲେଣି ମଦ୍ୟପ। ବିଶେଷକରି ରାତିରେ ଅମାନିଆଙ୍କ ଉତ୍ପାତ ବଢ଼ିଗଲାଣି। ଧରପଗଡ଼ରେ ଶିଥିଳତା, ପିଆର୍ ବ୍ୟବସ୍ଥାରେ କୋହଳ ଓ ଧିମା ପାଟ୍ରୋଲିଂ ବ୍ୟବସ୍ଥା ଯୋଗୁଁ ରାଜଧାନୀରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି।

- ରାତି ବଢ଼ିଲେ ବଢୁଛି ଅମାନିଆଙ୍କ ଉତ୍ପାତ
- ଧରପଗଡ଼ରେ ଶିଥିଳତା; ମୁକୁଳା ରାସ୍ତାଘାଟ
- ବିଳମ୍ବିତ ରାତିରେ ଖୋଜିଲେ ବି ମିଳୁନି ପିସିଆର୍

ସଞ୍ଜ ନଇଁଲେ ସାରା ସହରରେ ଆରମ୍ଭ ହୋଇ ଯାଉଛି ଅସାମାଜିକଙ୍କ ଉତ୍ପାତ। ସବୁଦିନ ଛୋଟମୋଟ ଅଘଟଣ ଘଟୁଥିବା ବେଳେ ଗତ ସପ୍ତାହରେ ସାଙ୍ଘାତିକ ଘଟଣା ଘଟିଥିଲା। ୨୨ ତାରିଖ ରାତିରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ତିର୍ତ୍ତୋଲ ଥାନା ଅଞ୍ଚଳର ଶୁଭ୍ରାଂଶୁ ଓ ପ୍ରକାଶ ଏକ ଗାଡ଼ିକୁ ଧକ୍କା ଦେଇଥିଲେ। ପିସିଆର କର୍ମଚାରୀମାନେ ଉଭୟଙ୍କୁ ନିଶାଗ୍ରସ୍ତ କାର୍ ସହ ଥାନାକୁ ନେଇ ବ୍ରେଥ ଆନାଲାଇଜର ମେସିନ ଦ୍ୱାରା ନିଶାର ପରିମାଣ ଯାଞ୍ଚ କରୁଥିଲେ। ହେଲେ ଦୁଇ ଜଣ ଯାକ ମିଶି ପୁଲିସକୁ ପିଟିଥିଲେ।

ଇଏ ତ ଗଲା ସନ୍ଧ୍ୟା ସମୟର କଥା, ରାତି ହେଲେ ଅମାନିଆଙ୍କ ଉତ୍ପାତ ଆହୁରି ବଢୁଛି। ରାସ୍ତା ଉପରେ ମଦ୍ୟପାନ କରିବା, ସର୍ବସାଧାରଣରେ ଗାଳିଗୁଲଜ କରିବା, ଦ୍ରୁତ ଗତିରେ ଗାଡ଼ି ଚଳାଇବା ଓ ସ୍ନେକି ଡ୍ରାଇଭିଂ କରୁଛନ୍ତି। ତମାଣ୍ଡୋ ଠାରୁ ପଳାସୁଣୀ, ଧଉଳିରୁ ନନ୍ଦନକାନନ ଯାଏଁ ଚାରିଆଡ଼େ ଆତଙ୍କ ଖେଳାଉଛନ୍ତି। କେତୋଟି ହାତ ଗଣତି ସ୍ଥାନକୁ ଛାଡ଼ିଦେଲେ ରାତି ୧୨ଟା ପରେ କେଉଁଠାରେ ବି ପିସିଆର ଭ୍ୟାନ ଦେଖିବାକୁ ମିଳୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜପଥ ଉପର ଫ୍ଲାଏ ଓଭର ଉପରେ ମଦ୍ୟପାନ କରି ରାସ୍ତାରେ ବୋତଲ ପକାଉଛନ୍ତି। ଫଳରେ ଅନେକ ସମୟରେ ସର୍ଭିସ ରୋଡ୍‌ରେ ଯାଉଥିବା ଯାତ୍ରୀ ଆହତ ହେଉଥିବା ବେଳେ ଭଙ୍ଗା କାଚ ବୋତଲ ପଶି ଗାଡ଼ି ପଙ୍କଚର୍ ହେଉଛି। ଅଧିକାଂଶ ସମୟରେ ରଙ୍ଗରୁଟ୍‌ରେ ଗାଡ଼ି ଚଳାଇବା ଦ୍ୱାରା ଯାତ୍ରୀମାନେ ବିଳମ୍ବିତ ରାତିରେ ଯାତାୟତ କରୁଥିବା ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କୌଣସି ଜରୁରୀ କାମରେ ରାସ୍ତାରେ ଯାତାୟତ କରୁଥିବା ଦମ୍ପତିଙ୍କୁ କଟୁ ସମାଲୋଚନା ଏବଂ ଅସଭ୍ୟ ଗାଳିଗୁଲର ଶିକାର ହେବାକୁ ପଡୁଛି। ଅନେକ ସମୟରେ ପିସିଆର୍ ଦେଖା ମିଳୁ ନ ଥିବା ବେଳେ ଅଧିକାଂଶ ସମୟରେ ପିସିଆର୍ କର୍ମଚାରୀଙ୍କ ଉପସ୍ଥିତିରେ ଏଭଳି ହେଉଛି। ପିସିଆର୍ ଗୋଡ଼ାଇବା ବେଳକୁ ସେମାନେ ଚତୁରତାର ସହ ଖସି ଯାଉଛନ୍ତି।

ପୂର୍ବରୁ ପ୍ରତି ସପ୍ତାହର ଶନି, ରବି ଓ ବୁଧବାର ରାତିରେ ସହରର ସମସ୍ତ ଥାନା ଅଞ୍ଚଳର ଟ୍ରାଞ୍ଜିଟ୍ ପଏଣ୍ଟରେ ମଦ୍ୟପ ଚାଳକଙ୍କ ଗାଡ଼ିକୁ ଅଟକାଇ ବ୍ରେଥ୍ ଆନାଲାଇଜର ଦ୍ୱାରା ଚାଳକଙ୍କର ନିଶା ସେବନର ପରିମାଣ ଯାଞ୍ଚ କରାଯାଉଥିଲା। ପ୍ରତିଦିନ ୧୦୦ରୁ ଅଧିକ ଗାଡି ଜବତ କରାଯାଇ ପ୍ରୋସିକ୍ୟୁସନ୍ ରିପୋର୍ଟ ଦିଆଯାଉଥିଲା। ଫଳରେ ଗାଡି ମାଲିକ ମୋଟା ଅଙ୍କର ଜରିମାନା ଭରିବା ସହିତ ୨/୩ ଦିନ ଧରି କୋର୍ଟରେ ଚକ୍କର କାଟିବା ପରେ ଗାଡି ଫେରି ପାଉଥିଲେ। ଧରପଗଡ଼ ଜୋରଦାର ହେବାରୁ ମଦ୍ୟପ ଗାଡି ସଂଖ୍ୟା କ୍ରମଶଃ ହ୍ରାସ ହୋଇଥିଲା। ହେଲେ ଏସବୁ ଏବେ ଶିଥିଳ ପଡ଼ିଯାଇଛି। ପୁଲିସର ଏହି ସବୁ ବେପରୁଆ ବା କୋହଳ ମନୋବୃତ୍ତି ମଦୁଆ ଚାଳକ ଓ ଅସାମାଜିକ ତତ୍ତ୍ୱଙ୍କୁ ସୁହାଇବା ସହ ବଳ ଯୋଗାଉଥିବା ଅଭିଯୋଗ ହୋଇଛି।

ଝିମିଟି ଖେଳରୁ ମହାଭାରତ ଭଳି ମେଜର ଓ ବାନ୍ଧବୀଙ୍କୁ ମଦ୍ୟପଙ୍କ ଅସଦାଚରଣ ଘଟଣା ବଡ଼ ରୂପ ଧାରଣ କରିଥିଲା। ଏହି ଘଟଣା ଯେତିକି ଚାଞ୍ଚଲ୍ୟକର, ସେତିକି ସମ୍ବେଦନଶୀଳ ମଧ୍ୟ ଥିଲା। ମାତ୍ର ଏହି ଘଟଣାରୁ କମିସନରେଟ୍ ପୁଲିସ କିଛି ଶିଖିଲା ପରି ମନେ ହେଉନାହିଁ।

## ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ




ଅନୁଗୋଳ,୨୯ ।୧୦(ସମିସ): ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି ବୁଧବାର ପୂର୍ବାହ୍ନରେ ଅନୁଗୋଳଠାରେ ଶିବିର ଅଦାଲତ କରିଛନ୍ତି। ସେ ସର୍କିଟ ହାଉସ୍‌ରେ ପହଞ୍ଚିବା ପରେ ଜିଲ୍ଲାପାଳ ଅବଦାଲ ମୁହମ୍ମଦ୍ ଅଖତର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ମହିଳା ଅୟୋଗ ଅଧ୍ୟକ୍ଷା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶିବିର ଅଦାଲତ ହୋଇଥିଲା। ଏଥିରେ ମହିଳା ଆୟୋଗ ସଦସ୍ୟା ପ୍ରତିଭା ଶତପଥୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଆୟୋଗ ତରଫରୁ ୩୧ଟି ମାମଲାରେ ପକ୍ଷମାନଙ୍କୁ ଶିବିର ଅଦାଲତରେ ଉପସ୍ଥିତ ହେବା ନିମନ୍ତେ ନୋଟିସ୍ ଜାରି କରାଯାଇଥିଲା। ତନ୍ମଧ୍ୟରୁ ୧୨ଟି ମାମଲାର ଶୁଣାଣି କରାଯାଇଥିଲା। ୨ ମାମଲାର ଆପୋସ ସମାଧାନ କରାଯାଇଥିଲା। ଗୋଟିଏ ମାମଲାର ତଦନ୍ତ ନିମନ୍ତେ ଢେଙ୍କାନାଳ ଏସ୍‌ପିଙ୍କ ନିକଟକୁ ପଠାଯାଇଥିବା ବେଳେ ୪ ମାମଲା ଅନୁଗୋଳ ଢେଙ୍କାନାଳର ଜିଲ୍ଲା ସୁରକ୍ଷା ଅଧିକାରୀଙ୍କୁ ପଠାଯାଇଛି। ୨ଟି ମାମଲା ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ନିକଟକୁ ପଠାଯାଇଛି। ୩ଟି ମାମଲାରେ ପୁନଃ ନୋଟିସ୍ କରାଯିବା ନିମନ୍ତେ ଆଦେଶ ହୋଇଛି। ଶିବିର ଅଦାଲତରେ ୨ଟି ନୂତନ ଦରଖାସ୍ତ ଗ୍ରହଣ କରାଯାଇଛି। ଶିବିରରେ ରାଜ୍ୟ ମହିଳା ଆୟୋଗର ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ବନ୍ଦନା ମହାନ୍ତି, ଅରବିନ୍ଦ ପଟ୍ଟନାୟକ, ଦିବାକର ବିଶ୍ୱାଳ, ଚିତ୍ତରଞ୍ଜନ ସାହୁ, ରାମଚନ୍ଦ୍ର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସୁରକ୍ଷା ଅଧିକାରିଣୀ ଦ୍ରୌପଦୀ ମାର୍ଣ୍ଡି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ ଉପସ୍ଥିତ ରହି ଶିବିର ଅଦାଲତ ପରିଚାଳନା କରିଥିଲେ।

## ବାଗଡ଼ିଆ ଉଚ୍ଚ ବିଦ୍ୟାଳୟରେ ସାଇବର ସଚେତନତା ଅଭିଯାନ

ଛେଣ୍ଡିପଦା,୨୯ ।୧୦(ସମିସ): ବାଗଡ଼ିଆ ଥାନା ପକ୍ଷରୁ ବାଗଡ଼ିଆ ଉଚ୍ଚ ବିଦ୍ୟାଳୟରେ ସାଇବର ସଚେତନତା ନେଇ ବିଭିନ୍ନ କାର୍ଯ୍ୟକ୍ରମ ଓ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଥାନା ଆଇଆଇସି ବିପ୍ଳବ କୁମାର ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଇବର ସଚେତନତା ବିଷୟରେ ଏକ ନାଟକ ପରିବେଷଣ କରାଯାଇଥିଲା। ଏଟିଏମ୍ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ, ଅଜଣା ଲିଙ୍କ ଉପରେ କ୍ଲିକ ନ କରିବା, ଅଜଣା ଆପ୍‌ଗୁଡ଼ିକୁ ବ୍ୟବହାର ନ କରିବା, କୌଣସି ବ୍ୟାଙ୍କ ସମ୍ବନ୍ଧୀୟ ଫୋନ୍ କଲ୍ ଗ୍ରହଣ ନ କରିବା ସହ ସଚେତନ ରହିଲେ ସାଇବର ଅପରାଧରୁ ସୁରକ୍ଷିତ ରହିପାରିବା ବୋଲି ଥାନା ଅଧିକାରୀ ସାହୁ ପ୍ରକାଶ କରିଥିଲେ। ଏସ୍‌କେ ଜାହୁନ୍ ମୋହମଦ୍, ରାଜେଶ କୁମାର ସାହୁ, ଉଚ୍ଛବ ପ୍ରଧାନ, ବୁନୁ ପ୍ରଧାନ, ହେମନ୍ତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବାଗଡିଆ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ମହେଶ୍ୱର ସାହୁ, ସଞ୍ଜୟ କୁମାର ଦାସ, ପୂଜାରାଣୀ ସାହୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନାଟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବାଗଡ଼ିଆ ଗ୍ରାମ ସଭାପତି ଦୁଃଶାସନ ବେହେରା, ବାଗଡ଼ିଆ ସରପଞ୍ଚ, ବସନ୍ତପୁର ସରପଞ୍ଚ, ବାଗଡ଼ିଆ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ରଞ୍ଜନ ସାହୁ, ରୁଚିସ୍ମିତା ବେହେରା, ମାନସ ରଞ୍ଜନ ପ୍ରଧାନ, କୁନା ଚନ୍ଦ୍ର ପ୍ରଧାନ, ଦୁଃଶାସନ ବେହେରା, ଗୋପାଳ ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ସାତକୋଶିଆର ଗ୍ରାମ ବିସ୍ଥାପନ ନେଇ ବନ ବିଭାଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ

# ଗ୍ରାମସଭା ଓ ସଠିକ୍ ସର୍ଭେ ନ ହୋଇ ବ୍ୟାପକ ଜାଲିଆତି

ଅନୁଗୋଳ,୨୯ ।୧୦(ସମିସ)

ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ଯୋଜନାରେ ଗତ ୪ ବର୍ଷ ମଧ୍ୟରେ ୯୪୩ ପରିବାର ବାସଚ୍ୟୁତ ହୋଇଛନ୍ତି। ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ପରିସୀମାରେ ଅବସ୍ଥିତ କଟରଙ୍ଗ, ଟୁଲୁକା, ଭୁର୍କୁଣ୍ଡି ଓ ଅଶନବାହାଳ ଗ୍ରାମ ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇଥିବା ବେଳେ ଗୋପାଳପୁର ଓ ଟିକରପଡ଼ା ଗ୍ରାମରୁ ବିସ୍ଥାପନ ପ୍ରକ୍ରିୟା ଜାରି ରହିଛି। ଅନ୍ୟପକ୍ଷରେ କୋର ଏରିଆରେ ଥିବା ରାଇଗୋଡ଼ା ଗ୍ରାମବାସୀ ୨୦୧୭ରେ ବିସ୍ଥାପିତ ହୋଇ ନୂଆକ୍ଷେତାଠାରେ ବସତି ସ୍ଥାପନ କରିଛନ୍ତି। ରାଇଗୋଡ଼ା ଗ୍ରାମବାସୀ ୧୯୯୮ରେ ଏଠାରୁ ବିସ୍ଥାପନ ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଥିବା ବେଳେ ଅଭୟାରଣ୍ୟର ଅନ୍ୟ ଗ୍ରାମଗୁଡ଼ିକ ବାସଚ୍ୟୁତ ନ ହେବା ପାଇଁ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ରିପୋର୍ଟ ପରେ ରାଇଗୋଡ଼ା ଗ୍ରାମକୁ ୨୦୧୭ରେ ବିସ୍ଥାପନ କରାଯାଇଛି।

ଅତଏବ ଅନ୍ୟ ଗ୍ରାମସବୁ ଆଇନଗତ ଜନ ଶୁଣାଣିରେ ମନା କରିଥିବା ଏବଂ ଜିଲ୍ଲାପାଳଙ୍କ ରିପୋର୍ଟ ପରେ ଅଭୟାରଣ୍ୟ ଏରିଆରେ ପରିବର୍ତ୍ତନ ହୋଇଛି। ଅଭୟାରଣ୍ୟ ଓ ବାଘ ସଂରକ୍ଷଣ ଅଞ୍ଚଳରୁ ୩ଟି ଜଙ୍ଗଲ ଗ୍ରାମ ବ୍ୟତୀତ ଅନ୍ୟ ୧୦୪ଟି ରାଜସ୍ୱ ଗ୍ରାମର ୧୮୬ ବର୍ଗ କିଲୋମିଟର ଅଞ୍ଚଳକୁ ସାତକୋଶିଆ ଅଭୟାରଣ୍ୟ ଓ ବାଘ ଅଞ୍ଚଳରୁ ବାଦ୍ ଦିଆଯାଇଛି। ଏ ସମ୍ବନ୍ଧୀୟ ସରକାରୀ ଭାବେ ୨୦୧୮ ଡିସେମ୍ବର ୧୪ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବନ୍ୟଜୀବ ସଂରକ୍ଷଣ ଆଇନର ୩୮ (ଭି) (୫) ଧାରା ଓ ଉପଧାରା ବଳରେ କେବଳ କୋର ଓ ସମ୍ବେଦନଶୀଳ ବାଘ ଅଞ୍ଚଳରୁ ଗ୍ରାମ ବିସ୍ଥାପନ ଯୋଜନା ଥିବାବେଳେ ବନ ବିଭାଗ ଜମି ଅଧିଗ୍ରହଣ ଆଇନକୁ ଏଡ଼ାଇବା ପାଇଁ ବେଆଇନ ଭାବେ ୩୮ (ଭି) (୫) ଧାରାର ଉପଯୋଗ କରିଥିବା ଦୃଢ଼ ଅଭିଯୋଗ ହୋଇଛି।

ଏପରିକି ବନ୍ୟଜୀବ ସଂରକ୍ଷଣ ଆଇନରେ କୌଣସି ବ୍ୟବସ୍ଥା ନ ଥାଇ ବନ ବିଭାଗ ଏକ ଜନବିରୋଧୀ ବେଆଇନ ଗାଇଡଲାଇନ କରି ଗ୍ରାମଗୁଡ଼ିକୁ ଉଠାଇବାକୁ ବିଧିବଦ୍ଧ ଉଦ୍ୟମ ଜାରି ରଖିଛି। ଗ୍ରାମଗୁଡ଼ିକୁ ବିସ୍ଥାପନ କରିବା ପାଇଁ ବନ ବିଭାଗ ଏହିସବୁ ଅଞ୍ଚଳରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରୁନାହିଁ। ପ୍ରତି ଗ୍ରାମରେ ଦଲାଲ ଓ ଜମିମାଫିଆଙ୍କୁ ନିୟୋଜିତ କରାଯାଇ ବନ ବିଭାଗ ଗ୍ରାମଗୁଡ଼ିକୁ ବାସଚ୍ୟୁତ କରାଇବାର ବେଆଇନ ଉଦ୍ୟମ ଜାରି ରଖିଛି। ଏହି ସବୁ ବିସ୍ଥାପନ ପାଇଁ ପ୍ରତି ଗାଁରେ ସାମାଜିକ ବ୍ୟବସ୍ଥା ଭୁଶୁଡ଼ି ଯାଇଛି। ଗ୍ରାମରେ ପୂଜା ପାର୍ବଣ, ଭାଇଚାରା, ସାମାଜିକ ଚଳଣିରେ ବିବାଦ ସୃଷ୍ଟି ହୋଇଛି। ବନ ବିଭାଗ ଯେନତେନ ପ୍ରକାରେ ଗ୍ରାମଗୁଡ଼ିକୁ ବିସ୍ଥାପନ କରିବା ପାଇଁ କର ବା ମର ନୀତି ଆପଣେଇ ବେଆଇନ କାର୍ଯ୍ୟ କରୁଥିବା ଦୃଢ଼ ଅଭିଯୋଗ ରହିଛି। ଗ୍ରାମ ବିସ୍ଥାପନ ପୂର୍ବରୁ ପ୍ରତି ଗ୍ରାମରେ ଜଙ୍ଗଲ ଅଧିକାର ଆଇନରେ ଥିବା ବ୍ୟକ୍ତିଗତ ଜଙ୍ଗଲ ଜମି ଓ ଗୋଷ୍ଠିଗତ ଜଙ୍ଗଲ ଜମିର ଅଧିକାର ସ୍ୱୀକୃତି ନେଇ କୌଣସି କାର୍ଯ୍ୟକ୍ରମ କରାଯାଇ ନାହିଁ। ଏପରିକି ବିସ୍ଥାପନ ପୂର୍ବରୁ ଭୁର୍କୁଣ୍ଡି, ଟୁଲୁକା ଓ ଟିକରପଡ଼ାରେ ଗ୍ରାମସଭା ହୋଇନାହିଁ। ଗ୍ରାମସଭାରେ ଗ୍ରାମବାସୀଙ୍କ ମତାମତ ଗ୍ରହଣ କରା ନ ଯାଇ ଗ୍ରାମକୁ ବିଭାଜିତ କରାଯାଇ ବିସ୍ଥାପନକୁ ସଫଳ କରାଯାଇଛି। ଗ୍ରାମବାସୀଙ୍କୁ ବିସ୍ଥାପନରେ ପ୍ରତି ପରିବାରକୁ ୫ ଏକର କୃଷିଜମି ଦେବା ବ୍ୟବସ୍ଥା ସମ୍ବନ୍ଧରେ ଅବଗତ କରାଯାଇନାହିଁ। କୃଷିଜମି ଯୋଗାଇବା ସମ୍ଭବ ନ ଥିବାରୁ ବନ ବିଭାଗ ଜାଣିଶୁଣି ଅଧିକ ୫ ଲକ୍ଷ ଟଙ୍କାର ପ୍ୟାକେଜ ଦେବାକୁ ପ୍ରଲୋଭନ ଦେଖାଇଛି। ବିସ୍ଥାପନ ପୂର୍ବରୁ ଗ୍ରାମବାସୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଯାହାକି ଘରଦ୍ୱାର, ଜମି, ଗୁହାଳଘର ଓ ଗୃହପାଳିତ ପଶୁ ସମେତ ଗଛଲତାର କୌଣସି ସର୍ଭେ ଓ ସମ୍ପତ୍ତିର ମୂଲ୍ୟାଙ୍କନ କରାଯାଇ ନାହିଁ। କେବଳ ଆଧାର କାର୍ଡ ଓ ଭୋଟ ପରିଚୟପତ୍ରକୁ ଆଧାର କରି ବିସ୍ଥାପନ ତାଲିକା ପ୍ରସ୍ତୁତ କରାଯାଇଛି। ଏପରିକି ଯେଉଁମାନେ ବିସ୍ଥାପନକୁ ବିରୋଧ କରିଛନ୍ତି ସେମାନଙ୍କ ଆଧାର କାର୍ଡ ଓ ଭୋଟ ପରିଚୟପତ୍ର ଥାଇ ମଧ୍ୟ ବିସ୍ଥାପନ ପ୍ୟାକେଜ ଦିଆଯାଇ ନାହିଁ।

ବେଆଇନ ବିସ୍ଥାପନ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ ଉଚ୍ଚ ଅଧିକାରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ସୁଦ୍ଧା ବନ ବିଭାଗ କୌଣସି ଅଭିଯୋଗ ଉପଶମ ପ୍ରକୋଷ୍ଠ ଗଠନ କରି ତାହାର ତଦନ୍ତ ପୂର୍ବକ ସମାଧାନ କରିନାହିଁ। ଗ୍ରାମବାସୀ ବାଧହୋଇ ୨୦୨୨ରୁ ପର୍ଯ୍ୟାୟ କ୍ରମେ ଓଡ଼ିଶା ମାନବିକ ଅଧିକାର କମିଶନଙ୍କ ନିକଟରେ ୫୮ଟି ମାମଲା ରୁଜୁ କରିଛନ୍ତି। ଅନ୍ୟ ପକ୍ଷରେ କଟରଙ୍ଗ ଗ୍ରାମର ୨୯ ଜଣ ବିସ୍ଥାପିତ ମଧ୍ୟ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ବନ ବିଭାଗ ମାଳମାଳ ମାମଲାର କୌଣସି ଭ୍ରୂପେକ୍ଷ ନ କରି ପ୍ରତି ଗ୍ରାମରେ ବିଭାଜନ ନୀତି ପ୍ରୟୋଗ କରି ଗ୍ରାମକୁ ଭାଗଭାଗ କରୁଥିବାରୁ ଗ୍ରାମରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଥିଲା।

**ସମସ୍ତ କାଗଜପତ୍ର ଯାଞ୍ଚ ପାଇଁ ମାନବ ଅଧିକାର କମିଶନଙ୍କ ନିର୍ଦ୍ଦେଶ**


ଅନ୍ୟପକ୍ଷରେ ମାମଲାଗୁଡ଼ିକର ଶୁଣାଣିରେ ବିଳମ୍ବ ହେଉଥିବାର ସୁଯୋଗକୁ ବନ ବିଭାଗ ହାତଛଡ଼ା କରୁ ନ ଥିଲା। ସରକାରୀ ଆଇନ, ନୀତିନିୟମ ଓ ମାର୍ଗଦର୍ଶିକାକୁ ଜାଣିଶୁଣି ଉଲ୍ଲଂଘନ କରି ବନ ବିଭାଗ ଏକ ପ୍ରକାର ଜଙ୍ଗଲରାଜ ଚଳାଇଥିଲା। ଟୁଲୁକା ଓ ଅଶନବାହାଳର ଶହେ ପରିବାରକୁ କୌଣସି ସୁବିଧା ନ ଦେଇ ତରବରିଆ ଭାବେ ବିସ୍ଥାପନ କରିବା ପରେ ସେମାନଙ୍କର ମୌଳିକ ସୁବିଧା କରାଯାଇ ନାହିଁ। ଖବର ନେବାରେ ଜଣାଯାଇଛି, ବିସ୍ଥାପିତ ୯୪୩ ପରିବାରରୁ ଗତ ୨ ବର୍ଷ ମଧ୍ୟରେ ୫୦ ଜଣରୁ ଅଧିକ ବିସ୍ଥାପିତଙ୍କ ଅକାଳ ବିୟୋଗ ଘଟିଛି। ରାଇଗୋଡ଼ା ଗ୍ରାମକୁ ବନ ବିଭାଗ ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ସୀମା ଜଙ୍ଗଲରେ ବସତି ସ୍ଥାପନ କରିଥିବା ବେଳେ ପୁରୁଣାକୋଟ, ଗୋପାଳପୁର ଓ ଟିକରପଡ଼ା ଗ୍ରାମକୁ କେଉଁ ଉଦ୍ଦେଶ୍ୟରେ ବିସ୍ଥାପନ କରୁଛି ତାହାର ପ୍ରକୃତ କାରଣ ଜଣାପଡୁନାହିଁ। ଗୋପାଳପୁର ଓ ଟିକରପଡ଼ା ଗ୍ରାମର ଭୂମିହୀନ ପ୍ରାୟ ୨ ଶହ ପରିବାର କୌଣସି ସ୍ଥାନରେ ଥଇଥାନ ଓ ପୁନଃବସତି ହୋଇ ନ ପାରି ମୂଳ ଗ୍ରାମରେ ଡେରା ପକାଇ ରହିଛନ୍ତି। ଗ୍ରାମ ବିସ୍ଥାପନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ପ୍ରିୟାପ୍ରୀତି ଓ ଦୁର୍ନୀତି ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ଜାରି ରହିଛି। ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ଏବଂ ଗ୍ରାମବାସୀଙ୍କ ପକ୍ଷରୁ ମାଳମାଳ ଅଭିଯୋଗକୁ ବନ ବିଭାଗ ଭ୍ରୂପେକ୍ଷ କରିନାହିଁ। ବେଆଇନ ଗ୍ରାମ ବିସ୍ଥାପନ ନେଇ ଗୋପାଳପୁର, ପୁରୁଣାକୋଟ, ଟିକରପଡ଼ା, ମଝିପଡ଼ା, ଛୋଟକେଇ ଓ ସାଲର ଗ୍ରାମବାସୀ ମାନବ ଅଧିକାର କମିଶନ ନିକଟରେ ମକଦ୍ଦମା ଦାଖଲ କରିଥିବା ବେଳେ ଅଶନବାହାଳ ଓ ଟୁଲୁକା ଗ୍ରାମବାସୀ ସଠିକ୍ ଥଇଥାନ ଓ ପୁନଃବସତି କରାଯାଇ ନ ଥିବା ନେଇ ମାମଲା ରୁଜୁ କରିଛନ୍ତି। ଭୁର୍କୁଣ୍ଡି ଗ୍ରାମବାସୀଙ୍କୁ ଜମିବାଡ଼ିର କୌଣସି କ୍ଷତିପୂରଣ ନ ଦେଇ ବାସଚ୍ୟୁତ କରାଯାଇଥିବା ବେଳେ ୨୧ ଜଣ କ୍ଷତିପୂରଣରୁ ବଞ୍ଚିତ ଥିବା ନେଇ ମାମଲା ରୁଜୁ କରିଛନ୍ତି। ରାଇଗୋଡ଼ା ଗ୍ରାମବାସୀଙ୍କୁ ବନ ବିଭାଗ ସଠିକ୍ ଥଇଥାନ ଓ ପୁନଃବସତି ନେଇ ମାମଲା କରାଯାଇଛି। ଗତ ୨୩ ତାରିଖ କମିଶନଙ୍କ ଅଧ୍ୟକ୍ଷ ନ୍ୟାୟାଧିଶ ଶତ୍ରୁଘ୍ନ ପୂଜାରୀ ୩୩ଟି ମାମଲାର ଶୁଣାଣି କରିଥିଲେ। ଏହି ଶୁଣାଣିରେ ବନ ବିଭାଗର ପିସିସିଏଫ, ସିସିଏଫ, ଡିଏଫଓଙ୍କ ସମେତ ତହସିଲଦାର ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ୪୨ ଜଣ ଆବେଦନକାରୀ ଉପସ୍ଥିତ ଥିବା ବେଳେ ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ବେହେରା ମାମଲା ପରିଚାଳନା କରିଥିଲେ। ଶୁଣାଣି ପାଇଁ ପିସିସିଏଫ ସମୟ ମାଗିଥିବାରୁ ପରବର୍ତ୍ତୀ ଶୁଣାଣି ଆସନ୍ତା ୩୦ ତାରିଖକୁ ଧାର୍ଯ୍ୟ ରହିଛି। ଏହି ଶୁଣାଣି ପାଇଁ ସମସ୍ତ ବିସ୍ଥାପନ ରେକର୍ଡ ଓ କାଗଜପତ୍ର ଯାଞ୍ଚ ପାଇଁ ଅଧ୍ୟକ୍ଷ ଗତ ଶୁଣାଣିରେ ନିର୍ଦ୍ଦେଶ ଦେବା ସହ ସମସ୍ତ ଅଧିକାରୀ ପୁନର୍ବାର ଉପସ୍ଥିତି ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ଜମିହରା ପ୍ରଜାଙ୍କ ଉପରେ ଏମସିଏଲର ଦାଦାଗିରି**

# ଝୁ ଝୁ ବର୍ଷାରେ ଲୋକଙ୍କୁ ବାହାର କରି ଘର ଭାଙ୍ଗିଲେ

ତାଳଚେର,୨୯ ।୧୦(ସମିସ): ରାଜ୍ୟରେ ବାତ୍ୟା ମୋନ୍ଥାର ପ୍ରଭାବରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସରକାର ସ୍ଥାନାନ୍ତର କରୁଥିବା ବେଳେ ତାଳଚେର ଏମସିଏଲ ପକ୍ଷରୁ ଝୁ ଝୁ ବର୍ଷା ସତ୍ତ୍ୱେ ଲୋକଙ୍କୁ ବାସଚ୍ୟୁତ କରାଯାଉଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଏମସିଏଲର ଏଭଳି ହୀନ ଚକ୍ରାନ୍ତକୁ ଦୃଢ଼ ନିନ୍ଦା କରିଛନ୍ତି ବିଧାୟକ ବ୍ରଜକିଶୋର ପ୍ରଧାନ, ସରପଞ୍ଚ ମହର୍ଗୀ ଭୁତିଆ ଓ ଗ୍ରାମବାସୀ। ବିଧାୟକ ଏହାକୁ ବିରୋଧ କରିଥିବା ବେଳେ ପୁଲିସ ତାଙ୍କୁ ଅଟକାଇ ଉଚ୍ଛେଦ କାର୍ଯ୍ୟ ଜାରି ରଖିଥିଲା। ଏହି ସମୟରେ ବିଧାୟକ ଓ ଏସ୍‌ଡିପିଓଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା।

ଅନନ୍ତ କୋଇଲା ଖଣିର ସମ୍ପ୍ରସାରଣ ପାଇଁ ତାଳଚେର ହିଲୋଇ ଗ୍ରାମକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ପୂର୍ବରୁ କୌଣସି ନୋଟିସ ନ ଦେଇ ସକାଳୁ ଘର ଭାଙ୍ଗି ଉଚ୍ଛେଦ କରାଯାଇଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ହିଲୋଇ ଗ୍ରାମର ୧୦୯ ପରିବାରକୁ ଉଚ୍ଛେଦ କରିବା ପାଇଁ



ଖଣି କର୍ତ୍ତୃପକ୍ଷ ପୂର୍ବରୁ ଅନେକ ଥର ନୋଟିସ କରିଥିଲେ ମଧ୍ୟ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଉ ନ ଥିବାରୁ ସେମାନେ ଘର ଛାଡ଼ି ଅନ୍ୟତ୍ର ଯାଉ ନ ଥିଲେ। ବୁଧବାର ଏମସିଏଲ କର୍ତ୍ତୃପକ୍ଷ ଓ ପ୍ରଶାସନ ତରଫରୁ କୌଣସି ନୋଟିସ ନ ଦେଇ ଗ୍ରାମବାସୀଙ୍କୁ ଉଚ୍ଛେଦ କରାଯାଉଥିବା ଖବର ପାଇ ସ୍ଥାନୀୟ ସରପଞ୍ଚ ଓ ତାଳଚେର ବିଧାୟକ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଘର ନ ଭାଙ୍ଗିବାକୁ ପ୍ରଶାସନ ଓ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। କିନ୍ତୁ ପୁଲିସ ପ୍ରଶାସନ କୌଣସି କଥା ନ ଶୁଣି ଜୋର ଜବରଦସ୍ତ ଘର ଭାଙ୍ଗିବାରୁ ବିଧାୟକ ଉଚ୍ଛେଦ କାର୍ଯ୍ୟ ବନ୍ଦ



କରିବାକୁ ଯିବାବେଳେ ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ ତାଙ୍କୁ ଅଟକାଇଥିଲେ। ଏଭଳି ତରବରିଆ ଭାବେ ଘର ଭାଙ୍ଗିବାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଥମଥର ପାଇଁ ତାଳଚେର ଖଣି ଅଞ୍ଚଳରେ ଏଭଳି ଉଚ୍ଛେଦ

- ଏମସିଏଲର ହାତବାରିଶି ସାଜିଛି ପୁଲିସ ପ୍ରଶାସନ
- ପ୍ରତିବାଦ କଲେ ସ୍ଥାନୀୟ ବିଧାୟକ
- ବିଧାୟକଙ୍କ ସହ ଏସଡିପିଓଙ୍କ କଥା କଟାକଟି

କରାଯାଉଛି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଧାୟକ ତଥା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପ୍ରଶାସନ ଓ ଏମସିଏଲ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେବାକୁ ପାଇଁ ମନା କରିଛନ୍ତି।

## ବିଦ୍ୟାଳୟ ପରିସରରେ ଗୃହ ନିର୍ମାଣକୁ ବିରୋଧ

ବଇଣ୍ଡା,୨୯ ।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ କିଆକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ୍ ପ୍ରଶାସନ ପକ୍ଷରୁ ମିଶନ ଶକ୍ତି ଗୃହ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ବିଦ୍ୟାଳୟ ପାଚେରି ଭାଙ୍ଗି ଜୋରଜବରଦସ୍ତ ଗୃହ ନିର୍ମାଣ କରାଯାଉଥିବା ବେଳେ ଅଞ୍ଚଳବାସୀ ବିରୋଧ କରିଛନ୍ତି। ମଙ୍ଗଳବାର ଅଞ୍ଚଳବାସୀ ଏ ନେଇ ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ଜମିରେ ପ୍ରଶାସନ ପକ୍ଷରୁ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମିଶନ ଶକ୍ତି ଗୃହ ନିର୍ମାଣ ଆରମ୍ଭ କରାଯାଇଛି। ବିଦ୍ୟାଳୟର ଉନ୍ନତି ପାଇଁ ଉକ୍ତ ଜମି ଥିବାବେଳେ ବେଆଇନ ଭାବେ ବିଦ୍ୟାଳୟର ପାଚେରି ଭାଙ୍ଗି ମିଶନ ଶକ୍ତି ଗୃହ ନିର୍ମାଣ କରାଯାଉଛି। କିଆକଟାରେ ଅନେକ ସରକାରୀ ଜମି ଥିବାବେଳେ ବିଦ୍ୟାଳୟ ଜମିରେ ଉକ୍ତ ଗୃହ ନିର୍ମାଣକୁ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି। ତୁରନ୍ତ ଉକ୍ତ ପାଚେରି ଭାଙ୍ଗିଥିବା ଠିକାସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାସହ ଅନ୍ୟତ୍ର ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

**ଜିଲ୍ଲାପାଳଙ୍କୁ ଅଭିଯୋଗ**

## ବିଜେପି ନେତାଙ୍କ ବିୟୋଗରେ ଶୋକସଭା



ଅନୁଗୋଳ,୨୯ ।୧୦(ସମିସ): ଅନୁଗୋଳ ଜିଲ୍ଲା ବିଜେପି ଏସସି ମୋର୍ଚ୍ଚା ଉପସଭାପତି ଲଲାଟେନ୍ଦୁ ବେହେରାଙ୍କ ବିୟୋଗରେ ବୁଧବାର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପୂର୍ବତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା ଉପସଭାପତି ଚୌଧୁରୀ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ, ବିଧାନସଭା ସଂଯୋଜକ ପ୍ରହ୍ଲାଦ ସାମଲ, ଅକ୍ଷୟପାଦ ବେହେରା, ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ଦିଲୀପ ଦାସ, ଗୋପବନ୍ଧୁ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଅନୁଗୋଳ,୨୯ ।୧୦(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ପାଇଁ ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା ଉପସଭାପତି ଚୌଧୁରୀ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ, ବିଧାନସଭା କ୍ଷେତ୍ର ସଂଯୋଜକ ପ୍ରହ୍ଲାଦ ସାମଲ, ଅକ୍ଷୟପାଦ ବେହେରା, ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ଦିଲୀପ ଦାସ, ଗୋପବନ୍ଧୁ ଗଡ଼ନାୟକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

**ବାତ୍ୟା ମୋନ୍ଥାର ପ୍ରଭାବ**

# ଅଦିନିଆ ବର୍ଷାରେ ଶୋଇଲା ଧାନଗଛ

ଛେଣ୍ଡିପଦା,୨୯ ।୧୦(ସମିସ)

ବାତ୍ୟା ମୋନ୍ଥା ପ୍ରଭାବରେ ଛେଣ୍ଡିପଦା ବ୍ଲକ୍ ଅଞ୍ଚଳରେ ହାଲୁକା ପବନ ସହ ଝିପିଝିପି ବର୍ଷା ଫଳରେ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଧାନ ଫଳ ଦେବା ସମୟରେ ଗଛଗୁଡ଼ିକ ପାଣିରେ ଶୋଇପଡ଼ିଛି। ଫଳରେ ପଚିଶଢ଼ିଯିବା ଆଶଙ୍କା କରିଛନ୍ତି ଚାଷୀ। ରାଜ୍ୟ ସରକାର ତୁରନ୍ତ ଆର୍‌ଆଇଙ୍କ ଜରିଆରେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଛନ୍ତି।

ବାତ୍ୟା ମୋନ୍ଥା ଜନିତ ଅଦିନିଆ ବର୍ଷା ସାଜିଲା ଚାଷୀଙ୍କ ପାଇଁ କାଳ। ବର୍ଷସାରା ବାରହା, ହାତୀ ତଥା ଅନ୍ୟ ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବରେ ଚାଷୀମାନେ ଧାନ ଫସଲକୁ ସୁରକ୍ଷା



ଧାନ ପାଚିବା ବେଳେ ବର୍ଷା, ଚାଷୀ ହତାଶ

ଦେବାପାଇଁ ଚିନ୍ତାରେ ଥିବାବେଳେ ଏବେ ବାତ୍ୟା ଜନିତ ବର୍ଷା ଭାଙ୍ଗିଦେଇଛି ଚାଷୀଙ୍କ ମେରୁଦଣ୍ଡ। ଛେଣ୍ଡିପଦା ବ୍ଲକ କଣଲୋଇ, ନୂଆଗାଁ, ପାତ୍ରପଡ଼ା, ସାପୋଇନାଳୀ, ବାଗଡିଆ ଅଞ୍ଚଳରେ ଏକର ଏକର ଧାନ ଫସଲ ବର୍ଷା ଯୋଗୁଁ ଶୋଇ ପଡ଼ିଥିବା ବେଳେ ବିଲରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି। ଫଳରେ ଅମଳ ସମୟରେ କିପରି ଧାନକୁ ସୁରକ୍ଷା ଦେବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ମଙ୍ଗଳବାର ବାତ୍ୟା ପ୍ରଭାବରେ ହାଲୁକା ବର୍ଷା ହୋଇଥିବା ବେଳେ ବୁଧବାର ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଫଳରେ ଧାନ ବିଲରେ ଆଣ୍ଠୁଏ ଉପରେ ବର୍ଷାଜଳ ଲହଡ଼ି ଭାଙ୍ଗୁଛି। ବହୁ ଧାନକେଣ୍ଡା ବର୍ଷା ଓ ପବନରେ ବିଲରେ ଶୋଇପଡ଼ିଛି। ବର୍ଷଯାକର ଆହାର ପାଇଁ ଚାଷୀ ଧାରକରଜ କରି ଫସଲ ଅମଳକୁ ଚାହିଁ ବସିଥିବା ବେଳେ ଅଦିନିଆ ବର୍ଷା ଚାଷୀର ଚିନ୍ତା ବଢ଼ାଇଛି। ବିଲରେ ସୁନାର ଫସଲ ମାଟି କାମୁଡ଼ିଥିବା ବେଳେ କିପରି ଅମଳ ହେବ ତାହାକୁ ନେଇ ଆଶଙ୍କାରେ ଚାଷୀ। ଏକର ଏକର ବିଲରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ତୁରନ୍ତ କୃଷିବିଭାଗ ସ୍ଥିତି ଅନୁଧ୍ୟାନ କରି ସହାୟତା ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।


**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH** O-1160
e-Procurement Notice No. ONLINE-BGH-11 OF 2025-26

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.

Superintending Engineer
R.W. Division, Bargarh

OIPR-25062/11/0037/2526

**Government of Odisha "e" Procurement Notice Bid Identification No.37/2025-26** C-1344

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Supertintending Engineer,
P.H. Division, Bhubaneswar

OIPR-13205/11/0040/2526

No. 4107 / Dated 25.10.2025 O-1203
**Government of Odisha "e" Procurement Notice**
**Bid Identification No. TENDER ONLINE SNPR-08 OF 2025-26**

1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
   (1) Other details can be seen from detailed notice
   (2) Inviting tenders available in website: www.tendersodisha.gov.in
   (3) Corrigendum, if any, shall only be published in the website: www.tendersodisha.gov.in


Executive Engineer
Rural Works Division, Sonepur

OIPR-25054/11/0045/2526



## ଶ୍ରୀଲିଙ୍ଗରାଜ ମନ୍ଦିରରେ ନୀତି ବନ୍ଦ

# ମହାପ୍ରଭୁ ଖାଡ଼ା ଉପବାସ



- ରୋଷହୋମ ପରେ ହୋଇନାହିଁ ନୀତିକାନ୍ତି
- ଆଜି ବି ମହାପ୍ରଭୁ ରହିପାରନ୍ତି ଉପବାସ

ଭୁବନେଶ୍ୱର, ୨୯ ।୧୦(ସମିସ): ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ଦୂର ଦୂରାନ୍ତ ଏବଂ ରାଜ୍ୟ ତଥା ରାଜ୍ୟ ବାହାର ଅନେକ ଶ୍ରଦ୍ଧାଳୁ ଶ୍ରୀଲିଙ୍ଗରାଜ ମନ୍ଦିରକୁ ଆସୁଛନ୍ତି । ହେଲେ ପ୍ରଶାସନିକ ପରିଚାଳନାଗତ ତ୍ରୁଟି ପାଇଁ ବୁଧବାର ଲିଙ୍ଗରାଜଙ୍କ ମଙ୍ଗଳ ଆଳତି ପରେ ଆଉ କିଛି ନୀତି ହୋଇପାରିନାହିଁ । ସାରା ଦିନ ଖଡା ଉପବାସ ରହିଛନ୍ତି ଲିଙ୍ଗରାଜ । ଯାହାଦ୍ୱାରା ଲିଙ୍ଗରାଜଙ୍କ ପ୍ରସାଦ ପାଇବାରୁ ବଞ୍ଚିତ ହୋଇଛନ୍ତି ଶହଶହ ଶ୍ରଦ୍ଧାଳୁଙ୍କ ସମେତ ହାବିଷ୍ୟାଳି ।

ବୁଧବାର ଲିଙ୍ଗରାଜ ମହାପ୍ରଭୁଙ୍କର ମଙ୍ଗଳଆଳତି, ଅବକାଶ ପୂଜା, ସାଧାରଣ ଦର୍ଶନ ସହ ରୋଷହୋମ ଆରମ୍ଭ ହୋଇଥିଲା । ଏହି ସମୟରେ ସମର୍ଥୀ ସେବାୟତଙ୍କ ପକ୍ଷରୁ ପ୍ରତିଦିନ ବିରି ବଟା ସହିତ ଚୁନା କୁଟି ମହାସୁଆରଙ୍କୁ ଦିଅଁଙ୍କ ଭୋଗ ପାଇଁ ଦେଇଥାନ୍ତି । କିନ୍ତୁ ବୁଧବାର ଯେଉଁ ସେବାୟତଙ୍କର ପାଳି ରହିଥିଲା ହେଲେ ଏହି ସେବାୟତଙ୍କର କେହି ନଥିଲେ(ନିଅଂଶ) । ଏହି ନିଅଂଶ ପାଳିରେ ଯେଉଁ ସେବାୟତ ପାଳି ସେବା କରୁଥିଲେ ସେ ମନା କରିଦେଲେ ମୁଁ ଆଉ ଏହି ନିଅଂଶ ପାଳି ସେବା କରିବି ନାହିଁ । ଯହାଦ୍ୱାରା ଦିଅଁ ପାଖରେ ନା ଆଉ ଭୋଗ ଲାଗି ପାରିଲା ନା କିଛି ନୀତି ବଢ଼ି ପାରିଲା । ଫଳରେ ସାରାଦିନ ଲିଙ୍ଗରାଜ ଖଡାଖାଡା ଉପବାସ ରହିଲେ । ଏଥିସହିତ ଶହ ଶହ ଶ୍ରଦ୍ଧାଳୁ ଏବଂ ହାବିଷ୍ୟାଳି ଅବଢ଼ା ପାଇବାରୁ ବଞ୍ଚିତ ହୋଇଛନ୍ତି ।

ଏପରି ସ୍ଥଳେ ଯେଉଁ ସେବାୟତଙ୍କର ବଂଶରେ କେହି ରହି ନ ଥାନ୍ତି ଠାକୁରଙ୍କ ସେବା କରିବା ପାଇଁ ସେଠାରେ ପ୍ରଶାସନ ସେହି ନିଯୋଗ ସହିତ ଆଲୋଚନା କରି ଅନ୍ୟ ଏକ ସେବାୟତଙ୍କୁ ସେବା କରିବା ପାଇଁ ପାଳି ଦେଇଥାନ୍ତି ।

ହେଲେ ପ୍ରଶାସନ ନିଯୋଗ ସହିତ କୌଣସି ଆଲୋଚନା ନ କରି ଜଣେ ସମର୍ଥୀଙ୍କୁ ୨୦୧୨ ମସିହାରୁ ସେବା କରିବା ପାଇଁ କହିଥିଲେ । ହେଲେ ଏବେ ସେ ମନା କରିଦେବାରୁ ପ୍ରଶାସନ ହରଡ଼ଘଣାରେ ପଡ଼ିଛି । ଏହି ସେବା ଏବେ କିଏ କରିବ ଏବଂ ଦିଅଁଙ୍କର ନୀତି କେମିତି ହବ ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ନିଅଂଶ ପାଳି ଆଜି ମଧ ରହିଥିବାରୁ କୁହାଯାଉଛି ଯଦି ପ୍ରଶାସନ କିମ୍ବା ସରକାରୀ ସ୍ତରରେ କୌଣସି ସମାଧାନ ନ ହୁଏ ତେବେ ଲିଙ୍ଗରାଜ ପୁଣି ଆଜି ସାରାଦିନ ଖାଡା ଉପବାସ ରହିବେ ।

ଏପଟେ ନିତୀକୁ ନିଯୋଗ ମଧ ହାତ ଟେକି ଦେଇଛି । ଆମ ସହିତ ତ କୌଣସି ଆଲୋଚନା ପ୍ରଶାସନ କରିନି ତେବେ ଆମେ କାହିଁକି ନୀତି କରିବୁ ଆମ ପକ୍ଷରୁ ନୀତି ବନ୍ଦ ହୋଇନାହିଁ । ପ୍ରଶାସନ ମନଇଚ୍ଛା ଯାହାକୁ ପାଳି ସେବା କରିବାକୁ ଦେଇଥିଲା ଏବେ ନିଜେ ପ୍ରଶାସନ ବୁଝନ୍ତୁ ବୋଲି କୁହାଯାଇଛି । ଏଥିସହିତ ଯେଉଁ ସେବାୟତ ପାଳି କରୁଥିଲେ ଯଦି ମନ୍ଦିର ଆଗରେ ଦୀପ, ଧୂପ ଆଦି ୫ଟା ଦୋକାନ କରିବା ପାଇଁ ଅନୁମତି ଦିଆଯାଏ ତେବେ ସେ ପାଳି କରି ପାରନ୍ତି ବୋଲି କହିଛନ୍ତି ।

## ପଦ ଏକ, ଦାୟିତ୍ୱ ଅନେକ

# କୋମାରେ ସଂସ୍କୃତି ବିଭାଗ

ଭୁବନେଶ୍ୱର,୨୯।୧୦(ସମିସ): ଓଡ଼ିଆ ଅସ୍ମିତାକୁ ଆଧାର କରି ନୂଆ ସରକାର ଗଠନ ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟ ତ୍ୱରାନ୍ୱିତ ହେବା ନେଇ ଅନେକ ଆଶା ରହିଥିବା ବେଳେ କାର୍ଯ୍ୟ ଶୂନ । ଅସ୍ମିତା ମଙ୍ଗ ଧରିଥିବା ସଂସ୍କୃତି ବିଭାଗ ସ୍ଥାଣୁ ପାଲଟିଛି । ସେହିପରି ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ଭାଙ୍ଗିବାକୁ ୨ବର୍ଷ ବିତିଯାଇଛି; କିନ୍ତୁ ଏଯାଏଁ ପୁନର୍ଗଠନ ହୋଇପାରିନାହିଁ ପରିଷଦ । ଫଳରେ ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ ଅଟକି ରହିଛି । ଏପଟେ ପଦ ଏକ କିନ୍ତୁ ଦାୟିତ୍ୱ ଅନେକ । ବିଭାଗୀୟ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସଚିବ, ନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ ସମସ୍ତେ ଏକାଧିକ କାର୍ଯ୍ୟଭାର ସମ୍ଭାଳିଛନ୍ତି । ଏହାଦ୍ୱାରା କୌଣସି ଗୋଟିଏ ସଠିକ୍ ଢଙ୍ଗରେ ହେଉନାହିଁ ବା ଯେଉଁଭଳି ବିକାଶ ହେବା କଥା ସେଭଳି ହେଉ ନ ଥିବା ଦେଖିବାକୁ ମିଳିଛି । ଏହାଛଡ଼ା ସଂସ୍କୃତି ବିଭାଗରେ ଅଧସ୍ତନ କାର୍ଯ୍ୟାଳୟ, ସ୍ୱୟଂଶାସିତ ସଂସ୍ଥା କାର୍ଯ୍ୟ କରୁଥିବାବେଳେ ଏଠାରେ ମଧ ମାନବସମ୍ବଳର ଅଭାବ ରହିଛି । ଦୀର୍ଘବର୍ଷ ଧରି ଚୁକ୍ତିଭିତ୍ତିରେ ଅନେକ କର୍ମଚାରୀ କାର୍ଯ୍ୟ କରୁଥିଲେ ମଧ ସେମାନଙ୍କର ନିୟମିତ ହେଉନଥିବା ଅଭିଯୋଗ ହୋଇଛି । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରେ ସାଧାରଣ ପରିଷଦ ଥାଇଁ ମଧ ଏ ପର୍ଯ୍ୟନ୍ତ ସଭାପତି ଓ ଉପସଭାପତି ନିଯୁକ୍ତି ହେଇ ପାରୁନାହିଁ । ଖାଲି ସେତିକି ନୁହେଁ; ଏକାଡେମୀର ତିନି ବର୍ଷ ୨୦୨୩,୨୦୨୪ ଓ ୨୦୨୫ ପାଇଁ ପୁରସ୍କାର ପ୍ରକ୍ରିୟା ଶେଷ ହୋଇଥିଲେ ମଧ ପୁରସ୍କାର ଚୟନ ଓ ପ୍ରଦାନରେ ଅହେତୁକ ବିଳମ୍ବ ହେଉଛି ।

ସୂଚନା ଅନୁସାରେ, ବିଭାଗୀୟ ନିର୍ଦ୍ଦେଶକ ମଧ ଏକାଧିକ ଦାୟିତ୍ୱରେ ଅଛନ୍ତି । ନିକଟରେ ତାଙ୍କୁ ସଚିବ ଦାୟିତ୍ୱ ମଧ ପ୍ରଦାନ କରାଯାଇଛି । ତେବେ ସ୍ୱୟଂଶାସିତ ସଂସ୍ଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ସାହିତ୍ୟ ଏକାଡେମୀ, ଉର୍ଦ୍ଦୁ ଏକାଡେମୀ ଏବଂ ଲଳିତକଳା ଏକାଡେମୀ ମଧ ପଦ ଫାଙ୍କର ରହିଛି । ଉର୍ଦ୍ଦୁ ଏବଂ ସାହିତ୍ୟ ଏକାଡେମୀରେ ସଚିବ ଥିବାବେଳେ ସଭାପତି ଏବଂ ଉପସଭାପତି ନାହାନ୍ତି । ସେହିପରି ଲଳିତକଳା ଏବଂ ସଙ୍ଗୀତ ନାଟକ ଏକାଡେମୀରେ ସ୍ଥାୟୀ ସଚିବ ନଥିବାବେଳେ ସଭାପତି ଓ ଉପସଭାପତି ବି ନାହାନ୍ତି । ଓଡ଼ିଆ ଭାଷା ପ୍ରତିଷ୍ଠାନରେ ଆବଶ୍ୟକ ଅନୁସାରେ ମାନବସମ୍ବଳ ନ ଥିବା ସହ ନିୟମିତ କର୍ମଚାରୀ ନାହାନ୍ତି । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କୁଳପତି ମଧ ଅତିରିକ୍ତ ଦାୟିତ୍ୱରେ ଆଉ ଏକ ବିଶ୍ୱବିଦ୍ୟାଳୟର କୁଳପତି ଅଛନ୍ତି । ସଙ୍ଗୀତ ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକ ପାଠପଢ଼ାର ମଙ୍ଗ ଧରିଥିବା ବେଳେ ରାଜ୍ୟ ଗ୍ରନ୍ଥାଗାରରେ ମୂଳ ପଦ ଅନୁସାରେ କର୍ମଚାରୀଙ୍କ ଅଭାବ ରହିଛି । ତା'ସାଙ୍ଗକୁ ରାଜ୍ୟ ସଂଗ୍ରହାଳୟ ଏବଂ ରାଜ୍ୟ ଅଭିଲେଖାଗାର ଅନେକ ପଦ ଫାଙ୍କା ରହିଛି ।

ସାହିତ୍ୟ ଏକାଡେମୀର ସ୍ୱ-ନକ୍ଷତ୍ର ଦିବସ ଅବସରରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଖାଲି ପଡ଼ିଥିବା ବିଭିନ୍ନ ପଦପଦବୀ ପୂରଣ ଏବଂ ପୁରସ୍କାର ପ୍ରଦାନ ଦିଗରେ ସରକାର ସକରାତ୍ମକ ପଦକ୍ଷେପ ଗ୍ରହଣ କରୁଥିବା ଦର୍ଶାଇଥିବା ବେଳେ ନିକଟରେ ସଂସ୍କୃତି ବିଭାଗ ସମ୍ମିଳନୀକକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ମଧ ମାନବସମ୍ବଳ ପୂରଣ ହେବ ବୋଲି ମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଦିନ ପରେ ଦିନ ଗଡ଼ୁଛି ହେଲେ ଅଟକି ରହିଥିବା ବିଭିନ୍ନ କାର୍ଯ୍ୟପନ୍ଥା ତ୍ୱରାନ୍ୱିତ ହେବା ବଦଳରେ ସ୍ଥାଣୁ ପାଲଟିଯାଉଛି ବିଭାଗ । କାରଣ ସମସ୍ୟାର ସମାଧାନ କେବେ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଆଖିବୁଜିଲା କୁଟୁରା, ଅସୁସ୍ଥ ସାରସ

ନନ୍ଦନକାନନ/ବାରଙ୍ଗ, ୨୯।୧୦ (ସମିସ): ଚିକିତ୍ସା ପାଇଁ ନନ୍ଦନକାନନ ଆସିଥିବା ଗୋଟିଏ ୪ ମାସର କୁଟୁରାର ମୃତ୍ୟୁ ହୋଇଥିବା ବେଳେ ଆଉ ଗୋଟେ ସାରସ ପକ୍ଷୀ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି । ପ୍ରାଣୀ ଉଦ୍ୟାନ ନନ୍ଦନକାନନର କୁଟୁରା ଖୁଆଡ଼ରେ ରହୁଥିବା ୪ ମାସର କୁଟୁରା ଅସୁସ୍ଥ ହୋଇପଡ଼ିଥିଲା । ଖୁଆଡ଼ରେ ନିୟୋଜିତ ଥିବା କର୍ମଚାରୀ ଦେଖି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇଁ କର୍ତ୍ତୃପକ୍ଷ ମଙ୍ଗଳବାର ଏହି କୁଟୁରାକୁ ଡାକ୍ତରଖାନାକୁ ଆଣି ଚିକିତ୍ସା ଆରମ୍ଭ କରିଥିଲେ । କୁଟୁରାଟିର ପେଟ ତଳ ନାଭି ପାଖରେ କ୍ଷତ ହୋଇଥିଲା । ଡାକ୍ତରମାନେ ଇଞ୍ଜେକସନ ଔଷଧ ସହ ସାଲାଇନ ଲଗାଇଥିଲେ । ହେଲେ ବୁଧବାର ସକାଳେ ଡାକ୍ତରଖାନା ଖୋଲିବା ପରେ କୁଟୁରାଟି ମରି ଯାଇଥିବା ଜଣାପଡ଼ିଥିଲା । ସେହିପରି ନୂଆ କ୍ୱାରେଣ୍ଟାଇନର ୧୦ ନମ୍ବର ଖୁଆଡ଼ରେ ରଖାଯାଇଥିବା ସାରସ ପକ୍ଷୀ ମଧ ଅସୁସ୍ଥ ହୋଇପଡ଼ିଛି । ଏହି ପକ୍ଷୀକୁ ଚିକିତ୍ସକ ଆସି ଚିକିତ୍ସା ଜାରି ରଖିଥିବା ଜଣାପଡ଼ିଛି ।

# ଏନ୍‌ସିବି ଜବତ କଲା ୧୭୧ କେଜି ଗଞ୍ଜେଇ

ଭୁବନେଶ୍ୱର, ୨୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଜଙ୍ଗଲରୁ ଏନ୍‌ସିବି ଟିମ ୧୭୧ କେଜି ଗଞ୍ଜେଇ ଜବତ କରିଛି । ହେଲେ ଗଞ୍ଜେଇ ଚାଲାଣ କରୁଥିବା ଡ୍ରାଇଭରକୁ ଧରିବାରେ ବିଫଳ ହୋଇଛି ଟିମ । ଗାଡିକୁ ଜବତ କରି ତଦନ୍ତ କରୁଛି ଟିମ । ସୂଚନା ଅନୁସାରେ, ଏକ କାରରେ ୧୭୧ କେଜି ଗଞ୍ଜେଇ ଚାଲାଣ ହୋଉଥିବା ନେଇ ଭମଭ ଟିମ ଖବର ପାଇଥିଲେ । ଗାଡିକୁ ଧରିବାକୁ ଭମଭ ଟିମ ଜଗି ରହିଥିଲା । ଗାଡି କରଞ୍ଜିଆ ଜଙ୍ଗଲ ଦେଇ ଯିବା ସମୟରେ ଗାଡିକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ଗାଡି ଦ୍ରୁତ ଗତିରେ ଯାଇଥିଲା । ଭମଭ ଟିମ ପିଛା କରି ଶେଷରେ ଜଙ୍ଗଲ ଭିତରୁ ପାଇଥିଲେ । ହେଲେ ଡ୍ରାଇଭର ଗାଡି ଛାଡି ଫେରାର ହୋଇ ଯାଇଥିଲା । ଏମ୍‌ସିବି ଟିମ ଗାଡି ଯାଞ୍ଚ କରିବା ପରେ ସେଥିରୁ ୧୭୧ କେଜି ଗଞ୍ଜେଇ ମିଳିଥିଲା ।

## ଭୂତକୋଠି ପାଲଟିଛି 'ଉତ୍କଳ'ର ସ୍ୱତନ୍ତ୍ର ପରୀକ୍ଷା ହଲ୍

# ଖତ ଖାଉଛି ୪.୫୨ କୋଟିର କୋଠା

ଭୁବନେଶ୍ୱର, ୨୯ ।୧୦(ସମିସ): ପରିଚାଳନାଗତ ତ୍ରୁଟି ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ନିର୍ମିତ ବିରାଟ ପରୀକ୍ଷା ହଲ୍ ତଥା ବହୁମୁଖୀ କୋଠା ଏବେ ଅବ୍ୟବହୃତ ହୋଇପଡ଼ିଛି । ଚାରିବର୍ଷ ପୂର୍ବରୁ ସାଢ଼େ ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଶୀତତାପ ନିୟନ୍ତ୍ରିତ କୋଠା ଏବେ ଛାତ୍ରଛାତ୍ରୀଙ୍କ ବ୍ୟବହାରରେ ଲାଗୁନାହିଁ । ଫଳରେ ଏକକାଳୀନ ପରୀକ୍ଷା କରିବା ଲକ୍ଷ୍ୟ ଅଧୁରା ରହିଥିବା ବେଳେ ତାହା ଏବେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି ।



ଏକକାଳୀନ ବହୁ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପରିଚାଳନା ପାଇଁ ଏହି ପରୀକ୍ଷା ହଲ୍‌ର ପରିକଳ୍ପନା କରାଯାଇଥିଲା । କମ୍ ମାନବ ସମ୍ବଳ ସହିତ ସ୍ୱଳ୍ପ ସମୟରେ ପରୀକ୍ଷା ପରିଚାଳନା ଏବଂ ତଦାରଖକୁ ସହଜ କରିବା ପାଇଁ ଲକ୍ଷ୍ୟ ରହିଥିଲା । ବିଶ୍ୱବ୍ୟାଙ୍କ ସହାୟତାରେ ଏହାକୁ ନିର୍ମାଣ କରିବା ପାଇଁ ୨୦୨୧ ମସିହା ଜାନୁଆରୀ ୧୧ ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଏହାର ନିର୍ମାଣ ଦାୟିତ୍ୱ ପାଇଥିଲା । ପ୍ରାୟ ୪ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ୨୬ହଜାର ବର୍ଗ ଫୁଟ୍ ବିଶିଷ୍ଟ ଏହି କୋଠାକୁ ନିର୍ମାଣ କରାଯାଇଛି । ୨୦୨୨ରେ ଏହାର ନିର୍ମାଣ କାମ ସରିବା ସହ ୨୦୨୩ ମାର୍ଚ୍ଚ ୧୮ ରେ ଏହାର ଉଦ୍‌ଘାଟନ କରାଯାଇଥିଲା । କୋଠାରେ ଲାଗିଥିବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର ହେବା ପୂର୍ବରୁ ୱାରେଣ୍ଟି ଅବଧି ସରିଯାଇଛି । ଅନେକ ଅବ୍ୟବହୃତ ଅବସ୍ଥାରେ ହିଁ ଖରାପ ହେବାକୁ ବସିଲାଣି । ପରୀକ୍ଷା ପାଇଁ ପଡ଼ିଥିବା ବେଞ୍ଚ-ଡେକ୍ସରେ ଇଞ୍ଚେ ବହଳରେ ଧୂଳି ଜମିଥିବାବେଳେ ଅନେକ ଉଇ ଲାଗି ନଷ୍ଟ ହୋଇ ଗଲାଣି । ହେଲେ ଏଯାଏଁ ଏହାକୁ କୌଣସି ପରୀକ୍ଷା ବା ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉନି । ସୁରକ୍ଷା ଦାୟିତ୍ୱରେ ସୁରକ୍ଷା କର୍ମୀ ମୁତୟନ ହୋଇଥିବାରୁ ରାଜସ୍ୱ ବ୍ୟୟ ମଧ ହେଉଛି ।

- ବ୍ୟବହାର ପୂର୍ବରୁ ସରିଲାଣି ଏସି ୱାରେଣ୍ଟି
- ପାଲଟିଛି ମଦ୍ୟପ ଓ ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଅପରପକ୍ଷରେ ଏହି କୋଠା ପରିସର ଦିନ ବେଳା ଯୁବପିଢ଼ିଙ୍କ ପାଇଁ ରିଲସ୍ ପଏଣ୍ଟ ପାଲଟିଥିବାବେଳେ ସନ୍ଧ୍ୟା ହେଲେ ମଦ୍ୟପ ଓ ଅସାମାଜିକଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି । କୋଠାର ପଛ ପାର୍ଶ୍ୱରେ ମାଳମାଳ ମଦ ବୋତଲ ପଡ଼ିଛି । କୋଠାଟି ବିଶ୍ୱବିଦ୍ୟାଳୟ ଉଚ୍ଚ ବିଦ୍ୟାଳୟ ହାଇସ୍କୁଲ୍ ପାର୍ଶ୍ୱରେ ସବୁଠି ଶେଷ ଭାଗରେ ଥିବାରୁ ସନ୍ଧ୍ୟା ପରେ ଛାତ୍ରଛାତ୍ରୀ ବା କର୍ମଚାରୀଙ୍କ ଯାତାୟତ ପ୍ରାୟତଃ ହୋଇ ନ ଥାଏ । ଏହାର ଫାଇଦା ଉଠାଇ ଅସାମାଜିକମାନେ ବ୍ୟାପକ ନିଶା କାରବାର କରୁଛନ୍ତି । ଫଳରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତବରଣ ନଷ୍ଟ ହେବା ସହ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ । ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଠ କହିଛନ୍ତି ଯେ, ସେ ଦାୟିତ୍ୱ ନେବା ପୂର୍ବରୁ ଏହି କୋଠା ନିର୍ମାଣ ହୋଇଛି । ଏହାକୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ହିତ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ଖୁବ୍ ଶୀଘ୍ର ବ୍ୟବହାର କରିବାକୁ ପଦକ୍ଷେପ ନିଆଯିବ ।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# ପଞ୍ଚୁକ ପ୍ରସ୍ତୁତି: କେବଳ ସିଂହଦ୍ୱାରରେ ପ୍ରବେଶ



ପୁରୀ,୨୯।୧୦(ସମିସ):

ସରିସରି ଆସୁଛି ମହାଧାର୍ମିକ କାର୍ତ୍ତିକ ମାସ। ଆଉ ତିନିଦିନ ପରେ ପଞ୍ଚୁକ। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ତେବେ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ଓ ନିର୍ଦ୍ଧାରିତ ସମୟରେ ମହାପ୍ରସାଦ ବାହାରିବ ତା' ଉପରେ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଅନ୍ୟପକ୍ଷରେ ପଞ୍ଚୁକ ସମୟରେ ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ମନ୍ଦିରକୁ ପ୍ରବେଶ କରିବେ ତା' ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତେବେ ପଞ୍ଚୁକରେ କେବଳ ସିଂହଦ୍ୱାରରେ ପ୍ରବେଶ ଓ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ ନିମନ୍ତେ ପ୍ରଶାସନ ଚିନ୍ତା କରୁଥିବା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ସେହିପରି ଭିଡ଼କୁ ନିୟନ୍ତ୍ରଣ ନିମନ୍ତେ ଶ୍ରୀମନ୍ଦିର ବାହାରେ ମରିଚୀକୋଟ ଛକ ପର୍ଯ୍ୟନ୍ତ ଲୁହା ବ୍ୟାରିକେଡ୍ ନିର୍ମାଣ ଆରମ୍ଭ ହୋଇଛି। ଭକ୍ତଙ୍କ ଦର୍ଶନ ସୁବିଧା, ଆବଶ୍ୟକ ପରିମାଣର ମହାପ୍ରସାଦ ବ୍ୟବସ୍ଥା, ବାହାରେ ସୂଚନା କେନ୍ଦ୍ର, ସହରରେ ଟ୍ରାଫିକ୍ ନିୟନ୍ତ୍ରଣ, ଆଶୁ ଚିକିତ୍ସା କେନ୍ଦ୍ର ପ୍ରଭୃତି ବ୍ୟବସ୍ଥା କରାଯିବ। ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା କହିଛନ୍ତି, ଭିଡ଼କୁ ଦୃଷ୍ଟିରେ ରଖି ମହାପ୍ରଭୁଙ୍କ ଦିବା ପହୁଡ଼ ହେବ କି ନାହିଁ ସ୍ଥିର ହେବ। କାର୍ତ୍ତିକ ମାସ ସମେତ ପଞ୍ଚୁକରେ ନୀତି ବହୁଳ ରହୁଥିବାରୁ ଖୁବ୍ କମ୍ ସମୟ ଶ୍ରଦ୍ଧାଳୁଙ୍କୁ ଦର୍ଶନ ନିମନ୍ତେ ମିଳିଥାଏ।

ଅନ୍ୟପକ୍ଷରେ ଏବର୍ଷ ତିଥି କ୍ଷୟ ଯୋଗୁଁ ପଞ୍ଚୁକ ୫ ଦିନ ପରିବର୍ତ୍ତେ ୪ ଦିନ ପାଳନ କରାଯିବ। କାର୍ତ୍ତିକ ଶୁକ୍ଳ ଏକାଦଶୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ଦିନ ପଞ୍ଚୁକ ପାଳନ କରାଯାଇଥାଏ। ଏକ ମାସ କାର୍ତ୍ତିକ ବ୍ରତ ପାଳନ କରିପାରୁ ନ ଥିବା ବ୍ୟକ୍ତି ପଞ୍ଚୁକ ୫ ଦିନ ପାଳନ କରିଥା'ନ୍ତି। କାର୍ତ୍ତିକ ମାସରେ ଏହି ଶେଷ ୫ ଦିନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏକମାସ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ହେଉଥିବାବେଳେ ପଞ୍ଚୁକ ୫ ଦିନ ମହାପ୍ରଭୁଙ୍କ ପାଞ୍ଚଟି ସ୍ୱତନ୍ତ୍ର ବେଶ ହୋଇଥାଏ। ଚଳିତବର୍ଷ ନଭେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ପଞ୍ଚୁକ ପାଳନ କରାଯିବ। ନଭେମ୍ବର ୨ରେ ହରି ଉତ୍ଥାପନ ବଡ଼ ଏକାଦଶୀରେ ମହାପ୍ରଭୁଙ୍କ ଠିଆକିଆ ବା ଲକ୍ଷ୍ମୀ ନାରାୟଣ ବେଶ ସହ ହରି ଉତ୍ଥାପନ ନୀତି ଅନୁଷ୍ଠିତ ହେବ। ୩ରେ ଡାଳିକିଆ ବେଶ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀ-ନୃସିଂହ ବେଶ ଏବଂ ୫ ତାରିଖରେ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ତିଥି କ୍ଷୟ ଯୋଗୁଁ ଏ ବର୍ଷ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଦେଖିବାରୁ ବଞ୍ଚିତ ହେବେ ଭକ୍ତ।

# ସିଂହଦ୍ୱାରରେ ଭକ୍ତଙ୍କୁ ପୁଲିସର ଦୁର୍ବ୍ୟବହାର

**ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ**

ପୁରୀ,୨୯।୧୦(ସମିସ): ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି। କେତେବେଳେ ମନ୍ଦିର ଭିତରେ ସେବାୟତ ତ ପୁଣି କେତେବେଳେ ପ୍ରବେଶକୁ ନେଇ ସୁରକ୍ଷା କର୍ମୀଙ୍କ ଆକ୍ରୋଶ ସହିବାକୁ ପଡୁଛି। ମଝିରେ ମଝିରେ ଏଭଳି ଚିତ୍ର ସାମ୍ନାକୁ ଆସୁଥିଲେ ହେଁ, ଏହା ଉପରେ ଅଙ୍କୁଶ ଲାଗିପାରୁ ନାହିଁ। ମଙ୍ଗଳବାର ସିଂହଦ୍ୱାରରେ ପୁଲିସ ଭକ୍ତଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଯଦିଓ କେଉଁଥିପାଇଁ ଏବଂ କାହାର ଭୁଲ୍ ତାହା ଭିଡିଓରୁ ଆକଳନ କରିବା କଷ୍ଟକର କିନ୍ତୁ ଶ୍ରଦ୍ଧାଳୁଙ୍କ ପ୍ରତି ପୁଲିସର ବ୍ୟବହାରକୁ ସମସ୍ତେ ନାପସନ୍ଦ କରିଛନ୍ତି।

କାର୍ତ୍ତିକ ମାସ ଯୋଗୁଁ ଶ୍ରୀମନ୍ଦିରରେ ଭିଡ଼ ହେଉଛି। ମଙ୍ଗଳବାର ସନ୍ଧ୍ୟାରେ ସିଂହଦ୍ୱାରରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ମହିଳାଙ୍କୁ ଅନ୍ୟ ଜଣେ ମହିଳା ପୁଲିସ ଦୁର୍ବ୍ୟବହାର କରିଥିଲେ। ସୂଚନା ଅନୁଯାୟୀ, ଜଣେ ମହିଳା ଭକ୍ତ ତାଙ୍କ ବାପାଙ୍କୁ ଦର୍ଶନ ପାଇଁ ସାଙ୍ଗରେ ଆଣି ଆସିଥିଲେ। ତାଙ୍କ ବାପାଙ୍କ ଗୋଡ଼ ଖରାପ ଥିବାରୁ ତାଙ୍କୁ କିପରି ସୁରକ୍ଷିତ ଭାବେ ଦର୍ଶନ କରାଇବେ ସେହି ଚିନ୍ତାରେ ଥିଲେ। ସିଂହଦ୍ୱାର ଦେଇ ଦର୍ଶନ କରିବାକୁ ଯିବାବେଳେ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀ ତାଙ୍କୁ ଟାଣି ଆଣିଥିଲେ। ଏପରିକି ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମରାଯାଇଥିବା ଭାଇରାଲ ଭିଡିଓରେ ଯୁବତୀ ଜଣକ କହୁଛନ୍ତି। କେବଳ ତାଙ୍କୁ ନୁହେଁ ତାଙ୍କ ବାପାଙ୍କୁ ମଧ୍ୟ ପୁଲିସ ମାଡ଼ ମାରିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସୁରକ୍ଷା କର୍ମୀମାନେ ତାଙ୍କୁ ଥାନାକୁ ଯିବାକୁ କହୁଛନ୍ତି। ହେଲେ ସେ ଥାନାକୁ ଯିବାକୁ ମନା କରୁଛନ୍ତି। ଏମିତି ଆକ୍ଷେପ ଓ ପ୍ରତି ଆକ୍ଷେପର ଭିଡିଓ ଏବେ ଭାଇରାଲ ହେଉଛି। ବଡ଼ କଥା ହେଉଛି ମନ୍ଦିରକୁ ଶ୍ରଦ୍ଧାଳୁମାନେ ମନରେ ଆସ୍ଥା, ଭକ୍ତି, ବିଶ୍ୱାସ ନେଇ ଆସୁଛନ୍ତି। ପୁଲିସ ବି ଶାନ୍ତିଶୃଙ୍ଖଳା ପାଇଁ କାର୍ଯ୍ୟ କରୁଛନ୍ତି। ଏହାରି ଭିତରେ ଯଦି କିଛି ବ୍ୟତିକ୍ରମ ଘଟୁଛି ତେବେ ଏତେ ଉତ୍କ୍ଷିପ୍ତ କ'ଣ ପାଇଁ? ଯଦି ଶ୍ରଦ୍ଧାଳୁ କିଛି ଭୁଲ୍ କିମ୍ବା ନିୟମ ଭାଙ୍ଗୁଛନ୍ତି ସେମାନଙ୍କୁ ବୁଝାଇ କୁହାଯାଇପାରିବ। ହେଲେ ହଠାତ୍ ସୁରକ୍ଷା କର୍ମୀମାନେ ଉତ୍କ୍ଷିପ୍ତ ହୋଇପଡ଼ିବା ଶ୍ରୀମନ୍ଦିର ଭଳି ଏକ ଧାର୍ମିକ ପୀଠରେ ଶୋଭା ପାଉନାହିଁ ବୋଲି କହିଛନ୍ତି ଶ୍ରଦ୍ଧାଳୁ ଦେବଦାସ ମହାନ୍ତି।

ଏ ସମ୍ପର୍କରେ ପୁଲିସ ପକ୍ଷରୁ କୁହାଯାଇଛି ଯେ ମଙ୍ଗଳବାର ଦୁଇଜଣ ଦର୍ଶନ କରିବାକୁ ଆସି ସିଂହଦ୍ୱାରରେ ଛିଡ଼ା ହୋଇ ରହିଥିଲେ। ସେଠାରେ ନିୟୋଜିତ ମହିଳା ପୁଲିସ ତାଙ୍କୁ ସେଠାରୁ ସାଇଟ୍ ହେବାକୁ କହିଥିଲେ। ହେଲେ ସେମାନେ ହଟି ନ ଥିଲେ। ଏ ନେଇ ପୁରୁଷ ଭକ୍ତ ଜଣକ ରାଗିଯାଇଥିଲେ। ପରେ ତାଙ୍କୁ ସିଂହଦ୍ୱାର ଥାନା ଯିବାକୁ କୁହାଯାଇଥିଲା। ହେଲେ ସେମାନେ ଥାନାକୁ ଯିବୁ ନାହିଁ ବୋଲି ଜିଦ୍ ଧରିଥିଲେ। ଏଥିସହ ଏହି ଘଟଣା ଭାଇରାଲ ହେବା ପରେ ଭକ୍ତଙ୍କୁ ଦୁର୍ବ୍ୟବହାର କରିଥିବା ସମ୍ପୃକ୍ତ ମହିଳା ପୁଲିସଙ୍କୁ ସିଂହଦ୍ୱାରରୁ ଡ୍ୟୁଟି ପ୍ରତ୍ୟାହାର କରାଯାଇଛି ବୋଲି ପୁଲିସ କହିଛି।

# ବାତ୍ୟା ଭୟ ଦୂରେଇଲା; ଲୋକେ ଆଶ୍ୱସ୍ତ

ପୁରୀ,୨୯।୧୦(ସମିସ): ବାତ୍ୟା 'ମୋନ୍ଥା'କୁ ନେଇ ପୁରୀ ଜିଲ୍ଲାବାସୀଙ୍କ ମନରେ ଯେଉଁ ଭୟ ରହିଥିଲା ତାହା ଦୂରେଇ ଯାଇଛି। 'ମୋନ୍ଥା' ଆନ୍ଧ୍ରପ୍ରଦେଶରେ ସ୍ଥଳଭାଗ ଛୁଇଁବା ପରେ ଦୁର୍ବଳ ହୋଇଯାଇଛି। ତେବେ ଏହାର ପ୍ରଭାବରେ ସୋମବାର ଓ ମଙ୍ଗଳବାର ଅସରାଏ ଲେଖାଏଁ ବର୍ଷା ହୋଇଥିବାବେଳେ ବୁଧବାର ଦିନବେଳେ ତୁହାକୁ ତୁହା ୫/୬ ଥର ବର୍ଷା ହୋଇଛି। ହେଲେ ଏହି ବର୍ଷା ସାମାନ୍ୟ ଥିଲା। ଧୀରେ ଧୀରେ ପୁଣି ସ୍ୱାଭାବିକ ହୋଇଛି ପୁରୀ। ବାତ୍ୟା ଆସିଲେ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲାବାସୀ ଅଧିକ ଭୟଭୀତ ହୋଇପଡ଼ନ୍ତି। କାରଣ ବିଗତ ବର୍ଷମାନଙ୍କରେ ଜିଲ୍ଲାବାସୀ ଏକାଧିକ ବାତ୍ୟାକୁ ପାଖରୁ ଦେଖିଛନ୍ତି। ଏହାର ବିଭୀଷିକାକୁ ନିଜେ ଅଙ୍ଗେ ନିଭାଇଛନ୍ତି। ମହାବାତ୍ୟାଠୁ ଆରମ୍ଭ କରି ଫନୀର ତାଣ୍ଡବ ଦେଖିଥିବା ଜିଲ୍ଲାବାସୀ ବାତ୍ୟା ନାଁ ଶୁଣିଲେ ଶିହରି ଉଠନ୍ତି। ଠିକ୍ ମୋନ୍ଥାକୁ ନେଇ ମଧ୍ୟ ଜିଲ୍ଲାବାସୀ ଭୟଭୀତ ହୋଇପଡ଼ିଥିଲେ। ପୁରୀକୁ ପ୍ରବଳ ବର୍ଷା ଆଶଙ୍କା କରିଥିଲା ପାଣିପାଗ ବିଭାଗ। ହେଲେ ସେମିତି ବଡ଼ ଧରଣର ବର୍ଷା ହୋଇନି।

**ପ୍ରଚାରକ ଅନନ୍ତ ମିଶ୍ର ଥିଲେ ସମଗ୍ର ଓଡ଼ିଶାର ଦର୍ପଣ**

# ଓଡ଼ିଆ ଜାତି ପ୍ରଚାରକ ଅନନ୍ତଙ୍କୁ ଭୁଲିଯାଉଛି



**ସମାଜରେ ଶାନ୍ତି ବାଣ୍ଟି ଥାଏ ସାହିତ୍ୟ**

ପୁରୀ,୨୯।୧୦(ସମିସ):

ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ସତ୍ୟବାଦୀ ସପ୍ତସଖା ଗୋଷ୍ଠୀର ଏକନିଷ୍ଠ କର୍ମଯୋଗୀ ଉତ୍କଳ ଦଧୀଚି ପ୍ରଚାରକ ଅନନ୍ତ ମିଶ୍ରଙ୍କ ୧୪୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ମନୋରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ପ୍ରଥମ ଅଧିବେଶନରେ ଡ. ହେମନ୍ତ କୁମାର ଛୋଟରାୟ ପୌରୋହିତ୍ୟ କରିଥିଲେ। ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନୀ ଭାଷଣରେ କହିଥିଲେ ଯେ ଏ ଓଡ଼ିଆ ଜାତି ପ୍ରଚାରକ ଅନନ୍ତଙ୍କୁ ଭୁଲିଯାଉଛି। ସରକାରୀ ଅବହେଳା ଆଦୌ ଗ୍ରହଣୀୟ ନୁହେଁ। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ କହିଥିଲେ, ପ୍ରଚାରକ ଅନନ୍ତ ମିଶ୍ର ଥିଲେ ସମଗ୍ର ଓଡ଼ିଶାର ଦର୍ପଣ। ସେ ସମସ୍ତଙ୍କ ଆଖି ଖୋଲିଦେଇଥିଲେ। ପ୍ରଚାରକ ଅନନ୍ତ ନ ଥିଲେ ସତ୍ୟବାଦୀ ଯୁଗର ପ୍ରଚାର ସମ୍ଭବ ହୋଇ ନ ଥା'ନ୍ତା। ବିଶିଷ୍ଟ ବକ୍ତା ଭାବେ ଡ. ଶକୁନ୍ତଳା ବଳିଆରସିଂହ କହିଥିଲେ, ପ୍ରତିଜ୍ଞା ପୀଠରେ ହେଉ କି ବକୁଳବନରେ ହେଉ କାହିଁକି ଏପରି ନିଃସ୍ୱାର୍ଥୀ ମହାମାନବଙ୍କର ମୂର୍ତ୍ତି ହେଉନାହିଁ। ଅଭ୍ୟର୍ଥନା ଅଧ୍ୟକ୍ଷ ଭାବେ ପୁରୀର ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କ୍ଷୋଭର ସହିତ କହିଥିଲେ, ଏପରି ଜଣେ ମହାପୁରୁଷ ଥିଲେ ଯିଏ ନିଜ ଘରବାରି ବିକି ବିଚ୍ଛିନ୍ନାଞ୍ଚଳରେ ଭାଷା ସାହିତ୍ୟର ସୁରକ୍ଷା କରିବା ସହିତ ବିଦ୍ୟାଳୟ ଗଠନ କରିଥିଲେ। ଜୀବନକୁ ଯିଏ ତଳିତଳାନ୍ତ କରିଥିଲେ ତାଙ୍କ ପାଇଁ ମୂର୍ତ୍ତିଟିଏ ନ ହେବା ଦୁଃଖର କଥା। ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ଏ ଜାତିଟି ଆଉ ପାଦେ ଆଗକୁ ଯାଉ ବୋଲି ଯେଉଁ ସଂକଳ୍ପ କରିଥିଲେ ପ୍ରଚାରକ ଅନନ୍ତ ତାହା କେବେ ନିଷ୍ଫଳ ଯିବ ନାହିଁ ବୋଲି କହିଥିଲେ।

ଏହାପରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ସର୍ବୋଚ୍ଚ ସମ୍ମାନ ପ୍ରଦାନ ଅବସରରେ ସ୍ୱନାମଧନ୍ୟା ସାହିତ୍ୟିକା ଡ. ଶକୁନ୍ତଳା ବଳିଆରସିଂହଙ୍କୁ ସତ୍ୟବାଦୀ ସପ୍ତସଖା ଭାଷା ସମ୍ମାନ, ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି କଥା ସମ୍ମାନ, ଡ. ବିଶ୍ୱନାଥ ବଳିଆରସିଂହଙ୍କୁ ଉତ୍କଳ ଗୁରୁବ୍ରହ୍ମା ସମ୍ମାନ, ରଞ୍ଜିତ୍ ସେଠୀଙ୍କୁ ଉତ୍କଳ ଗୁରୁରତ୍ନ ସମ୍ମାନ, ସୁବାସିନୀ ଧଳଙ୍କୁ ଉତ୍କଳ ସାରସ୍ୱତ ସମ୍ମାନ ଏବଂ ପଦ୍ମଲୋଚନ ମହାପାତ୍ରଙ୍କୁ ସତ୍ୟବାଦୀ ସପ୍ତସଖା ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ ପତ୍ରିକା ଭାଷା ସମ୍ମିଳନୀର ଉନ୍ମୋଚନ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଡ. ମୀନକେତନ ପଟ୍ଟଯୋଶୀଙ୍କ ସଂଯୋଜନା କ୍ରମେ ସତ୍ୟବାଦୀ ଗବେଷକ ଭୀମସେନ ମହାପାତ୍ରଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବରେ ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ବିଶାଖା ଦେବୀ, ସୁନନ୍ଦା ମହାନ୍ତିଙ୍କ ସଂଯୋଜନାରେ ବହୁ କବି କବିତାପାଠ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ର. ଅଦ୍ୱୈତ ଚରଣ ଧଳ ଯୋଗଦେଇ ସାହିତ୍ୟ ସମାଜରେ ଶାନ୍ତି ବାଣ୍ଟି ଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ର. ହରପ୍ରିୟା ଦାଶ, ବିଶିଷ୍ଟ ଅତିଥି ଡ. ବଳରାମ ଦାଶ, ବରିଷ୍ଠ ଶିକ୍ଷାବିତ୍ କାହ୍ନୁଚରଣ ପ୍ରଧାନ ଯୋଗଦେଇ କହିଲେ ସାହିତ୍ୟ ହେଉଛି ଗୋଟିଏ ଜାତିର ମେରୁଦଣ୍ଡ। ଶେଷରେ ଅନୁଷ୍ଠାନର ସମ୍ପାଦକ ପଣ୍ଡିତ ବିଜୟ କୁମାର ଛାଟୋଇ ଧନ୍ୟବାଦ ଅର୍ପଣ କରିଥିଲେ।

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | **(A)** Pending criminal cases | | **(B)** Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No- 37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No- 11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No- 38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

Sd/-
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.





ମନେ ପଡ଼େ ସେଦିନର କାର୍ତ୍ତିକ ବ୍ରତ

# ପୁରୁଣା ଦିନକୁ ଝୁରି ହେଉଛନ୍ତି ହବିଷ୍ୟାଳି



ଭୁବନେଶ୍ୱର, ୨୯ ।୧୦(ସମିସ): ଆଗରୁ ହବିଷ୍ୟାଳିମାନେ ଦଳବଳ ହୋଇ ଆସୁଥିଲେ। ଗୋଟିଏ କୋଠରିରେ ୫ ଜଣରୁ ଅଧିକ ମହିଳା ରହୁଥିଲେ। ଶୀତରେ ଥରଥର ହୋଇ ବଡ଼ି ଭୋରୁ ଉଠି ବିନ୍ଦୁସାଗରରେ ଗାଧୋଇବାର କିଛି ଅଲଗା ଥିଲା। ଏକାଠି ଚଉରା ପୂଜା କରିବା ସହ ବାବାଜୀ ଆସି କାର୍ତ୍ତିକ ମାହାତ୍ମ୍ୟ ପୁରାଣ ଶୁଣାଉଥିଲେ। ଦାମୋଦରଙ୍କୁ ଭଜି ଭଜି ଦିନ ସରିଯାଉଥିଲା। ରାତିରେ ନିଜ ଘର କଥା ସହିତ ଗପର ପେଡ଼ି ଖୋଲିଦେଲେ ରାତି ପାହି ଯାଉଥିଲା। ମଠ ଧର୍ମଶାଳା ଥିଲା ହବିଷ୍ୟାଳିମାନଙ୍କର ମୁଣ୍ଡ ଗୁଞ୍ଜିବାର ଆଶ୍ରୟସ୍ଥଳୀ। ହେଲେ ଏବେ ଚାକ୍ୟଚକ୍ୟ ବହୁତ ଅଛି କିନ୍ତୁ ମଠ, ଧର୍ମଶାଳାର ମହକ ନାହିଁ। ନା ଅଛି ଭାବ ନା ଅଛି ଆବେଗ ମୟ ପରିବେଶ।

ଆଉ ଦିନ କେଇଟା ପରେ ଓଡ଼ିଆ ମାସରେ ଧର୍ମର ମାସ କୁହାଯାଉଥିବା କାର୍ତ୍ତିକ ମାସ ସରିବ। କଥାରେ ଅଛି ବଞ୍ଚିଥିଲେ ବରଷେ ମରିଗଲେ ପୁରୁଷେ। ଯଦି ବଞ୍ଚିଥିବୁ ତେବେ ଆସନ୍ତା ବର୍ଷକୁ ପୁଣି ହବିଷ କରିବାକୁ ଆସିବୁ ନହେଲେ ନାହିଁ। ଏମିତି କିଛି କଥା ଭାବ ବିହ୍ୱଳ ସହିତ ଆଖି ଛଳ ଛଳ କରି କହିଛନ୍ତି ପୁରୁଣା ଭୁବନେଶ୍ୱରକୁ ହବିଷ କରିବା ପାଇଁ ଆସିଥିବା ହବିଷ୍ୟାଳି।

ଏବେର ସମୟ ଆଉ ପୁରୁଣା ଦିନ ଭିତରେ ବହୁତ କିଛି ଫରକ ରହିଛି। ଆଗରୁ ଏଇଠି ହବିଷ କରିବା ବେଳେ ଆମକୁ କେହି ଛୁଉଁ ନଥିଲେ ହେଲେ ଏବେ ଅନେକ ଲୋକ ଦେହରେ ଘସି ହୋଇ ଚାଲିଯାଉଛନ୍ତି। ବିନ୍ଦୁସାଗର ପାଖରେ ବସି ଲିଙ୍ଗରାଜ ଓ ଅନନ୍ତ ନାରାୟଣଙ୍କ ନାମ ନେଇ ମାଳି ଜପ କରୁଥିଲୁ। ହେଲେ ଏବେ ସେଠି ବସିବାକୁ ଜାଗା ନାହିଁ ଚାରିପଟ ସାରା ଦୁର୍ଗନ୍ଧ ସହିତ ଝିଅ ଓ ପୁଅ ଦଳଗଳ ହୋଇ ବୁଲୁଛନ୍ତି। ଆଗରୁ ୬୦ ଜଣ ହବିଷ କରିବାକୁ ଆସୁଥିବା ବେଳେ ଏବେ ମାତ୍ର ୧୬ ଜଣ ଆସୁଛନ୍ତି। ନା ଆଗ ଭଳି ଆଉ ସାଙ୍ଗ ସୁଖ ଅଛି ନା ଆଉ ଆଗ ଭଳି ଏକାଠି ହବିଷ୍ୟାନ୍ନ ଖାଇ ହଉଛି। ଯିଏ ଯାହାର ପାରିଲା ଏକା ଏକୁଟିଆ ସବୁ କରୁଛନ୍ତି ବୋଲି ଦୀର୍ଘ ୪ ବର୍ଷ ହେଲା ଦୁଦୁବାଲା ଧର୍ମଶାଳାରେ ରହି ହବିଷ୍ୟ କରିବାକୁ ଆସିଥିବା ଗଞ୍ଜାମର ବାସନ୍ତୀ ବେୱା କୁହନ୍ତି।

ଏହିପରି ମଧ୍ୟ ଅନ୍ୟ ଜଣେ ହବିଷ୍ୟାଳି ଶ୍ୟାମା ମଣି କୁହନ୍ତି ମୋ ସାଙ୍ଗରେ ଆମ ଘାଁରୁ ୧୫ ଜଣ ଆସୁଥିଲେ। କିନ୍ତୁ ଏହି ମାନଙ୍କ ମଧ୍ୟରୁ କିଛି ଜଣ ଆରପାରିକୁ ଚାଲି ଗଲେଣି ତ ଆଉ କିଛି ଜଣ ପୁରୀ ଯାଇ ହବିଷ କରୁଛନ୍ତି। ଆଉ କିଛି ଜଣ ନିଜ ଘରେ ରହି ହବିଷ୍ୟ କରୁଛନ୍ତି। ଆମେ ମାତ୍ର ୨ ଜଣ ଆସୁଛୁ ଏଠାକୁ ହବିଷ୍ୟ କରିବା ପାଇଁ। ଗଲା ବର୍ଷ ଯେଉମାନେ ଆସିଥିଲେ ଏବର୍ଷ ସେମାନେ ଆସି ନାହାନ୍ତି। ନା ଆମ ପାଖରେ ମୋବାଇଲ ଅଛି ନା କଣ ଅଛି ଯେ ଆମେ ତାଙ୍କୁ ଯୋଗାଯୋଗ କରିପାରିବୁ। ହବିଷ୍ୟ କରିବା ପାଇଁ ଆସିଲେ ପୁରୁଣା ଦିନ ସହିତ ପୂର୍ବରୁ ଆସୁଥିବା ହବିଷ୍ୟାଳିମାନେ ଅଧିକ ମନେ ପଡୁଛନ୍ତି।

## ରାଜଭବନ ସେକ୍ରେଟାରିଏଟ୍‌ର କାର୍ଯ୍ୟାବଳୀ ସମୀକ୍ଷା କଲେ ରାଜ୍ୟପାଳ



ଭୁବନେଶ୍ୱର, ୨୯।୧୦(ସମିସ): ବୁଧବାର ରାଜଭବନ ମିନି କନ୍‌ଫରେନ୍ସ ହଲ୍‌ଠାରେ ରାଜଭବନ ସେକ୍ରେଟାରିଏଟ୍‌ର କାର୍ଯ୍ୟାବଳୀ ସମୀକ୍ଷା କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି। ଏହି ଅବସରରେ ରାଜ୍ୟପାଳ ଅଧିକାରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟାଧାରା ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରି ଉଚ୍ଚଶିକ୍ଷା, ଜନଜାତି କଲ୍ୟାଣ ଏବଂ ଜନସେବା ଇତ୍ୟାଦି କାର୍ଯ୍ୟକଳାପ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ରାଜଭବନର ସମସ୍ତ ବିଭାଗ ଦକ୍ଷତା ବଜାୟ ରଖିବା ସହିତ ଦୈନନ୍ଦିନ କାର୍ଯ୍ୟର ସୁଗମ ପରିଚାଳନା କରିବା ପାଇଁ ରାଜ୍ୟପାଳନିର୍ଦ୍ଦେଶଦେଇଥିଲେ।ରାଜ୍ୟପାଳଙ୍କକମିସନରତଥାଶାସନସଚିବରୂପାରୋଶନ ସାହୁଙ୍କ ସମେତ ରାଜଭବନର ଅନ୍ୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## ଅଡିଟ୍ ପରାମର୍ଶଦାତା ବୋର୍ଡ ବୈଠକ



ଭୁବନେଶ୍ୱର,୨୯।୧୦(ସମିସ): ବୁଧବାର ଭୁବନେଶ୍ୱରରେ ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ଅଡିଟ-୧ ସମ୍ମିଳନୀ କକ୍ଷଠାରେ ଓଡ଼ିଶା ରାଜ୍ୟ ଅଡିଟ୍ ପରାମର୍ଶଦାତା ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନ ମହାଲେଖାକାର ଅଡିଟ-୧ ସୁବ୍ର. ଆରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାର୍ବଜନୀନ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦକ୍ଷତା ବୃଦ୍ଧି ଓ ନିରେପେକ୍ଷ ଅଡିଟ ପାଇଁ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ମତାମତ ଓ ପରାମର୍ଶ ନିଆଯାଇଥିଲା।

ପ୍ରାରମ୍ଭରେ ସମ୍ମାନିତ ସଦସ୍ୟମାନଙ୍କୁ ଅଡିଟ୍‌ର କାର୍ଯ୍ୟକଳାପ ବିଷୟରେ ସମ୍ୟକ ସୂଚନା ଦିଆଯାଇଥିଲା। ବୈଠକରେ ମହାଲେଖାଗାର(ଲେଖା ପରୀକ୍ଷା-୨) ଅତୁଲ ପ୍ରକାଶ ଯୋଗଦାନ କରି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଲେଖାପରୀକ୍ଷା -୧ ଓ ଲେଖାପରୀକ୍ଷା-୨ କାର୍ଯ୍ୟାଳୟର ଉପ-ମହାଲେଖାକାର ବୃନ୍ଦ ଓ ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ବୋର୍ଡର ସଦସ୍ୟମାନେ ଅଡିଟ୍ ଢାଞ୍ଚାକୁ ଆହୁରି ସୁଦୃଢ଼ କରିବା ଏବଂ ଆର୍ଥିକ ଶୃଙ୍ଖଳା ଏବଂ ସେବା ପ୍ରଦାନରେ ଉନ୍ନତି ପାଇଁ ସହଯୋଗୀ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ସେହିପରି ଅଡିଟ ରିପୋର୍ଟରେ ସରକାରଙ୍କ କେବଳ ତ୍ରୁଟିକୁ ସ୍ଥାନ ନ ଦେଇ ଉପଲବ୍‌ଧ ଗୁଡ଼ିକୁ ମଧ ଉଲ୍ଲେଖ କରିବା ପାଇଁ ପରାମର୍ଶ ଦେଇଥିଲେ। ଲିଙ୍ଗଗତ ବଜେଟ୍, ଜଳବାୟୁ ବଜେଟ୍ ତଥା କୃଷି କ୍ଷେତ୍ରରେ ସ୍ୱାବଲମ୍ବନ ହାସଲ କରିବା ଦିଗରେ ରାଜ୍ୟର ଅଗ୍ରଗତି ଉପରେ ଅଡିଟର ମୂଲ୍ୟାଙ୍କନକୁ ମଜବୁତ କରିବା ଉପରେ ମଧ ଆଲୋଚନ ହୋଇଥିଲା। ନିଜର ସମାପନ ଅଭିଭାଷଣରେ ଓଡ଼ିଶାର ପ୍ରଧାନ ମହା ଲେଖାକାର (ଲେଖା ପରୀକ୍ଷା -୧) ସମସ୍ତ ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ଗଠନମୂଳକ ମତାମତକୁ ପ୍ରଶଂସା କରିଥିଲେ। ଏହି ବୈଠକରେ ଜାଭିୟର ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟର ପ୍ରଫେସର ଡି. ଭେଙ୍କଟ ରମଣା, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ସୌମେନ୍ଦ୍ର ମୋହନ ପଟ୍ଟନାୟକ, ବିଶିଷ୍ଟ ଅର୍ଥନୀତିଜ୍ଞ ଡ. ପ୍ରଭାସ ରଞ୍ଜନ ମିଶ୍ର, ବିଶିଷ୍ଟ ପରିବେଶବିତ ବିଶ୍ୱଜିତ ମହାନ୍ତି, ଏଏସବିଏମ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରଞ୍ଜନ କୁମାର ବଳ, ବିଶିଷ୍ଟ ଲେଖିକା ହିରଣ୍ମୟୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।



ବୈଜ୍ଞାନିକମାନଙ୍କୁ ନେଇ ବିବିଧ ପ୍ରସଙ୍ଗରେ ଆୟୋଜିତ ଶିକ୍ଷା ଓ ଅନୁସନ୍ଧାନ ପାକ୍ଷିକ ଶୈକ୍ଷିକ ବକ୍ତୃତାମାଳା ସୋଆ ଫର୍ଟନାଇଟଲି ଏକାଡେମିକ ଲେକ୍‌ଚର ସିରିଜ (ସୋଫଲ୍)ର ଚତୁର୍ଥ ସଂସ୍କରଣ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି।

## ସଚେତନ ଶିବିର 'ନିଧି ଆପଣଙ୍କ ନିକଟ ୨.୦'



ଭୁବନେଶ୍ୱର, ୨୯ ।୧୦(ସମିସ): ଭବିଷ୍ୟନିଧିର ସଂଗଠନ ଏବଂ କର୍ମଚାରୀ ରାଜ୍ୟ ବୀମା ନିଗମ ଆନୁକୂଲ୍ୟରେ ଏକ ସଚେତନ ଶିବିର 'ନିଧି ଆପଣଙ୍କ ନିକଟ ୨.୦' ବିଜ୍ଞାନ ଏବଂ ପ୍ରଦ୍ୟୋଗିକି ସଂସ୍ଥା ଦ୍ୱାରା ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏବଂ ମୁଖ୍ୟ ଅତିଥି ଭାବରେ ମୌସୁମୀଲତା ପାଢ଼ୀ, ଆଞ୍ଚଳିକ ଭବିଷ୍ୟନିଧି କମିସନର-୨ ଏବଂ ଓଡ଼ିଶାର ପ୍ରଥମ ମହିଳା କମିଶନର ଏଥିରେ ଭାଗନେଇଥିବା ସମସ୍ତ ଗଣବିଶେଷଙ୍କୁ ଭବିଷ୍ୟନିଧି ମାଧ୍ୟମରେ ସାମାଜିକ ସୁରକ୍ଷା, ବୀମାରାଶି, ଅବସରକାଳୀନ ଭତ୍ତା, ଚିକିତ୍ସା ଏବଂ ନଗଦରାଶି ପ୍ରାପ୍ତି ବିଷୟରେ ସୂଚନା ଦେଇଥିଲେ। ସାମାଜିକ ସୁରକ୍ଷାକୁ ବିକଶିତ ଭାରତ ଦ୍ୱାରା ସାରା ଭାରତ ଦେଶରେ ତ୍ୱରାନ୍ୱିତ କରିବା ପାଇଁ ଜୋର ଦେଇଥିଲେ। ନିଧି ଆପଣଙ୍କ ନିକଟ ୨.୦ ମାଧ୍ୟମରେ ଭାରତ ସରକାର ଏହି ଧାରାକୁ ଘରେ ଘରେ ପ୍ରତ୍ୟେକ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ଚେଷ୍ଟିତ ବୋଲି ବାର୍ତ୍ତା ଦେଇଥିଲେ। ସେ ପ୍ରୟାସ ଯୋଜନା ମାଧ୍ୟମରେ ତିନୋଟି ପେନ୍‌ସନ୍‌ର ଅପୁଡ୍ ପ୍ରଧାନ, ଏମ୍. ପଣ୍ଡା, ଶ୍ୟାମସୁନ୍ଦର ସାମଲ ସେମାନଙ୍କର ଅବସର ଦିବସ ଉପଲକ୍ଷେ ପେନ୍‌ସନ୍ ପେମେଣ୍ଟ ଆଦେଶ ପ୍ରଦାନ କରିଥିଲେ। ଜିଲ୍ଲା ନୋଡାଲ ଅଧିକାରୀ ଏବଂ ଲେଖା ଅଧିକାରୀ ପ୍ରଭାତ କୁମାର ମହାରଣା ଭବିଷ୍ୟନିଧି ସଂଗଠନର ଫ୍ଲାଗସିପ୍ ସ୍କିମ୍‌ର ଉପସ୍ଥାପନା କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ବିଷୟରେ ଅଂଶଗ୍ରହଣକାରୀଙ୍କ ସନ୍ଦେହକୁ ଦୂର କରିଥିଲେ। ରାଜ୍ୟ ବୀମାନିଗମର ଶାଖା ପରିଚାଳକ ସିଦ୍ଧି ସେଠ ଓ ସନ୍ଦୀପ ସ୍ୱାଇଁ ଇନ୍‌ସ୍‌ପେକ୍ଟର ଇଏସ୍‌ଆଇସି ରାଜ୍ୟ ବୀମାନିଗମର ଏକ ସଂକ୍ଷିପ୍ତ ବିବରଣ ଏବଂ ଏହାର ଯୋଜନାଗୁଡିକ ବିଷୟରେ ଆଲୋକପାତ କରିଥିଲେ। ଏହା ପୂର୍ବରୁ ନିଷ୍ଟର କୁଳପତି ଡ଼ା. ପ୍ରୀୟଦର୍ଶନ ପାତ୍ର ଛାତ୍ରମାନଙ୍କୁ ନିଜ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସାମାଜିକ ସୁରକ୍ଷାକୁ ଗ୍ରହଣ କରିବା ଯଥା ଷ୍ଟାର୍ଟ ଅପ୍ ଏବଂ ଏଣ୍ଟରପ୍ରାଇଜର ମାଲିକ ଭାବରେ ଏହାକୁ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସୈନିକ ବିଭୁତି ରାୟ ଚାର୍ଟାଡ୍ ଆକାଉଣ୍ଟାଟ୍ ସଭା ପରିଚାଳନା କରିଥିଲେ। ଡାକ୍ତର ବିଷ୍ଣୁଙ୍କର ନାୟକ ପରିଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାକେଶ ପଣ୍ଡାଙ୍କୁ 'ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୨୯ ।୧୦(ସମିସ): ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ଏବଂ ଦୃଷ୍ଟାନ୍ତ ମୂଳକ ତଥା ଶ୍ରେଷ୍ଠ ଅବଦାନ ନିମନ୍ତେ ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ 'ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ୨୦୨୫' ରେ ସମ୍ମାନିତ କରାଯାଇଛି। ରବୀନ୍ଦ୍ର ମଣ୍ଡପ ଠାରେ ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ହୋଇଥିବା ଦେବପ୍ରସାଦ ଉତ୍ସବରେ ଗୁରୁ ଦେବପ୍ରସାଦ ଦାସଙ୍କର ଧର୍ମପତ୍ନୀ ଜିତାରାଣୀ ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ, ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେସନର ପ୍ରତିଷ୍ଠାତା ବିପଞ୍ଚି ଦାସ, ସଭାପତି ଗୋପାଳକୃଷ୍ଣ ମହାପାତ୍ରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅତିଥି ଉପସ୍ଥିତ ରହିଥିଲେ।




## ବେଣୁଧର ରାଉତ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର

ଭୁବନେଶ୍ୱର, ୨୯।୧୦(ସମିସ): ପ୍ରଫେସର ବେଣୁଧର ରାଉତ ଥିଲେ ସମାଜନିଷ୍ଠ ବାସ୍ତବତାର କବି। ତାଙ୍କ କାବ୍ୟ ଆଭିମୁଖ୍ୟର ପ୍ରମୁଖ ଦିଗ ହେଉଛି ଚେତନାକୁ ଆଲୋକଦୀପ୍ତ କରିବା। ସାହିତ୍ୟ ଏକାଡେମୀ ଏବଂ ରାଜଧାନୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ବେଣୁଧର ରାଉତ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ରରେ ଆଲୋଚକମାନେ ମତ ଦେଇଛନ୍ତି। ଆଲୋଚନାଚକ୍ରର ଉଦଘାଟନୀ ଅଧିବେଶନରେ ସଭାପତିତ୍ୱ କରିଥିଲେ କଥାକାର ଡ. ଗୌରହରି ଦାସ। ସ୍ୱାଗତ ଭାଷଣ ପ୍ରଦାନ କରିବା ପୂର୍ବକ କବି ବେଣୁଧର ରାଉତଙ୍କ କବିତା ଓ ଆଲୋଚନା ସମ୍ପର୍କରେ ସୂଚନା ଦେଇଥିଲେ ସାହିତ୍ୟ ଏକାଡେମୀର ସଚିବ ଡ. କେ. ଶ୍ରୀନିବାସରାଓ। ରାଜଧାନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଡ. ମନ୍ମଥ ନାଥ ଘଡ଼େଇ। ସେହିପରି ମୂଳ ଭାଷଣ କବି ଓ ସମାଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବ ପ୍ରଦାନ କରିଥିବା ବେଳେ ଉଦଘାଟନୀ ଅଧିବେଶନରେ ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ଧନ୍ୟବାଦ ଦେଇଥିଲେ। ଏଥିରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଏବଂ ଡ. ବିଜୟଲକ୍ଷ୍ମୀ ଦାଶ। ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ର।



## ଶିକ୍ଷକ ଶିକ୍ଷାରେ ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ କର୍ମଶାଳା



ଭୁବନେଶ୍ୱର, ୨୯ ।୧୦(ସମିସ): ଶିକ୍ଷକଙ୍କୁ ସୁସ୍ଥ ରଖିବା ସହ ଦକ୍ଷତା ବିକାଶ ଓ ସହାନୁଭୂତି ସମ୍ପନ୍ନ ଜ୍ଞାନ ପ୍ରଦାନ କରାଯିବ। ଶିକ୍ଷାନୁଷ୍ଠାନରେ ସୁରକ୍ଷିତ, ସମାନତାମୂଳକ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ବ୍ୟାପକ ପ୍ରଶିକ୍ଷଣ ଦିଆଯାଇ ଶୈକ୍ଷିକ ପରିବେଶ ତିଆରି କରାଯିବ। ଏଥିପାଇଁ ଶିକ୍ଷକ ଶିକ୍ଷା ପଢୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଭାବେ ପ୍ରଶିକ୍ଷଣ ଦିଆଯାଇ ପ୍ରଶିକ୍ଷିତ କରାଯିବ। ଏଥିପାଇଁ ୟୁନେସ୍କୋ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ପୂର୍ବରୁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଶିତକ୍ଷାଦାନ ଆରମ୍ଭ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆରମ୍ଭ ହୋଇଥିବା 'ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ସୁସ୍ଥତା' ପ୍ରଶିକ୍ଷଣ କର୍ମଶାଳା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

ଏହି ତିନିଦିନିଆ କର୍ମଶାଳାକୁ ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଉଦ୍‌ଘାଟନ କରି ୟୁନେସ୍କୋର ବୈଷୟିକ ସହାୟତାକୁ ପ୍ରଶଂସା କରିବା ସହ ଆଞ୍ଚଳିକ ଓ ବିଶ୍ୱ ସ୍ତରରେ ସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ ଶିକ୍ଷକ ପ୍ରଶିକ୍ଷଣକୁ ଅଧିକ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି କହିଛନ୍ତି। ସେହିପରି ୟୁନେସ୍କୋର ଦକ୍ଷିଣ ଏସୀୟ ଆଞ୍ଚଳିକ କାର୍ଯ୍ୟାଳୟର ଜାତୀୟ କାର୍ଯ୍ୟକ୍ରମ ଅଧିକାରୀ (ଶିକ୍ଷା) ସରିତା ଯାଦବ ଯୋଗଦେଇ ଶିକ୍ଷକ ପ୍ରଶିକ୍ଷଣରେ ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ଆଉ ଇଚ୍ଛାଧୀନ ନ ହୋଇ ଗୁଣାତ୍ମକ ଶିକ୍ଷା ପାଇଁ ଏବେ ବାଧ୍ୟତାମୂଳକ ବୋଲି କହିଥିଲେ। ପ୍ରତିଷ୍ଠାନର ବୁଝାମଣାପତ୍ର ସମିତି ଅଧ୍ୟକ୍ଷ ତଥା ଏନ୍‌ସିଇଆର୍‌ଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା, ପ୍ରଫେସର ରୀତାଞ୍ଜଳି ଦାଶ, ପ୍ରଫେସର ସରୋଜ ବାଳା ଯାଦବଙ୍କ ସମେତ ୟୁନେସ୍କୋର ପ୍ରଶାନ୍ତ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷାବିତ୍, ଶିକ୍ଷା ବିଶାରଦ ଓ ପାଠ୍ୟଖସଡ଼ା ବିଶେଷଜ୍ଞମାନେ ଯୋଗଦେଇଥିଲେ।

## ଏସ୍‌ସିଏମ୍‌ଏଲ୍‌ର 'ଆଉଟରିଚ୍ କାର୍ଯ୍ୟକ୍ରମ'

ଅନୁଗୁଳର ୧୦ ବିଦ୍ୟାଳୟରେ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ



ଭୁବନେଶ୍ୱର, ୨୯।୧୦(ସମିସ): ଅନୁଗୁଳର ସ୍ଥାନୀୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମି ମଜବୁତ କରିବା ପାଇଁ ଏସସିଏମଏଲ୍ ସହଯୋଗର ହାତ ବଢ଼ାଇଛି। ଆଦିତ୍ୟ ବିର୍ଲା ଗ୍ରୁପ୍ (ଏବିଜି) ଅନ୍ତର୍ଗତ ଏସେଲ୍ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଇଏମଆଇଏଲ୍)ର ଏକ ଅଂଶ ସୁଭଦ୍ରା କୋଲ୍ ମାଇନିଂ ଲିମିଟେଡ୍ (ଏସସିଏମଏଲ୍) ପକ୍ଷରୁ ସିଏସଆର୍ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜନ କରିଛି। କାର୍ଯ୍ୟକ୍ରମରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍)ର ସୁଭଦ୍ରା ଅଞ୍ଚଳର ଜିଏମ୍ ଏଚ୍ ଏସ୍. ସାଲୁଙ୍ଖେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନ ପାଇଁ ପ୍ରଦାନ କରାଯାଇଥିବା ସୁବିଧାଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରକଳ୍ପ ହେଡ୍ ବିମଳ ବରାଳ, ସଞ୍ଜୀବ ତ୍ରିପାଠୀ, ଶିବ ସାହୁ, ସୁରଜିତ୍ ଶର୍ମା ଏବଂ ସୁଭ୍ରତା ସୁଭଦର୍ଶିନୀଙ୍କ ସମେତ କଙ୍କରେଇ ଓ ରାଇଝରଣ ଗ୍ରାମର ସରପଞ୍ଚ ଓ ସଭିତି ସଭ୍ୟ, ସ୍କୁଲର ଶିକ୍ଷକ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# କାନ୍‌ଭାସରେ ପଟ୍ଟଚିତ୍ର ଓ ପିପିଲି ଚାନ୍ଦୁଆର ଝଲକ

- ପାରମ୍ପରିକ ଶୈଳୀର ଟୋଟ୍ ବ୍ୟାଗକୁ ପସନ୍ଦ କରୁଛନ୍ତି ଲୋକ
- ରାଜ୍ୟ ବାହାରୁ ଆସୁଛି ଅଧିକ ଅର୍ଡର

ଭୁବନେଶ୍ୱର, ୨୯।୧୦(ସମିସ): ପାରମ୍ପରିକ ପଟ୍ଟଚିତ୍ର ଏବଂ ପିପିଲି ଚାନ୍ଦୁଆ ଓଡ଼ିଶାର ପରିଚୟ। ଏହାକୁ ନେଇ ଅନେକ କାରିଗର ନିଜ ଜୀବିକା ନିର୍ବାହ କରନ୍ତି। କିଏ ନିଜ କଳାକୃତି ମାଧ୍ୟମରେ ଦେବାଦେବୀଙ୍କ ପଟ୍ଟଚିତ୍ର



ଆଙ୍କିଥାନ୍ତି ତ ଆଉ କିଏ ଆକର୍ଷଣୀୟ ପିପିଲି ଚାନ୍ଦୁଆ ତିଆରି କରିଥାନ୍ତି। ସେହିଭଳି ପଟ୍ଟଚିତ୍ର ଏବଂ ପିପିଲିର ଚାନ୍ଦୁଆ ଡିଜାଇନର ମିଶ୍ରଣକୁ ନେଇ ଏକ ସ୍ୱତନ୍ତ୍ର ରୂପ ଦିଆଯାଇ ପାରେ। ଯାହାର ସଫଳ ପ୍ରୟାସ କରିଛନ୍ତି ଶ୍ରୀକାନ୍ତ ବେହେରା।

ଶ୍ରୀକାନ୍ତଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଓଗଳପୁର ଗ୍ରାମରେ। ହେଲେ ଅଧିକାଂଶ ସମୟ ତାଙ୍କର ଭୁବନେଶ୍ୱର ତଥା ବିଭିନ୍ନ ମେଳା ଓ ପ୍ରଦର୍ଶନୀରେ ବିତିଥାଏ। ଖଲିକୋଟ ଆର୍ଟ କଲେଜରୁ ପଢ଼ା ସାରିଲା ପରେ କିଛି ନୂଆ କରିବାର ପ୍ରୟାସରେ ଆରମ୍ଭ କରିଥିଲେ ପଟ୍ଟଚିତ୍ର ଏବଂ ପିପିଲି ଚାନ୍ଦୁଆ(ଆପ୍ଲିକ)ର ମିଶ୍ରଣ କଳାକୃତି। ଯେଉଁଠି ସେ ଚିତ୍ର ପାଇଁ ବ୍ୟବହାର କରାଯାଉଥିବା କାନଭାସର କପଡ଼ାକୁ ବ୍ୟବହାର କରିଥାନ୍ତି ଏବଂ ସେଥିରେ ବିଭିନ୍ନ ଡିଜାଇନର ବ୍ୟାଗ, ପର୍ସ, ଷ୍ଟଲ ଆଦି ତିଆରି କରି ସେଥିରେ ସୁନ୍ଦର ସୁନ୍ଦର ପଟ୍ଟଚିତ୍ର ଏବଂ ଚାନ୍ଦୁଆ ଡିଜାଇନ ବୁଣି ତିଆରି କରୁଛନ୍ତି। ବର୍ତ୍ତମାନର ଟ୍ରେଣ୍ଡକୁ ଲକ୍ଷ୍ୟ କରି ସେ ମହିଳା ମାନେ ବ୍ୟବହାର କରୁଥିବା ଟୋଟ୍ ବ୍ୟାଗରେ ଜଗନ୍ନାଥ, ଶ୍ରୀମନ୍ଦିର, ଗେଣେଶ, ମୟୂର, ପରିବେଶ ଚିତ୍ର ଆଦି ହାତରେ ବୁଣି ତିଆରି କରୁଛନ୍ତି। ପରେ ତାକୁ ଆପ୍ଲିକ ବା ଚାନ୍ଦୁଆର କିଛି ଡିଜାଇନ ଯୋଡୁଛନ୍ତି। ଏହା ଦେଖିବାକୁ ଯେତିକି ଆକର୍ଷଣୀୟ ହୋଇଛି ସେଥିରେ ପରିଶ୍ରମ ମଧ ସେହିପରି କରାଯାଇଛି। ମିହିଳା ମାନଙ୍କ ମଧ୍ୟରେ ଏପରି ଆଧୁନିକତାରେ ପାରମ୍ପରିକର ଛାପ ବେଶ୍ ଆଦୃତ ହେଉଥିବା ପରିଲକ୍ଷିତ ହେଉଛି। ଏସବୁର ମୂଲ୍ୟ ୧୫୦୦ରୁ ଆରମ୍ଭ ହୋଇ ୨ ରୁ ୩ ହଜାର ପର୍ଯ୍ୟନ୍ତ ରହିଛି। ଏହାକୁ ତିଆରି କରିବାକୁ କାରୁକାର୍ଯ୍ୟ ଅନୁଯାୟୀ ଦୁଇରୁ ତିନି ଦିନ ସମୟ ଲାଗିଥାଏ। ପରେ ସେ ରାଜ୍ୟ ତଥା ରାଜ୍ୟ ବାହାରେ ଆୟୋଜିତ ହେଉଥିବା ବିଭିନ୍ନ ପ୍ରଦର୍ଶନୀ, ମେଳାରେ ପ୍ରଦର୍ଶିତ କରିଥାନ୍ତି। ଏହାସହିତ ନିଜର ଏକ ଇଷ୍ଟାଗ୍ରାମ ୱେବସାଇଟ ଏବଂ ବିଭିନ୍ନ ସେଲରଙ୍କ ମାଧ୍ୟମରେ ଏହିସବୁ ବିକ୍ରି କରୁଛନ୍ତି।



ଗୁଜୁରାଟ, ଛତିଶଗଡ଼, ଗୋଆ, ୟୁପି, ମହାରାଷ୍ଟ୍ର ଏବଂ କେରଳ ଭଳି ରାଜ୍ୟରେ ଏହାର ଭଲ ଚାହିଦା ରହୁଥିବାରୁ ଲୋକ ସେଠାରୁ ଅର୍ଡର କରୁଛନ୍ତି। ଏହି ବିଷୟରେ ସେ କୁହନ୍ତି, ରାଜ୍ୟ ବାହାରେ ଓଡ଼ିଶାର ପାରମ୍ପରିକ ଚିତ୍ର ତଥା କାରିଗରୀକୁ ବହୁଳ ଭାବରେ ପରିଚିତ କରାଇବାକୁ ତାଙ୍କ ପ୍ରୟାସ ରହିଥାଏ। ଏହା ସହିତ ବାହାର ରାଜ୍ୟରେ ଆୟୋଜିତ ପ୍ରଦର୍ଶନୀରେ ଏହିସବୁ ପଟ୍ଟଚିତ୍ର ଏବଂ ଚାନ୍ଦୁଆକୁ କିଣୁଥିବା ବା ଦେଖିବାକୁ ଆସୁଥିବା ଲୋକଙ୍କୁ ଏହା ପଛର କାରିଗରୀ ଓ ପରମ୍ପରା ବିଷୟରେ କହିଥାନ୍ତି। ଯାହା ସେମାନଙ୍କୁ ବେଶ ପସନ୍ଦ ଆସିଥାଏ।

### ଉଦ୍‌ଘାଟନକୁ ବିତିଲାଣି ଦେଢ ବର୍ଷ

# କାର୍ଯ୍ୟକ୍ଷମ ହେଲାନି ମିଶନ ଶକ୍ତି କାଫେ

ଉଦଳା, ୨୯।୧୦(ସମିସ): ପୂର୍ବ ସରକାର ସମୟରେ ମିଶନ ଶକ୍ତି କାଫେ ଏବଂ ବିଭିନ୍ନ ସ୍ଥାନରେ ଆହାର କେନ୍ଦ୍ର ଖୋଲାଯାଇଛି। ମିଶନ ଶକ୍ତି ମହିଳାମାନେ କାଫେର ଦାୟିତ୍ୱ ନେଇ ପରିଚାଳନା କରୁଥିଲେ। ଏହି କ୍ରମରେ ଉଦଳା ଉପଖଣ୍ଡ ଡାକ୍ତରଖାନାରେ ମଧ୍ୟ ଏକ ମିଶନ ଶକ୍ତି କାଫେ ନିର୍ମାଣ କରାଯାଇ ୨୦୨୪ ଫେବୃଆରୀ ୧ ତାରିଖରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଥିଲା। କେବଳ ଏସଏସଜି ଗୋଷ୍ଠୀ ପକ୍ଷରୁ କିଏ ଦାୟିତ୍ୱ ନେବ ତାହା କେବଳ ବାକି ରହିଥିଲା; ହେଲେ ସାଧାରଣ ନିର୍ବାଚନ ଘୋଷଣା ହେବା ପରେ ଆଚରଣବିଧି ଲାଗୁ ହୋଇଗଲା। ତେଣୁ ତାହା ସ୍ଥଗିତ ରହିଗଲା। ଇତିମଧ୍ୟରେ ସରକାର ମଧ୍ୟ ବଦଳିଗଲା। ଏବର ସରକାରଙ୍କ ନୀତିଗତ ଯୋଜନା ତଥା ପୂର୍ବ ସରକାରର ଯୋଜନା ଉପରେ ଅଙ୍କୁଶ ଯୋଗୁଁ କାଫେଟି କାର୍ଯ୍ୟକ୍ଷମ ନ ହୋଇ ଏବେ ଅଲୋଡା ହୋଇପଡ଼ିଛି। ମିଶନ ଶକ୍ତି ପରିଭାଷା ମଧ୍ୟ ବଦଳି ଯାଇଛି। ପୂର୍ବ ସରକାରଙ୍କ ଯୋଜନା ହୋଇଥିବା ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ମଧ୍ୟ ନୀରବ ରହିବାକୁ ଶ୍ରେୟ ମଣୁଛନ୍ତି। ସରକାର ପରିବର୍ତ୍ତନ ପରେ ଉପଖଣ୍ଡ ଡାକ୍ତରଖାନାରେ ୫-ଟି କାର୍ଯ୍ୟରେ




ବ୍ୟାପକ ଅନିୟମିତତା ଅଭିଯୋଗ କରି ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯିବା ଏବଂ ବିଭିନ୍ନ କାର୍ଯ୍ୟକୁ ପୁନଃ ନିର୍ମାଣ ହେବା ସହିତ ମିଶନ ଶକ୍ତି କାଫେକୁ ଯାଇଥିବା ଫେବର ବ୍ଲକ ରାସ୍ତା ବଢ଼ିଇବା ନେଇ ନୂଆ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଫଳରେ ହସ୍ପିଟାଲ ମଧ୍ୟରେ ଥିବା ମିଶନ ଶକ୍ତି କାଫେ ଖୋଲିବାର ଆଶା ଉଙ୍କି ମାରିଥିଲା; ମାତ୍ର ସବୁ ଫସର ଫାଟିଲା। ଖୋଲିଲାନି ମିଶନ ଶକ୍ତି କାଫେ। ହେଲେ ଏବେ ବନ୍ଦ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାଫେ ମଧ୍ୟରେ ସବୁ ପ୍ରକାରର ସୁବିଧା ସୁଯୋଗ ଥିଲେ ମଧ୍ୟ କେବେ ସେବା ମିଳିବ ସେ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ଡାକ୍ତରଖାନା କର୍ତ୍ତୃପକ୍ଷ ବର୍ଷା ଯୁଆଡେ ଛତା ସିଆଡେ ନୀତିରେ ସନ୍ତୁଳନ ରଖିବାକୁ ଶ୍ରେୟ ମଣୁଛନ୍ତି। ଏବେ ନିର୍ମାଣ ହୋଇଥିବା ଘର ମଧ୍ୟ ବ୍ୟବହାର ନ ହୋଇ ନଷ୍ଟ ହେବାକୁ ବସିଲାଣି। ଏଣୁତୁରନ୍ତ ଏହାକୁ ଖୋଲାଯିବାକୁ ଉଦଳା ଅଞ୍ଚଳବାସୀ ଦୃଢ ଦାବି କରିଛନ୍ତି।

## ଭକ୍ତି ଓ ଉତ୍ସାହର ସହ ଛଟ୍ ପର୍ବ ସମ୍ପନ୍ନ; ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ

ବହଳଦା, ୨୯।୧୦ (ସମିସ): ବହଳଦାରେ ବସବାସ କରୁଥିବା ବିହାରୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ଛଟ୍ ପର୍ବ ପାଳନ କରିବା ସହ ଖଡ଼ଖାଇ ନଦୀକୂଳରେ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ଦେଇ ପୂଜା ସମ୍ପନ୍ନ କରିଛନ୍ତି। ତେବେ ଚଳିତବର୍ଷ ବିହାରୀ ସମ୍ପ୍ରଦାୟର ଲୋକଙ୍କ ସହ ଓଡିଆ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକେ ମଧ୍ୟ ଛଟ୍ ପର୍ବ ମହାଆଡ଼ମ୍ବର ସହକାରେ ପାଳନ କରିବା ଦେଖିବାକୁ ମିଳିଛି। ବିହାରୀ ସମ୍ପ୍ରଦାୟର ବିଶ୍ୱାସ ଭକ୍ତି ଓ ଆସ୍ଥାର ପର୍ବ ହେଉଛି ଛଟ ପର୍ବ। ଏହା ବିହାରୀ ସମ୍ପ୍ରଦାୟର ଗୋଟିଏ ମୁଖ୍ୟ ପର୍ବ ହୋଇଥିବାବେଳେ ଏହା ପ୍ରକୃତି, ସଂସ୍କୃତି ଓ ସାମାଜିକ ଏକତାର ପ୍ରତୀକ। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଚାରିଦିନିଆ ମହାପର୍ବରେ ଉତ୍ସବ ମୁଖର ହୋଇଉଠିଥିଲା ବହଳଦା ଅଞ୍ଚଳ। ସୂର୍ଯ୍ୟ ପୂଜା କରି ଏହି ସମ୍ପ୍ରଦାୟର ଲୋକେ ନିଜ ପରିବାରର ଲୋକଙ୍କ ସ୍ୱାସ୍ଥ୍ୟ, ସମୃଦ୍ଧି ଓ ବିକାଶର କାମନା କରିଥାନ୍ତି। ଏହି ପୂଜା ପାଇଁ ମହିଳାମାନେ ଶନିବାରଠାରୁ ୪ ଦିନ ଧରି ନିର୍ଜଳା ଉପବାସ ବ୍ରତ ପାଳନ କରି ମଙ୍ଗଳବାର ବଡି ସକାଳୁ ଉଦୟଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ବ୍ରତ ସମାପ୍ତ କରିଛନ୍ତି। ପ୍ରଥମ ଦିନରେ ପରିବାରର ମହିଳାମାନେ ନାଉ ଓ ଭାତ ଖାଇ ବ୍ରତ ଆରମ୍ଭ କରିଥିଲେ। ଦ୍ୱିତୀୟ ଦିନ ଖରନା କାର୍ଯ୍ୟକ୍ରମରେ ପୁରି ଓ ଖିରି ପ୍ରସ୍ତୁତ କରି ପରିବାରର ଲୋକଙ୍କୁ ଅପ୍ୟାୟିତ କରିଥିଲେ। ତୃତୀୟଦିନ ଅପରାହ୍ନରେ ପୁରୁଷମାନେ କଦଳୀ କାନ୍ଧି, ନଡିଆ, ଆଖୁବାଡି, ଫଳ ଓ



ପିଠାପଣାକୁ ମୁଣ୍ଡରେ ବହି ନଦୀକୂଳକୁ ନେଇ ଯାଇଥିଲେ। ତାଙ୍କ ସହ ମହିଳାମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ପୂଜା କରିଥିବାବେଳେ ମଙ୍ଗଳବାର ବଡି ଭୋରୁ ଛଟ୍ ମୈୟାଙ୍କୁ ପୂଜା ଅର୍ଚ୍ଚନା ପରେ ଉଦୟଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ନିର୍ଜଳା ଉପବାସ ସମ୍ପୂର୍ଣ୍ଣ କରିଥିଲେ। ବହଳଦା ଖଡଖାଇ ନଦୀ କୂଳରେ ଏହି ପୂଜା ପାଳନ କରାଯାଇଥିଲା।

## ବିପୁଳ ଦେଶୀ ରନ୍ଧାମଦ ଓ ପୋଚ ଜବତ


ରାଇରଙ୍ଗପୁର, ୨୯।୧୦(ସମିସ): ରାଇରଙ୍ଗପୁର ଅବକାରୀ ଉପଅଧୀକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ରାଇରଙ୍ଗପୁର, ବିଶୋଇ, ବହଳଦା, ଯଶିପୁର, କରଞ୍ଜିଆ, ଏବଂ ଠାକୁରମୁଣ୍ଡା ଅବକାରୀ ଅଧିକାରୀମାନେ ତେଣ୍ଟପୋଷି ଏବଂ ପିଠାକୁଟୁଣୀ ଗ୍ରାମ୍ୟ ଜଙ୍ଗଲରେ ଚଢଉ କରିଥିଲେ। ଘଟଣାସ୍ଥଳରୁ ୩୪୦ ଲିଟର ଦେଶୀରନ୍ଧା ମଦ, ୫୨୦୦ କେଜି ମହୁଲ ପୋଚ, ମଦ ସାମଗ୍ରୀ ଆଦି ଜବତ କରିଥିଲେ। ଚଢଉ ସମୟରେ ମଦ ମାଫିଆମାନେ ଜଙ୍ଗଲକୁ ଦୌଡି ପଳାଇଥିଲେ।

## ଜଡିଦା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ



କପ୍ତିପଦା, ୨୯।୧୦(ସମିସ): କପ୍ତିପଦା ବ୍ଲକ ଜଡିଦା ପଞ୍ଚାୟତ ସରପଞ୍ଚ ମିନତୀ ମଢେଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଘଟଣାରୁ ଜଣାପଡ଼ିଛି ଯେ ପଞ୍ଚାୟତରେ ୧୫ଜଣ ୱାର୍ଡ ସଭ୍ୟସଭ୍ୟା ଥିବାବେଳେ ୧୧ଜଣ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ପୂର୍ବରୁ ତାଙ୍କର ରାସନ୍ କାର୍ଡ ଓ ଅନ୍ୟାନ୍ୟ ଦୁର୍ନୀତି ସମ୍ପର୍କରେ ପଞ୍ଚାୟତବାସୀ ଅସନ୍ତୁଷ୍ଟ ଥିଲେ। ଏବେ ସରପଞ୍ଚଙ୍କ ମନମାନୀ, ପଞ୍ଚାୟତ କାର୍ଯ୍ୟାଳୟକୁ ନ ଆସିବା, ବୈଠକରେ ଉପସ୍ଥିତ ସଭ୍ୟ ସଭ୍ୟାଙ୍କୁ ଖରାପ ବ୍ୟବହାର କରିବା ଆଦି ଅଭିଯୋଗ ରହିଛି। ତେଣୁ ୧୧ଜଣ ସଭ୍ୟ ମଙ୍ଗଳବାର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିଛନ୍ତି। ଦାଖଲ ସମୟରେ ବିଧାୟକ ଭାସ୍କର ମଢେଇ ଉପସ୍ଥିତ ଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଆଇରନ ବୋଝେଇ ଟ୍ରକ



ବିଶୋଇ, ୨୯ ।୧୦ (ସମିସ): ବିଶୋଇ ଥାନା ଅନ୍ତର୍ଗତ ବିଶୋଇ ବ୍ଲକ ଛକସ୍ଥିତ ୪୯ ନଂ. ଜାତୀୟ ରାଜପଥରେ ବୁଧବାର ଅପରାହ୍ନରେ ଏକ ଆଇରନ ବଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଆଜି ପ୍ରାୟ ଅପରାହ୍ନ ୪ ଘଟିକା ସମୟରେ ଏକ ଆଇରନ ବଝେଇ ଟ୍ରକ କେନ୍ଦୁଝରରୁ ୪୯ନଂ ଜାତୀୟ ରାଜପଥ ଦେଇ ଆସୁଥିଲା। ବାତ୍ୟା ପ୍ରଭାବରେ ଭୀଷଣ ବର୍ଷା ହେଉଥିବାରୁ ବିଶୋଇ ବ୍ଲକ ଛକଠାରେ ଥିବା ବିପର୍ଯ୍ୟସ୍ତ ଅଣଓସାରିଆ ରାସ୍ତାରେ ଟ୍ରକଟି ଭାରସାମ ହରାଇଥିଲା। ବର୍ଷାଯୋଗୁଁ ରାସ୍ତାର ବାମ ପାର୍ଶ୍ୱ ମାଟି ଧସେଇ ହୋଇଯାଇଥିଲା। ଫଳରେ ଉକ୍ତ ଟ୍ରକଟି ଭାରସାମ୍ୟ ହରାଇ ବାମ କଡ଼କୁ ଓଲଟି ପଡ଼ିଥିଲା। ଖବରପାଇ ବିଶୋଇ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ଯାଏଁ ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି।

## ଦେଶୀ ମଦ ଓ ମହୁଲ ପୋଚ ଜବତ

ବେତନଟୀ, ୨୯।୧୦(ସମିସ): ବେତନଟୀ ଅବକାରୀ ବିଭାଗ, ବାରିପଦା ଅବକାରୀ ମୋବାଇଲ ଟିମ, ଖୁଣ୍ଟା ଓ ଉଦଳା ଅବକାରୀ ଟିମ ପକ୍ଷରୁ ମିଳିତ ଭାବେ ବଡ଼ସାହି ନିକଟସ୍ଥ ଜଙ୍ଗଲରେ ଦୁଇଟି ପୃଥକ ସ୍ଥାନରେ ବେଆଇନ ଦେଶୀ ମଦ ତିଆରି ଭାଟି ଉପରେ ଚଢ଼ଉ କରାଯାଇଛି। ଟିମ୍ ଚଢଉ କରି ବଡ଼ସାହି ଅସ୍ତଝରଣ, କମଳାଶୋଳ ଅଞ୍ଚଳରୁ ୯୨୦୦ କିଲୋ ମହୁଲ ପୋଚ, ଦେଶୀ ମଦ ୮୪୦ ଲିଟର ଜବତ କରାଯିବା ସହ ମଦ ତିଆରି ସାମଗ୍ରୀ ଗୁଡିକୁ ନଷ୍ଟ କରାଯାଇଛି। ଚଢଉରେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ କୁମାର ବେହେରା, ଇନିସ୍ପେକ୍ଟର ସଞ୍ଜୟ କୁମାର କାଣ୍ଡି, ଉଦଳା ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିକ ସାମିଲ ଥିଲେ।

## ମାହୁରୀ ସମ୍ପ୍ରଦାୟର ଛଟ୍ ପୂଜା ସମ୍ପନ୍ନ

ଠାକୁରମୁଣ୍ଡା, ୨୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡାଠାରେ ମାହୁରୀ ସମ୍ପ୍ରଦାୟର ଆଜି ସକାଳୁ ପବିତ୍ର ଛଟ ପୂଜା ମାନସିକଧାରୀମାନେ ଉଦିତ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିବା ପରେ ସମ୍ପନ୍ନ ହୋଇଛି। ଏହି ଅବସରରେ ଠାକୁରମୁଣ୍ଡା ବଜାର ବିହାରୀ ସମ୍ପ୍ରଦାୟର ଛଟ୍ ପୂଜା କମିଟି ପକ୍ଷରୁ କଣ୍ଟାମଲ୍ଲି ନାଳ ନିକଟରେ ପାରମ୍ପରିକ ରୀତିନୀତି ଅନୁସାରେ ସକାଳୁ ସୂର୍ଯ୍ୟ ଦେବଙ୍କୁ ପୂଜା କରାଯାଇଥିଲା। ଏହି ପୂଜା ଚାରି ଦିନ ଧରି ଅତ୍ୟନ୍ତ ନିଷ୍ଠାର ସହ ପାରମ୍ପାରିକ ବିଧି ଅନୁସାରେ ଅନୁଷ୍ଠିତ ହୋଇଛି। ଅନ୍ତିମ ଦିନ ସକାଳେ ଉଦିତସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ ପରେ ବ୍ରତୀମାନେ ପୂଜାନୀତି ପାଳନ କରିଥାନ୍ତି। ଏହି ପୂଜା କଲେ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ବହୁ ସଂଖ୍ୟାରେ ମାହୁରୀ ସମ୍ପ୍ରଦାୟର ମହିଳା ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



## ଫେସିଲିଟି ସେଣ୍ଟର ନିର୍ମାଣ ନିମ୍ନମାନର ଅଭିଯୋଗ

ବେତନଟୀ, ୨୯।୧୦(ସମିସ): ଗ୍ରାମବାସୀଙ୍କ ଅଭିଯୋଗକୁ ଶୁଣିବା ପରିବର୍ତ୍ତେ ପ୍ରଶାସନ ଏବଂ ଠିକାଦାର ମିଶି ଜୋର ଜବରଦସ୍ତ ନିର୍ମାଣ ଚଳାଇଛନ୍ତି; ଯାହାକୁ ନେଇ ଗ୍ରାମବାସୀ ଏବେ ତାତିଲେଣି। ସୂଚନା ମୁତାବକ, ବେତନଟୀ ବ୍ଲକ ରଘୁପୁର ପଞ୍ଚାୟତ ରଘୁପୁର ଗ୍ରାମରେ ୧୦ ଲକ୍ଷ ଟଙ୍କା ବିନିମୟରେ ଏକ ଫେସିଲିଟି ସେଣ୍ଟର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଆସିଥିଲା। ହେଲେ ନିର୍ମାଣ କାମ ନିମ୍ନମାନର ହେଉଥିବା ହେତୁ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଗ୍ରାମବାସୀ ବିଡ଼ିଓ ସୁଶାନ୍ତ ସୂତାରଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗକୁ ବିଚାରକୁ ନ ନେଇ, ଖାତିର ନକରି ସମ୍ପୃକ୍ତ ଯୁବକ ଜଣକ ଜୋର ଜବରଦସ୍ତ ସେଠାରେ ଗୃହ ନିର୍ମାଣ ଆରମ୍ଭ କରିଛନ୍ତି। ସମ୍ପୃକ୍ତ ଯୁବକ ଜଣକ ସରକାରୀ ଦଳର ପଦ ପଦବୀରେ ଥିବାରୁ ଚାପରେ ପ୍ରଶାସନ ନିରବ ରହୁଥିବା ଅଭିଯୋଗ ହୋଇଛି। ତେବେ ଗ୍ରାମବାସୀଙ୍କ ଅଭିଯୋଗକୁ ବେତନଟୀ ବିଡ଼ିଓ ଭ୍ରୂକ୍ଷେପ ନ କରି ସମ୍ପୃକ୍ତ ଯୁବକଙ୍କୁ କାହିଁକି ଏତେ ଅନୁକମ୍ପା ଦେଖାଉଛନ୍ତି ଏବଂ କାହା ଚାପରେ ଏଭଳି କାମ କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଗ୍ରାମବାସୀଙ୍କ କହିବା କଥା କି ଯୁବକ ଜଣକ ବିଧାୟକଙ୍କ ଲୋକ ଓ ତେଣୁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ଓ ଯଦି ବ୍ଲକ କର୍ତ୍ତୃପକ୍ଷ ଏହାର ଖୁବ ଶୀଘ୍ର ସମାଧାନ ନ କରନ୍ତି ତେବେ ଗ୍ରାମବାସୀ ବ୍ଲକ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବାବା ତିଲକା ପାଠାଗାରକୁ କମ୍ପ୍ୟୁଟର ପ୍ରଦାନ

ବହଳଦା, ୨୯।୧୦ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଗ୍ରାମପଞ୍ଚାୟତ ପାଟ୍ରାମହୁଲପାଣି ଗ୍ରାମ ସ୍ଥିତ ବାବା ତିଲକା ଲାଇବ୍ରେରୀକୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଏକ କମ୍ପ୍ୟୁଟର ସେଟ୍ ପ୍ରଦାନ କରାଯାଇଛି। ଫାଉଣ୍ଡେସନର ଆଦିବାସୀ ସାଂସ୍କୃତିକ ଓ ସାମାଜିକ ଉନ୍ନୟନ ବିଭାଗର ବରିଷ୍ଠ ସହାୟକ ଅଧିକାରୀ ରାମଚନ୍ଦ୍ର ଟୁଡୁ ଏବଂ ଆଦିବାସୀ ଭାଷା ସୁରକ୍ଷା ବିଭାଗର ପରାମର୍ଶଦାତା ଅଧିକାରୀ ଆଜୁଙ୍ଗ୍ୟା ବିରୁଆ ପାଠାଗାରର ଆଜୀବନ ସଦସ୍ୟ ଓ ଅତିଥିଙ୍କ ଉପସ୍ଥିତିରେ ସମ୍ପାଦକ ରାମଦାସ ମୁର୍ମୁ ଓ ସଭାପତି ରାମଚନ୍ଦ୍ର ହେମ୍ବ୍ରମଙ୍କୁ ଏକ କମ୍ପ୍ୟୁଟର ସେଟ ହସ୍ତାନ୍ତର କରାଯାଇଛି। ଏହି ପୁରାତନ ପାଠାଗାରରେ ଆଦିବାସୀ ଜନଜାତୀୟ ସମ୍ବନ୍ଧୀୟ ବହୁ ବିରଳ ପୁସ୍ତକ ଗଚ୍ଛିତ ରହିଛି। ଆଦିବାସୀ ଜନଜାତିଙ୍କ ଭାଷା ସଂସ୍କୃତି ଓ ସାମାଜିକ ବ୍ୟବସ୍ଥା ଉପରେ ଅଧ୍ୟୟନ କରୁଥିବା ଦେଶ, ବିଦେଶର ଛାତଛାତ୍ରୀ ଏଠାରେ ଥିବା ବିରଳ ପୁସ୍ତକରୁ ମୂଲ୍ୟବାନ ତଥ୍ୟ ସଂଗ୍ରହ କରନ୍ତି। ଏହି କମ୍ପ୍ୟୁଟରରେ ପାଠାଗାରର ତଥ୍ୟ ଉପଲବ୍ଧ କରାଯିବା ଫଳରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଯାତ୍ରା ସୁଗମ ହେବ ବୋଲି ସଦସ୍ୟମାନେ ମତବ୍ୟକ୍ତ କରିଛନ୍ତି। ବାବାତିଲକା ପାଠାଗାର ଆଜୀବନ ସଦସ୍ୟ ପୂର୍ବତନ ବିଧାୟକ ଲକ୍ଷ୍ମଣ ହେମ୍ବ୍ରମ, ସେୱାସ୍ତମ୍ଭର ରାଷ୍ଟ୍ରୀୟ ସମ୍ପାଦକ ମୋଚିରାମ ହେମ୍ବ୍ରମ, ତିଙ୍ଗି ଆସେକା ସଭାପତି ଓ ପିଢ ପରଗଣା ଛଟରାୟ ହେମ୍ବ୍ରମ, ରାମରାଇ ମାଝୀ (ଉପଦେଷ୍ଟା, ତିଙ୍ଗି ଆସେକା), ଲକ୍ଷ୍ମଣ ମାର୍ଣ୍ଡି (ପଣ୍ଡିତ ମୁର୍ମୁଙ୍କ ପଟ୍ଟଶିଷ୍ୟ), ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ର ସଂସ୍ଥାପକ ତଥା ଅଧ୍ୟକ୍ଷ ଚୁନିୟନ ରଘୁନ ମୁର୍ମୁ, ସାଧାରଣ ସମ୍ପାଦକ ମଦନ ମୋହନ ସୋରେନ୍, ସଲମା ମୁର୍ମୁ, ସାମ୍ବାଦିକ ବସନ୍ତ ସାଣ୍ଡିଲ, ବାରିଆଳ ହାଁସଦାଃ, ସୁଗଦା ମୁର୍ମୁ (ତିଙ୍ଗି ଆସେକା), ସୁପାଇ ମାର୍ଣ୍ଡି ଏବଂ କାରିଆ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।




## ରେଲଲାଇନରୁ ଉଦ୍ଧାର ମୁଣ୍ଡବିହୀନ ଯୁବକଙ୍କ ମିଳିଲା ପରିଚୟ

କଳାବାଡିଆ, ୨୯।୧୦(ସମିସ): ବାଙ୍ଗିରିପୋଷି ଥାନା ଅଧୀନ ବୁଢାମାରା ଷ୍ଟେସନ ନିକଟ ରେଳ ଲାଇନରୁ ଜଣେ ଯୁବକଙ୍କ ମୁଣ୍ଡିବିହୀନ ମୃତଦେହ ଉଦ୍ଧାର ହୋଇଥିଲା। ଖବର ପାଇ ବାରିପଦା ଆର.ପି.ଏଫ ପହଞ୍ଚି ଶବକୁ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଥିଲେ। ହେଲେ ଦୀର୍ଘ ୧୦ ଘଣ୍ଟା ପରେ ମୁଣ୍ଡ ମିଳିବା ସହିତ ଯୁବକଙ୍କ ପରିଚୟ ମିଳିଛି। ତାଙ୍କ ବ୍ୟାଗ ଭିତରୁ ଏକ ହାତ ଲେଖା ଚିଠିରୁ ପରିଚୟ ମିଳିଛି। ସେ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବେଢ଼ାକୁଦର ଗ୍ରାମର ସାଗର ମହାନ୍ତ। ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯିବ ବୋଲି ଆରପିଏଫ ଏଏସଆଇ ଜ୍ୟୋତିପ୍ରକାଶ ସାହୁ କହିଛନ୍ତି।

## ଦୁର୍ନୀତି ନିବାରଣ ସପ୍ତାହରେ ଶପଥ ପାଠ



ରାଇରଙ୍ଗପୁର, ୨୯।୧୦(ସମିସ): ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ସାଧୁତାର ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ବିଡ଼ିଓ ଭାଗବତପ୍ରସାଦ ମହାପାତ୍ର, ଡେପୁଟି କଲେକ୍ଟର ସୁଧାକର ସେଠୀ, ଡେପୁଟି କଲେକ୍ଟର ଅନିତା ମହାନ୍ତ, ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ। ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ପାଳନ କରାଯାଉଛି। ଜନସାଧାରଣଙ୍କୁ ସମ୍ମାନ ଦେବା, ତାଙ୍କ ହିତ ପାଇଁ କାମ କରିବା ଏବଂ କାମକୁ ଶୀଘ୍ର ସମାଧାନ କରିବା, ସଚ୍ଚୋଟତା ବଜାୟ ରଖିବା ଆଦି ଉପରେ ଶ୍ରୀ ପରାମର୍ଶ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ।

## ସତର୍କତା ସଚେତନତା ୱାକାଥନ୍




ବାରିପଦା ୨୯ ।୧୦(ସମିସ): ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳନ ଅବସରରେ ବୁଧବାର ତୃତୀୟ ଦିନରେ ସାଧାରଣ ଜନତାଙ୍କ ମନରେ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟ ନେଇ ମୟୂରଭଞ୍ଜ ଡ଼ାକ ମଣ୍ଡଳ ପକ୍ଷରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ବଡ଼ଦାଣ୍ଡରେ ଏକ ୱାକାଥନର ଆୟୋଜନ କରାଯାଇଥିଲା। ଡ଼ାକ ଅଧୀକ୍ଷକ ଭାଗ୍ୟଧର ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼ାକ କର୍ମଚାରୀମାନେ ବିଭିନ୍ନ ଦୁର୍ନୀତି ବିରୋଧୀ ସ୍ଲୋଗାନ୍ ମାନ ଦେଇ ପଦଯାତ୍ରା କରିବାସହ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡାକ ସହ ଅଧୀକ୍ଷକ ପ୍ରଣବ ମିଶ୍ରଙ୍କ ସମେତ ପ୍ରଧାନ ଡ଼ାକପାଳ ଅନିରୁଦ୍ଧ ମହାପାତ୍ର, ଡାକ ଲୋକ ସମ୍ପର୍କ ଅଧିକାରୀ ମନୋଜ ମହାନ୍ତ, ବିଭୂଦତ୍ତ ସାହୁ, ସୌରଭ ପାଲ, ଚନ୍ଦ୍ରଶେଖର ମହାନ୍ତି, ସୁଶାନ୍ତ ବେହେରା, ରବିରଞ୍ଜନ ସେନାପତି, କୌଶିକ ଆଢ୍ୟ, ନୟନରଞ୍ଜନ ସାହୁ ବିଧୁଭୂଷଣ ବେହେରା, ତପେଶ୍ୱର ମିଶ୍ର, ରତନ ହେମ୍ବ୍ରମ ପ୍ରମୁଖ ସାମିଲ ହୋଇଥିଲେ।

### ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ବାରିପଦା, ୨୯ ।୧୦(ସମିସ): ମୁଣ୍ଡାରୀ ଜନଜାତିଙ୍କ ଦୀର୍ଘ ବର୍ଷର ଦାବଶ ଏବଂ ପ୍ରତିଶ୍ରୁତି ସତ୍ତ୍ୱେ କେନ୍ଦ୍ର ସରକାର ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ କୌଣସି ଠୋସ ପଦକ୍ଷେପ ନ ନେବା ପରିତାପର ବିଷୟ। ଏପରିକି ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟ ସରକାର ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ କେନ୍ଦ୍ରକୁ ସୁପାରିସ କରିଛନ୍ତି; କିନ୍ତୁ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ମୁଣ୍ଡାରୀ ଭାଷାର ସ୍ୱତନ୍ତ୍ର ଲିପି ମୁଣ୍ଡାରୀ ବାନି, ମୁଣ୍ଡାରୀ ଭାଷାରେ ସ୍ୱତନ୍ତ୍ର ସାହିତ୍ୟ ସଂସ୍କୃତି ରହିଥିଲେ ମଧ୍ୟ କେନ୍ଦ୍ର ସରକାର ଦୀର୍ଘ ବର୍ଷ ଧରି ଏହି ମୁଣ୍ଡାରୀ ଜନଜାତିର ଭାଷା ପ୍ରତି ଅବହେଳା କରିଚାଲିଛନ୍ତି। ଏଣୁ ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ନିମନ୍ତେ ବୁଧବାର ମୁଣ୍ଡାରୀ ସମାଜ ସାଂୱାର ଜାମଡା ତରଫରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୁଣ୍ଡାରୀ ସମାଜ ସାଂୱାର ଜାମଡାର ସଭାପତି ନନ୍ଦଲାଲ ସିଂଙ୍କ ନେତୃତ୍ୱରେ ଉପସଭାପତି ଜେନା ପ୍ରସାଦ ସିଂ, କୋଷାଧ୍ୟକ୍ଷ ବଦୀରାମ ସିଂ, ସହ କୋଷାଧ୍ୟକ୍ଷ ରୋହିଦାସ ସିଂ, ଆଇନଜୀବୀ ସୁରେନ୍ଦ୍ର ସିଂ, ଶୁକ୍ରା ସିଂ, ଓମସାର ସଭାପତି ମଙ୍ଗଳ ସିଂ ପ୍ରମୁଖ ଉପସ୍ଥିତ ରହିବା ସହିତ ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ତଥା ସମ୍ବିଧାନରେ ଅଷ୍ଟମ ଅନୁସୂଚିରେ ସାମିଲ କରିବା ନିମନ୍ତେ ସରକାରଙ୍କ ତରଫରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ମୁଣ୍ଡାରୀ ସମାଜ ସାଂୱାର ଜାମଡାର ସଭାପତି ନନ୍ଦଲାଲ ସିଂ ଚେତାବନୀ ଦେଇଛନ୍ତି।



## କାର ଦୁର୍ଘଟଣାଗ୍ରସ୍ତ; ଚାଳକ ଫେରାର




ବେତନଟୀ, ୨୯।୧୦(ସମିସ): ମଙ୍ଗଳବାର ରାତିରେ ୧୮ନଂ ଜାତୀୟ ରାଜପଥରେ ଦାନ୍ତିଆମୁହାଁଠାରୁ ଅଳ୍ପ ଦୂରରେ ଥିବା କୃଷ୍ଣଚନ୍ଦ୍ରପୁର ସେଣ୍ଟ୍ରାଲ ନର୍ସରୀ ନିକଟରେ ଏକ ଦ୍ରୁତଗାମୀ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। କାରଟି ବାରିପଦା ଅଭିମୁଖେ ଯାଉଥିବା ବେଳେ ଅସାବଧାନତା ବଶତଃ ଚାଳକ ନିଜ ଗତି ଉପପରେ ନିୟନ୍ତ୍ରଣ ହରାଇ ସାମନାରେ ଯାଉଥିବା ଅନ୍ୟ ଏକ ଗାଡ଼ିର ପଛପଟୁ ଧକ୍କା ଦେଇଥିଲା। ଫଳରେ କାରର ସାମ୍ନାପଟ ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ବଡଜାମବଣି ଫାଣ୍ଡି ଅଧିକାରୀ ଭାବଗ୍ରାହୀ ମହାନ୍ତ ପହଞ୍ଚି ତଦନ୍ତ ଚଳାଇଛନ୍ତି; ହେଲେ ଦୁଇଟିଯାକ ଗାଡିର ଚାଳକଙ୍କୁ ଦେଖିବାକୁ ମିଳିନଥିଲା।

## ‘ଆମ ପରିବାର ଓ ଆମ ପଞ୍ଚାୟତ’ ପତ୍ରିକାର ଗାନ୍ଧୀ ଜୟନ୍ତୀ ବିଶେଷାଙ୍କ ଲୋକାର୍ପଣ



ବେତନଟୀ, ୨୯।୧୦(ସମିସ): ସ୍ୱର୍ଗତ ଭଗବାନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ‘ଆମ ପରିବାର ଆମ ପଞ୍ଚାୟତ’ ପତ୍ରିକାର ଗାନ୍ଧୀ ଜୟନ୍ତୀ ବିଶେଷାଙ୍କ ସଂଖ୍ୟା ଲୋକାର୍ପଣ ହୋଇଛି। ଶାନ୍ତନୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଭାବଗ୍ରାହୀ ମହାନ୍ତି, ମୁଖ୍ୟବକ୍ତା ଆଚାର୍ଯ୍ୟ ବିଜୟ ଜୀ ଓ ସମ୍ମାନିତ ଅତିଥି ଭାବରେ ଅନନ୍ତ କୁମାର ସାହୁ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅକ୍ଷୟ କୁମାର ମିଶ୍ର, ପ୍ରଭାତ ଆଚାର୍ଯ୍ୟ ଓ ଭଗବାନ ମହାପାତ୍ରଙ୍କ ପୁତ୍ର ଏହି ସଭାରେ ଯୋଗଦାନ କରିଥିଲେ। ରୂପ୍ସାର ଗଛ ମଣିଷ ଭାବରେ ପରିଚିତ ରବୀନ୍ଦ୍ର ବେହେରାଙ୍କ ଦ୍ୱାରା ଭଜନ ଗାନ ପରେ ସୁଦର୍ଶନ ମହାପାତ୍ର ପତ୍ରିକା ବିବରଣୀ ପାଠ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା ପତ୍ରିକାର ବିଶେଷତ୍ୱ ଓ ଆଭିମୁଖ୍ୟ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ପରେ ପତ୍ରିକା ଲୋକାର୍ପଣ ହୋଇଥିଲା। ଶେଷରେ ଡାକ୍ତର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବାତ୍ୟା ଟଳିଛି; ଚାଷୀ ଆଖିରୁ ଲୁହ ଝରୁଛି


କୁକୁଡାଖଣ୍ଡି:


ପୋଲସରା


ଭଞ୍ଜନଗର


କୋଦଳା

ଧରାକୋଟ,୨୯ ।୧୦(ସମିସ)

ସାମୁଦ୍ରିକ ବାତ୍ୟା ମୋନ୍ଥା ଓ ଲଘୁଚାପ ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷାର ବିକଳ ଚିତ୍ର ଧରାକୋଟ ବ୍ଲକରେ ଦେଖିବାକୁ ମିଳିଛି । ବ୍ଲକର ୧୮ ଟି ପଞ୍ଚାୟତର ଖରିଫ ଧାନ ଫସଲ ବେଶ ପ୍ରଭାବିତ ହୋଇଛି । ଯାହା ଫଳରେ ଫଳ ଧରିଥିବା ଧାନକେଣ୍ଡା ଓ ପାଚିଲା ଧାନ ଫସଲ ପବନ ଓ ଲଗାଣ ବର୍ଷାରେ ଲୋଟି ପଡ଼ି ଧରାଶାୟୀ ହୋଇଛି । ଦୀର୍ଘ ଦୁଇ ଦିନ ଧାନ କେଣ୍ଡା ପାଣିରେ ଭିଜି ରହିଥିବାରୁ ଚାଷୀର ଚିନ୍ତା ବଢ଼ିଛି । ପାଣି ଭର୍ତ୍ତି ଧାନ ବିଲରୁ ଚାଷୀ ଉଜୁଡ଼ା ଫସଲକୁ ଛାଣୁଥିବାର ଦୟନୀୟ ଚିତ୍ର ଅଧିକାଂଶ ପଞ୍ଚାୟତରେ ଦେଖିବାକୁ ମିଳିଛି । ଆଶା ରହିଥିଲା ଚଳିତ ବର୍ଷ ଉଭୟ ଧାନ ଓ ପନିପରିବା ଫସଲରୁ ଭଲ ଦୁଇ ପଇସା ରୋଜଗାର ହେବ । ହେଲେ ବାତ୍ୟା ଓ ଭାରୀ ବର୍ଷା ସବୁକିଛି ଛାରଖାର କରିଦେଇଛି । ମାଣିକପୁର ଅଞ୍ଚଳର ରାଜନ ଛାଟୋଇ, ବସନ୍ତ ବେହେରା, କାଠଗଡା ର ଉଦୟ ପରିଛା, ଡାକିବଜାର ଦଣ୍ଡପାଣି ଜେନା, ପ୍ରମୋଦ ପାଢ଼ୀ, ଧରାକୋଟର ବନବାସ ସ୍ୱାଇଁ, କେନ୍ଦୁପଲିର ଅରକ୍ଷିତ ତ୍ରିପାଠୀ, ବେଠୁଆରର କୈଳାସ ବାଡତ୍ୟା, କୁସଗୁମାର ବାହାନ ସ୍ୱାଇଁ, ଜାନବିଲିର ହୃଷିକେଶ ବିଶୋଇ, ଦସମାଇଲିର କୈଳାସ ସ୍ୱାଇଁ, ଚାରିଛକର ରାମଚନ୍ଦ୍ର ବିଷୋୟୀ ପ୍ରମୁଖ ବର୍ଷକର ଫସଲ ଅଖି ଆଗରେ ନଷ୍ଟ ହୋଇଯାଇଥିବାରୁ କେମିତି କରଜ ସୁଝିବେ ସେଥି ପାଇଁ ଚିନ୍ତାରେ ପଡ଼ିଛନ୍ତି । ସରକାରୀ ସ୍ତରରେ କ୍ଷୟ କ୍ଷତି ଆକଳନ କରାଯାଇ ସରକାରୀ ସହାୟତା ପ୍ରଦାନ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି । ଚଳିତ ବାତ୍ୟା ଓ ବର୍ଷାରେ ପନିପରିବା ଫସଲ ବ୍ୟାପକ ନଷ୍ଟ ହୋଇଯାଇଛି । ଅ ଲଡ଼ି, ବିନ, ମୂଳା, ଫୁଲକୋବି,ବାଇଗଣ, ଜନ୍ହି, ପୋଟଳ, କୁନ୍ଦୁରି, ପତ୍ରକୋବି, କଲରା ଫସଲ ଗଛ ମୂଳରେ ପାଣି ରହିଥିବାରୁ ନଷ୍ଟ ହୋଇଯାଇଛି । ଫଳରେ ବଜାରରେ ପନିପରିବା ଦରରେ ମୂଲ୍ୟ ବୃଦ୍ଧି ହୋଇଛି । ସେପଟେ ଧାନ ଫସଲ ନଷ୍ଟ ହୋଇଯାଇଥିବା ବର୍ଷକର ଆଦାୟ ଉଜୁଡ଼ି ଯାଇଛି । ଏଣୁ ନିଜ ପରିବାର ସଦସ୍ୟ ତୁଣ୍ଡରେ କେମିତି ଅହାର ଯୁଟାଇବ ସେଥିପାଇଁ ଚାଷୀର ଚିନ୍ତା ବଢ଼ିଛି । ସମଗ୍ର ବ୍ଲକ ଅଞ୍ଚଳର ହଜାର ହଜାର ହେକ୍ଟର ଜମିର ଫସଲ ନଷ୍ଟ ହୋଇଯାଇଥିବା ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛି ।

**ଶେରଗଡ଼:** ବାତ୍ୟା ମନ୍ଥା ଜନିତ ବର୍ଷା ଓ ପବନ ଦୁଇ ଦିନ ଧରି ଲାଗି ରହିଛି । ଶେରଗଡ ବ୍ଲକର ଚାଷୀ ଏବେ ଘୋର ଚିନ୍ତାରେ । ବ୍ଲକର ଶହ ଶହ ହେକ୍ଟର ଜମିର ଧାନ ଗଛ ଗୁଡିକ ପବନରେ ପଡି ପାଣିରେ ବୁଡ଼ି ରହିଛି । ଆଉ କିଛି ଜମିରେ ପବନ ଦ୍ୱାରା ବାଡେଇ ହୋଇ ଧାନ ଗଛର ଫୁଲ ଝଡି ପଡିଥିବା ଦେଖିବାକୁ



ମିଳିଛି । ବର୍ତ୍ତମାନ ଧାନ ଆଧାର ଖାଇ ମଥା ନୁଆଁଇବା ବେଳେ ଆଉ କିଛି ଦିନ ପରେ ଚାଷୀ ଧାନ ଅମଳ କରିଥାନ୍ତା । ଚାଷୀ ଏବେ ପାଣିରେ ଭିଜି ରହିଥିବା ଧାନକୁ କରିବ କଣ? ବ୍ଲକର ଶେରଗଡ, ତାକରଡା, ଧବଳପୁର, କୃଷ୍ଣଛାଇ, ଧନନ୍ତର, ଗୋବିନ୍ଦପୁର, ପିତ୍ତଳ,କୁଲାଗଡ, ତହଁର ଓ ବ୍ରାହ୍ମଣଛାଇ ଏପରି ଅଧିକାଂଶ ଗ୍ରାମ ପଞ୍ଚାୟତରେ ଧାନ ଗଛ ପାଣିରେ ଭିଜି ରହିଥିବା ଦେଖିବାକୁ ମିଳିଛି । ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ,ବାତ୍ୟା ମନ୍ଥା ସ୍ଥଳଭାଗ ଛୁଇଁବା ପରେ ଆହୁରି ଦୁଇ ଦିନ ବର୍ଷା ହେବାର ସମ୍ଭାବନା ରହିଛି । ଏଭଳି ପରିସ୍ଥିତିରେ ଚାଷୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଯେ,ଚାଷୀ ଧାର କରି ଆଣିଥିବା ବ୍ୟାଙ୍କ ବା ମହାଜନ ଠାରୁ କରିଥିବା ଋଣ ଶୁଝି ପାରିବ କି ନାହିଁ । ତେଣୁ ରାଜସ୍ୱ ଓ କୃଷି ବିଭାଗ ଅଧିକାରୀ ମାନେ କ୍ଷତିଗ୍ରସ୍ତ ଜମିକୁ ଚିହ୍ନଟ କରି ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ଚାଷୀ ଅଜୟ କୁମାର ପାଢୀ, ନାରାୟଣ ରଥ, ଶିଶିର କୁମାର ଗୌଡ଼, ବଳରାମ ରାଉତ, ହଂସ ଗୌଡ଼, ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ସହ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି ।

**ପୋଲସରା:** ମୋନ୍ଥା ପ୍ରଭାବରେ ପୋଲସରା ଅଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ହାଲୁକା ପବନ ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଅଧିକାଂଶ ଅଞ୍ଚଳରେ ବର୍ଷା ପ୍ରଭାବରେ ପାଚିଲା ଧାନ ବିଲରେ ନଇଁ ପଡ଼ିଥିବା ଦେଖିବାକୁ ମିଳିଛି । କୋଉଠି ବିଲରେ ପାଣି ଭର୍ତ୍ତି ହୋଇ ରହିଥିବା ବେଳେ ଅନ୍ୟ କୋଉଠି ପାଚିଲା ଧାନ ଉପରେ ଆଣ୍ଠୁଏ ପାଣି ଚାଲୁଛି । ବ୍ଲକର ସୋଡ଼କ, ଜକର, କଳମ୍ବ, ନିମିନା, ମଧୁପଲ୍ଲୀ, ହାତୀଓଟ ସମେତ ବିଭିନ୍ନ ପଞ୍ଚାୟତର ଅଧିକାଂଶ ବିଲରେ ଧାନ ଫସଲ ନଷ୍ଟ ହୋଇଥିବା ସୂଚନା ମିଳିଛି । ସେହିଭଳି ପୋଲସରା ଏନଏସି ଅନ୍ତର୍ଗତ ପାଟିଗଡ଼, ବାଲିଘାଇ, ସିଦ୍ଧିପୁରୁ ଅଞ୍ଚଳରେ ମଧ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ଦେଖିବାକୁ ମିଳିଛି । ଉଜୁଡା ଫସଲକୁ ଦେଖି ଚାଷୀ ମେରୁଦଣ୍ଡ ଭାଙ୍ଗିଯାଇଥିବା ବେଳେ ତୁରନ୍ତ ସରକାର ତରଫରୁ ସ୍ଥିତିକୁ ଅନୁଧ୍ୟାନ କରି ସହାୟତା ପ୍ରଦାନ ପାଇଁ ନିବେଦନ କରାଯାଇଛି । ଏନେଇ ପୋଲସରା ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ପାଢ଼ିଙ୍କୁ ପଚାରିବାରୁ ପ୍ରାୟ ୧୦ ହେକ୍ଟରରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା କହିଛନ୍ତି ।

**କୋଦଳା:** ମୋନ୍ଥା ପ୍ରଭାବରେ ବେଗୁନିଆପଡା ବ୍ଲକ ଓ କୋଦଳା ଏନଏସିର ବିଭିନ୍ନ ସ୍ଥାନରେ ଧାନ କ୍ଷେତ ସହିତ ପରିବା ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଛି । ସାର ଅଭାବରେ ହନ୍ତସନ୍ତ ହୋଇଥିବା ଚାଷୀ ବର୍ତ୍ତମାନ ବର୍ଷା ବିପ୍ରାତରେ ଭାଙ୍ଗି ପଡିଛି । ଅଧିକାଂଶ ଜମିରେ ଅତ୍ୟଧିକ ଜଳ ପ୍ରବାହ ଏବଂ ଧାନ ପାଚିବା ଅବସ୍ଥାରେ ଥିବା ଯୋଗୁ ସେଗୁଡିକ ପଡିଯାଇଛି ଏବଂ ତାରି ଉପରେ ପାଣି ଚାଲିଛି । ଋଣ ଆଣି ଫସଲ କରିବାକୁ ଚେଷ୍ଟା କରିଥିବା ଚାଷୀ ବର୍ତ୍ତମାନ ସାହୁକାରର ଋଣ କେମିତି ସୁଝିବ ତାକୁ ନେଇ ଚାଷୀକୁଳ ଚିନ୍ତିତ ହୋଇପଡିଛି । ଅନ୍ୟ ପକ୍ଷରେ ପନିପରିବା ଚାଷ କରି ନିଜ ଜୀବିକା ନିର୍ବାହ କରୁଥିବା ନଇ କୁଳିଆ ଚାଷୀ ବି ଅସୁବିଧାର ସମ୍ମୁଖୀନ ହୋଇଛି । ଖରଖରି ନଦୀ ଠାରୁ ଆରମ୍ଭ କରି ପୁସ୍ତପୁର ପର୍ଯ୍ୟନ୍ତ ବିଭିନ୍ନ ଫଳ ଚାଷ କରୁଥିବା ଚାଷୀଙ୍କ କ୍ଷେତରେ ପାଣି ମାଡିବା ଦ୍ୱାରା ବ୍ୟାପକ ଫସଲ ନଷ୍ଟ ହୋଇଛି ।

**କୁକୁଡାଖଣ୍ଡି:** ବାତ୍ୟା ମୋନ୍ଥା ସବୁକିଛି ଉଜାଡି ଦେଇ ଗଲା । ଦୀର୍ଘ ମାସର ପରିଶ୍ରମକୁ ବୁଡାଇ ଦେଲା । କୁକୁଡାଖଣ୍ଡି ବ୍ଲକ ଅଞ୍ଚଳରେ ଏହି ସମସ୍ୟା ଦେଖିବାକୁ ମିଳିଛି । "ମୋନ୍ଥା'ର ପ୍ରଭାବରେ ବ୍ଲକର ଅନେକ ଗ୍ରାମର ଧାନ ଜମି ପାଣିରେ ବୁଡ଼ିଯାଇଛି । ଲଗାତାର ବର୍ଷାରେ ଚାଷୀଙ୍କ ଫସଲ ନଷ୍ଟ ହେବା ଭୟ ସୃଷ୍ଟି ହୋଇଛି । ଲଞ୍ଜିଆ, ବାଲକୃଷ୍ଣପୁର, କୁକୁଡାଖଣ୍ଡି, ବାଲିପଡା, ବାଇଗଣବାଡି ଓ ଅନ୍ୟାନ୍ୟ ଗ୍ରାମରେ ଧାନ ଗଛ ପାଣିରେ ବୁଡ଼ିଥିବା ଦେଖିବାକୁ ମିଳିଛି । ଚାଷୀ ମାନେ କହୁଛନ୍ତି, "ଏବେ ଫସଲ ନଷ୍ଟ ହେଲେ ଘର କିପରି ଚାଲିବ?"ବ୍ଲକ କୃଷି ଅଧିକାରୀ ସୁବ୍ରତ ବାରିକ ଓ ତହସିଲଦାର ରାଜକିଶୋର ପଟ୍ଟନାୟକ, ଆର୍ଆଇ ତଦନ୍ତ କରି କ୍ଷୟକ୍ଷତି ଆକଳନ ଆରମ୍ଭ କରିଛନ୍ତି । ପ୍ରାଥମିକ ଅନୁମାନ ଅନୁସାରେ କିଛି ଜମିରେ କମ୍ କ୍ଷତି ହୋଇଛି । ସରକାର ଶୀଘ୍ର ତଦନ୍ତ କରି କ୍ଷତିପୂରଣ ପ୍ରଦାନ ନିମନ୍ତେ କ୍ଷତିଗ୍ରସ୍ତ ଚାଷୀ ଦାବି କରିଛନ୍ତି ।

**ଭଞ୍ଜନଗର:** ବାତ୍ୟା ମୋନ୍ଥା ପ୍ରଭାବରେ ସୋମବାର ରାତି ଠାରୁ ଭଞ୍ଜନଗର ଉପଖଣ୍ଡରେ ତୁହାକୁ ତୁହା ବର୍ଷା ଲାଗି ରହିଛି । ଫଳରେ ଉଭୟ ଧାନ ଓ ରବି ଫସଲରେ ବ୍ୟାପକ କ୍ଷତି ଆଶଙ୍କା ପ୍ରକାଶ ପାଇଛି । ଭଞ୍ଜନଗର ବ୍ଲକ ଅନ୍ତର୍ଗତ ମୁଦୁଲିପଲ୍ଲୀ, ସାନକୋଦଣ୍ଡା, ଗୋଲାପଡା, ବଡକୋଦଣ୍ଡା,ମୁଜାଗଡ,ଜିଲୁଣ୍ଡି ଓ ଗାଲେରୀ ସମେତ ବିଭିନ୍ନ ପଞ୍ଚାୟତରେ ଧାନ ଓ ପରିବା ଫସଲ ବ୍ୟାପକ କ୍ଷୟକ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି । ଲଗାଣ ବର୍ଷା ଓ ହାଲୁକା ପବନ ଯୋଗୁ ଶତାଧିକ ଚାଷୀଙ୍କ ପାଚିଲା ଧାନ କିଆରିରେ ଶୋଇ ପଡ଼ିଛି । ଏବେ ଧାନ କିଆରିରେ ଆଣ୍ଠୁଏ ପାଣି ବୋହୁଥିବା ଯୋଗୁ ଶୋଇଥିବା ଧାନ ଗଛ ବୁଡ଼ି ରହିଛି ।

ଯଦି ବର୍ଷା ଲାଗି ରହେ ତେବେ ଗଛରେ ଧାନ ଗଜା ହେବ ବୋଲି ଚାଷୀମାନେ କହିଛନ୍ତି । ଚଳିତ ବର୍ଷ ସଅଳ ମୌସୁମୀ ଆସିଥିବାରୁ ଭଞ୍ଜନଗର ସମେତ ଗଞ୍ଜାମ ଜିଲ୍ଲାରେ ଚାଷ କାମ ସୁରୁଖୁରୁରେ ସରିଥିଲା । ଏପରିକି ଦୁଇ ପଇସା ସଞ୍ଚୟ ଲକ୍ଷରେ ଚାଷୀ ଧାର କରଜ କରି ଧାନ ସମେତ ବିଭିନ୍ନ ପନିପରିବା ଫସଲ ଚାଷ କରିଥିଲେ । ପାଣିପାଗ ଅନୁକୂଳ ରହିଥିବାରୁ ଏବର୍ଷ ଧାନ ଫସଲ ମଧ ଭଲ ହୋଇଥିଲା । ହେଲେ ଅମଳ ପୂର୍ବରୁ ବାତ୍ୟା ଜନିତ ବର୍ଷା ଚାଷୀଙ୍କ ସ୍ୱପ୍ନରେ କ୍ଷତ ଭରି ଦେଇଛି । ଆଉ କିଛିଦିନ ପରେ ପାଚିଲା ଧାନ ଅମଳ ହେବାକୁ ଥିବା ବେଳେ ଠିକ୍ ସମୟରେ ଲଗାଣ ବର୍ଷା ଯୋଗୁ ଧାନ ଗଛ ଭାଙ୍ଗିଯିବା ସହ ଜମିରେ ଶୋଇ ପଡିଛି । ଲଗାଣ ବର୍ଷା ଯୋଗୁଁ ଧାନ ସମେତ ବିଭିନ୍ନ ପନିପରିବା ଚାଷ ମଧ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ଜମିରେ ପାଣି ଜମି ରହିଥିବାରୁ ଧାନ ଗଛ ପଚିଯିବାର ମଧ ଆଶଙ୍କା ରହିଛି । ଏଣୁ ଭଲ ଧାନ ଅମଳ କରିବାକୁ ଅପେକ୍ଷା କରିଥିବା ଚାଷୀଙ୍କୁ କ୍ଷତି ସହିବାକୁ ପଡିବ ବୋଲି ଚାଷୀ ମାନେ କହିଛନ୍ତି ।କ୍ଷତିଗ୍ରସ୍ତ ଫସଲକୁ ଦେଖି ଚାଷୀଙ୍କ ଆଖିରୁ ମଧ୍ୟ ଲୁହ ଝରୁଛି । ଏଭଳି ସ୍ଥିତିରେ ଚାଷୀ କରିବେ କଣ ଚିନ୍ତାରେ ପଡିଛନ୍ତି ।

## ବ୍ୟାଙ୍କରୁ ଟଙ୍କା ଉଠାଇ ଫେରୁଥିବାବେଳେ ଝାମ୍ପିନେଲେ ଦୁର୍ବୃତ୍ତ

ଦିଗପହଣ୍ଡି,୨୯।୧୦(ସମିସ): ଦିଗପହଣ୍ଡି ସ୍ଥିତ ଜନଗହଳି ପୂର୍ଣ୍ଣ ବସଷ୍ଟାଣ୍ଡ - ପୁଞ୍ଜିକଂୟା ଛକ ମୁଖ୍ୟରାସ୍ତା କଡ଼ରେ ଥିବା ଷ୍ଟେଟବ୍ୟାଙ୍କ ସମ୍ମୁଖରୁ ୨ ଦୁର୍ବୃତ୍ତ ଜଣେ ମହିଳାଙ୍କ ଠାରୁ ୧.୨୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି ।ଦିଗପହଣ୍ଡି ବ୍ଲକ କଇଠଡା ପଞ୍ଚାୟତ ବୀର ଲକ୍ଷ୍ମୀନାରାୟଣପୁର ଗ୍ରାମର ହିନା ନାଇକ ଝିଅ ବାହାଘର ପାଇଁ ସୋମବାର ଇଣ୍ଡିଆନ୍ ବ୍ୟାଙ୍କକୁ ଯାଇ ଜମାଖାତାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଉଠାଇଥିଲେ । ମଧ୍ୟାହ୍ନ ପ୍ରାୟ ୧୨ ଟାରେ ସାଙ୍ଗରେ ଥିବା ତାଙ୍କ ପୁତୁରା ନାରାୟଣ ନାଇକ ଙ୍କ ବାଇକ ରେ ବସି କିଛି ଘରକରଣା କିଣିବାକୁ ଯାଉଥିବା ବେଳେ ୨ ଦୁର୍ବୃତ୍ତ ଏକ କଳାରଙ୍ଗର ବଜାଜ ପଲସର ବାଇକ ରେ ତାଙ୍କୁ ବ୍ୟାଙ୍କ ନିକଟରୁ ପିଛା କରି ଷ୍ଟେଟବ୍ୟାଙ୍କ ସମ୍ମୁଖ ରାସ୍ତାରେ ମହିଳା ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଆଖି ପିଛୁଳାକେ ବ୍ରହ୍ମପୁର ରାସ୍ତାରେ ଚମ୍ପଟ ମାରିଥିଲେ । ଏନେଇ ହୀନା ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ଥାନା ମାମଲା ନଂ.୩୮୬/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କିଛି ବ୍ୟକ୍ତିଙ୍କୁ ପଚରା ଉଚୁରା କରିବା ସହ ବିଭିନ୍ନ ଦୋକାନର ସିସିଟିଭି ଫୁଟେଜଗୁଡ଼ିକୁ ଯାଞ୍ଚ କରିଥିଲେ ସୁଦ୍ଧା ଲୁଟେରାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ । ସହରର ସମସ୍ତ ବ୍ୟାଙ୍କ ଶାଖା, ବସଷ୍ଟାଣ୍ଡ ଓ ବଜାର ଇଲାକାରେ ଥାନା ପକ୍ଷରୁ ପୋଲିସ ମୁତୟନ କରାଯିବା ପାଇଁ ସ୍ଥାନୀୟ ବାସିନ୍ଦା ଙ୍କ ପକ୍ଷରୁ ଦାବି କରାଯାଇଛି ।

## ଗ୍ରାମକୁ ଫେରିଲା ରୋଶନଙ୍କ ମରଶରୀର


ପାତ୍ରପୁର,୨୯।୧୦(ସମିସ): କୋଟାରେ ପାତ୍ରପୁର ବ୍ଲକ ଅଭୟପୁର ଗ୍ରାମର ରୋଶନ ପାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ରାତିରେ ଗ୍ରାମକୁ ଶବ ଆସିଛି । ବାପା ଓ ଦାଦା ରୋଶନଙ୍କ ମୃତ୍ୟୁ ଖବର ପାଇବା ପରେ ରାଜସ୍ଥାନ ଗ୍ରସ୍ତ କରିଥିବା ବେଳେ ରୋଶନଙ୍କ ମର ଶରୀର ସହ ଗ୍ରାମକୁ ଫେରିଛନ୍ତି । କିପରି ଗ୍ରାମକୁ ଶବ ଫେରିବ ବିଧାୟକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଉଭୟ ରାଜ୍ୟର ସରକାରଙ୍କ ତରଫରୁ ଗ୍ରାମକୁ ଶବ ନେବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥଲା । ଶବ ଫେରିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଗ୍ରାମ ଶ୍ମଶାନରେ ରୋଶନଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି ।

## ସାଇବର୍ ସୁରକ୍ଷା ସଚେତନତା



ଧରାକୋଟ,୨୯।୧୦(ସମିସ): ଧରାକୋଟ ସ୍ଥିତ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା ସମ୍ପର୍କୀୟ ଏକ ବୈଠକ ଅଧ୍ୟକ୍ଷ ଡ ସୁଜିତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଧରାକୋଟ ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁ, ଇନ୍ସପେକ୍ଟର ବାଲ୍ମୀକି ପ୍ରଧାନ, ସବ ଇନ୍ସପେକ୍ଟର ସସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଜିକାଲି ସମାଜରେ ଘଟୁଥିବା ସାଇବର ଠକେଇ ଓ ଏଥିରୁ ନିବୃତ ରହିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ପବିତ୍ର ସାହୁ, ଶ୍ରୀକାନ୍ତ ଡ଼ାକୁଆ, ଅଧ୍ୟାପିକା ଆରତୀ ପ୍ରଧାନ, ପ୍ରଭାସିନୀ ନାୟକ, ଆରତୀ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଅଶୋକ ଗୌଡ଼, ରାକେଶ ସ୍ୱାଇଁ ଓ ପ୍ରଭାସିନୀ ନାହକ ପ୍ରମୁଖ ସହଯୋଗ କରିଥିଲେ ।

## ଘର ନିକଟରେ ବିପଦସଂକୁଳ ବିଦ୍ୟୁତ୍ ତାର



କୁକୁଡ଼ାଖଣ୍ଡି,୨୯।୧୦(ସମିସ): ଲୋକଙ୍କୁ ନିରିବିଛିନ୍ନ ବିଦ୍ୟୁତ ସେବା ଯୋଗାଇବା ଲାଗି ଟାଟା ପାୱାର ପ୍ରୟାସ ଜାରି ରଖିଥିବାବେଳେ ବିଭିନ୍ନ ସ୍ଥାନରେ ଏବେ ବି ବିପଦ ସଂକୁଳ ଭାବେ ବିଦ୍ୟୁତ ତାର ରହିଛି । ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି । ଏମିତି ଏକ ଘଟଣା ଦେଖାଦେଇଛି କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗାଁ ମୁଖ୍ୟ ରାସ୍ତାରେ । ଗାଁ ମୁଖ୍ୟ ରାସ୍ତାରେ ଥିବା ବ୍ୟାଙ୍କ ଅଫ୍ ବରୋଦା ଶାଖା ତଥା ହୋଟେଲ ବଜାର ଆନନ୍ଦ ଉପରେ ଉଚ୍ଚ କ୍ଷମତା ସମ୍ପନ୍ନ ୧୧କେଭି ବିଦ୍ୟୁତ ତାର ରହିଛି । ଏନେଇ ହୋଟେଲ ମାଲିକ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି । ହୋଟେଲ ଓ ବ୍ୟାଙ୍କ ଭଳି ଜନଗହଳିପୂର୍ଣ୍ଣ ଦୁଇଟି ଦୁଇଟି ଅନୁଷ୍ଠାନ ଥିବାବେଳେ ଦିନ ସାରା ଲୋକଙ୍କ ଯାତାୟତ ଲାଗି ରହୁଛି । ବିଦ୍ୟୁତ ତାର ଉକ୍ତ କୋଠା ନିକଟରୁ ମାତ୍ର ଏକ ଫୁଟ ଦୂରତାରେ ରହିଥିବାରୁ କେତେବେଳେ ବି ଅଘଟଣ ଘଟିବାର ଆଶଙ୍କା ରହୁଛି । ତେଣୁ ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି ।

## ଜିଓ ନେଟ୍ୱର୍କର ମନମାନି; ଉପଭୋକ୍ତା ହନ୍ତସନ୍ତ

ରମ୍ଭା,୨୯ ।୧୦(ସମିସ): ଗତ କିଛିଦିନ ଧରି ରମ୍ଭା ସହରର ଜିଓ ନେଟୱର୍କ ପରିସରଭୁକ୍ତ ପଲ୍ଲୀ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଜିଓ ନେଟୱାର୍କ ସେବା ବିପର୍ଯ୍ୟସ୍ତ ହୋଇପଡିଥିବା ଖବର ମିଳିଛି । ଦୀର୍ଘଦିନ ଧରି ନେଟୱର୍କ ଧିମା ସାଙ୍ଗକୁ ଠିକ ଭାବରେ କାମ କରୁ ନ ଥିବାରୁ ଉପଭୋକ୍ତାଙ୍କ ନାହିଁ ନଥିବା ହୀନସ୍ତା ହେଉଛନ୍ତି । ଅଭିଯୋଗ ପରେ ବି କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନଥିବାରୁ ଅସନ୍ତୋଷ ତେଜୁଛି । ତତ୍‌ସହିତ କମ୍ପାନୀର ସର୍ତ୍ତାବଳି ପରିପ୍ରକାଶ ନ କରି ତଥା ୨୯ ୯ ଟଙ୍କା ରିଚାର୍ଜ ଗ୍ରାହକମାନଙ୍କୁ ଅନ୍ଧାରରେ ବାଡ଼ି ବୁଲେଇଲା ଭଳି ରିଚାର୍ଜ କରିଦେଇ ହାତ ଚିକ୍କଣ କରି ବସୁଥିବା ଜଣାପଡିଛି । ପର ମୁହୂର୍ତ୍ତରେ ଗ୍ରାହକ କୌଣସି ଡାଟା ଏଣ୍ଟ୍ରି, ଅନଲାଇନ ଗେମ ଆନୁସାଙ୍ଗିକରେ ନାହିଁ ନ ଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି । କୁଆଡେ ୩୪୯ ଟଙ୍କା ରିଚାର୍ଜ କରିଲେ ଜିଓ ନେଟୱାର୍କର ୨ଜିବି ଡାଟା ସହ ଫେସବୁକ, ଇଂସ୍ଟ୍ରାଗ୍ରାମ, ୟୁଟୁବ, ହାଟ୍ସଅପ ବିଦ୍ୟୁତ ବେଗରେ ଫଟାଫଟ ଚାଲୁ ରହିବ ବୋଲି ଜିଓ ନେଟୱାର୍କ ଅଫିସର କାର୍ଯ୍ୟରତ ପଦାଧିକାରୀ କହିଛନ୍ତି । ତେବେ କମ୍ ଦାମରେ ରିଚାର୍ଜ କରୁଥିବା ଗ୍ରାହକଙ୍କୁ କାହିଁକି ଏଭଳି ଅଣଦେଖା କରାଯାଇଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ୫୬ ପ୍ରହର ନାମଯଜ୍ଞ ଆରମ୍ଭ

ଶେରଗଡ଼,୨୯ ।୧୦(ସମିସ): ଶେରଗଡବାସୀଙ୍କ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସହର ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ୫୬ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଯାଇଛି । ଏହି ନାମଯଜ୍ଞ ବୁଧବାର କାର୍ତ୍ତିକ ପୂର୍ଣ୍ଣିମାରେ ଉଦ୍‌ଯାପିତ ହେବ ।



ନାମଯଜ୍ଞରେ ଆଖପାଖ ଗ୍ରାମର ନାମ ସଂକୀର୍ତ୍ତନ ଦଳ ନାମ ସଂକୀର୍ତ୍ତନ ଗାନ କରିବେ । ନାମଯଜ୍ଞ ପରିଚାଳନାରେ ସୁବାଷ ଚନ୍ଦ୍ର ସୁବୁଦ୍ଧି, ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ, ସମାଜସେବୀ ଦୁର୍ଗା ପ୍ରସାଦ ବିଷୋୟୀ, ଏଲ.ମୁନା ପାତ୍ର, ନିଳାଞ୍ଚଳ ସୁବୁଦ୍ଧି, ରାମବାବୁ ଆଚାରୀ, ଶିବ ପ୍ରସାଦ ଚୌଧୁରୀ, ବିଘ୍ନେଶ୍ୱର ଆଚାରୀ, ପି.ବାବୁଲା ପାତ୍ର ପ୍ରମୁଖଙ୍କ ସହିତ ଗ୍ରାମବାସୀ ସହଯୋଗ କରୁଛନ୍ତି ।

## ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ

# ୧୪ ପ୍ରତିଶତ ବଢ଼ିଛି ଦୁର୍ଘଟଣାଜନିତ ମୃତ୍ୟୁହାର

ଛତ୍ରପୁର,୨୯ ।୧୦(ସମିସ)



ଗଞ୍ଜାମ ଜିଲ୍ଲାରେ ସଡକ ଦୁର୍ଘଟଣା ସଂଖ୍ୟା ବୃଦ୍ଧିପାଉଛି । ଏନେଇ ବୁଧବାର ଜିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଜିଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲାରେ ଚଳିତ ବର୍ଷ ୨୦୨୫ଜାନୁଆରୀରୁ ସେପ୍ଟମ୍ବରରେ ପୂର୍ବ ବର୍ଷ ଅପେକ୍ଷା ୯ ପ୍ରତିଶତ ସଡକ ଦୁର୍ଘଟଣାରେ ହାର ବଢିଥିବା ବେଳେ ୧୪ ପ୍ରତିଶତ ମଧ ମୃତ୍ୟୁହାର ବୃଦ୍ଧି ପାଇଛି । ଏହି ଅବଧି ମଧ୍ୟରେ ୬୧୭ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୩୦୦ ଲୋକଙ୍କ ମୃତ୍ୟୁ ଘଟିଛି ଏବଂ ୪୧୭ ଜଣଙ୍କ ଆହାତ ହୋଇଛନ୍ତି । ସେହି ତୁଳନାରେ ୨୦୨୫ରେ ୬୭୪ଟି ଦୁର୍ଘଟଣା ହୋଇଥିବା ବେଳେ ୩୪୩ ଜଣ ମୃତ୍ୟୁ ଓ ୪୪୪ ଜଣ ଆହତ ହୋଇଥିବା ବୈଠକରେ ଗଞ୍ଜାମ ଆରଟିଓ ଇ.ଦେବାଶିଷ ସ୍ୱାଇଁ କହିଥିଲେ ।

ବିଶେଷ କରି ରାଜପଥ ଗୁଡିକରେ ଅଧିକ ଦୁର୍ଘଟଣା ହୋଇ ମୃତ୍ୟୁ ଘଟୁଛି । ଗଞ୍ଜାମ ପୁଲିସ ଜିଲ୍ଲାରେ ୫ଟି ଓ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୩ଟି ଥାନା ଅଞ୍ଚଳରେ ଅଧିକ ସଡକ ଦୁର୍ଘଟଣା ଘଟୁଛି । ଏହି ଅଂଚଳ ଏବଂ ବ୍ଲାକ ସପ୍ଟ ଅଂଚଳରେ କିପରି ଦୁର୍ଘଟଣା କମିବ ସେନେଇ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ତପ୍ତପାଣି ଘାଟି ପାଇଁ ବିଭିନ୍ନ ସମୟରେ ସଡକ ଦୁର୍ଘଟଣା ଘଟୁଥିବା ତାହାକୁ ନଜରରେ ରଖି ସେଠାରେ ଏକ ସର୍ଭେ କରାଯାଇ କଣ ସବୁ ପଦକ୍ଷେପ ନେବା ଆବଶ୍ୟକ ସନେଇ ଆରଟିଓଙ୍କୁ କୁହାଯାଇଛି । ଜାନୁଆରୁରୁ ସେପ୍ଟମ୍ବର ମାସ ମଧ୍ୟରେ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ୧୮୫୪ଟି ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି । ଅଧିକରୁ ଅଧିକ ଗାଡି ଯାଞ୍ଚ କରି ଯେଉଁ ମାନେ ସଡକ ସୁରକ୍ଷା ନିୟମ ମାନୁନାହାନ୍ତ ଲାଇସେନ୍ସ ରଦ୍ଧ କରିବାକୁ କୁହାଯାଇଛି । ରାତ୍ର ସମୟରେ ବହୁ ଯାତ୍ରୀବାହି ବସ ଚଳାଚଳ କରୁଥିବାରୁ ଗାଡି ଚାଳକ ମଦ୍ୟପାନ କରି ଚଲାଉଛି କି ନାହିଁ ଏନେଇ ଦୁଇ ପୁଲିସ ଜିଲା ଓ ପରିବହନ ବିଭାଗ ମିଳିତ କଡାକଡି ଯାଞ୍ଚ କରିବାକୁ କୁହାଯାଇଛି ଏନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯିବ । ଜାତୀୟ ରାଜପଥ ସମେତ ରାଜ୍ୟ ରାଜପଥରେ ଯେଉଁ ଗାଡି ଚାଳକ ବେନିୟମ ଭାବେ ଗାଡି ଚଳାଉଛନ୍ତି ସେମାନଙ୍କ ଧରିବା ପାଇଁ ଆଉ ୧୮ଟି କ୍ୟାମେରା ଲାଗିବ,ଯାହାକି କ୍ୟାମେରା ଜରିଆରେ ନିୟମ ନମାନିରେ ଚଲାଣ କଟିବ । ଜାତୀୟ ରାଜପଥରେ ୧୧ଟି ବ୍ରହ୍ମପୁର ଠାରୁ ଦିଗପହି ୪ଟି ଓ ଦିଗପହଣ୍ଡି ଠାରୁ ତପ୍ତପାଣି ୩ ଟି କ୍ୟାମେରା ଲାଗିବ । ରାମେଶ୍ୱର ଠାରୁ ଗିରିଶୋଲା ଜାତୀୟ ରାଜପଥରେ ୭ଟି କ୍ୟାମେରା ଲଗିଛି ତାହା କାର୍ଯ୍ୟକ୍ଷମ ରହିଛି । କିଛି ସ୍ଥାନରେ ଡିଭାଇଡର କାଟି ସେଠାରେ ଗଳାବାଟ କରୁଛନ୍ତି ତାହା ବନ୍ଦ କରାଯିବ । ଜିଲାରେ ୧୩ ଗୋଟି ଓଭର ବିଜ୍ର ଓ ଗଳାଶଙ୍ଖ ହେବାପାଇଁ ଏନଏଚଏଆଇ ବିଭାଗ ପକ୍ଷରୁ ଅନୁମତି ମିଳିଛି, ୧୦ଟିର ଟେଣ୍ଡର ସରିଥିବା ବେଳେ ତାହା ବିଭିନ୍ନ ଷ୍ଟେଜରେ ରହିଥିବା ବେଳେ ୩ଟି ପ୍ରକଳ୍ପ ପାଇଁ ଅନୁମୋଦନ ମିଳିସାରିଛି ତାହା ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ । ଆସନ୍ତା ୧ ରୁ ୧୫ ତାରିଖ ମଧ୍ୟରେ ଶୂନ ମୃତ୍ୟୁ ପକ୍ଷ ପାଳନ କରାଯିବ । ବୈଠକରେ ବ୍ରହ୍ମପୁର ଏସପି ଡ.ସର୍ବଣ ବିବେକ, ଗଞ୍ଜାମ ଏସପି ସୁଭେନ୍ଦୁ କୁମାର ପାତ୍ର, ଏନଏଚଏଆଇ ପିଡି ଦର୍ଶୀ ପ୍ରକାଶ, ଗଞ୍ଜାମ ଆରଟିଓ ଇଂ.ଦେବାଶିଷ ସ୍ୱାଇଁ, ଭଞ୍ଜନଗର ଆରଟିଓ, ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷିକ ଡାକ୍ତର ଅଲେଖ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମାଲବାହୀ ଟ୍ରେନ ଲାଇନଚ୍ୟୁତ

# ରାଉରକେଲା-ରାଞ୍ଚି ରେଳ ଚଳାଚଳ ବାଧାପ୍ରାପ୍ତ

**ରାଉରକେଲା, ୨୯।୧୦(ସମିସ)**

ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ଲାଇନରେ ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ସକାଳ ପ୍ରାୟ ୧୦ଟାରେ ବନ୍ଧମୁଣ୍ଡାରୁ ହଟିଆ ଯାଉଥିବା ଏକ ବିଏସ୍‌ସିଏସ୍ ମାଲବାହୀ ଟ୍ରେନ୍ ବାନୋ ଏବଂ କନରୱାନ ଷ୍ଟେସନ ମଧ୍ୟରେ ୫୨୪/୩୪ କିଲୋମିଟର ସଂଯୁକ୍ତ ଲାଇନ ନମ୍ବର ଦୁଇରେ ଲାଇନଚ୍ୟୁତ ହୋଇଥିଲା। ଟ୍ରେନ୍‌ର ପ୍ରାୟ ୧୦ଟି ୱାଗନ୍ ଟ୍ରାକ୍‌ରୁ ଖସିଯାଇଥିଲା। ସେଥିମଧ୍ୟରୁ କିଛି ଓଲଟି ପଡ଼ିଥିବା ଜଣାପଡ଼ିଛି। ଘଟଣାପରେ ହଟିଆ ଏବଂ ବନ୍ଧମୁଣ୍ଡାରୁ ରେଳବାଇ ରିଲିଫ୍ ଏବଂ ଉଦ୍ଧାର ଦଳକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା। ଲାଇନ୍‌ଚ୍ୟୁତର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ବରିଷ୍ଠ ରେଳ ଅଧିକାରୀମାନେ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଲାଇନଚ୍ୟୁତ ହେବା ଯୋଗୁଁ ରାଉରକେଲା-ରାଞ୍ଚି ରୁଟ୍‌ରେ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଗୋରଖପୁରରୁ ସମ୍ବଲପୁର ଯାଉଥିବା ମୌର୍ଯ୍ୟ ଏକ୍ସପ୍ରେସକୁ କନରୱାନ ଷ୍ଟେସନ ନିକଟରେ ଅଟକାଯାଇଛି। ରିଲିଫ୍ ଦଳ ପହଞ୍ଚିବା ପରେ, ଲାଇନଚ୍ୟୁତ ୱାଗନଗୁଡ଼ିକୁ ଟ୍ରାକରୁ ସଫା କରିବା ପାଇଁ ପ୍ରୟାସ ଆରମ୍ଭ କରାଯିବ। ରାଞ୍ଚି ରେଳ ଡିଭିଜନର ବରିଷ୍ଠ ଅଧିକାରୀ, ଇଞ୍ଜିନିୟରିଂ ଏବଂ ଅପରେସନ୍ କର୍ମଚାରୀ ଘଟଣାସ୍ଥଳକୁ ଯାଇଛନ୍ତି। ଏପର୍ଯ୍ୟନ୍ତ ମୃତାହତ ହୋଇଥିବାର କୌଣସି ଖବର ଏବଂ କ୍ଷୟକ୍ଷତିର ଖବର ମିଳିନାହିଁ। ସେପଟେ ଏହି ଦୁର୍ଘଟଣା ପରେ ଟ୍ରେନ୍ ନମ୍ବର ୧୫୦୨୭ ସମ୍ବଲପୁର - ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ୍, ରାଉରକେଲା-ହଟିଆ-ମୁରି ଟ୍ରେନ୍‌ର ନିର୍ଦ୍ଧାରିତ ରୁଟ୍ ପରିବର୍ତ୍ତେ ରାଉରକେଲା-ସିନି-ଚାଣ୍ଡିଲ୍-ଗୁଣ୍ଡା ବିହାର-ମୁରିର ପରିବର୍ତ୍ତିତ ରୁଟ୍ ଦେଇ ଚାଲିବ ବୋଲି ସୂଚନା ମିଳିଛି। ସେହିପରି ଟ୍ରେନ୍ ନମ୍ବର ୧୮୫୨୩ ବିଶାଖାପାଟନମ୍-ବନାରସ ଏକ୍ସପ୍ରେସ୍, ରାଉରକେଲା-ହଟିଆ-ମୁରିର ନିର୍ଦ୍ଧାରିତ ରୁଟ୍ ପରିବର୍ତ୍ତେ ରାଉରକେଲା-ଚକ୍ରଧରପୁର-କାଣ୍ଡ୍ରା-ଚାଣ୍ଡିଲ୍- ଗୁଣ୍ଡା ବିହାର-ମୁରିର ପରିବର୍ତ୍ତିତ ରୁଟ୍ ଦେଇ ଚାଲିବ। ଟ୍ରେନ୍ ନମ୍ବର ୧୨୮୩୬ ସାର୍ ଏମ୍ ବିଶ୍ୱଭାରାୟା ବେଙ୍ଗାଲୁରୁ ଟର୍ମିନାସ୍-ହାଟିଆ ଏକ୍ସପ୍ରେସ ରାଉରକେଲା-ଚକ୍ରଧରପୁର-କାନ୍ଦ୍ରା-ଚଣ୍ଡିଲ-ପୁରୁଲିୟା- କୋଟଶିଲା - ମୁରି ଏହାର ନିର୍ଦ୍ଧାରିତ ମାର୍ଗ ପରିବର୍ତ୍ତେ ରାଉରକେଲା - ହାଟିଆ ଟ୍ରେନ ନମ୍ବର ୦୬୦୫୬ ବରୌନୀ-ପୋଟାନୁର ସ୍ୱେଶାଲ ଏବଂ ଏହାର ନିର୍ଦ୍ଧାରିତ ରୁଟ୍ ମୁରି - ହଟିଆ - ରାଉରକେଲା ପରିବର୍ତ୍ତେ ମୁରି - ଗୁଣ୍ଡା ବିହାର - ଚାଣ୍ଡିଲ - ରାଉରକେଲା ଦେଇ ଚାଲିବ। ଟ୍ରେନ ନମ୍ବର ୧୩୩୫୧ ଧାନବାଦ - ଆଲ୍ଲାପୁଝା ଏକ୍ସପ୍ରେସ ଯାତ୍ରା ଆରମ୍ଭ ତାରିଖ ଅର୍ଥାତ ଆଜିର ଏହାର ନିର୍ଦ୍ଧାରିତ ରୁଟ୍ ମୁରି - ହଟିଆ - ରାଉରକେଲା ପରିବର୍ତ୍ତେ ମୁରି - ଗୁଣ୍ଡା ବିହାର -ଚାଣ୍ଡିଲ -ରାଉରକେଲା ଦେଇ ଚାଲିବ। ସେହିପରି ଏହି ଦୁର୍ଘଟଣା ପରେ ଟ୍ରେନ୍ ନମ୍ବର ୫୮୬୫୯ ହାତିଆ - ରାଉରକେଲା ପାସେଞ୍ଜର ୨୯ ତାରିଖରେ ବାତିଲ କରି ଦିଆଯାଇଛି।




# ବଣାଇଁ ସହରରେ ଚୋରି ଉପରେ ରୋକ୍ ଲଗାଇବାକୁ ଦାବି

**ବଣାଇଁ, ୨୯।୧୦(ସମିସ):** ଗତ କିଛି ଦିନ ମଧ୍ୟରେ ବଣାଇଁ ସହର ଓ ଆଖପାଖରେ ହୋଇଥିବା ଚୋରି ଓ ଡକାୟତି ଘଟଣା ନେଇ ଭୟ ଓ ଅସନ୍ତୋଷ ବ୍ୟାପିଛି। ପୁଲିସର ବିଫଳତା ଓ ଅସଚେତନତା ନେଇ ଆଜି ବଣାଇଁ ବଣିକ ସଂଘ ପକ୍ଷରୁ ଉପଜିଲ୍ଲାପାଳ ଅକ୍ଷୟ କୁମାର ପିଲେ ଓ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଦୁଷ୍ମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଶହ ଶହ ବ୍ୟବସାୟୀ ଓ ସହରବାସୀ ଉପସ୍ଥିତ ହୋଇ ପୁଲିସର ନିଷ୍କ୍ରିୟତା ଉପରେ କଟାକ୍ଷ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ବଣାଇକୁ ପ୍ରବେଶ ପଥ ଯେପରିକି ଦେଓଗାଁ, କନ୍ତଯୋଡ଼ି ଓ ବଜାର ଛକରେ ସ୍ୱତନ୍ତ୍ର ଚେକପୋଷ୍ଟ ସ୍ଥାପନ କରାଯାଉ। ଅଚିହ୍ନା ଲୋକଙ୍କ ଗତିବିଧି ଉପରେ ପୁଲିସ ତୀବ୍ର ନିଗରାନୀ ରଖୁ, ସିସିଟିଭି ମରାମତି ଓ ରାତିରେ ପାଟ୍ରୋଲିଂ ବଢ଼ାଯାଉ। ସେମାନେ ଆହୁରି ଦାବି କରିଛନ୍ତି ଯେ, ବାହାର ରାଜ୍ୟରୁ କାମ କରିବାକୁ ଆସିଥିବା ଲୋକଙ୍କୁ ଚୁକ୍ତିନାମା ମାଧ୍ୟମରେ ଭଡ଼ା ଘର ଦିଆଯାଉ ଏବଂ ସେହି ତଥ୍ୟ ପୁଲିସ କାର୍ଯ୍ୟାଳୟରେ ଦାଖଲ ହେଉ। ବଣାଇ ଉପ ଜିଲ୍ଲାପାଳ ଏବଂ ଉପଖଣ୍ଡ ପୁଲିସ ଅଧିକାରୀ ଦାବିପତ୍ର ଗ୍ରହଣ କରିବା ସହ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶ୍ୱାସନ ଦେଇଛନ୍ତି।



# ଜିଭିପିଆର୍ ଲୌହଖଣିରେ ଖଣି ବିଭାଗର ଯାଞ୍ଚ


**କୋଇଡ଼ା, ୨୯ ।୧୦(ସମିସ):** ଗତ କିଛିଦିନ ତଳେ ଜିଭିପିଆର୍ ଇଞ୍ଜିନିୟରିଂ ଲିମିଟେଡ୍ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଲୌହ ଖଣିକୁ ନିଲାମ ପ୍ରକ୍ରିୟାରେ ଲିଜ୍ ଆକାରରେ ପାଇଥିଲେ। ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ କାଗଜପତ୍ର ଠିକ୍ ହେବାପରେ ତିନିସପ୍ତାହ ପୂର୍ବେ ଖଣି କାର୍ଯ୍ୟ ଚାଲୁ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କୋଇଡ଼ା ଖଣି ଉପନିର୍ଦ୍ଦେଶକଙ୍କ ଅନୁମତି ପରେ ଲୁହାପଥର ପରିବହନ ହୋଇଥିଲା। ଆଜି ଖଣି କର୍ତ୍ତୃପକ୍ଷ ଉଚ୍ଚମାନର ଲୌହ ଖଣିଜ ପଥରକୁ ନିମ୍ନମାନର ଦର୍ଶାଇ ପରିବହନ କରୁଥିବା ଅଭିଯୋଗ ହୋଇଥିଲା। ଏଣୁ କୋଇଡ଼ା ଖଣି ଉପନିର୍ଦ୍ଦେଶକ ବିଭାଗର ତିନିଜଣ ଅଧିକାରୀ ଜିଭିପିଆର୍ ଲୌହ ଖଣିକୁ ଯାଞ୍ଚ କରିବାକୁ ପହଞ୍ଚିଥିଲେ। ସକାଳ ୧୧ଟାରେ ଖଣିରେ ପହଞ୍ଚି ଖଣିରେ କରାଯାଇଥିବା ଚାଟା (ଷ୍ଟାକ) ଗୁଡ଼ିକୁ ୧ଟା ପର୍ଯ୍ୟନ୍ତ ଯାଞ୍ଚ କରିବାପରେ ଫେରି ଯାଇଥିଲେ। ଏନେଇ ଆମେ କୋଇଡ଼ା ଖଣି ଉପନିର୍ଦ୍ଦେଶକ ଅସିତ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ ଆମେ ଅଭିଯୋଗ ପାଇବା ପରେ ତିନି ଜଣ ଅଫିସରଙ୍କୁ ଉକ୍ତ ଖଣିକୁ ପଠାଇଥିଲୁ, ଖଣି ଷ୍ଟାକ୍ ସବୁ ସଠିକ୍ ରହିଥିଲା, ଯେଉଁ ଲୋଡ୍ ଗାଡିକୁ ନେଇ ଅଭିଯୋଗ ହୋଇଛି ତାହା ଉପରେ ତଦନ୍ତ ଜାରି ରହିଛି ବୋଲି କହିଥିଲେ।




## ବଣାଇଁ ଅଞ୍ଚଳରେ ପୁଣି ଚୋରି

# କବାଟ ଭାଙ୍ଗି ଲୁଟିନେଲେ ଟଙ୍କା ଓ ସୁନା ଗହଣା

**ବଣାଇଁ, ୨୯ ।୧୦ (ସମିସ):** ବଣାଇଁ ସହର ସମେତ ଆଖପାଖ ଅଞ୍ଚଳରେ ଚୋରି, ଡକାୟତି ସହ ବିଭିନ୍ନ ଅପରାଧ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବଣାଇଁ ବଜାର ନିକଟରେ ରବିବାର ଡକାୟତି ଘଟଣା ଲୋକଙ୍କ ମନରୁ ଯାଇ ନ ଥିବାବେଳେ ସୋମବାର ପୁଣି ଘର କବାଟ ଭାଙ୍ଗି ଦୁର୍ବୃତ୍ତ ଲୁଟି ନେଇଛନ୍ତି ନଗଦ ୨ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଗହଣା।



ରବିବାର ରାତିରେ ବଣାଇଁ ବଜାର ଦାଣ୍ଡ ନିକଟରେ ରଶ୍ମୀ ଇଲେକ୍ଟ୍ରିକାଲଙ୍କ ଘରେ ଡକାୟତମାନେ ବନ୍ଧୁକ ମୁନରେ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟି ନେଇଥିଲେ। ପରେ ପୁଣି ସୋମବାର ଘରେ କେହି ନଥିବାବେଳେ ବାବୁ ନୂଆଗାଁ ଛତିଆଡିପା ରେ ରହୁଥିବା ନିକୁଞ୍ଜ ବେହେରାଙ୍କ ଘର କବାଟ ଭାଙ୍ଗି ଡକାୟତମାନେ ଲୁଟି ନେଇଛନ୍ତି ନଗଦ ଟଙ୍କା ସହ ସୁନା ଗହଣା। ସେହିପରି ଭାବେ ଚର୍ଚ୍ଚ ଛକ ନିକଟରେ ଚନ୍ଦନ ଚା ଦୋକାନୀଙ୍କ ତାଲା ଭାଙ୍ଗି ଟିଭି, ସାଉଣ୍ଡ ସିଷ୍ଟମ, ବିସ୍କୁଟ ସହ ଅନ୍ୟାନ୍ୟ ଜିନିଷ ପତ୍ର ସହ ଟଙ୍କା ଚୋରି କରି ନେଇଛନ୍ତି। ପୁଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଯାଞ୍ଚଜାରି ରଖିଥିଲେ ମଧ୍ୟ କୌଣସି ସଫଳତା ପାଇ ପାରିନାହିଁ। ଅନେକ ସ୍ଥାନରେ ସିସିଟିଭି କ୍ୟାମେରା ଫୁଟେଜରେ ଚୋରଙ୍କ ଗତିବିଧି ରେକର୍ଡ ହୋଇଥିଲେ ମଧ୍ୟ ଅଦ୍ୟାବଧି ପୁଲିସ କାହାକୁ ଠାବ କରି ପାରିନାହିଁ। ଯାହାକୁ ନେଇ ବଣାଇଁ ଅଞ୍ଚଳର ଲୋକମାନେ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ରାଉରକେଲା ଏସ୍‌ପି ନୀତେଶ ୱାଧୱାନି ବଣାଇରେ ପହଞ୍ଚି ଡକାୟତି ଘଟଣାର ଯାଞ୍ଚ କରିଛନ୍ତି। କେତେଜଣ ସନ୍ଦିଗ୍ଧଙ୍କୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ଚୁକ୍ତିନାମା କେନ୍ଦ୍ରୀକରଣ ଓ ମିଶ୍ରଣ ଉପରେ କର୍ମଶାଳା



**ରାଉରକେଲା, ୨୯ ।୧୦ (ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା ଅଧୀନ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷ 'ସମାଗମ' ଠାରେ ସେବା ବିଭାଗର ସିଜିଏମ ଇନ୍‌ଚାର୍ଜଙ୍କ କାର୍ଯ୍ୟାଳୟ ତରଫରୁ ଚୁକ୍ତିକୁ ଅନୁକୂଳ କରିବା ଉଦ୍ଦେଶ୍ୟରେ 'ସେଲ୍‌ଫ ଆରଏସପିରେ ଚୁକ୍ତିନାମାର କେନ୍ଦ୍ରୀକରଣ/ମିଶ୍ରଣ' ଉପରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧ୍ୟକ୍ଷତା କରିଥିଲେ ଏବଂ ପ୍ରତି ତ୍ରୈମାସିକରେ ଚୁକ୍ତିନାମାର ୨୫ ପ୍ରତିଶତ ଏବଂ ଠିକା ଶ୍ରମିକ ୫ ପ୍ରତିଶତ ହ୍ରାସ କରିବାର ଆହ୍ୱାନପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ଉପରେ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କର୍ମଶାଳାରେ କାରଖାନାର ବିଭିନ୍ନ ବିଭାଗର ସିଜିଏମ, ଏଚଓଡି, ଏଚଓଏସ ଏବଂ ଯୋଜନା ଅଧିକାରୀ ସମେତ ପ୍ରାୟ ୮୦ ଜଣ ଅଧିକାରୀ ଯୋଗ ଦେଇଥିଲେ। ଏହି କର୍ମଶାଳାକୁ ସେବା ବିଭାଗର ସିଜିଏମ୍ ଇନଚାର୍ଜ ଅତିଶ ଚନ୍ଦ୍ର ସରକାର ପରିଚାଳନା କରିଥିଲାବେଳେ କେନ୍ଦ୍ରୀକରଣ ଏବଂ ଚୁକ୍ତିନାମାର ମିଶ୍ରଣ ପାଇଁ ସମ୍ଭାବ୍ୟ ପଦ୍ଧତି ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ। ଏଥି ସହିତ ସେ ଦକ୍ଷତା ବୃଦ୍ଧି ଏବଂ ଖର୍ଚ୍ଚକୁ ଅନୁକୂଳ କରିବା ପାଇଁ ଯାନ୍ତ୍ରିକ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଚୁକ୍ତିଗୁଡ଼ିକୁ ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତିରେ ମିଶ୍ରଣ କରିବାର ସୁଯୋଗ ଉପରେ ମଧ୍ୟ ଆଲୋକପାତ କରିଥିଲେ। ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଇନଚାର୍ଜ ଏସ୍‌ଏସ ରାୟଚୌଧୁରୀ ସମାବେଶକୁ ସମ୍ବୋଧିତ କରିବା ସହିତ ମିଶ୍ରଣ ଏବଂ କେନ୍ଦ୍ରୀକରଣ ମାଧ୍ୟମରେ ଚୁକ୍ତିର ଏକତ୍ରୀକରଣ ପାଇଁ ଏକ ଖୋଲାମନର ଆଭିମୁଖ୍ୟ ଗ୍ରହଣ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମାନବସମ୍ବଳ (ସିଏଲସି) ବିଭାଗର ଜିଏମ ଜ୍ଞାନରଞ୍ଜନ ଦାଶ ଠିକା ଶ୍ରମିକ ବାୟୋମେଟ୍ରିକ୍ ଉପସ୍ଥିତି ପରିଚାଳନା ବ୍ୟବସ୍ଥାରେ ଡିଜିଟାଲ୍ ପଦକ୍ଷେପ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉପସ୍ଥାପନା ପ୍ରଦାନ କରିଥିଲେ। ଏହି ମତବିନିମୟ ଅଧିବେଶନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ ବିଭାଗ ମଧ୍ୟରେ ଚୁକ୍ତି ମିଶ୍ରଣ ପାଇଁ ସମ୍ଭାବ୍ୟ କ୍ଷେତ୍ର ଚିହ୍ନଟ କରିଥିଲା ବେଳେ ପରାମର୍ଶଗୁଡ଼ିକରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଦ୍ୱାରା ପରିଚାଳିତ ହେବାକୁ ଥିବା ଚୁକ୍ତି ହାରରେ ସମାନ କାମଗୁଡ଼ିକୁ ମିଶ୍ରଣ କରାଯାଇଥିଲା। କିଛି ପ୍ରସ୍ତାବିତ ବିଭାଗ ମଧ୍ୟରେ ହିଟ୍ ଏକ୍ସଚେଞ୍ଜର ସଫା କରିବା, କୁଲିଂ ଟାୱାର ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଡିଭାଇସଗୁଡ଼ିକର ରକ୍ଷଣାବେକ୍ଷଣ, କ୍ରେନ୍ ଏବଂ ହୋଷ୍ଟଗୁଡ଼ିକର ବ୍ୟାପକ ରକ୍ଷଣାବେକ୍ଷଣ, ଗ୍ୟାସ୍ ଏବଂ ଉପଯୋଗୀତା ପାଇପଲାଇନର ରକ୍ଷଣାବେକ୍ଷଣ, ଭଲଭ୍ ପ୍ରତିସ୍ଥାପନ, ଇନ୍‌ସୁଲେସନ କାର୍ଯ୍ୟ ସହ ଅନ୍ୟକାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା। ଏମ୍.ଏସ୍ ରାଓ ଏହି କାର୍ଯ୍ୟକ୍ରମର ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ୟର ଜୀବନ ବଞ୍ଚାଇବା ପାଇଁ ପ୍ରୟାସ

**ଜନ୍ମ ଦିନରେ ରକ୍ତଦାନ ଶିବିର; ୪୦ ୟୁନିଟ୍ ସଂଗ୍ରହ**

**କୋଇଡ଼ା, ୨୯ ।୧୦(ସମିସ):** ଟେନ୍‌ସା ମାଟିର ଝିଅ ତଥା ଲଗାତାର ଭାବେ ସରପଞ୍ଚ ଭାବେ ନିର୍ବାଚିତ ଅନୀତା ପୂର୍ତ୍ତିଙ୍କ ୪୦ ତମ ଜନ୍ମ ବାର୍ଷିକ ଅବସରରେ ଟେନସା ଜନସାଧାରଣ ପକ୍ଷରୁ ଏକ ରକ୍ତଦାନ ଶିବିର ଟେନସା ସ୍ଥିତ ସେଲ୍‌ଫ ହସ୍‌ପିଟାଲ ଠାରେ ଅନୁଷ୍ଠିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରସୁଆଁ ଲୌହଖଣି ସିଜିଏମ୍ ହିମାଂଶୁ ମିଶ୍ର ତଥା ଅନ୍ୟ ଅତିଥି ମଧ୍ୟରେ କୋଇଡା ବିଡିଓ ସମରେନ୍ଦ୍ର ସରା, ଜିନ୍ଦଲ ଟିଆରବି ଖଣି ପ୍ରବନ୍ଧକ ଭରଦ୍ୱାଜ ରାଉତ, ବାରସୁଆଁ ଲୌହଖଣିର କାର୍ମିକ ପ୍ରଶାସନିକ ବିଭାଗର ଏନ୍‌ସି ପଣ୍ଡା, ଡା. ଜିତେନ୍ଦ୍ର ପାଶ୍ୱାନ, ଡା. ପଙ୍କଜ କୁମାର, ଡା. ଅରୁଣ କୁମାର, ଡା. ପ୍ରଭାସ ରଞ୍ଜନ, ଡା. ତେଜେଶ୍ୱନୀ ବିଶ୍ୱାଳ, ବରସୁଆଁ ଲୌହଖଣି ବରିଷ୍ଠ ଅଧିକାରୀ ଅମୀୟ ରାଉତ, ରାଉରକେଲା ରକ୍ତଭଣ୍ଡାର ଅଧିକାରୀ ଡ. ପ୍ରଶାନ୍ତ କୁମାର ଦାଶ, ଟେନ୍‌ସା ପଞ୍ଚାୟତ ସରପଞ୍ଚ ଅନୀତା ପୂର୍ତ୍ତି, ସମାଜସେବୀ ବାଦଲ ବାରିକ ପ୍ରମୁଖ ଯୋଗଦେଇ ଥିଲେ। ଉକ୍ତ ଶିବିରରେ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଶିବିରରେ ଟେନସା ଅଞ୍ଚଳର ସମାଜସେବୀ ପ୍ରଶାନ୍ତ ମହାନ୍ତି, ରାକେଶ ମହାନ୍ତି, ବିଡି ଭୂୟାଁ, କୈଳାସ ପଣ୍ଡା, ପବିତ୍ର ମୋହନ ବେହେରା, ସ୍ନେହା ଡାଙ୍ଗ ପ୍ରମୁଖ ଯୋଗଦେଇ ଥିଲେ।

# ସୃଜନୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ରାଉରକେଲା, ୨୯।୧୦(ସମିସ):** ଗୋଟିଏ ଜାତିର ଅନ୍ତର ଆତ୍ମାକୁ କେବଳ ତାର ମାତୃଭାଷା ଏବଂ ସାହିତ୍ୟ ହିଁ ଉଜ୍ଜୀବିତ କରି ରଖିପାରେ ବୋଲି ତରକେରା ଶିବମନ୍ଦିର ପ୍ରାଙ୍ଗଣରେ



ସଭାପତି ସତୀନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୃଜନୀ ସାହିତ୍ୟ ସଂସଦର ୩୮ତମ ବାର୍ଷିକୋତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ସାହିତ୍ୟିକ ପ୍ରଶାନ୍ତ କୁମାର ପତି ମତବ୍ୟକ୍ତ କରିଛନ୍ତି। ରଘୁନାଥପାଲିର ପ୍ରାକ୍ତନ ବିଧାୟକ ରବି ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜିବିତ କରି ରଖିବାରେ ସୃଜନୀ ସାହିତ୍ୟ ସଂସଦର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ରୁକ୍ମିଣୀ ସାହୁ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର କବି ଓ ସାହିତ୍ୟିକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଅଧ୍ୟାପକ କରୁଣାକର ପାଟଶାଣୀ ଯୋଗଦେଇ ରାଜନୈତିକ ସ୍ୱାଧୀନତା ନୁହେଁ, ଏବେ ବି ପରାଧୀନତାର ଶୃଙ୍ଖଳ ମଧ୍ୟରେ ବୃଦ୍ଧ ପିତାମାତାଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା, ନାରୀସମାଜ ଜୀବନ ନିର୍ବାହ କରୁଛନ୍ତି ବୋଲି କହିଥିଲେ।

**Government of Odisha "e" Procurement**
**Notice Bid Identification No.37/2025-26**
C-1344

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Supertintending Engineer,
P.H. Division, Bhubaneswar

OIPR-13205/11/0040/2526

No. 4107 / Dated 25.10.2025
O-1203
**Government of Odisha "e" Procurement Notice**
**Bid Identification No. TENDER ONLINE SNPR-08 OF 2025-26**

1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
   (1) Other details can be seen from detailed notice
   (2) Inviting tenders available in website: www.tendersodisha.gov.in
   (3) Corrigendum, if any, shall only be published in the website: www.tendersodisha.gov.in

Executive Engineer
Rural Works Division, Sonepur

OIPR-25054/11/0045/2526

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
O-1160
e-Procurement Notice No. ONLINE-BGH-11 OF 2025-26

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.

Superintending Engineer
R.W. Division, Bargarh

OIPR-25062/11/0037/2526

# କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଭାଗବତ ପାରାୟଣ

**ରାଉରକେଲା, ୨୯ ।୧୦(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରନଗରୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମର ଆଜି ୫ମ ସନ୍ଧ୍ୟା ରାଉରକେଲା ପୁଲିସ ଜିଲ୍ଲା ଜୋନ - ୧ ଡିଏସପି ଯୋଗେଶ୍ୱର ପଣ୍ଡା ଓ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଉଦ୍‌ଘାଟନ କରିଥିଲେ। ଏହାପରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଡିଏସ୍‌ପି ଶ୍ରୀ ପଣ୍ଡା, ସମ୍ମାନିତ ଅତିଥି ଶ୍ରୀ ସେଠୀ ଏବଂ ରାମଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ବରିଷ୍ଠ ସଦସ୍ୟ ସୁଭାଷ ଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୌମେନ୍ଦ୍ର ବେହୁରିଆ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଭୋଳ, ରାମଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ମଲ୍ଲିକ, ଶଶାଙ୍କ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଉତ୍ତମ କୁମାର ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ବିପିନ କୁମାର ଲେଙ୍କା, ଜ୍ୟୋତିପ୍ରକାଶ ମହାନ୍ତି, ଶ୍ରୀଚରଣ ସାମଲ, ଗୋପୀନାଥ ଦାସଙ୍କ ସମେତ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ସଭାପତି ତ୍ରିନାଥ ଦାସ ମୋହିନୀ, ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳବାର ଅନୁଷ୍ଠିତ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମର ଚତୁର୍ଥ ସନ୍ଧ୍ୟାକୁ ରାଉରକେଲା ଏନଆଇଟିର କୁଳସଚିବ ପ୍ରଫେସର ରୋହନ ଧିମାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।





## 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ'

# ଜଲଦାର କବରସ୍ଥାନ ଟିମ୍ ଚାମ୍ପିଅନ

**ରାଉରକେଲା, ୨୯।୧୦(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସ୍‌ଆର ବିଭାଗ ଦ୍ୱାରା ଲାଠିକଟା ବ୍ଲକ ଅଧୀନ ସୁଇଡିହ ପଞ୍ଚାୟତର ସୋନାପର୍ବତ ଗ୍ରାମରେ ଆୟୋଜିତ 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ' ରେ ଜଲଦାର କବରସ୍ଥାନ ଟିମ ଚାମ୍ପିଅନ୍ ହୋଇ ପୁରସ୍କୃତ ହୋଇଥିବା ଜଣାପଡ଼ିଛି। ଉଦ୍‌ଯାପନୀ ସମାରୋହରେ ଆରଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉକ୍ତ ଟୁର୍ଣ୍ଣାମେଣ୍ଟର ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସହର ସେବା ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ଟିଜି କାନେକର ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଲାଠିକଟା ପଞ୍ଚାୟତ ସରପଞ୍ଚ ଗୋପୀନାଥ ଖାଲଖୋ, ଆର୍‌ଏସ୍‌ପି ସିଏସ୍‌ଆର ବିଭାଗର ଜିଏମ ଇନ୍‌ଚାର୍ଜ ମୁନମୁନ ମିତ୍ର, ସିଏସ୍‌ଆର ବିଭାଗର ଡିଜିଏମ ଆରଏସ୍ ବାରା ଏବଂ ଟିବି ଟପ୍ପୋଙ୍କ ସମେତ ସିଏସଆର ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ନେତୃବୃନ୍ଦ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌ରେ ଜଲଦା 'ସି' ବ୍ଲକର କବରସ୍ଥାନ ଟିମ୍ ନୂଆଗାଁର ଅଂସାରୀ ଟିମକୁ ୫-୩ ଗୋଲରେ ପରାସ୍ତ କରି ବିଜେତା ହୋଇଥିଲା। ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ମିଶ୍ର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ ଟିମକୁ ମଧ୍ୟ ଉତ୍ସାହିତ କରିଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ଫୁଟବଲର ଗୁରୁତ୍ୱ ଏବଂ ଦଳ ଭିତ୍ତିକ ଖେଳ ଭାବରେ ଏହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଚାମ୍ପିଅନ ଦଳ ଟ୍ରଫି ସହିତ ୧୦୦୦୦ ଟଙ୍କାର ଅର୍ଥ ରାଶି ସହ ପୁରସ୍କାର ଗ୍ରହଣ କରିଥିବା ବେଳେ ପ୍ରଥମ ରନର୍ସ ଅପ ଦଳ ଟ୍ରଫି ସହିତ ୮୦୦୦ ଟଙ୍କାର ଅର୍ଥ ରାଶି ଗ୍ରହଣ କରିଥିଲେ। ବୁଢାହଣ୍ଡା ଓ ସୁଇଡିହ ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରି ଯଥାକ୍ରମେ ୬୦୦୦ ଓ ୪୦୦୦ ଟଙ୍କାର ଅର୍ଥରାଶି ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ନୂଆଗାଁର ଅଫତାବ ଅଂସାରୀ ଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଥିବାବେଳେ ଜଲଦା ଗ୍ରାମର ରାହୁଲ ଗୁଡା ଶ୍ରେଷ୍ଠ ସ୍କୋରର ଓ ଶ୍ରବଣ ତନ୍ତୀ ଶ୍ରେଷ୍ଠ ଗୋଲକିପର ଏବଂ ଜଲଦା ଗ୍ରାମରୁ ବିରେଶ ଶ୍ରେଷ୍ଠ ଡିଫେଣ୍ଡର ଭାବେ ଘୋଷିତ ହୋଇଥିଲେ। ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଅନୁଷ୍ଠିତ ହୋଇଥିଲା। ସିଏସଆର ବିଭାଗର ସେକ୍ସନ ଅଫିସର ବି.ଏକା ଏହାର ଉଦ୍‌ଯାପନୀ ଉତ୍ସବର ଉପସ୍ଥାପନା କରିଥିବାବେଳେ ସେକ୍ସନ ଅଫିସର ଜି.ଆର ନାୟକଙ୍କ ସହିତ ସିଏସଆର ବିଭାଗ ଦଳ ଏହାର ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ ଗ୍ରାମୀଣସ୍ତରରେ ପ୍ରତିବର୍ଷ ଆର୍‌ଏସ୍‌ପିର ଚାରିଟି ପାର୍ଶ୍ୱାଞ୍ଚଳ ବ୍ଲକରେ 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ' ଆୟୋଜିତ ହେଉଛି।

# ପିତୃହନ୍ତାକୁ ଆଜୀବନ କାରାଦଣ୍ଡ

## ପ୍ରମାଣ ଅଭାବରୁ ସହଯୋଗୀ ନିର୍ଦ୍ଦୋଷରେ ଖଲାସ

**ଦେବଗଡ଼, ୨୯।୧୦(ସମିସ):** ଏକ ନର ହତ୍ୟା ମାମଲାର ବିଚାର କରି ଜିଲ୍ଲା ଓ ଦୌରା ଜଜ୍ ଦେବାଶିଷ ରାଉତ ବୁଧବାର ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ରାୟ ପ୍ରକାଶ କରିଛନ୍ତି। ଗତ ୨୦୧୮ ଜାନୁଆରୀ ୨୨ ତାରିଖରେ ରିଆମାଳ ଥାନା ଅଧୀନ ବଡଝରଣ ଗାଁର ରଞ୍ଜନ ବେହେରା ଜମି ଭାଗବଣ୍ଟାକୁ କେନ୍ଦ୍ରକରି ନିଜ ପିତା ଖଗେଶ୍ୱର ବେହେରାଙ୍କୁ ଏକ କୋଡି ଦ୍ୱାରା ହତ୍ୟା କରିଥିଲା। ଏହି ଘଟଣାରେ ନିଷାବିରା ଗାଁର ଗଙ୍ଗା ଦେହୁରୀ ଏବଂ ରାଜକିଶୋର ଦେହୁରୀ ଅଭିଯୁକ୍ତ ରଞ୍ଜନକୁ ସହାୟତା କରିଥିଲେ। ଏହାକୁ କେନ୍ଦ୍ର କରି ରିଆମାଳ ଥାନାରେ ହତ୍ୟା ମାମଲା ରୁଜୁ ହେଇଥିଲା। ତତ୍କାଳୀନ ରିଆମାଳ ଥାନାଧିକାରୀ ସୁଦର୍ଶନ ଜେନା ତଦନ୍ତ କରିବା ସହ ଉପଯୁକ୍ତ ପ୍ରମାଣ ସଂଗ୍ରହ କରି ଅଦାଲତରେ ପ୍ରଦାନ କରିଥିଲେ। ଅଦାଲତ ସାକ୍ଷ୍ୟ, ଦସ୍ତାବିଜ, ବୈଷୟିକ ଓ ବିଧି ବିଜ୍ଞାନ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ରଞ୍ଜନକୁ ଆଜୀବନ କରାଦଣ୍ଡାଦେଶ ଶୁଣାଇଛନ୍ତି। ତେବେ ପ୍ରମାଣ ଅଭାବେ ଗଙ୍ଗା ଦେହୁରୀ ଏବଂ ରାଜକିଶୋର ଦେହୁରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ହାତୀ ଉପଦ୍ରବରେ ଧାନ ଚାଷ ନଷ୍ଟ

**କୁଣ୍ଢେଇଗୋଲା, ୨୯।୧୦(ସମିସ)**

ରିଆମାଳ ବନାଞ୍ଚଳ ଅଧୀନ କୁଣ୍ଢେଇଗୋଲା ଗାଁରେ ହାତୀପଲ ଦ୍ୱାରା ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ଗତକାଲି ଏକ ହାତୀପଲ କୁଣ୍ଢେଇଗୋଲା ଗାଁକୁ ପଶିଆସି ଧାନ ବିଲରେ ଅମଳ କ୍ଷମ ଧାନ ଖାଇବା ସହ ମାଡି ଦଳି ଚକଟି ପକାଇଥିଲେ। ଏହାଦ୍ୱାରା ଏକର ଏକର ଧାନ ଫସଲ ନଷ୍ଟ ହୋଇଛି। ଗାଁର ଲିଙ୍ଗରାଜ ସାହୁ, ଉଦୟ ପ୍ରଧାନ, ନିତ୍ୟାନନ୍ଦ ଧଳ, ପିତାମ୍ବର ସାହୁ, ଡମ୍ବୁରୁ ପ୍ରଧାନ, ଶରତ ପାଇକରାୟ, ଗୌତମ୍ ବେହେରା, ଗଜେନ୍ଦ୍ର ପ୍ରଧାନ, ସୁନ୍ଦର ପ୍ରଧାନ, ପିଣ୍ଟୁ ପ୍ରଧାନ, ବନି ବେହେରାଙ୍କ ସମେତ ଅନେକ ଚାଷୀଙ୍କର ଧାନ ଫସଲ ନଷ୍ଟ ହୋଇଛି। ଅଞ୍ଚଳରେ ଗତ କିଛିଦିନ ଧରି ହାତୀ ଉପଦ୍ରବ ଜାରି ରହିଛି। ଗ୍ରାମବାସୀ ବାରମ୍ବାର ବନ ବିଭାଗ ନିକଟରେ ଅଭିଯୋଗ କଲେ ମଧ ବନ ବିଭାଗ କର୍ଣ୍ଣପାତ କରୁନଥିବା ଅଞ୍ଚଳର



ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ ହାତୀ ଯୋଗୁଁ ଅଞ୍ଚଳରେ ଏକାଧିକ ଲୋକଙ୍କ ଜୀବନ ଯାଇଛି। ପୁଣି ଏବେ ଫସଲ ଅମଳ ସମୟରେ ହାତୀପଲ ଯୋଗୁଁ ଫସଲ ନଷ୍ଟ ଚାଷୀକୁଳର ନିଦ ହଜାଇଛି। ତେଣୁ ଯଥାଶୀଘ୍ର ବନ ବିଭାଗ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ ପାଇଁ ଦାବି ହୋଇଛି।

# ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଷ୍ଟ୍ରୋକ୍ ଦିବସ

**ଦେବଗଡ଼, ୨୯।୧୦(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ବରିଷ୍ଠ ନାଗରିକ କାର୍ଯ୍ୟାଳୟ ଠାରେ ବିଶ୍ୱ ଷ୍ଟ୍ରୋକ ଦିବସ ପାଳିତ ହୋଇଯାଇଛି। ବୟୋଜ୍ୟେଷ୍ଠ ନାଗରିକ



ମାନଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବଂଶୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡ.ସୂର୍ଯ୍ୟା ପ୍ରକାଶ ସାହୁ, ଏପିଡେମିଲୋଜିଷ୍ଟ ଡ.ଭବାନୀ ଶଙ୍କର ମଲ୍ଲିକ, ଆସିଷ୍ଟାଣ୍ଟ ମ୍ୟାନେଜର ଅମିୟ ସାହୁ ଓ ଭାରପ୍ରାପ୍ତ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ପ୍ରମୁଖ ଷ୍ଟ୍ରୋକ, ଏହାର ଲକ୍ଷଣ ଏବଂ ନିରାକରଣ ସମ୍ବନ୍ଧରେ ବିସ୍ତୃତ ଅଲୋଚନା କରିଥିଲେ। ଷ୍ଟ୍ରୋକର ଲକ୍ଷଣ ଦେଖାଗଲେ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ସହ ମଧୁମେହ ଓ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଦ୍ୱାରା ଷ୍ଟ୍ରୋକ ପ୍ରତିରୋଧ କରାଯାଇପାରିବ ବୋଲି ବୁଝାଇଥିଲେ। ସେହିପରି ଷ୍ଟ୍ରୋକରୁ ସୁରକ୍ଷା ପାଇଁ କମ୍ ଲୁଣର ବ୍ୟବହାର, ଅଧିକ ତନ୍ତୁଯୁକ୍ତ ଖାଦ୍ୟ ଓ କମ ଚର୍ବି ଯୁକ୍ତ ଖାଦ୍ୟ ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ଶତପଥୀ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ କମିଟିର ସଭାପତି ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ବରିଷ୍ଠ ନାଗରିକ କମିଟି ସମ୍ପାଦକ ଗୌରହରି ଷଡଙ୍ଗୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗୋବିନ୍ଦପୁର ଗୋଶାଳାରେ ଗୋ ଗାୟତ୍ରୀ ଯଜ୍ଞ ଓ କର୍ମଶାଳା

**ଝାରସୁଗୁଡ଼ା, ୨୯।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଗୋବିନ୍ଦପୁର ଗୋଶାଳାରେ ଗୋପାଷ୍ଟମୀ ଉତ୍ସବ ପାଳନ ହୋଇଛି। ସମ୍ପୂର୍ଣ୍ଣ ରୀତିନୀତିର ହୋମଯଜ୍ଞ, ପୂଜାର୍ଚ୍ଚନା କରି ଗୋ ଗାୟତ୍ରୀ ଯଜ୍ଞ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ସପତ୍ନୀକ ଗୌରବ ଭୋଇ ଦାୟିତ୍ୱ ତୁଲାଇଥିଲେ। ଏହାସହ କୀର୍ତ୍ତନ ମଧ ହୋଇଥିଲା। ଏହାପରେ ଗୋପାଳନ ଏବଂ ଜୈବିକ କୃଷି ବିଷୟବସ୍ତୁ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଦେଶୀ ବିହନ ସଂରକ୍ଷକ ସୁଦାମ ସାହୁ ଏବଂ ଗାଁ ବିକାଶର ସପ୍ନେଶ୍ୱର ପ୍ରଧାନଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳନ ଏବଂ ଜୈବିକ କୃଷି ଦ୍ୱାରା ଚାଷୀ କିପରି ଲାଭବାନ ହୋଇପାରିବେ ସେନେଇ ଆଲୋଚନା କରାଯାଇଥିଲା। ଗୋବିନ୍ଦପୁର ଏବଂ ଆଖାପାଖ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଗାଁରୁ ଗୋ ପ୍ରେମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# କୋଲାବିରା ବ୍ଲକ୍‌ରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୋଲାବିରା, ୨୯।୧୦ (ସମିସ):** ଗରିବ ହିତାଧିକାରୀଙ୍କ ପାଇଁ ସରକାର ବିଭିନ୍ନ ସ୍ତରରେ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସେଥି ମଧ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏକ ବିଶେଷ ଯୋଜନା। ଲୋକଙ୍କ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ତାହା ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଫଳପ୍ରଦ ହୋଇପାରୁନାହିଁ। ଫଳରେ ହିତାଧିକାରୀ ଓ ଜନସାଧାରଣ ଯୋଜନାରୁ ବଞ୍ଚିତ ହେବା ସହିତ ଅନେକ ସମସ୍ୟା ଭୋଗୁଛନ୍ତି। କୋଲାବିରା ବ୍ଲକରେ ବ୍ଲକସ୍ତରୀୟ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବର୍ଗରୁ ଏଥିରେ ମାତ୍ର ୧୨୦ ଜଣ ପଞ୍ଜୀକରଣ କରିଥିଲେ। ପ୍ରଚାର ପ୍ରସାର ଅଭାବରୁ ଅଳ୍ପ ଲୋକ ଯୋଗ ଦେଇଥିବା କୁହାଯାଉଛି। ଏପରିକି ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ କରାଯାଇଥିବା ଚିଠିରେ ୨୯ ତାରିଖ ଗୁରୁବାର ବୋଲି ଦର୍ଶା ଯାଇଛି। ତେଣୁ ଲୋକେ ପ୍ରକୃତରେ ୨୯ ତାରିଖ ନା ଗୁରୁବାର ଏହାକୁ ନେଇ ଦ୍ୱନ୍ଦରେ ପଡ଼ିଥିଲେ। ତାଛଡା ଏସଂକ୍ରାନ୍ତରେ ଅଧିକ ଜାଣିବା ପାଇଁ କେତେକ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କୁ ଲୋକେ ସମ୍ପର୍କ କରିଥିଲେ ହେଁ ସଠିକ ଉତ୍ତର ପାଇନଥିବା ଅଭିଯୋଗ ହୋଇଛି। ଶିବିର ପରିଚାଳନା ସମୟ ସକାଳ ୯ଟାରୁ ହେବାର ସୂଚନା ପାଇ ଲୋକେ ଶିବିର ନିକଟରୁ ପହଞ୍ଚି ଥିଲେ। ମାତ୍ର ସାଢ଼େ ୧୦ଟା ପର୍ଯ୍ୟନ୍ତ ଶିବିରରେ କାହାରି ଦେଖାନଥିଲା। ଏପରିକି ସେହି ସମୟରେ ଟେଣ୍ଟ ଲଗା କାର୍ଯ୍ୟମଧ ସମ୍ପୂର୍ଣ୍ଣ ହୋଇ ନଥିଲା। ଯାହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷର ଦେଖିବାକୁ ମିଳିଥିଲା। ବିଭାଗୀୟ ଅଧିକାରୀଙ୍କ କହିବାନୁଯାୟୀ ଗାଡିରେ ପ୍ରଚାର କରାଯାଇଥିଲା। ମାତ୍ର ବ୍ଲକ ଜିପ୍‌ରେ କେବଳ ଗାଡିକୁ ଡ୍ରାଇଭର ନେଇ ବୁଲୁଥିବା ଦେଖିବାକୁ ମିଳିଥିଲା। ବ୍ଲକ ଅଧୀନରେ ଥିବା ସମସ୍ତ ୯ଟି ପଞ୍ଚାୟତକୁ ପ୍ରଚାର ପାଇଁ ଗାଡି ଯାଇ ନଥିବା ଜଣାପଡ଼ିଛି। ଏହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କରାଯାଇଥିବା ପ୍ରଚାର ପ୍ରସାର ହିତାଧିକାରୀ ପାଖରେ ପହଞ୍ଚିପାରିଲା ନାହିଁ। ଯେଉଁଥିପାଇଁ କମ ମାତ୍ରାରେ ହିତାଧିକାରୀ ପଞ୍ଜୀକରଣ କରିଥିଲେ। ହିତାଧିକାରୀମାନେ ସରକାରୀ ଯୋଜନାରୁ ଉପକୃତ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ନିଦର୍ଶନ। ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଗଲେ ବିଭାଗର ବ୍ଲକ ଅଧିକାରୀ ଓ କର୍ମଚାରୀ ସଜାଗ ହେବେ। ଆଗାମୀ ଦିନରେ ଦାୟିତ୍ୱବାନ ହେବେ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

**ଦେବଗଡ଼, ୨୯।୧୦(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ସଡକ ଦୁର୍ଘଟଣାକୁ କିଭଳି ରୋକାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ଆଞ୍ଚଳିକ ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କଡାକଡି ଚେକିଂ କରିବା ସହିତ ଟ୍ରାଫିକ ନିୟମ ପାଳନ ଉପରେ ନିଷ୍ପତ୍ତି ନିଆଯାଇଥିଲା। ରାସ୍ତାରେ ଅବୈଧ କଟିଂ କରିବା, ବିଭିନ୍ନ ଢାବାରେ ମାଦକ ଦ୍ରବ୍ୟ ଚେକିଂ କରିବା, ରଜାମୁଣ୍ଡା ବାଇପାସ ଛକ ଠାରେ ହାଇ ମାଷ୍ଟ ଲାଇଟ୍ ସ୍ଥାପନ ଓ ନୂତନ ବସ୍ ଟର୍ମିନାଲକୁ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ରାସ୍ତା ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଅବକାରୀ ଇନ୍ସପେକ୍ଟର ସନ୍ତୋଷ ସାହୁ, ସାମ୍ବାଦିକ ସତ୍ୟ ନାରାୟଣ ମିଶ୍ର, ସିଦ୍ଧାର୍ଥ ଗୁରୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲଇକେରା ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ




**ଝାରସୁଗୁଡ଼ା, ୨୯।୧୦ (ସମିସ):** ଲଇକେରା ବ୍ଲକ ଓଡ଼ିଆପାଲି ଓପିଏମପି ବାଳିକା ଉଚ୍ଚ ବିଦ୍ୟାଳୟରେ ଲଇକେରା ପୁଲିସ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ବୁଧବାର ପାଳିତ ହୋଇଛି। ଲଇକେରା ଥାନାଧିକାରୀ ଦିଲୀପ ବେହେରା ମୁଖ୍ୟ ଅତିଥି ଭାବେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉମାବତୀ ବେହେରା ସଭାପତି କାର୍ଯ୍ୟ ତୁଲାଇ ଥିବା ବେଳେ ଶିକ୍ଷକ ଜିନେତରାମ କୁମ୍ଭାର ସଭା ସଂଯୋଜନା କରିଥିଲେ। ଛାତ୍ରୀମାନଙ୍କୁ ନେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନୀ ଆଧାରିତ ବକ୍ତୃତା ପ୍ରତିଯୋଗିତାରେ ମୌସୁମୀ ନାଏକ ପ୍ରଥମ, ଡିଲେଶ୍ୱରୀ ବେହେରା ଦ୍ୱିତୀୟ ଓ ଲକ୍ଷ୍ମୀ ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରବନ୍ଧ ପ୍ରତିଯୋଗୀତାରେ ମୌସୁମୀ ନାଏକ ପ୍ରଥମ, ଡିଲେଶ୍ୱରୀ ବେହେରା ଦ୍ୱିତୀୟ ଓ ସ୍ନେହା ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିନୋଦ ବିହାରୀ ସୁନ୍ୟାନି, ଅଜିତ ପଟେଲ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାୟକ ଓ ପ୍ରଶାନ୍ତ ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ।

# ଘରୋଇ ହିଂସା ଆଇନ୍ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

**ଦେବଗଡ଼, ୨୯।୧୦(ସମିସ):** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବୁଧବାର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହିଳାଙ୍କ ସୁରକ୍ଷା ଦିଗରେ ଘରୋଇ ହିଂସା ଆଇନ୍ ୨୦୦୫ ସନ୍ଦର୍ଭରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଧନଞ୍ଜୟ ମହନ୍ତ ଓ ସମ୍ମାନିତ ଅତିଥି ଭାବେ ଗୁଇନ୍ଦା ଡିଏସପି ପବିତ୍ର କିସାନ, ଜିଲ୍ଲା ପ୍ରକଳ୍ପ ପରିଚାଳକ ଶିଶିର ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଶିବିରର ଶୁଭାରମ୍ଭ କରିଥିଲେ। ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ୍ ୨୦୦୫ ଉପରେ ଅବଗତ କରାଇଥିଲେ। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିତାର ସମ୍ପାଦକ ଅନୂପମା ରାଉତ, ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ପାଦକ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସପୋର୍ଟ ନିର୍ଦ୍ଦେଶକ, ସଖି କେନ୍ଦ୍ର ପରିଚାଳକ, ହବ୍ କର୍ମଚାରୀ ଓ ବାରକୋଟ ସ୍ଥିତ ଶକ୍ତି ସଦନ ଅଧିକ୍ଷକ ପ୍ରମୁଖ ଘରୋଇ ହିଂସା ଆଇନ୍ ୨୦୦୫ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମସ୍ତ ବ୍ଲକର ସିଡିପିଓ ଓ ମହିଳା ମାନେ ଉପସ୍ଥିତ ଥିଲେ।

# ସାର୍ବଜନୀନ ଦୁର୍ଗାପୂଜାର ପୁରସ୍କାର ବିତରଣ ଉତ୍ସବ

**ପଦ୍ମପୁର, ୨୯।୧୦(ସମିସ):** ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜା ଅବସରରେ ପ୍ରତିବର୍ଷ ଭଳି ଏବର୍ଷ ମଧ ଉପହାର ଯୋଜନା ଆୟୋଜିତ ହୋଇଯାଇଛି। କାଳୀପୂଜା ଦିନ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ସ୍ଥାନୀୟ ଭେଉଁରିଆ ଛକରେ ଏହାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ପ୍ରତାପ ମିଶ୍ର, ଉପସଭାପତି ଅଜିତ ଶତପଥୀ, ସମ୍ପାଦକ ଯୁଗଳ କିଶୋର ସାହୁ, କୋଷାଧ୍ୟକ୍ଷ ଯୋଗେଶ ସାହୁ ପ୍ରମୁଖ ଯୋଗଦେଇ ପ୍ରଥମ ପୁରସ୍କାର ବିଜେତା ଦିପ୍ତିପୁରର ଚାଉ ବିଶ୍ୱାଳଙ୍କୁ ପଲ୍ସର୍ ମୋଟର ସାଇକଲ, ଦ୍ୱିତୀୟ ଉପହାର ବିଜେତା ସୋଭାରାଣି ସିହ୍ନାଙ୍କୁ ଇଲେକ୍ଟ୍ରି ସ୍କୁଟି, ତୃତୀୟ ପୁରସ୍କାର ବିଜେତା ତାଲପାଲିର ଆର୍ଯ୍ୟା ଦାଶଙ୍କୁ ଏସି ପ୍ରଦାନ କରିଥିଲେ। ସେହିପରି ସମସ୍ତ ୩୬ଟି ଉପହାର ବିଜେତାଙ୍କୁ ପ୍ରଦାନ କରିଥିଲେ। ଉପହାର ଯୋଜନାର ମୁଖ୍ୟ ଜୟରାମ ମହାପାତ୍ର, ନବ ବରିହା, ବିଜୟ ବହିଦାର, ଶ୍ୟାମଳ ଦାଶ, ନରସିଂହ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରୋଜ ସିହ୍ନା, ନାରାୟଣ ପୁରୋହିତ, ସୁଶୀଲ ଅଗ୍ରୱାଲ, ସୁନିଲ ଅଗ୍ରୱାଲ, ମହେଶ ବେହେରା, ବାବୁଲୁ ଦୋରା, ଭରତ ପଣ୍ଡା, ଅଚ୍ୟୁତାନନ୍ଦ ସେଠ୍ ଓ ସର୍ଯ୍ୟୁ ପଟ୍ଟନାୟକ ସହଯୋଗ କରିଥିଲେ।

# ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ଉଦ୍‌ଘାଟିତ

**ପଦ୍ମପୁର, ୨୯।୧୦(ସମିସ):** ପଦ୍ମପୁର ଅଞ୍ଚଳ କଲେଜରେ ସ୍ନାତକୋତ୍ତର ବିଭାଗର ଉଦ୍‌ଘାଟନୀ ସମାରୋହ ସମ୍ମେଳନ କକ୍ଷରେ ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉଚ୍ଚଶିକ୍ଷା, କ୍ରୀଡା, ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ବଲପୁରର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ସୁବିଧା ପାଇଁ ମୁଖ୍ୟ ଅତିଥି ୧୦୦ ଶଯ୍ୟା ବିଶିଷ୍ଟ ଏକ ବାଳିକା ଛାତ୍ରୀବାସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ପ୍ରଭାତ ମହାପାତ୍ର, ପ୍ରମୋଦ ତ୍ରିପାଠୀ, ତାର ପ୍ରସାଦ ଶତପଥୀ, ସନ୍ତୋଷ ମିଶ୍ର, ନବକୃଷ୍ଣ ମିଶ୍ର, ତାପିନି ପଣ୍ଡା, ଝୁନୁ ପରିଡ଼ା ପ୍ରମୁଖଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସମାଜବାଦୀ ପ୍ରୀତେଶ ବୋହିଦାର, ଲକ୍ଷ୍ମଣ ମେହେର ଏବଂ ଅନ୍ୟମାନେ ସମାରୋହରେ ଉପସ୍ଥିତ ଥିଲେ।

# ଜିଲ୍ଲା କୋର୍ଟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ

**ଝାରସୁଗୁଡା, ୨୯।୧୦ (ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଝାରସୁଗୁଡା ଜିଲ୍ଲା କୋର୍ଟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ହୋଇଛି। ଜିଲ୍ଲା ଓ ଦୌରାଜଜଙ୍କ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଜିଲ୍ଲା କୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କ ସମେତ କର୍ମଚାରୀ ମାନେ ଶପଥ ପାଠ କରିଥିଲେ। ଅଧ୍ୟକ୍ଷ ଶ୍ରୀ ନାୟକ ଏହି ଅବସରରେ ସମସ୍ତଙ୍କୁ ନିଜର କର୍ମକ୍ଷେତ୍ରରେ ସାଧୁତା ଅବଲମ୍ବନ କରିବା ପାଇଁ ସମସ୍ତଙ୍କୁ ଉଦବୋଧନ ଦେଇଥିଲେ। ପ୍ରାଧିକରଣ ସଚିବ ଅଲୋକମୟୀ ପ୍ରଧାନ କାର୍ଯ୍ୟକ୍ରମକୁ ଆୟୋଜନ ଓ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କୋଲାବିରା, ୨୯।୧୦(ସମିସ):** କୋଲାବିରା ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ଭୀଷ୍ମଦେବ ଉଚ୍ଚ ବିଦ୍ୟାଳୟ, ପୋଖରାସାହ୍ଲେ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ଭୋଜରାଜ ପଟେଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପସାୟତ, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ବିଡିଏଚ୍‌ଏସ୍ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ଦେହୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିର୍ମଳା ଶତପଥୀ, ସ୍କୁଲ ପରିଚାଳନା କମିଟି ସଭାପତି ନରେନ୍ଦ୍ର ଭୋଇ, କୋଲାବିରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ଦେବଶ୍ରୀ ପିଙ୍ଗ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବାଘମରା କଲେଜ ପ୍ରିନ୍ସିପାଲ ମଧୁସୂଦନ ବଳବନ୍ତରାଏ ଅଭିଭାଷଣ ପ୍ରଦାନ କରିଥିଲେ। ବ୍ଲକ ଚେୟାରମ୍ୟାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍‌ଘାଟନ



ପରେ ପ୍ରତିଯୋଗିତା ଗୁଡିକ ଆରମ୍ଭ ହୋଇଥିଲା। ବକ୍ତୃତା, ସଙ୍ଗୀତ, ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ଓଡ଼ିଆ ହସ୍ତାକ୍ଷର, ପିଏମ୍ ପୋଷଣ ଚିତ୍ରକଳା, ଶିଳ୍ପ କଳା, ମଡେଲ୍ ୟୁନାଇଟେଡ ନେସନ ପାଭିଲିୟନ ବିଷୟ ଗୁଡିକରୁ ଜୁନିୟର, ସିନିୟର, ବରିଷ୍ଠ ଉଚ୍ଚ ମାଧ୍ୟମିକ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ବିଇଓ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ସମ୍ମାନିତ ଅତିଥି ଭାବେ କିର୍ମିରା ବିଇଓ ଜୟନାରାୟଣ ପଣ୍ଡା, ଝାରସୁଗୁଡ଼ା ବିଇଓ ଅନିଲ ପଟେଲ, ଲଇକେରା ବିଇଓ ହିମାଂଶୁ ବାଗ, ଶିକ୍ଷକ ସଚିନ୍ଦ୍ର ପଟେଲ, ଶିକ୍ଷା ନିର୍ଦ୍ଦେଶକ ତଥା ଝାରସୁଗୁଡ଼ା ନୋଡାଲ ଅଫିସର ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୋଡାମାଲ ହାଇସ୍କୁଲ ପ୍ରଥମ, କେଜି ବାଳିକା ହାଇସ୍କୁଲ ଦ୍ୱିତୀୟ, ସିଡିବି ହାଇସ୍କୁଲ ପରମାଣପୁର ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ସମୁଦାୟ ୨୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନେ ଆଗାମୀ ୩୧ ତାରିଖରେ ଜିଲ୍ଲା ସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବାକୁ ସୂଚନା ପ୍ରଦାନ କରାଯାଇଛି। ଶିକ୍ଷକ ଅଶୋକ ସାହୁ, ଲିଙ୍କନ ନାଏକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପଦ୍ମିନୀ ଖଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବେଲପାହାଡ଼ କପ୍ ଫୁଟବଲ୍**

# କିରାରମା ଓ କିସାନ ବ୍ରଦର୍ସ ବିଜୟୀ

**ଝାରସୁଗୁଡ଼ା, ୨୯।୧୦(ସମିସ)**

ବେଲପାହାଡ଼ ରେଫରୀ ଆସୋସିଏସନ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡିୟମ୍‌ରେ ଚାଲିଥିବା ୩ୟ ବେଲପାହାଡ଼ କପ୍ ଫୁଟବଲ୍ ୨୦୨୫ ପ୍ରତିଯୋଗିତାର ୫ମ ଦିନରେ କିରାରମା ଦଳ ଓ କିସାନ ବ୍ରଦର୍ସ ଦଳ ବିଜୟୀ ହୋଇଛନ୍ତି। ୫ମ ଦିନର ପ୍ରଥମ ଖେଳ କିରାରମା ଓ ଠୁଙ୍ଗିଆଡେରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ପକ୍ଷରୁ ୧-୧ ଗୋଲରେ ଡ୍ର ରହି ଖେଳଟି ଅମିମାଂସିତ ରହିଥିବା ବେଳେ ପେନାଲ୍ଟି ସୁଟ ଆଉଟରେ କିରାରମା ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ସହିପରି ଦ୍ୱିତୀୟ ମ୍ୟାଚ୍ ବେଲପାହାଡ



କିଷାନ ବ୍ରଦର୍ସ ଓ ଗୁମାଡେରା ନୂଆପାଡା ଶିବ ଶକ୍ତି କ୍ଲବ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳଟି ଅମିମାଂସିତ ରହିଥିବା ବେଳେ ପରେ ଟ୍ରାଇ ବ୍ରେକର ଜରିଆରେ କିଷାନ ବ୍ରଦର୍ସ ଦଳ ୪-୩ ଗୋଲରେ ବିଜୟ ଲାଭ କରି ପରବର୍ତ୍ତୀ ଖେଳକୁ ଉନୀତ ହୋଇଛି। ଗିରିଶ ଚନ୍ଦ୍ର ଜୟପୁରିଆ ମ୍ୟାଚ୍ କମିଶନର ଥିବା ବେଳେ ରେଫରୀ ଭାବେ ରାଜ ମଣ୍ଡଳ, ଅଗସ୍ତି ହାତିପଟ୍ଟା, ମହେନ୍ଦ୍ର ବରର୍ତ୍ତି, ଗିରିଶ ପ୍ରଧାନ, ସଞ୍ଜୟ ମିର୍ଦ୍ଧା, ନୀଳ ନାଏକ, ଅଭିଳାଷ ସାହୁ ଓ ତୁଷାର ଲୋହାର ଖେଳ ଗୁଡିକୁ ପରିଚାଳନା କରିଥିଲେ। ଅତିଥି ଭାବେ ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ଡ.ସନ୍ତୋଷ ମିଶ୍ର, ସାମ୍ବାଦିକ ଡ.ସୁବାସ ଚନ୍ଦ୍ର ପ୍ରଧାନ, ବିଜେପି ନେତା ସଞ୍ଜୟ ସିଂ, ତପନକାନ୍ତ ଜେନା, ପୌର ଡାକ୍ତର ଦିଲୀପ ନାଏକଙ୍କ ସମେତ ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ଦେବାଶିଷ ଆଇଚ, ବିଜୟ ପ୍ରଧାନ, ସନ୍ତୋଷ ସାହୁ, ସରୋଜ ମିର୍ଦ୍ଧା, ନବୀନ ସିଂ, ଜ୍ଞାନ ପଟ୍ଟନାୟକ, ମନୋଜ ମେହେର ପ୍ରମୁଖ ଯୋଗ ଦେଇଥିଲେ।

# ଶ୍ରୀଅନ୍ନ ଯୋଜନାରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନୀ

**ଦେବଗଡ଼, ୨୯।୧୦(ସମିସ):** ଜିଲ୍ଲା କୃଷି ବିଭାଗ ପକ୍ଷରୁ ମିଲେଟ ମିଶନ ଅଧୀନ ଶ୍ରୀଅନ୍ନ ଯୋଜନାରେ ବୁଧବାର ଏକ ପ୍ରଦର୍ଶନୀ ଷ୍ଟଲ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖୋଲାଯାଇଛି। ମାଣ୍ଡିଆ ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟର ପ୍ରଚାର ପ୍ରସାର, ଦୈନନ୍ଦିନ ମାଣ୍ଡିଆର ବ୍ୟବହାର



ଓ ମାଣ୍ଡିଆକୁ ଜନାଦୃତ କରାଇବା ଏହାର ଲକ୍ଷ୍ୟ ରହିଥିଲା। ଶ୍ରୀଅନ୍ନ ଅଭିଯାନ ଯୋଜନା ପକ୍ଷରୁ ଲଇମୁରା ପଞ୍ଚାୟତ ଅଧୀନ ଲମ୍ବ୍ରଡୁରା ଗାଁର ରାଧାରାଣୀ ନାରୀ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ, ବାଜରା ଓ ମାଣ୍ଡିଆରୁ ତିଆରି ହୋଇଥିବା ଖାଦ୍ୟ ପ୍ରଦର୍ଶନୀ ମଣ୍ଡପକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ବ୍ୟବହାର ଏବଂ ଏହାର ଉପକାରିତାକୁ ପ୍ରତି ଘରେ ପହଞ୍ଚାଇବାକୁ ନାରୀ ସଙ୍ଘ ସଦସ୍ୟାଙ୍କୁ ପରାମର୍ଶ ଦେଇଥିଲେ।

### ସମ୍ବଲପୁର ମହାନଗର ନିଗମ ଓ ଅଏଲ୍ ଇଣ୍ଡିଆ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

# ସମ୍ବଲପୁରରେ ସ୍ଥାପନ ହେବ କମ୍ପ୍ରେସ୍ଡ ବାୟୋଗ୍ୟାସ ପ୍ଲାଣ୍ଟ

**ସମ୍ବଲପୁର, ୨୯।୧୦ (ସମିସ)**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ସନ୍ଧ୍ୟାରେ ସମ୍ବଲପୁର ମହାନଗର ନିଗମ ଏବଂ ଅଏଲ୍ ଇଣ୍ଡିଆ ଲିମିଟେଡ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅଏଲ୍ ଇଣ୍ଡିଆ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ବ୍ୟବସାୟ ଉନ୍ନୟନ) ଶାନ୍ତନୁ ସାଇକିଆ ଓ ବରିଷ୍ଠ ଅଧିକାରୀ ରାଜୀବ ତାମୁଲିଆ, ମହାନଗର ନିଗମ ଅତିରିକ୍ତ କମିଶନର ସରୋଜିନୀ କୁଲ୍ଲୁ, ଡେପୁଟି କମିଶନର ସୁଶାନ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ସମ୍ବଲପୁର ମହାନଗର ନିଗମ ଦ୍ୱାରା ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଘର ମାନଙ୍କରୁ ବାହାରୁଥିବା ଅଳିଆ ଆବର୍ଜନାରୁ ଉର୍ଜା ଉତ୍ପାଦନ କରାଯିବ। ମହାନଗର ନିଗମ ଓ ଅଏଲ୍ ଇଣ୍ଡିଆ ମିଳିତ ଉଦ୍ୟମରେ ଏକ କମ୍ପ୍ରେସ୍ଡ୍ ବାୟୋ-ଗ୍ୟାସ (ସିବିଜି) ପ୍ଲାଣ୍ଟ ସ୍ଥାପନ କରାଯିବ।

ସମ୍ବଲପୁର ସହରରେ ମୋଟ ୪୧ଟି ୱାର୍ଡ ଓ ପ୍ରାୟ ୯୬, ୬୧୯ ପରିବାର (ହାଉସହୋଲ୍ଡ) ଅଛନ୍ତି। ୨୦୨୫ର ଆକଳନ ଅନୁଯାୟୀ ସମ୍ବଲପୁର ମହାନଗର ନିଗମର ଜନସଂଖ୍ୟା ୪, ୪୩,



୦୩୦। ସହରରୁ ପ୍ରତିଦିନ ପ୍ରାୟ ୧୯୬ ମେଟ୍ରିକ୍ ଟନ୍ ଆବର୍ଜନା ଉତ୍ପାଦନ ହେଉଛି, ଯାହାର ସଠିକ ଓ ପରିବେଶ ଅନୁକୂଳ ପରିଚାଳନା ନିହାତି ଆବଶ୍ୟକ। ଏହି ସିବିଜି ପ୍ଲାଣ୍ଟ ମାଧ୍ୟମରେ ଘରୁ ବାହାରୁଥିବା ଆବର୍ଜନା, କୃଷି ଅବଶେଷ ଭଳି ଜୈବ ଅବଶିଷ୍ଟକୁ ଉଚ୍ଚଶୁଦ୍ଧତାର ବାୟୋଗ୍ୟାସରେ ପରିଣତ କରାଯିବ। ଏହି ପ୍ରକ୍ରିୟାରେ ଅନାରୋବିକ ଡାଇଜେସନ ମାଧ୍ୟମରେ ଆବର୍ଜନା ପରିଚାଳନା କରି ବିଶୁଦ୍ଧ କାର୍ବନ ଡାଇଅକ୍ସାଇଡ ଓ ହାଇଡ୍ରୋଜେନ ସଲଫାଇଡ ଭଳି ଅଶୁଦ୍ଧିକୁ ସଫା କରାଯାଏ। ସିବିଜିରେ ଅନ୍ତିମ ଉତ୍ପାଦ ୯୦%ରୁ ଅଧିକ ମିଥେନ୍ ଥାଏ ଏବଂ ଏହା କମ୍ପ୍ରେସ୍ଡ୍ ନ୍ୟାଚୁରାଲ ଗ୍ୟାସ (ସିଏନ୍‌ଜି) ର ଏକ ଶୁଦ୍ଧ ଓ କ୍ଷମତାଶୀଳ ବିକଳ୍ପ ଭାବେ ବ୍ୟବହାରଯୋଗ୍ୟ। ଏହି ପଦକ୍ଷେପ ଦ୍ୱାରା ସମ୍ବଲପୁର ମହାନଗର ନିଗମ ଏକ ସ୍ୱଚ୍ଛ, ସବୁଜ, ସୁନ୍ଦର ଏବଂ ଆବର୍ଜନା ମୁକ୍ତ ସହରରେ ପରିଣିତ ହେବ ବୋଲି ଆଶାପ୍ରକାଶ କରାଯାଇଛି।

**ଗୁଲାବନ୍ଧରେ ୧୪ ଏକର ଜାଗା ଚିହ୍ନଟ**

**ବ୍ୟୟ ଅଟକଳ ୧୩୨ କୋଟି**

**ଦୁଇ ମାସରେ ହେବ ଟେଣ୍ଡର**

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ସମ୍ବଲପୁରରେ ପ୍ରତିଦିନ ୨୦୦ ମେଟ୍ରିକ ଟନ୍ କଠିନ ବର୍ଜ୍ୟବସ୍ତୁ ପରିଚାଳନା କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ମାନେଶ୍ୱର ଗୁଲାବନ୍ଧଠାରେ ୧୪ ଏକର ପରିମିତ ଜାଗାରେ ସ୍ଥାପନ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟୟ ଅଟକଳ ୧୩୨ କୋଟି ଆକଳନ କରାଯାଇଛି। ଏହି ପ୍ରକ୍ରିୟା ମାଧ୍ୟମରେ ପ୍ରତିଦିନ ପ୍ରାୟ ୬ରୁ ୭ ଟନ୍ ବାୟୋଗ୍ୟାସ ଏବଂ ୧୭ରୁ ୧୮ ଟନ୍ ଖତ ଉତ୍ପାଦିତ ହେବ। ଘର ମାନଙ୍କରୁ ସଂଗୃହୀତ ଆବର୍ଜନା ପୃଥକୀକରଣ ହେବାପରେ ଏହି ପ୍ଲାଣ୍ଟକୁ ଯିବ। ଉତ୍ପାଦିତ ବାୟୋଗ୍ୟାସ ପାଇପଲାଇନ ମାଧ୍ୟମରେ ଘରମାନଙ୍କୁ ଯୋଗାଇ ଦିଆଯିବ। ଡିପିଆର୍‌କୁ ଶୀଘ୍ର ଚୂଡ଼ାନ୍ତ କରି ଆସନ୍ତା ଦୁଇମାସ ମଧ୍ୟରେ ଟେଣ୍ଡର କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହା ସମ୍ବଲପୁରରେ ସ୍ୱଚ୍ଛତାର ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ଜିଲ୍ଲାପାଳ ଆଶାପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୯।୧୦ (ସମିସ) :** ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ହେଲେ ଆମକୁ ସଚ୍ଚୋଟ ଓ ସତ୍ୟନିଷ୍ଠ ହେବାକୁ ପଡ଼ିବ। ଦୁର୍ନୀତି ବିରୋଧରେ ଲଢ଼ିବା କେବଳ ପ୍ରଶାସନର ଏକ କର୍ତ୍ତବ୍ୟ ନୁହେଁ, ଏହା ସମସ୍ତଙ୍କ ନୈତିକ ଦାୟିତ୍ୱ। ଦୁର୍ନୀତି ଯୋଗୁଁ ସାଧାରଣ ଲୋକଙ୍କ ବିଶ୍ୱାସ ସରକାରୀ



ବ୍ୟବସ୍ଥା ଉପରେ ଭାଙ୍ଗିଯାଏ, ଶାସନର ମୂଳଦୁଆକୁ ଦୁର୍ବଳ କରିଦିଏ। ତେଣୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ନୀତିରୁ ଦୂରେଇରହି ସଚ୍ଚୋଟତାର ସହ ଲୋକଙ୍କ ପାଇଁ କାମ କରିବାକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପରାମର୍ଶ ଦେଇଥିଲେ। ସାରା ଦେଶରେ ଚଳିତବର୍ଷ ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ଣରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଆଇନ ବିଭାଗ ସହକାରୀ ପ୍ରଫେସର ଡଃ ପ୍ରୟାସ ଡନସନା ମୁଖ୍ୟବକ୍ତା ଏବଂ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଓ ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ନୀତି ନିବାରଣ ବିଭାଗ, ସମ୍ବଲପୁର ଖଣ୍ଡ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ।

ମୁଖ୍ୟବକ୍ତା ପ୍ରଫେସର ଡଃ ଡନସନା ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ହେଲେ ସମାଜର ସବୁକ୍ଷେତ୍ରରେ ସୁଶାସନରହିବା ଆବାଶ୍ୟକ। ଆର୍‌ଟିଆଇ ଏମିତି ଏକ ସରକାରୀ ବ୍ୟବସ୍ଥା ଯାହା ସାଧାରଣ ଲୋକ ମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା କ୍ଷମତା ପ୍ରଦାନ କରେ। ତେଣୁ ସରକାରଙ୍କ ଦ୍ୱାରା ପ୍ରଚଳିତ ନିୟମ କାନୁନ ଅଛି, ତାହାକୁ କାଗଜକଲମରେ ସୀମିତ ନରଖି ତାହାର ସଦୁପଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ସ୍କୁଲସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ସୁଜାତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭିଜିଲାନ୍ସ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସମେତ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



**ନାକଟିଦେଉଳ, ୨୯ ।୧୦ (ସମିସ):** ନାକଟିଦେଉଳ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କନିଷ୍ଠ ବର୍ଗ, ବରିଷ୍ଠ ବର୍ଗ, ଉଚ୍ଚମାଧ୍ୟମିକ ସ୍ତରୀୟ ପର୍ଯ୍ୟନ୍ତ ତିନୋଟି ଗ୍ରୁପରେ ୧୩ଟି କ୍ଲଷ୍ଟରରୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ସେମାନଙ୍କ ଲୁକାୟିତ ପ୍ରତିଭା ପଦର୍ଶନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରପା ରାଣୀ ସାହୁ, ସମ୍ମାନିତ ଅତିଥି ଭାବରେ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ଜଗନ୍ନାଥ ପ୍ରସାଦପ୍ରଧାନ ଶିକ୍ଷକ ହୀରାଲାଲ ଧଳ, ଜିଲ୍ଲା ପରିଷଦ ସଭ୍ୟା ଟିକେଶ୍ୱରୀ ମେହେର, ଏବିଓ ଜ୍ୟୋତି ମଞ୍ଜରୀ ସାହୁ, ମୁଖ୍ୟବକ୍ତା ଭାବରେ ବିଡ଼ିଓ ବିଦ୍ୟାଧର ରାଉତ ରାୟ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଇଭେଣ୍ଟରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ କଣ୍ଢେଇ ଆଶ୍ରମ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ବେଳେ ବଳମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଓ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ସ୍ୱରପା ରାଣୀ ସାହୁ ଉଦ୍‌ଘାଟନ କରିଥିଲେ।

# ମୁଦିପଡ଼ା ଶୀତଳଷଷ୍ଠୀ କମିଟି ପକ୍ଷରୁ ଶୋକସଭା

**ସମ୍ବଲପୁର, ୨୯।୧୦ (ସମିସ):** ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ କମିଟି ଅଧ୍ୟକ୍ଷ ଓ ସମାଜସେବୀ ଜଗଦୀଶ ପଣ୍ଡା (ରାହାସୁ) ଙ୍କ ଅକାଳ ବିୟୋଗରେ ଏକ ଶୋକସଭାର ଆୟୋଜିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟ ତଥା ଅଞ୍ଚଳବାସୀ ଦୀପ ପ୍ରଜ୍ୱଳନ କରିବାସହ ନିରବ ପ୍ରାର୍ଥନା କରିଥିଲେ। ସଭାରେ ରାହାସୁଙ୍କ ସମାଜସେବା, ତାଙ୍କ ନିଷ୍ଠାପର କାର୍ଯ୍ୟ ଏବଂ ଶୀତଳଷଷ୍ଠୀ ଯାତ୍ରା ପ୍ରତି ତାଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ରାହାସୁଙ୍କ ବିୟୋଗ ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ଏବଂ ସମଗ୍ର ମୁଦିପଡ଼ା ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

# ପିଏନ୍‌ବି ପକ୍ଷରୁ ଭିଜିଲାନ୍ସ ସପ୍ତାହରେ ରକ୍ତଦାନ ଶିବିର




**ସମ୍ବଲପୁର, ୨୯।୧୦(ସମିସ) :** ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ସର୍କଲ କାର୍ଯ୍ୟାଳୟ ସମ୍ବଲପୁର ଦ୍ୱାରା ଆୟୋଜିତ ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ଏକ ୱାକାଥନ୍ ଆୟୋଜିତ ହୋଇଥିଲା। ବୁଢ଼ାରଜାରୁ ବାହାରି ଏହା ଅଇଁଠାପାଲି ପର୍ଯ୍ୟନ୍ତ ଯାଇ ପୁଣି କାର୍ଯ୍ୟାଳୟକୁ ଫେରିଥିଲା। ଏହି ଅବସରରେ ସର୍କଲ କାର୍ଯ୍ୟାଳୟ ସମ୍ବଲପୁରରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ୨୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ସର୍କଲ ମୁଖ୍ୟ ଅଜିତ କୁମାର ମେହେର, ତାପସ କୁମାର ମହାନ୍ତି, ରାକେଶ କହର, ପାର୍ଥସାରଥୀ ମହାପାତ୍ର, ପ୍ରଣବ କିଶୋର ମହାକୁଡ଼ ସହଯୋଗ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା. କମ୍ଳେଶ କକ୍କଡ ଓ ଟେକନିସିଆନ ଦଳ ଶିବିର ପରିଚାଳନା କରିଥିଲେ।

# ଖସିଲା ହୀରାକୁଦ ଜଳସ୍ତର

**ସମ୍ବଲପୁର, ୨୯।୧୦ (ସମିସ) :** ବାତ୍ୟା 'ମୋନ୍‌ଥା' ଦ୍ୱାରା ହୀରାକୁଦ ଜଳଭଣ୍ଡାର ପ୍ରଭାବିତ ହୋଇନାହିଁ। ନଦୀବନ୍ଧ କର୍ତ୍ତୃପକ୍ଷ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପାଖପାଖି ଜଳସ୍ତରକୁ ବଜାୟ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି।

ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୯୭ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୭, ୩୫୫ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨୬, ୪୧୩ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ପାୱାର ଚେନାଲରେ ୨୧, ୩୭୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪, ୮୦୭ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୨ ମିମି ଏବଂ ତଳମୁଣ୍ଡରେ ୮.୦୨ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୬.୩୩ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଶ୍ରୀମଦ୍ ଭଗବଦ୍ ଗୀତା ଶ୍ଳୋକଆବୃତ୍ତି ପ୍ରତିଯୋଗିତା

**ସମ୍ବଲପୁର, ୨୯।୧୦ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶ୍ରୀମଦ୍ ଭଗବଦ୍ ଗୀତା ଶ୍ଳୋକାବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ସାମ୍ପ୍ରତିକ କାଳରେ ଗୀତା -ଜ୍ଞାନର ପ୍ରାସଙ୍ଗିକତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଜ୍ଞାନ ମିଶନର ଜିଲ୍ଲା ସଂଯୋଜକ ଡଃ ଦୁଃଶାସନ ବିଶ୍ୱାଳ କହିଥିଲେ ଯେ, ସକଳ ଶାସ୍ତ୍ରର ସାରତତ୍ତ୍ୱ ଗୀତାରେ ନିହିତ ଥିବାରୁ ଏହା ଏକ ପରମ ଶାସ୍ତ୍ର ଅଟେ ଏବଂ ପ୍ରତ୍ୟହ ଗୀତାପାଠ ନବଉନ୍ମେଶ ଶାଳିନୀ ପ୍ରଜ୍ଞା ସୃଷ୍ଟିର ସହାୟକ ହୋଇଥାଏ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ଡ. ନବକିଶୋର ପଣ୍ଡା ଗୀତାପାଠ ଚତୁଃବର୍ଗ ଫଳପ୍ରାପ୍ତିର ସହାୟକ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାକୁ ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ରାଜ କିରଣ ମିଶ୍ର ସଂଯୋଜନା କରିଥିଲେ। ବିଚାରକ ଭାବରେ ପ୍ରଫେସର ରମେଶ ଚନ୍ଦ୍ର ମିର୍ଦ୍ଧା, ସନାତନ ବାଗ, ଦେବସ୍ମିତା ନାୟକ ଓ ରାଜକିରଣ ମିଶ୍ର ଯୋଗଦେଇଥିଲେ। ଛାତ୍ରୀ ଶ୍ରୁତିରେଖା ଆଚାର୍ଯ୍ୟ, ସୌମ୍ୟା ପାଢ଼ୀ ଓ ଗାୟତ୍ରୀ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ପ୍ରତିଯୋଗୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲା ଓ ରାଜ୍ୟସ୍ତରର ପ୍ରତିଯୋଗିତାରେ ଭାଗନେବେ।

**Government of Odisha "e" Procurement Notice Bid Identification No.37/2025-26** C-1344

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Supertintending Engineer, P.H. Division, Bhubaneswar

OIPR-13205/11/0040/2526

No. 4107 / Dated 25.10.2025 O-1203

**Government of Odisha "e" Procurement Notice**
**Bid Identification No. TENDER ONLINE SNPR-08 OF 2025-26**

1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
   (1) Other details can be seen from detailed notice
   (2) Inviting tenders available in website: www.tendersodisha.gov.in
   (3) Corrigendum, if any, shall only be published in the website: www.tendersodisha.gov.in

Executive Engineer, Rural Works Division, Sonepur

OIPR-25054/11/0045/2526

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH** O-1160
e-Procurement Notice No. ONLINE-BGH-11 OF 2025-26

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.

Superintending Engineer, R.W. Division, Bargarh

OIPR-25062/11/0037/2526

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ରେକର୍ଡ ସମୟରେ ବିଦ୍ୟୁତ୍ ଭିତ୍ତିଭୂମି ପୁନରୁଦ୍ଧାର

**ସମ୍ବଲପୁର, ୨୯।୧୦ (ସମିସ) :** ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ବାତ୍ୟା 'ମୋନ୍‌ଥା'ର ପ୍ରଭାବକୁ ସଫଳ ମୁକାବିଲା ପୂର୍ବକ ରେକର୍ଡ ସମୟରେ ଏହାର ସମସ୍ତ ବିତରଣ ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିର ପ୍ରାୟସମ୍ପୂର୍ଣ୍ଣ ପୁନରୁଦ୍ଧାର କାର୍ଯ୍ୟ ଶେଷ କରାଯାଇଛି। ବିଦ୍ଧିବଦ୍ଧ ଯୋଜନା, ସମ୍ବଳର ଦ୍ରୁତ ନିୟୋଜନ ଏବଂ ଉତ୍ସର୍ଗୀକୃତ କ୍ଷେତ୍ର କର୍ମଚାରୀଙ୍କ ପ୍ରଚେଷ୍ଟ ମାଧ୍ୟମରେ କମ୍ପାନୀ ପ୍ରତିକୂଳ ପାଗ ଏବଂ କଠିନ ପରିସ୍ଥିତି ସତ୍ତ୍ୱେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ ଗ୍ରାହକ ସୁରକ୍ଷା ସୁନିଶ୍ଚିତ କରିପାରିଛି। ଗତକାଲିଠାରୁ ପ୍ରତିକୂଳ ପାଗ ଯୋଗୁଁ ବିଭିନ୍ନ ସ୍ଥାନରେ ଅନେକ ବିଦ୍ୟୁତ୍ ବିଭ୍ରାଟ ଜଣାପଡ଼ିଥିଲା। ତଥାପି, କମ୍ପାନୀ ପକ୍ଷରୁ ସକ୍ରିୟ ଯୋଜନା ଏବଂ ତୁରନ୍ତ ପ୍ରତିକ୍ରିୟା ଯୋଗୁଁ ଏହି ବିଭ୍ରାଟଗୁଡ଼ିକ ମଧ୍ୟରୁ ଅଧିକାଂଶକୁ ଯଥାଶୀଘ୍ର ସମ୍ଭବ ସମୟ ମଧ୍ୟରେ ପୁନଃସ୍ଥାପିତ କରାଯାଇପାରିଛି। ସମସ୍ତ ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ରକ୍ଷଣାବେକ୍ଷଣକାରୀ ଦଳମାନେ ରାତିଦିନ କାମ ଜାରି ରଖିଛନ୍ତି। ଆଜିସୁଦ୍ଧା କମ୍ପାନୀ ଏହାର ବିଦ୍ୟୁତ୍ ନେଟୱାର୍କର ପୁନରୁଦ୍ଧାର କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି। ମୋଟ ୩୨ଟି ପ୍ରଭାବିତ ୩୩ କେ.ଭି. ଫିଡର ମଧ୍ୟରୁ ୩୧ଟି ଫିଡରର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି। ସେହିଭଳି ମୋଟ ୩୮୪ଟି ପ୍ରଭାବିତ ୧୧ କେ.ଭି. ଫିଡର ମଧ୍ୟରୁ ୩୫୮ଟି ଫିଡର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି ଏବଂ ବାକି ୨୬ଟି ଫିଡରର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ସେହିପରି ପ୍ରମୁଖ ବିଦ୍ୟୁତ୍ ନେଟୱାର୍କଗୁଡ଼ିକର କ୍ଷତିର ମଧ୍ୟ ଶୀଘ୍ର ସମାଧାନ କରାଯାଇପାରିଛି। ଯାହାମଧ୍ୟରୁ କ୍ଷତି ହୋଇଥିବା ୧୮ଟି ପିଏସିସି ପୋଲ ମଧ୍ୟରୁ ୧୬ଟି ପୋଲର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି। ବିଭିନ୍ନ ବିଦ୍ୟୁତ୍ ନେଟୱାର୍କ ଉପରେ ୨୩୪ ଗଛ ପଡ଼ିବା ଘଟଣା ମଧ୍ୟରୁ ୨୧୨ ଘଟଣାର ସମାଧାନ କରାଯାଇସାରିଛି। ସେହିପରି କ୍ଷତି ହୋଇଥିବା ୮୯ଟି ଇନସୁଲେଟର ମଧ୍ୟରୁ ସମସ୍ତ ଇନସୁଲେଟର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି ଏବଂ ଅବଶିଷ୍ଟ ଥିବା ପୁନରୁଦ୍ଧାର କାର୍ଯ୍ୟ ଆଜି



ସନ୍ଧ୍ୟା ସୁଦ୍ଧା ସମାପ୍ତ ହେବ ବୋଲି ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଟିପିଡବ୍ଲୁଓଡିଏଲ୍ ଭବାନୀପାଟଣାଠାରେ ସ୍ଥାପିତ ଏହାର ନିୟନ୍ତ୍ରଣ କକ୍ଷ ସହିତ ପରିସ୍ଥିତି ଉପରେ ସକ୍ରିୟ ଭାବରେ ନଜର ରଖିବା ଏବଂ ସ୍ଥାନୀୟ ପ୍ରଶାସନ ଏବଂ ଜରୁରୀକାଳୀନ ସେବା ସହିତ ସମନ୍ୱୟ ସୁନିଶ୍ଚିତ କରି ଉଚ୍ଚ ସତର୍କତା ଅବଲମ୍ବନ କରିଛି। କମ୍ପାନୀ ପକ୍ଷରୁ କର୍ମଚାରୀ ଏବଂ ଜନସାଧାରଣ ଉଭୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହିତ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ କ୍ଷେତ୍ରରକ୍ଷଣକାରୀ ଦଳମାନଙ୍କୁ ସୁରକ୍ଷା ଉପକରଣ ଏବଂ ପୁନସ୍ଥାପନ ସାମଗ୍ରୀ ସହିତ ସଜ୍ଜିତ କରାଯାଇଛି। ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହିଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ବିଦ୍ୟୁତ୍ ବିତରଣ କ୍ଷେତ୍ରରେ କମ୍ପାନୀର ପ୍ରତିବଦ୍ଧତା ବିଷୟରେ ପ୍ରକାଶ କରି କହିଛନ୍ତି ଯେ, ଆମର ରକ୍ଷଣାବେକ୍ଷଣକାରୀ ଦଳଗୁଡ଼ିକ ପ୍ରଭାବିତ ଜିଲ୍ଲାମାନଙ୍କରେ ବିଦ୍ୟୁତ୍ ଭିତ୍ତିଭୂମିର ଯଥାଶୀଘ୍ର ପୁନରୁଦ୍ଧାର ସୁନିଶ୍ଚିତ କରିବା ଏବଂ ଗ୍ରାହକଙ୍କ ଅସୁବିଧାକୁ କମ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ଟିପିଡବ୍ଲୁଓଡିଏଲର ଦୃଢ଼ ପ୍ରସ୍ତୁତି ଏବଂ ଉତ୍ସର୍ଗୀକୃତ ଟିମ୍ ସମସ୍ତ ଚ୍ୟାଲେଞ୍ଜିଂ ପରିସ୍ଥିତିରେ ମଧ୍ୟ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣର ଆମର ପ୍ରତିଶ୍ରୁତିକୁ ବଜାୟ ରଖିଛନ୍ତି।

### ଡେବ୍ରିଗଡ଼ରେ ହେବ ବ୍ୟାଘ୍ର ସଂଖ୍ୟା ଆକଳନ

# ପ୍ରଥମଥର ପାଇଁ ସର୍ଭେରେ ଭାଗନେବେ ୪୬ ଛାତ୍ରଛାତ୍ରୀ

**ସମ୍ବଲପୁର, ୨୯।୧୦ (ସମିସ)**

ନିଖିଳ ଭାରତ ବ୍ୟାଘ୍ର ଆକଳନ (ଅଲ୍ ଇଣ୍ଡିଆ ଟାଇଗର ଏସ୍‌ଟିମେସନ) ୨୦୨୫-୨୬ ସକାଶେ ପ୍ରସ୍ତୁତ ହେଉଛି ଡେବ୍ରିଗଡ଼। ଚଳିତବର୍ଷ ଏଥିରେ ଛାତ୍ରଛାତ୍ରୀ ଓ ଯୁବବର୍ଗ ଭାଗନେବେ। 'କନଜର୍ଭ ଟୁଡେ ଫର୍ ଏ ୱାଇଲ୍ଡର୍ ଟୁମୋରୋ' ଲକ୍ଷ୍ୟ ନେଇ ଡେବ୍ରିଗଡ଼ କର୍ତ୍ତୃପକ୍ଷ ପ୍ରଥମଥର ପାଇଁ ଏହି ଆକଳନ (ଏସ୍‌ଟିମେସନ) ରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ସ୍କୁଲ ଓ କଲେଜ ସହ ସହଭାଗିତା କରିବାଦ୍ୱାରା ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଶିକ୍ଷାନୁଷ୍ଠାନ ତଥା ଅନୁଷ୍ଠାନ ଗୁଡ଼ିକରେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଯୁବା ସ୍ୱର ଉତ୍ତୋଳନ କରିବାରେ ଏକ ମାଧ୍ୟମ ହୋଇପାରିବ। ନଭେମ୍ବରରେ ହେବାକୁ ଥିବା ଗଣନାରେ ଡୁଙ୍ଗରୀ କଲେଜ, କମଗାଁ କଲେଜ ଓ ଲଖନପୁର ହାଇସ୍କୁଲର ୪୬ ଜଣ ବିଦ୍ୟାର୍ଥୀ ଭାଗନେବେ। ଯୁବାଙ୍କୁ ନିୟୋଜିତ କରି ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଭବିଷ୍ୟତର ନେତୃତ୍ୱ ତଥା 'ଡେବ୍ରିଗଡ଼ ଆମ୍ବାସଡର୍' ଏବଂ ନିଷ୍ପତ୍ତି ଗ୍ରହଣକାରୀ ପ୍ରସ୍ତୁତ କରୁଛୁ ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ସେମାନେ ଆଗାମୀ ଦିନରେ ଅଭୟାରଣ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଉଦ୍ୟମ ଜାରି ରଖିବେ। ଡେବ୍ରିଗଡ଼ ଅଭୟାରଣ୍ୟ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଏହିଭଳି ୫୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନକୁ ଏହିଭଳି ଦୀର୍ଘମିୟାଦୀ କାର୍ଯ୍ୟକ୍ରମରେ ସାମିଲ କରାଯିବ।

ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ତାଲିମ





କାର୍ଯ୍ୟକ୍ରମରେ ଆକଳନ / ଗଣନା ସମୟରେ ପ୍ରୋଟୋକଲ ନମୁନା ସଂଗ୍ରହ, ଡାଟା ସଂଗ୍ରହ, ବିଭିନ୍ନ ପ୍ରକାର ତୃଣଭୋଜୀ ଓ ମାଂସଭୋଜୀ ସର୍ଭେ କରିବା ଆଦି ୪୬ ଜଣ ବିଦ୍ୟାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସେମାନଙ୍କ ଜ୍ଞାନ ମଧ୍ୟରେ ଅନ୍ତର୍ଭୁକ୍ତ ରହିବ - ସଂକେତ ଜାଣିବା, ପଗ୍‌ମାର୍କ, ପାଦଚିହ୍ନ, ସ୍କ୍ରାପ, ଭୋକାଲାଇଜେସନ, ଅନ୍ୟ ଚିହ୍ନ ଯେପରିକି ଗନ୍ଧ / ରେକ୍ ମାର୍କ ଆଦି ରହିଛି। ଡେବ୍ରିଗଡ଼ ଅଭୟାରଣ୍ୟରେ ମୋଟ ୨୬ଟି ସେନସସ୍ ୟୁନିଟ୍ ଗଠନ କରାଯାଇଛି। ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହେବାକୁ ଥିବା ସେନସସ୍‌ରେ ୮୦ ଜଣ ବନବିଭାଗ ଫ୍ରଣ୍ଟଲାଇନ୍ ଅଫିସିଆଲ ଅଂଶଗ୍ରହଣ କରିବେ। ୧୦୭ଟି ଅଫ୍ କ୍ୟାମେରା ଟ୍ରାପ୍ ଥିବାବେଳେ ତାହା ୧୨୦ଟି ୨ ବର୍ଗ କିଲୋମିଟର ସ୍ଥାନକୁ ରୋଟେସନ୍‌ରେ କଭର୍ କରିବ। ନମୁନା ସଂଗ୍ରହ ମୁଖ୍ୟତଃ 'ସାଇନ୍ ସର୍ଭେ' ଓ 'କ୍ୟାମେରା ଟ୍ରାପିଂ' ରହିବ। ଡାଟା ଗୁଡ଼ିକର ବୈଜ୍ଞାନିକ ବିଶ୍ଳେଷଣ ମାଂସଭୋଜୀ ମାନଙ୍କ ସ୍ଥିତି ବିଷୟରେ ଜଣାପଡ଼ିବ। ଏହାସହ ସେମାନଙ୍କ ବାସସ୍ଥାନ (ହାବିଟେଟ୍) ଓ ଅଭ୍ୟାସ ବିଷୟରେ ମଧ୍ୟ ଜଣାପଡ଼ିପାରିବ।

ଏହାପୂର୍ବରୁ ଅଲ୍ ଇଣ୍ଡିଆ ଟାଇଗର ଏସ୍‌ଟିମେସନ୍ (ଏଆଇଟିଇ) ୨୦୨୨ ମସିହାରେ କରାଯାଇଥିଲା। ୨୦୨୩ ମସିହାରେ ଚିତାବାଘ ସଂଖ୍ୟା ଓ ତାହାର ଖାଦ୍ୟ ଘନତ୍ୱ (ଡେନ୍‌ସିଟି) ବିଷୟରେ ମୌସୁମୀ ପୂର୍ବରୁ ସାଇନ୍ ସର୍ଭେକୁ ନେଇ ଆକଳନ କରାଯାଇଥିଲା। ଏଥିନୁଯାୟୀ ପ୍ରତି ବର୍ଗ କିଲୋମିଟରରେ ୩୦ଟି ସମ୍ବର, ୪୫ଟି ବଣମଇଁଷି, ୬୫ଟି ବଣଘୁଷୁରୀ ତଥା ଖାଦ୍ୟ ଘନତ୍ୱ (ପ୍ରେ ଡେନସିଟି) ପ୍ରତିବର୍ଗ କିଲୋମିଟରରେ ୪୬ ରେକର୍ଡ କରାଯାଇଥିଲା। ୨୦୧୭ର ଏଆଇଟିଇ ସମୟରେ ଡେବ୍ରିଗଡ଼ ଅଭୟାରଣ୍ୟରେ ପ୍ରତିବର୍ଗ କିଲୋମିଟରରେ ଖାଦ୍ୟ ଘନତ୍ୱ ୩୮ ରହିଥିଲା। 'ପଗ୍‌ମାର୍କ ମେଥଡ୍'ରେ ୨୦୨୩ ମୌସୁମୀ ପୂର୍ବ ଆକଳନରେ ଡେବ୍ରିଗଡ଼ ଅଭୟାରଣ୍ୟରେ ସାଇନ୍ ସର୍ଭେରେ ପ୍ରାୟ ୮୨ଟି ଚିତାବାଘ ଥିବା ଜଣାପଡ଼ିଥିଲା। ବଣମଇଁଷି ସଂଖ୍ୟାକୁ ଆକଳନ ସକାଶେ ଚଳିତବର୍ଷ ମେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ହୋଇଥିବା ଗ୍ରୀଷ୍ମ ସେନସସ୍ ଅନୁଯାୟୀ ୩୧୫ଟି ଶାବକ ସମେତ ୭୮୮ଟି ଥିବା ଜଣାପଡ଼ିଥିବା ସୂଚନା ମିଳିଛି।

## ଚକଡ଼ାପୋକ ଲାଗି ଧାନ ଫସଲ ନଷ୍ଟ

# କ୍ଷତିପୂରଣ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା, ୨୯ ।୧୦(ସମିସ)



କୁଚିଣ୍ଡା ଥାନା ତଥା ଜମନକିରା ବ୍ଲକ ମହଦା ପଞ୍ଚାୟତର ମହଦା, କର୍ଡାଖମନ୍, ବିଞ୍ଜିପାଲି ଅଞ୍ଚଳରେ ଚଳିତ ବର୍ଷ ଧାନ ଚାଷ ଭଲ ହୋଇଥିବା ବେଳେ ଚାଷ ଜମିରେ ଧାନ ପାଚିବା ଉପରେ ଥିବା ଓ କିଛି କାଂଶ ରେ ପାଚିଥିବା ଧାନକୁ ଚକଡ଼ା ପୋକ ଲାଗି ଏକର ଏକର ଫସଲ ନଷ୍ଟ ହେବାର ବସିଲାଣି। ଯାହାଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ଭାଗ୍ୟକୁ ନିନ୍ଦିବା ଉପରେ ବସିଲାଣି। ଚାଷୀ ବହୁ କଷ୍ଟରେ ଧାର ଉର୍ଦ୍ଧ୍ୱାର ନେଇ ଧାନ ଚାଷ କରି ପରିବାର ପ୍ରତିପୋଷଣର ଆଶା ରଖିଥିବା ବେଳେ ଚାଷ ଜମିରେ ଚକଡା ଲାଗିଯିବାରୁ ଅଧିକାଂଶ ଫସଲ ନଷ୍ଟ ହେଲାଣି ।ଚାଷୀ ଆଣିଥିବା ଧାର ଉର୍ଦ୍ଧ୍ୱାର ଶୁଝିବ କେମିତି ଚିନ୍ତାରେ ପଡ଼ିଲେଣି ଚାଷୀ। କୁଚିଣ୍ଡା ଉପଖଣ୍ଡ ପ୍ରଶାସନ ଏଦିଗରେ ଗୁରୁତ୍ୱ ଦେଇ କୃଷି ବିଭାଗ ଦ୍ୱାରା କ୍ଷୟକ୍ଷତି ର ସଠିକ୍ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଫସଲ କୁ କିପରି ରୋଗପୋକରୁ ରକ୍ଷା କରାଯାଇ ପାରିବ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଦାବି ନେଇ ମହଦା ଗ୍ରାମପଞ୍ଚାୟତ ଚାଷୀ ପିଣ୍ଟୁ ନାୟକ, ମଣି ପଟେଲ, ମୁକେଶ ଭୋଇ, ପ୍ରଶନ୍ନ ପ୍ରଧାନ, ବୁଧୁରାମ ଭୋଇ, ସନ୍ତୋଷ ମୁଣ୍ଡା, ଦେବେନ୍ଦ୍ର ନାଏକ, ଦୁର୍ଗା ଭୋଇ, ନବୀନ ବାରିକ, ସଚିନ କୁମାର ନାୟକ, ମନୋଜ ପଟେଲ ପ୍ରମୁଖଙ୍କ ସମେତ ୭୧ ଜଣ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟରଙ୍କୁ ପ୍ରଦାନ କରିଥିଲେ।

## ଉଦିତ ସୂର୍ଯ୍ୟକୁ ଅର୍ଘ୍ୟ ଦେଇ ଛଟ୍ ପୂଜା ସମାପନ

**କୁଚିଣ୍ଡା, ୨୯ ।୧୦ (ସମିସ):** ପ୍ରଭାତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଆସ୍ଥା ଏବଂ ସଂସ୍କାରର ପର୍ବ ଛଟ୍ ପୂଜାର ସମାପନ ହୋଇଯାଇଛି। କୁଚିଣ୍ଡା ଛଟ ପୂଜା କମିଟି ପକ୍ଷରୁ ଖର୍ଲାନଦୀ କୂଳରେ ଆୟୋଜିତ ହୋଇଥିବା ଛଟ୍ ପୂଜା ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବା ପାଇଁ ଆଜି ଛଟ୍ ଘାଟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଛଟ୍ ପୂଜା ଅବସରରେ ଆଜି ଖର୍ଲା ନଦୀ କୂଳରେ ଥିଲା ଲୋକାରଣ୍ୟ। ଅବସର ଥିଲା ବିହାରୀ ସମ୍ପ୍ରଦାୟର ବଡ ପର୍ବ 'ଛଟ୍' ।ଏହି ପରିପ୍ରେକ୍ଷୀରେ ବହୁ ସଂଖ୍ୟାରେ ବିହାରୀ ମହିଳା ଓ ପୁରୁଷ କୁଚିଣ୍ଡା ଖର୍ଲା ନଦୀ କୂଳରେ ଏକାଠି ହୋଇ ସୂର୍ଯ୍ୟଙ୍କୁ ପୂଜା କରିଥିଲେ। ୪ ଦିନ ଧରି ପାଳିତ ଧରି ପାଳନ କରାଯାଇଥାଏ। ପ୍ରଥମ ଦିନକୁ 'ନହାଖା' କୁହାଯାଇଥାଏ। ଏହିଦିନ ନଦୀରେ ଗାଧୋଇବା ପରେ ଘରକୁ ପାଣିରେ ସମ୍ପୂର୍ଣ୍ଣ ଧୁଆ ଯାଇଥାଏ। ତା'ପରେ ଭୋଜନ ଗ୍ରହଣ କରାଯାଇଥାଏ। ଦିତୀୟ ଦିନକୁ 'ଖରାନା' କୁହାଯାଇଥାଏ। ଦିନବେଳା ପୂରା ଉପାସ ରହିବାକୁ ପଡେ ।ମହିଳାମାନେ ସୂର୍ଯ୍ୟାସ୍ତ ପରେ ଭାତ, ପୁରୀ ଏବଂ କ୍ଷୀରି ଆଦି ଖାଇଥାନ୍ତି। ଏହା ପରେ ୩୬ ଘଣ୍ଟା ପର୍ଯ୍ୟନ୍ତ ପୂରା ଉପାସ ରହିବାକୁ ପଡେ।

## ଘରଭାଙ୍ଗୁ ଥିବାବେଳେ ଉପରୁ ପଡ଼ି ପ୍ରାଣ ଗଲା

**କୁଚିଣ୍ଡା, ୨୯ ।୧୦(ସମିସ):** କୁଚିଣ୍ଡା ଥାନା ଅଧୀନ କିଣ୍ଡିରା ଗ୍ରାମର ରଣଜିତ ଡୁଡୁମଙ୍କ ପୁଅ ବିନୋଦ ଡୁଡୁମ(୪୦) ବୁଧବାର ପୂର୍ବାହ୍ନରେ ଗ୍ରାମର ଦେବାନନ୍ଦ ଖର୍ସେଲଙ୍କ ଘର କାମ କରୁଥିବାବେଳେ ଛପର ଉପରୁ ପଡ଼ି ଗୁରୁତର ହୋଇଥିଲେ। ବିନୋଦଙ୍କୁ ତୁରନ୍ତ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ପହଞ୍ଚି ଶବ ଜବତ କରିବା ସହ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚାଲିଥିବା ପ୍ରକାଶ।

## ଜେଲ ଗଲା ଦୁଷ୍କର୍ମକାରୀ ଯୁବକ

**କୁଚିଣ୍ଡା, ୨୯ ।୧୦(ସମିସ):** ଗତ ମାସ ୨୫ ତାରିଖ ଦିନ ଗୁଣ୍ଡୁରୁଟୁଆଁ ନିକଟସ୍ଥ ବନ୍ଧପାଳି ଗ୍ରାମର ଆୟୁଷ ବନଛୋର (୨୪)ଙ୍କୁ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜେଲ ଯିବାକୁ ପଡ଼ିଛି। ବୁଧବାର କୁଚିଣ୍ଡା ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯିବା ପରେ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛି କୁଚିଣ୍ଡା ପୁଲିସ।

## ମୋବାଇଲ ଦୋକାନରୁ ଚୋରି; ଯୁବକ ଗିରଫ

**ରେଢ଼ାଖୋଲ, ୨୯ ।୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ଦୁଇଟି ମୋବାଇଲ ଦୋକାନରୁ ଗତ ଏପ୍ରିଲ ମାସ ଓ ସେପ୍ଟେମ୍ବର ମାସରେ ୨୫ଟା ନୂଆ ମୋବାଇଲ ଏବଂ ଅନ୍ୟ ଏକ ଦୋକାନରୁ ୧୦ଟି ପୁରୁଣା ମୋବାଇଲ ସହ କମ୍ପ୍ୟୁଟର ସମେତ ମୋବାଇଲ ଚାରଜର୍, ଓ୍ୱାଇ ଫାଏ ଏବଂ ଅନ୍ୟାନ୍ୟ ସାମଗ୍ରୀ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଚୋରକୁ ରେଢ଼ାଖୋଲ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ରେଢ଼ାଖୋଲ ଥାନା ରଥଡଇଲା ଗାଁର ରାମଚନ୍ଦ୍ର ବାନ୍ଦରା (୨୦)। ସୂଚନା ଯୋଗ୍ୟ ଯେ ଏହି ସବୁ ମୋବାଇଲର ଆନୁମାନିକ ମୂଲ୍ୟ ଅଢେ ଲକ୍ଷରୁ ୩ଲକ୍ଷ ହୋଇଥିବା ସହ ଦାମି ମୋବାଇଲ ଫୋନ ଚୋରି ହୋଇଥିବାକୁ ନେଇ ରେଢ଼ାଖୋଲ ଥାନାରେ ଉଭୟ ଦୋକାନୀ ମାଲିକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ରେଢ଼ାଖୋଲ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏ ସଂକ୍ରାନ୍ତରେ ମୋବାଇଲ ଚୋରି ହୋଇଥିବା ଦିନ ଗୁଡ଼ିକର ସିସିଟିଭି ଫୁଟେଜ ଯାଞ୍ଚ୍ କରିଥିଲା ପରେ ମଧ ଜଣା ପଡ଼ିନଥିଲା। ପୁଲିସ ଏହାକୁ ଗୁରୁତର ନେଇ ସାଇଣ୍ଟିଫିକ ଟିମ୍ ସହ ସାଇବର ଟିମ୍‌ର ସାହାଯ୍ୟ ନେଇ ମୋବାଇଲ ଗୁଡ଼ିକୁ ଟ୍ରାକ୍ କରିଥିଲା। ତଦନ୍ତ କରି ଚୋରି କରିଥିବା ଅଭିଯୁକ୍ତ ବିଷୟରେ ଜାଣିବାକୁ ପାଇ ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ, ଏସଆଇ ଅସିମା ଏକ୍କା, ବିଭୁତି ପ୍ରଧାନ, ମୋହନ ଶବର, ଦେବବ୍ରତ ପ୍ରଧାନ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଥିଲେ। ଗିରଫ ଅଭିଯୁକ୍ତ ଠାରୁ ୨୧ ଟି ନୂଆ ମୋବାଇଲ ଓ ୪ଟି ପୁରୁଣା ମୋବାଇଲ ସହ କମ୍ପ୍ୟୁଟର ଓ କିପେଡ, ଓ୍ୱାଇ ଫାଏ ଜବତ କରାଯାଇଛି ।ଦୋକାନୀ ମାଲିକଙ୍କୁ ଡାକି କମ୍ପ୍ୟୁଟର, ମୋବାଇଲ ଫୋନ ଫେରାଇଥିବା ରେଢ଼ାଖୋଲ ପୁଲିସ ଏସଡିପିଓ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇଛନ୍ତି।




## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

**ରେଢ଼ାଖୋଲ, ୨୯ ।୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶୁଣ୍ଡିମୁଣ୍ଡାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ପ୍ରଧାନ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଶିବରାମ ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ ଶିକ୍ଷାଧିକାରୀ ରଞ୍ଜିତ ଭୋଇ, ଶିକ୍ଷକ ଯୁଧିଷ୍ଠିର ବେହେରା, ବିଜୟ ପ୍ରଧାନ, ସି ଆର୍ ସି ସି ବିଦ୍ୟାଧର ସାହୁ ଯୋଗ ଦେଇଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ମୋଟ ୧୪ ଟି କ୍ଲଷ୍ଟର ରୁ ପ୍ରଥମ ସ୍ଥାନ ଗ୍ରହଣ କରି ମୋଟ ୩୭୨ ଜଣ ପ୍ରତିଯୋଗୀ ସହିତ ଅନେକ ସହକାରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ରହିଥିଲେ। ମୋଟ ୨୬ ଟି ପ୍ରତିଯୋଗିତା ଶେଷ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନକୁ ମୋହିତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ଓ ସମ୍ମାନିତ ଅତିଥିଭାବେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଗୋଷ୍ଠୀ ଶିକ୍ଷାଧିକାରୀ ରଞ୍ଜିତ ଭୋଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ ।ମଞ୍ଚ ପରିଚାଳନା ଶିକ୍ଷକ ଅନିଲ କୁମାର ମେହେର କରିଥିବା ବେଳେ ବ୍ଲକର ସମସ୍ତ ସିଆରସିସି ଓ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସତର୍କତା ସଚେତନତା ସପ୍ତାହ ଅବସରରେ ରେଳମଣ୍ଡଳ ପକ୍ଷରୁ 'ୱାକାଥନ୍'

**ସମ୍ବଲପୁର, ୨୯।୧୦ (ସମିସ) :** ସତର୍କତା ସଚେତନତା ସପ୍ତାହ-୨୦୨୫ ଅବସରରେ ପୂର୍ବତଟ ରେଳପଥ, ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଆଜି ଦୁର୍ନୀତି ବିରୁଦ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ 'ୱାକାଥନ୍' ଆୟୋଜନ କରାଯାଇଥିଲା। ଏହି ୱାକାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଶ୍ୱର ପ୍ରତ୍ୟେକକୋଣରୁ ଦୁର୍ନୀତି ଦୂର କରି ଏକ ଉନ୍ନତ ବିଶ୍ୱ ଗଠନର ମୁଖ୍ୟ ମନ୍ତ୍ର ସାଧୁତାର ବାର୍ତ୍ତା ପ୍ରସାର କରିବା। ସମ୍ବଲପୁରର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲଙ୍କ ନେତୃତ୍ୱରେ ସମ୍ବଲପୁରର ରେଳନଗରରେ ଏହି ୱାକାଥନ୍ ଆୟୋଜନ କରାଯାଇଥିଲା। ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଏହି ୱାକାଥନ୍‌ରେ ପ୍ରବଳ ଉତ୍ସାହ ଏବଂ ପ୍ରତିବଦ୍ଧତାର ସହିତ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।




## ଯୁବମାନସର ଔପନିବେଶୀ ଚିନ୍ତାଧାରା ମୁକ୍ତକରଣ ସମ୍ପର୍କିତ କାର୍ଯ୍ୟକ୍ରମ




ସମ୍ବଲପୁର, ୨୯।୧୦ (ସମିସ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଲୋକନୀତି କେନ୍ଦ୍ର ଆନୁକୂଲ୍ୟରେ ଆଜି ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଅନ୍ତର୍ଗତ ଜାତୀୟ ଶିକ୍ଷାନୀତି ତାଲିମ କ୍ରମରେ ଯୁବମାନସର ଔପନିବେଶୀ ଚିନ୍ତାଧାରା ମୁକ୍ତକରଣ ସମ୍ପର୍କିତ ସ୍ୱତନ୍ତ୍ର ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କୁଳପତି ଡଃ ସୁଶାନ୍ତ କୁମାର ଦାଶ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଆଲୋଚକ ଭାବେ ସିଣ୍ଡିକେଟ୍ ସଭ୍ୟ ପ୍ରଫେସର ଡମ୍ବରୁଧର ପଟ୍ଟନାୟକ ଯୋଗ ଦେଇଥିଲେ। ଅଧ୍ୟାପିକା ଶୁଭଲକ୍ଷ୍ମୀ ବାଇଧରଙ୍କ ସଂଯୋଜନାରେ ଆୟୋଜିତ ବୌଦ୍ଧିକ ସମାରୋହରେ ଅଧ୍ୟାପକ ସୁରଜ୍ ବୁଢ଼େକ୍ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅର୍ଥନୀତି ବିଭାଗ ମୁଖ୍ୟ ଡଃ ଉମାଚରଣ ପତି କେନ୍ଦ୍ରର ଆଭିମୁଖ୍ୟ ତଥା ଶିକ୍ଷାବ୍ୟବସ୍ଥାର ଧାରା ଓ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଡଃ ପଟ୍ଟନାୟକ ନିଜ ବକ୍ତବ୍ୟରେ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଚେତନା ଏ ପର୍ଯ୍ୟନ୍ତ କିପରି ଔପନିବେଶୀ ମନୋଭାବର ଚାପତଳେ ରହିଛି ଏବଂ ଇଂରେଜ ଶାସକ ମାନେ ଭାରତୀୟ ଇତିହାସ ଧର୍ମ ସଂସ୍କୃତିକୁ ବିକୃତ ଭାବରେ ପ୍ରସ୍ତୁତ କରି ନିଜ ଶାସନକୁ ନ୍ୟାୟସଂଗତ କରିଥିଲେ ସେସମ୍ପର୍କରେ ବିଶ୍ଳେଷଣ କରିଥିଲେ। ଏହି ଅବସରରେ ସେଣ୍ଟର ଫର୍ ପବ୍ଲିକ୍ ପଲିସି ତରଫରୁ ପ୍ରସ୍ତୁତ କାର୍ଯ୍ୟପତ୍ର ଉନ୍ମୋଚିତ ହୋଇଥିବାବେଳେ ଡଃ କେଶବ ଚନ୍ଦ୍ର ରଥ ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଅନୁରଞ୍ଜନ ତେତେ ଧନ୍ୟବାଦ ଅର୍ପଣ କରିଥିଲେ।

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 71- NUAPADA ASSEMBLY CONSTITUENCY | SMT. SNEHANGINI CHHURIA | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh; CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

**ପୀରବାବାଙ୍କ ୨ ଦିନିଆ ଉର୍ସ ଉତ୍ସବ**

# ବର୍ଷା ସତ୍ତ୍ୱେ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼





**ଧାମନଗର, ୨୯ ।୧୦(ସମିସ):** ଧାମନଗର ସରିଫ୍‌ଠାରେ ପୀରବାବା ହଜରତ ମୁଜାହିଦ–ଏ-ମିଲ୍ଲତଙ୍କ ୪୬ତମ ଉର୍ସ ଉତ୍ସବ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ୨୮ତାରିଖ ସକାଳ ୬ଟାରୁ ୭ା୩୦ ପର୍ଯ୍ୟନ୍ତ କୋରାନ୍ ପାଠ ୭ଟା ୩୦ରୁ ପୀରବାବାଙ୍କୁ ଶ୍ରଦ୍ଧାଳୁମାନଙ୍କ ଦର୍ଶନ, ସକାଳ ୮ଟାରୁ ସନ୍ଧା ୫ଟା ପର୍ଯ୍ୟନ୍ତ କବି ସମ୍ମିଳନୀ, ଦ୍ୱିତୀୟ ଦିନ ୨୯ ତାରିଖ ଭୋରୁ ୪ଟାରେ ବାବାଙ୍କ (ସ୍ନାନ) ୬ଟାରୁ ଚାଦର ଶୋଭାଯାତ୍ରା ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୪ଟାରୁ ୫ଟା ୧୫ ପର୍ଯ୍ୟନ୍ତ (କୁଲସରିଫ) ପୀରବାବାଙ୍କ ନାତି ଖାନକା ମତୱଲ୍ଲୀ ଆଲହାଜ ସୟଦ ଗୋଲାମ ମହମ୍ମଦ ହବିବିଙ୍କ ଦ୍ୱାରା ସମୂହ ପ୍ରାର୍ଥନା ଓ ଧାର୍ମିକ ବାଣୀ ପ୍ରଦାନ ଏବଂ ରାତ୍ର ୮ଟାରୁ ଭୋର ୪ଟା ୩୦ ପର୍ଯ୍ୟନ୍ତ ମୌଲାନା ମାନଙ୍କର ଦ୍ୱାରା ମୁସାଏରା, ନାତଖାନି,ପୀରବାବାଙ୍କ ଜିବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର୍ଷା ସତ୍ତ୍ୱେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ତଥା ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଉର୍ସ ଉପଲକ୍ଷେ ଦେଶ ଓ ବିଭିନ୍ନ ରାଜ୍ୟରୁ ଶହ ଶହ ସଂଖ୍ୟାରେ ଅସ୍ଥାୟୀ ବ୍ୟବସାୟୀମାନେ ବିଗତ ପ୍ରାୟ ଏକ ସପ୍ତାହ ହେବ ଖାନକା ସରିଫ ଆଖ ପାଖରେ ସେମାନଙ୍କ ଦୋକାନ ଖୋଲି ଭଲ ବ୍ୟବସାୟ ପାଇଁ ପ୍ରସ୍ତୁତ କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଆଖି ଆଗରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତଙ୍କ ଅଧକ୍ଷତାରେ ଜଣେ ଅତିରିକ୍ତ ଏସପି ଅରୂପ ଅଭିଷେକ ବେହେରା, ୮ଜଣ ଡିଏସପି, ୨୦ଜଜ ଇନ୍ସପେକ୍ଟର, ୧୦୩ଜଣ ସବଇନ୍ସପେକ୍ଟର, ୨୨ ପ୍ଲାଟୁନ ଫୋର୍ସ, ହାବିଲଦାର ଓ ହୋମଗାଡ ଟ୍ରାଫିକ ପୁଲିସ ୫୦ ଜଣ ନିୟୋଜିତ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଅତିରିକ୍ତ ତହସିଲଦାର ସାଇ ସିଲୋନା, ବିଡ଼ିଓ ବନବିହାରି ଦିନ୍ଦା ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଦାୟିତ୍ୱ ନିର୍ବାହ କରିଛନ୍ତି। ଏପଟେ ପକେଟ ମାର, ବିଶୃଙ୍ଖଳିତ ବ୍ୟକ୍ତି ମାନଙ୍କୁ ସିସି କ୍ୟାମେରା ଜଗିବ ବୋଲି ଏସଡିପିଓ ତ୍ରିଲୋଚନ ସେଠୀ ଓ ଆଇଆଇସି ରଞ୍ଜନ ସେଠୀ କହିଛନ୍ତି। ଏହି ଅବସରରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ, ଏନଏସି ଅଧକ୍ଷା ନିବେଦିତା ଜେନାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଖାନଙ୍କା ସରିଫ୍‌ଠାରୁ ପହଞ୍ଚି ପୀରବାବାଙ୍କ ଦର୍ଶନ ଆଶୀର୍ବାଦ ଲାଭ କରି ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। ଉର୍ସ କମିଟିର ସମ୍ପାଦକ ଆଲହାଜ ମହମ୍ମଦ ଇସ୍ରାଇ ହବିବ, ଉପସଭାପତି ସୟିଦ ମୁସ୍ତଫା ରଜା ହବିବ, ସୟିଦ ହସନେନ ରଜା ହବିବ, ସହସମ୍ପାଦକ ଅବଦୁର ରହେମାନ ହବିବ, ବରିଷ୍ଠ ସଦସ୍ୟ ହାଜି ଏମଡି ଫଜଲେ ବାରି, ସେକ ଗୋଲାମ ଅଲ୍ଲୀ, ଏମଡି ତାହେର ମହମ୍ମଦ, ସେକ ମୁହିଉଦ୍ଦିନଙ୍କ କର୍ମକର୍ତ୍ତା ପରିଚାଳନା କରିଥିବା ବେଳେ କମିଟି ପକ୍ଷରୁ ୭୫୦ରୁ ଅଧିକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଥିଲା।

## ଶତାୟୁ ପୁରୁଷଙ୍କ ବିୟୋଗ



**ବନ୍ତ/ଆଗରପଡ଼ା, ୨୯।୧୦ (ସମିସ):** ବନ୍ତ ବ୍ଲକ ରାମକୃଷ୍ଣପୁର ଗ୍ରାମର ଶତାୟୁ ପୁରୁଷ ତଥା ସମାଜସେବୀ ନୃସିଂହ ଚରଣ ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୭ ବର୍ଷ ହୋଇଥିଲା। ସେ ରାମକୃଷ୍ଣପୁର ପଞ୍ଚାୟତର ପ୍ରାକ୍ତନ ସମିତିସଭ୍ୟ ରାଧନ ମହାନ୍ତି ପିତା ଅଟନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ରାମକୃଷ୍ଣପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସମାଜସେବା କ୍ଷେତ୍ରରେ ଅନେକ ଅବଦାନ ଥିବାବେଳେ ସେ ଜଣେ ଆଧ୍ୟାତ୍ମିକବାଦୀ, ମେଳାପୀ, ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ସେ ନିଜର ସୁସ୍ଥ ଶରୀର ପାଇଁ କ୍ଷେତ, ବଗିଚାରୁ ବୃକ୍ଷ ଚିହ୍ନଟ କରି ନିଜେ ସେବନ କରିବା ସହିତ ଅନ୍ୟମାନଙ୍କୁ ସୁସ୍ଥ ରହିବା ପାଇଁ ଏହାକୁ ସେବନ ପାଇଁ ପରାମର୍ଶ ଦେଉଥିଲେ। ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ନାତି ବିଭାବସୁ ମୁଖାଗ୍ନି ଦେଇଥିଲେ।

## ଗିରି ଗୋବର୍ଦ୍ଧନ ଗୋଶାଳାରେ ଗୋଷ୍ଠାଷ୍ଟମୀ ଉତ୍ସବ

**ଅସୁରାଳି, ୨୯ ।୧୦(ସମିସ):** ଗିରି ଗୋବର୍ଦ୍ଧନ ଗୋଶାଳା ପରିସର ଆଜି ଗୋଷ୍ଠାଷ୍ଟମୀ ଉତ୍ସବର ଶୁଭ ଅବସରରେ ଭକ୍ତି, ଆସ୍ଥା ଓ ଆନନ୍ଦର ମହାସାଗରରେ ବିଲୀନ ହୋଇ ଯାଇଥିଲା। ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଗୋ କଥାବାଚକ ଭକ୍ତି ବଲ୍ଲଭ ଆଚାର୍ଯ୍ୟ ମହାରାଜଙ୍କ ଦ୍ୱାରା ଦିବ୍ୟ ପ୍ରବଚନ ଦିଆଯାଇଥିଲା। ପ୍ରବଚନରେ ମହାରାଜ ଗୋମାତାଙ୍କ ହିନ୍ଦୁ ଶାସ୍ତ୍ରରେ ବର୍ଣ୍ଣିତ ମହାନତା ବିଷୟରେ ଗଭୀର ଆଲୋଚନା କରି ଭକ୍ତମାନଙ୍କ ମନରେ ଆନ୍ତରିକ ଭକ୍ତି ଓ ଗୌରବ ଜାଗୃତ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ମୀନତି ସାହୁ, ସମାଜସେବୀ ସୂରଜ ସାହୁ, ସମାଜସେବୀ ସନ୍ତୋଷ ସାହୁ ଓ କାର୍ଯ୍ୟକ୍ରମର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



ଉତ୍ସବର ଅନ୍ୟତମ ଆକର୍ଷଣ ହେଉଛି ଗୋ-ମାତାଙ୍କ ପାଳନ ପ୍ରତି ନିବେଶ ଓ ଗାଁ ମଧ୍ୟରେ ଗୋ-ସେବା ପ୍ରତି ଜାଗୃତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗଠିତ ଉଦ୍ୟମ। ଗୋଶାଳାର ଶୁଭ ପରିବେଶ, ଗୀତ, ଭଜନ ଓ ଗୋମାତାଙ୍କ ଅନୁଗ୍ରହରେ ଅନୁଷ୍ଠିତ ହୋଇଥିବା ମାନସିକ ଶୁଦ୍ଧିକରଣ କାର୍ଯ୍ୟକ୍ରମ ଅନେକ ଭକ୍ତଙ୍କୁ ଆନ୍ତରିକ ଶାନ୍ତି ଓ ଉଦ୍ଦୀପନା ଦେଇଥିଲା। ଏହି ଉତ୍ସବ ଗାଁ ମଧ୍ୟରେ ଗୋ-ସେବା ପ୍ରତି ନୂତନ ଆଶା ଓ ଦୃଢ଼ତା ଜନ୍ମ ଦେଇଛି।

## ଅଳିଆ ଆବର୍ଜନା କୁଣ୍ଡ ପାଇଁ ଦାବି



**ଦୋଳସାହି, ୨୯ ।୧୦(ସମିସ):** ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତର ବଢେଇବାଡି ଗ୍ରାମବାସୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୀର୍ଘବର୍ଷ ପୂର୍ବରୁ ପ୍ରଦାନ କରାଯାଇଥିବା ଅଳିଆ ଆବର୍ଜନା କୁଣ୍ଡ ପ୍ରଦାନ କରାଯାଇ ନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୨୦୨୧ ମସିହାର ପ୍ରତି ପରିବାରକୁ ଅଳିଆ ଠୁଳ କରିବା ପାଇଁ ଅଳିଆ ଆବର୍ଜନା କୁଣ୍ଡ ଯୋଗାଇ ଦେଇଥିଲେ। ଦୀର୍ଘ ୪ବର୍ଷ ଧରି ବଢେଇବାଡି ଗାଁର ଅଧିବାସୀ-ଲକ୍ଷ୍ମୀପ୍ରିୟା ପାଢୀ, ରମାମଣି ମହାରଣା, ବାସନ୍ତୀ ପାଢୀ, ସୂର୍ଯ୍ୟମଣି ମହାରଣା, ଅଂଜନା ମହାରଣା ପ୍ରମୁଖଙ୍କ ସମେତ ବହୁ ହିତାଧିକାରୀ ଏହି ଅଳିଆ ଆବର୍ଜନା କୁଣ୍ଡ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତିହିଡ଼ି ବ୍ଲକ୍ ଜୁନିୟର ଇଞ୍ଜିନିୟର ଭୀଷ୍ମଦେବ ଶତପଥ କହିଛନ୍ତି, ସେ ଏକ୍ସନ ପ୍ଲାନରେ ଯେଉଁମାନଙ୍କ ନାମ ଥିବ ସେମାନେ ପାଇବେ।

## କବି ମନୋଜ ପଣ୍ଡା ସମ୍ମାନିତ

**ଅସୁରାଳି, ୨୯ ।୧୦(ସମିସ):** ସାହିତ୍ୟ ଅନୁଷ୍ଠାନ ସମ୍ଭାବନା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ଓ କବିତାପାଠ ଉତ୍ସବ ଭଦ୍ରକ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ କୁ ଏସ୍‌ପି ମନୋଜ ରାଉତ୍ ଉଦଘାଟନ କରିଥିଲେ। ନାଟ୍ୟକାର ପ୍ରଫେସର ଅଟଳ ବିହାରୀ ନାୟକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ



ଅଧିବେଶନରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା କବି ଓ ଅନ୍ୟାନ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ମନୋଜ ପଣ୍ଡାଙ୍କୁ ସମ୍ଭାବନା କବିତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ ପଣ୍ଡା, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ନାତି ତଥା ଜଣେ ସଙ୍ଗୀତ ଶିଳ୍ପୀ ଓ ମଞ୍ଚ ଉପସ୍ଥାପକ ଭାବେ ସୁପରିଚିତ।

## ସେବାନିବୃତ୍ତ କର୍ମଚାରୀଙ୍କ ପରଲୋକ

**ବାରିକପୁର, ୨୯ ।୧୦ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗାଁର ସେବା ନିବୃତ୍ତ କର୍ମଚାରୀ ଦେବେନ୍ଦ୍ର ସାମଲ (୭୭) ଙ୍କ ପରଲୋକ ହୋଇଛି। ସେ ଭୁବନେଶ୍ୱରଠାରେ ୨ପୁଅଙ୍କ ନିକଟରେ ରହୁଥିବା ବେଳେ ହଠାତ୍ ଆଜି ଅସୁସ୍ଥ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଏକ ଘରୋଇ ମେଡ଼ିକାଲକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ସ୍ୱର୍ଗତ ସାମଲ ଧାମନଗର ବ୍ଲକ ପ୍ରଶାସନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା ବେଳେ ଅବସର ପରେ ଗାଁର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କର ମୃତ୍ୟୁ ଖବର ଜଣା ପଡିବା ପରେ ଗ୍ରାମବାସୀ ତଥା ଆତ୍ମୀୟଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ୯ ଦିନ ପୂଜା ପରେ ମା'କାଳୀଙ୍କୁ ମେଲାଣି



**ଭଦ୍ରକ, ୨୯ ।୧୦(ସମିସ):** ୯ଦିନ ପ୍ରସିଦ୍ଧ ଭଦ୍ରକ ଚରମ୍ପା କାଳୀଙ୍କ ପୂଜା ପାଇବା ପରେ ବୁଧବାର ସକାଳେ ଶୋଭାଯାତ୍ରାରେ ମା'ଙ୍କ ମେଲାଣି ଦିଆଯାଇଛି। ଚରମ୍ପାର ଟ୍ରାଫିକ୍ କାଳୀ, ଏରେଇ କାଳୀ, ଓଏସଆରଟିସି କାଳୀ, ସ୍କୁଲରୋଡ କାଳୀ, ପାଟଣାସାହି କାଳୀ, ଡଗରାସାହି କାଳୀ ମେଢ ସହ ମୋଟ ୧୦ଟି ମେଢ ଆଜି ବିସର୍ଜନ କରାଯାଇଛି।

## ଲଗାଣ ବର୍ଷାରେ ଟେଣ୍ଟରେ ପଶିଲା ପାଣି




**ବାସୁଦେବପୁର, ୨୯ ।୧୦(ସମିସ):** ପ୍ରାକୃତିକ ବିପର୍ଯ୍ୟୟର କ୍ଷୟକ୍ଷତି ସିନା କମିଲା, ହେଲେ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟତଃ ବାଧକ ସାଜିଛି। ବାତ୍ୟା ମୋନ୍ଥାର ପ୍ରଭାବରେ ୩ ଦିନ ଧରି ବର୍ଷା ହେବାରୁ ବାସୁଦେବପୁର ଅଞ୍ଚଳର ପ୍ରସିଦ୍ଧ ଗଣପର୍ବ କାଳୀପୂଜା ଫିକା ପଡିଯାଇଛି। ବର୍ଷା ଯୋଗୁଁ ବନ୍ଦ ହୋଇ ପଡିଛି ଅସ୍ଥାୟୀ ଦୋକାନ ବଜାର। ଟେଣ୍ଟ ଭିତରେ ଶୋଇ ତୁହାକୁ ତୁହା ବର୍ଷା ପରିମାଣ ନିରିକ୍ଷଣ କରୁଛନ୍ତି ଦୋଳିର କର୍ମଚାରୀ। ହେଲେ ଲଘୁଚାପଜନିତ ବର୍ଷା ଉତ୍ସବର ମାହୋଲକୁ ଧୂଳିସାତ କରି ଦେଇଛି। ବାସୁଦେବପୁର ଯାଦବ ପଡିଆରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅପେରା ସୋ ବନ୍ଦ ହୋଇ ଯାଇଛି। ବାତ୍ୟାରେ ବର୍ଷା ଜଳ ଟେଣ୍ଟରେ ଲହଡ଼ି ମାରୁଛି। ଦିନ ଯାକ ତୁହାକୁ ତୁହା ବର୍ଷା ଜନ ଜୀବନକୁ ଅସ୍ତବ୍ୟସ୍ତ କରିଛି। ମେଳାରେ ଦୋକାନ ଦେଇ ଥିବା ଦୋକାନରେ ପାଣି ପଶିଯାଇଛି। ଛୋଟଛୋଟ ପିଲାଙ୍କ ପାଇଁ ମିକିମାଉସ୍ ଚତୁପାର୍ଶ୍ୱରେ ବର୍ଷା ପାଣି ଲହରୀ ଭାଙ୍ଗୁଛି। ଆନନ୍ଦ ଉଲ୍ଲାସରେ ପାଳିତ ହେଉଥିବା କାଳୀ ପୂଜାରେ ବାଧକ ସାଜିଛି ବାତ୍ୟା ମୋନ୍ଥାର ପ୍ରଭାବ ବର୍ଷା। କାଳୀପୂଜା କମିଟି ପକ୍ଷରୁ ଅପେରା ସୋ କରିବାକୁ ଟେଣ୍ଟ ରେ ଜଳ ନିଷ୍କାସନ କରି ଉଷ୍ଟ ଗୁଣ୍ଡ ପକାଇଛନ୍ତି। ଟିକିଏ ପାଖ ଶୁଖିଲା ହେଲେ ଉଠା ଦୋକାନୀ ଦି'ପଇସା ବିକ୍ରି କରିବା ଉଦ୍ଦେଶ୍ୟରେ ଅନାଇ ବସିଛନ୍ତି। ହେଲେ ମଝି ମଝି ଅସରାଏ ବର୍ଷା ଦର୍ଶକଙ୍କ ଗହଳିରେ ବାଧକ ସାଜୁଛି।

**ଫିକା ପଡ଼ିଲା କାଳୀ ପୂଜା ବଜାର**


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LEGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No- 37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No- 11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No- 38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | NA | NA | NA |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

● ନାବାଳିକାକୁ ଅସଦାଚରଣ

## ଅଭିଯୁକ୍ତ ମାମୁଙ୍କୁ ୨୫ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ,୨୯ ।୧୦(ସମିସ): ନାବାଳିକାକୁ ଅସଦାଚରଣ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ ଜଜ ଅଭିଯୁକ୍ତ ନାବାଳିକାଙ୍କ ମାମୁଙ୍କୁ ୨୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ବର୍ଷେ ଜେଲ ଦଣ୍ଡ ଶୁଣାଣି କରିଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବନ୍ତଲା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କ ମାମୁ ସୁଦୀପ ଓରଫ ଟେଙ୍କାରୁ ଗୋଛାୟତ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ୨୦୨୪ ସେପ୍ଟେମ୍ବର ୧୦ରେ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ସୁଦୀପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ୯ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ ଜଜ ବିରଞ୍ଚି ନାରାୟଣ ଜେନା ସୁଦୀପଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ପ୍ରଦୀପ କୁମାର ଭୁତିଆ ଏହି ମାମଲା ପରିଚାଳନା କରୁଥିଲେ।

## ତେଲ ଅନ୍‌ଲୋଡିଂରେ ଅନିୟମିତତା; ଦୁଇ ଟ୍ରକ୍ ଅଟକ

ପାରାଦୀପ,୨୯।୧୦(ସମିସ): ଇଫ୍‌କୋ କାରଖାନାରେ ଏଫଓ ଅଲୋଡିଂରେ ଅନିୟମିତତା ନେଇ ମଡେଲ ଥାନାରେ ଅଭିଯୋଗ କରାଯାଇଛି। ଇଫକୋ ସାର କାରଖାନାକୁ ଆଇଓସିଏଲ ପକ୍ଷରୁ ଫର୍ନେସ ଅଏଲ ଯୋଗାଇ ଦିଆଯାଇଥାଏ। ଗତ ୨୩ ତାରିଖ ରାତିରେ ଏକ ଟ୍ରାନ୍ସପୋର୍ଟର ଦୁଇଟି ଟ୍ରକ ଫର୍ନେସ ଅଏଲ ନେଇ ଅଲୋଡିଂ କରିବା ପାଇଁ ଯାଇଥିଲେ। ଦୁଇ ଟ୍ରକ ଗଲାବେଳେ ଓ ଫେରିବା ସମୟରେ ଓଜନ ହେବା ପରେ ଅଲୋଡିଂ ତେଲର ଓଜନ ଜଣାପଡ଼ିବା କଥା। କିନ୍ତୁ ଦୁଇ ଟ୍ରକ ତେଲ କାଢିବା ପରେ ଫେରିବା ସମୟରେ ଗୋଟିଏ ଗାଡିକୁ ୨ ଥର ଓଜନ କରାଇ ଠକେଇ କରିବାକୁ ଯୋଜନା କରିଥିଲେ। କଣ୍ଟାର କର୍ମଚାରୀମାନେ ବାରମ୍ବାର କହିବା ସତ୍ତ୍ୱେ ମଧ୍ୟ ସେମାନେ ଅନ୍ୟ ଗାଡିଟିକୁ ଓଜନ କରାଇ ନଥିଲେ। ପଳାଇ ଯିବା ପାଇଁ ଚେଷ୍ଟା କରିଥିଲେ। ତେବେ ଅନଲୋଡିଂରେ ଅନିୟମିତତା ହେବା ସ୍ପଷ୍ଟ ବାରିହେବା ପରେ ଇଫକୋ ପକ୍ଷରୁ ଉଭୟ ଦୁଇ ଟ୍ରକକୁ ଅଟକ ରଖାଯାଇ ପାରାଦୀପ ମଡେଲ ଥାନାରେ ଅନିୟମିତତା ସମ୍ପର୍କରେ ଅଭିଯୋଗ କରାଯାଇଛି। ଘଟଣା ସ୍ଥଳରୁ ଦୁଇ ଡ୍ରାଇଭର ଟ୍ରକ ଛାଡି ପଳାଇଛନ୍ତି। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରିଛି। ଥାନା ଅଧିକାରୀଙ୍କ କହିବା କଥା ଟ୍ରକ ମାଲିକଙ୍କୁ ଡକାଯାଇଛି ସେମାନେ ଏ ପର୍ଯ୍ୟନ୍ତ ଆସି ନାହାନ୍ତି।

## ବାଘ ପାଦଚିହ୍ନ ନେଇ ଗ୍ରାମରେ ଆତଙ୍କ

ବଇଣ୍ଡା,୨୯ ।୧୦(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ସଦାନନ୍ଦପୁର ଗ୍ରାମରେ ବୁଧବାର ଏକ ବାଘର ପାଦଚିହ୍ନ ଦେଖିବାକୁ ମିଳିଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଏହି ଗାଁ ନିକଟରେ ଧଣ୍ଡାତୋପା ଜଙ୍ଗଲ ରହିଛି। ସାତକୋଶିଆ ଜଙ୍ଗଲ ଧଣ୍ଡାତୋପା ରେଞ୍ଜକୁ ଲାଗି ରହିଥିବା ବେଳେ ସାତକୋଶିଆରୁ ଏହି ଅଞ୍ଚଳକୁ ବାଘ ପଳାଇ ଆସିଛି। ବୁଧବାର ସକାଳେ ଗାଁ ନିକଟରେ ବାଘ ପାଦଚିହ୍ନ ଦେଖିବା ପରେ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ଖବର ପାଇ ଧଣ୍ଡାତୋପା ବନ ବିଭାଗ ପକ୍ଷରୁ ଏକ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ଧଣ୍ଡାତୋପା ଫରେଷ୍ଟର ଗୌରଚନ୍ଦ୍ର ଦନ୍ତା କୁହନ୍ତି, କଲରାପତରିଆର ପାଦଚିହ୍ନ ପରି ଲାଗୁଛି। ବନ ବିଭାଗ ପକ୍ଷରୁ ତଦନ୍ତ ଚାଲିଛି।

## ୭ ଜୁଆଡ଼ି ଗିରଫ: ୪୩ ହଜାର ଟଙ୍କା ଜବତ

ତାଳଚେର,୨୯ ।୧୦(ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ତାଳଚେର କୋଲିୟରୀ ଥାନା ପୁଲିସ ଘଣ୍ଟପଡ଼ା ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସିଲୁ ସାହୁ (୩୦), ପଞ୍ଚାୟତ ସାହୁ (୪୮), ଶ୍ରୀମତ ସାହୁ (୪୩), ଶରତ ବିଶ୍ୱାଳ, ସହଦେବ ସାହୁ (୪୫), ଅଭୟ ସାହୁ (୪୦) ଓ ନାରାୟଣ ପଟ୍ଟନାୟକ (୨୯)। ଏମାନଙ୍କଠାରୁ ୪୩ ହଜାର ୪୯୦ ଟଙ୍କା, ୧୦୪ଟି ତାସ୍ ପତା, ଜରିପାଲ, ୧୧ଟି ମବୋଇଲ ଫୋନ୍, ୩ଟି ବାଇକ୍ ଜବତ କରାଯାଇଛି। ବୁଧବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଥାନା ଆଇଆଇସିଙ୍କ ନର୍ଦ୍ଦେଶକ୍ରମେ ଏସଆଇ ବିପୁଲ ନାୟକଙ୍କ ନେତୃତ୍ୱରେ ଏକ ଟିମ ଏହି ଚଢ଼ଉ କରିଥିଲେ।

## ବୋଲେରୋ ଧକ୍କାରେ ପଥଚାରୀ ମୃତ

ଛେଣ୍ଡିପଦା,୨୯ ।୧୦(ସମିସ): ଛେଣ୍ଡିପଦା ଥାନା କମ୍ପସଲା ପଞ୍ଚାୟତ ହରିହରପୁର ଗାଁରେ ବୋଲେରୋ ଧକ୍କାରେ ପଥଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହରିହରପୁର ଗ୍ରାମର ମହାପେଶି ବେହେରା। ମହାପେଶି ରାସ୍ତାରେ ଚାଲିଚାଲି ଘରକୁ ଯାଉଥିବା ବେଳେ ଏକ ବୋଲେରୋ ଗାଡ଼ି ତାଙ୍କୁ ଧକ୍କାଦେଇ ରାସ୍ତା ପାଖର୍କୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ମହାପେଶିଙ୍କ ମୃତ୍ୟୁ ହୋଇଥିଲା। ତେବେ ଦୁର୍ଘଟଣା ପରେ ବୋଲେରୋ ଚାଳକ ଫେରାର ହୋଇଯାଇଛନ୍ତି। ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମହାପେଶିଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ ଚଳାଇଛି।

### ପ୍ରସ୍ତାବିତ ମାଙ୍କଡ଼ା ନଦୀବନ୍ଧ ଯୋଜନା ବନ୍ଦ କରିବାକୁ ଦାବି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ପାଲଲହଡ଼ା,୨୯ ।୧୦(ସମିସ)




ପାଲଲହଡ଼ାରେ ପ୍ରସ୍ତାବିତ ମାଙ୍କଡ଼ା ମଧ୍ୟମ ଜଳସେଚନ ପ୍ରକଳ୍ପକୁ ୨୦ ଗ୍ରାମବାସୀ ଜୋରଦାର ବିରୋଧ କରିଛନ୍ତି। ପ୍ରକଳ୍ପ ବନ୍ଦ ପାଇଁ ମାଙ୍କଡ଼ା ନଦୀବନ୍ଧ ବିରୋଧୀ ସଂଗ୍ରାମୀ ସଂଗଠନ ପକ୍ଷରୁ ବୁଧବାର ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଉଦିତନଗରଠାରୁ ଶୋଭାଯାତ୍ରାରେ ବାହାରି ପାଲଲହଡ଼ା ବଜାର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**୨୦ ଗ୍ରାମର ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଶୋଭାଯାତ୍ରାରେ ସାମିଲ**

ପ୍ରସ୍ତାବିତ ମାଙ୍କଡ଼ା ନଦୀବନ୍ଧ ଦ୍ୱାରା ପ୍ରାୟ ୨୦ ଗ୍ରାମ ପ୍ରଭାବିତ ହୋଇ ଆଂଶିକ ଜଳମଗ୍ନ ହେବ ବୋଲି ପ୍ରାଥମିକ ଆକଳନରେ ଜଣାପଡ଼ିଛି। ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି, ସଇଡ଼ା, ଶିଗଡ଼ ଓ ବନ୍ଧାଭୂଇଁ ପଞ୍ଚାୟତ ସମେତ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ବିଞ୍ଝବାହାଲ ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗାଁ ଏହି ପ୍ରକଳ୍ପ ଦ୍ୱାରା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଜଳମଗ୍ନ ହେବ। ଏହି ଅଞ୍ଚଳବାସୀ ଚାଷ ଉପରେ ନିର୍ଭର କରୁଥିବା ବେଳେ ପ୍ରକଳ୍ପ ହେଲେ ସେମାନଙ୍କ ଭିଟାମାଟି ସମେତ ଭାତହାଣ୍ଡି ମଧ୍ୟ ଉଜୁଡ଼ିଯିବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ୧୯୭୩ରେ ରେଙ୍ଗାଳି ବନ୍ଧ ଦ୍ୱାରା ବିସ୍ଥାପିତ ହୋଇଥିବା ପ୍ରାୟ ୩୦୦ ପରିବାର ଏହି ପଞ୍ଚାୟତରେ ବାସ କରୁଛନ୍ତି। ଦୀର୍ଘ ୫୦ ବର୍ଷ ହେଲା ବିସ୍ଥାପିତଙ୍କୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ମିଳି ନାହିଁ। ସରକାର ଯୋଗାଇ ଦେଇଥିବା ଜମି କେବଳ କାଗଜକଲମରେ ସୀମିତ ଥିବାବେଳେ ଆଜିଯାଏଁ ସେମାନଙ୍କୁ ସରକାର ଦଖଲ ଦେଇପାରିନାହାନ୍ତି। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ଭାତହାଣ୍ଡି କୁହାଯାଉଥିବା ମାଙ୍କଡ଼ା ନଦୀ ଅବବାହିକାର ଏକ ବିରାଟ ଭୂଖଣ୍ଡକୁ ବନ୍ଧ ବାନ୍ଧି ଲୋକଙ୍କୁ ବୁଡ଼ାଇ ଝିଣ୍ଟିକା ମାରି ବଣି ପୋଷିବା ଯୋଜନା କରାଯାଉଛି। ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ସଂଶୋଧିତ ନିୟମାବଳୀ-୨୦୧୨ ଅନୁଯାୟୀ ଗ୍ରାମର ଜଙ୍ଗଲ ଗାଁ ଲୋକଙ୍କର। ଜଙ୍ଗଲରେ ଜୀବଜନ୍ତୁ ରହିବା ଯେତିକି ଅଧିକାର ଆମର ମଧ୍ୟ ସେତିକି ଅଧିକାର ଅଛି। ତେଣୁ ଆମକୁ ଉଚ୍ଛେଦ କରିବା ନେଇ ସରକାରଙ୍କ ଯୋଜନାକୁ ବିରୋଧ କରିବୁ ଏବଂ ଏଥିପାଇଁ ଜୀବନ ଦେବୁ ପଛେ ଭିଟା ଭିଟାମାଟି ଛାଡ଼ିବୁ ନାହିଁ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ସରକାରଙ୍କ ନିକଟରେ କୌଣସି ସାଲିସ କରାଯିବ ନାହିଁ ବୋଲି ସଂଗଠନର ସଭାପତି ରତ୍ନାକର ରାଉତ, ସମ୍ପାଦକ ଅକ୍ଷୟ ସାହୁ, ରେଙ୍ଗାଳି ବୁଡ଼ି କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଡ. ସନ୍ତୋଷ ଦେହୁରୀ ପ୍ରମୁଖ ପ୍ରକାଶ କରିଛନ୍ତି। ଆନ୍ଦୋଳନକୁ ସମର୍ଥନ ଜଣାଇ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ ଶୋଭାଯାତ୍ରାରେ ସାମିଲ ହେବା ସହ ସରକାରଙ୍କ ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଥିଲେ। ହଜାର ହଜାର ମହିଳା ଓ ପୁରୁଷଙ୍କ ଶୋଭାଯାତ୍ରା ଅଦିନିଆ ରଥଯାତ୍ରାର ଭ୍ରମ ସୃଷ୍ଟି କରିଥିଲା। ଅନ୍ୟପଟେ ସଂଗ୍ରାମ ସମିତିର ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯିବ ବୋଲି ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ କହିଛନ୍ତି।

**ଦାମୋଦରଜୀଉ ବିଦ୍ୟାପୀଠର ସମସ୍ୟା**

## ବିଦ୍ୟାଳୟ ସମ୍ମୁଖରେ ପାଣିର ଲହରୀ



ପଞ୍ଚୁପାଣ୍ଡବ,୨୯।୧୦(ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଦାମୋଦର ଜୀଉ ବିଦ୍ୟାପୀଠ ବିଦ୍ୟାଳୟ ସମ୍ମୁଖରେ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟର ଚାରିପଟ ଉଚ୍ଚଥିବା ବେଳେ ଖେଳପଡ଼ିଆଟି ଖାଲ ରହିଛି। ଅସରାଏ ବର୍ଷା ହେଲେ ପଡ଼ିଆରେ ପାଣିରଲହରୀ ଖେଳୁଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟର ପାଚେରୀକୁ ଲାଗି ରହିଥିବା ଖାଲରେ ଦୀର୍ଘଦିନ ଧରି ଜଳ ନିଷ୍କାସନ ନ ହୋଇ ପାଣି ଜମିରହିଛି। ଏଥିରେ ମଲା ଜୀବଜନ୍ତୁ ପଡ଼ି ରହିଥିବା ବେଳେ ପାଣିରୁ ଦୁର୍ଗନ୍ଧ ବାହାରୁଥିବାର ଛାତ୍ରଛାତ୍ରୀ କହିଛନ୍ତି। ଏବିଷୟରେ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ବିଷୟରେ ଆମେ ପ୍ରଶାସନ ଅଧିକାରୀମାନଙ୍କ ଠାରୁ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟାଙ୍କୁ ଜଣାଇଥିଲେ ସୁଦ୍ଧା କେହି ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିବା ଦୁଃଖର ସହ କହିଛନ୍ତି। ଏହି ଖାଲରେ ପାଣି ଜମି ରହିଥିବାରୁ ପାଚେରୀ ସହ ଶ୍ରେଣୀ ଗୃହ ଭୁଶୁଡ଼ି ପଡ଼ିବାର ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ବିଦ୍ୟାଳୟରେ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀରେ ୨୩୬ ଛାତ୍ରଛାତ୍ରୀ ପଢୁଥିବା ବେଳେ ବଜାର ଉପ୍ରା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏଁ ୧୩୯ ଛାତ୍ରଛାତ୍ରୀ ପଢୁଛନ୍ତି। ଏହି ବିଦ୍ୟାଳୟ ପାଚେରୀ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ର ଥିବା ବେଳେ କୁନିକୁନି ପିଲାମାନେ ପାଠ ପଢୁଛନ୍ତି। ସରକାରଙ୍କ ଅବହେଳା ପାଇଁ ପ୍ରଶାସନ ହେଉ କି ରାଜନେତା ମାନେ ବିଦ୍ୟାଳୟକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ବିଦ୍ୟାଳୟର ଖେଳପଡ଼ିଆକୁ ମାଟି ପକାଇ ଉଚ୍ଚ କରିବା ସହ ବିଦ୍ୟାଳୟ ସମ୍ମୁଖରେ ଖାଲକୁ ମାଟି ପକାଇ ସମାନ କରିବା ପାଇଁ ଅଞ୍ଚଳବାସୀ ସହ ପିଲାମାନଙ୍କ ଅଭିଭାବକ ଦାବି କରିଛନ୍ତି।

## ଗ୍ରାମାଞ୍ଚଳରେ ଶିକ୍ଷାର ଭିତ୍ତିଭୂମି ପାଇଁ ଏସସିଏମଏଲ୍‌ର 'ଆଉଟରିଚ୍ କାର୍ଯ୍ୟକ୍ରମ'




**ଅନୁଗୋଳର ୧୦ଟି ସ୍କୁଲ୍‌ରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପ୍ରଦାନ**

ଭୁବନେଶ୍ୱର,୨୯ ।୧୦(ସମିସ): ଅନୁଗୋଳର ସ୍ଥାନୀୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଭିତ୍ତିଭୂମି ମଜବୁତ କରିବା ପାଇଁ ଏସସିଏମଏଲ୍ ସହଯୋଗର ହାତ ବଢ଼ାଇଛି। ଆଦିତ୍ୟ ବିର୍ଲା ଗ୍ରୁପ୍ (ଏବିଜି) ଅନ୍ତର୍ଗତ ଏସେଲ୍ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଇଏମଆଇଏଲ)ର ଏକ ଅଂଶ ସୁଭଦ୍ରା କୋଲ୍ ମାଇନିଂ ଲିମିଟେଡ୍ (ଏସସିଏମଏଲ୍) ପକ୍ଷରୁ ସିଏସଆର୍ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜନ କରିଛି। କାର୍ଯ୍ୟକ୍ରମରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍)ର ସୁଭଦ୍ରା ଅଞ୍ଚଳର ଜିଏମ୍ ଏଚ୍.ଏସ୍ ସାଲୁଙ୍ଖେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନ ପାଇଁ ପ୍ରଦାନ କରାଯାଇଥିବା ସୁବିଧାଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରକଳ୍ପ ମୁଖ୍ୟ ବିମଳ ବରାଳ, ସଞ୍ଜୀବ ତ୍ରିପାଠୀ, ଶିବ ସାହୁ, ସୁରଜିତ୍ ଶର୍ମା ଏବଂ ଶୁଭ୍ରତା ଶୁଭଦର୍ଶିନୀଙ୍କ ସମେତ କଙ୍କରେଇ ଓ ରାଇଝରଣ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ସ୍କୁଲର ଶିକ୍ଷକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ଏସସିଏମଏଲ୍ ବିଭିନ୍ନ ବିଦ୍ୟାଳୟକୁ ବେଞ୍ଚ, ଡେସ୍କ, ପୋଡିୟମ୍, ଷ୍ଟିଲ୍ ର୍ୟାକ୍, ଆଲମାରୀ ଭଳି ଫର୍ଣ୍ଣିଚର ସମେତ ସୌରଶକ୍ତି ବ୍ୟବସ୍ଥା, ୱାଟର ପ୍ୟୁରିଫାୟର, ସାଉଣ୍ଡ ସିଷ୍ଟମ ଆଦି ପ୍ରଦାନ କରାଯାଇଛି। ଅଞ୍ଚଳର ୧୦ ବିଦ୍ୟାଳୟକରେ ଏହି ଅତ୍ୟାବଶ୍ୟକ ସମାଗ୍ରୀ ପ୍ରଦାନ କରାଯାଇଥିବାରୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକ ଓ ଛାତ୍ରଛାତ୍ରୀ ଏସସିଏମଏଲକୁ ସାଧୁବାଦ ଜଣାଇଛନ୍ତି।

## ୪ କର୍ମଚାରୀଙ୍କ ଦରମା ଉଠାଣରେ ଜାଲିଆତି

ଜଗତସିଂହପୁର,୨୯ ।୧୦(ସମିସ): କେତେକ ନିର୍ଦ୍ଦିଷ୍ଟ ମାସରେ ପ୍ରକୃତ ଦରମାଠାରୁ ଯଥେଷ୍ଟ ଅଧିକ ଦରମା ଉଠାଇଛନ୍ତି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟରତ ୪ ଜଣ ସରକାରୀ କର୍ମଚାରୀ। ମାନବ ସମ୍ବଳ ପରିଚାଳନା ସିଷ୍ଟମ (ଏଚ୍‌ଆରଏମଏସ) ଆପ୍‌ରେ ଉପଲବ୍ଧ ଦରମା ତଥ୍ୟକୁ ସେଣ୍ଟର ଫର ମର୍ଡନାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ(ସିଏମ୍‌ଜିଆଇ) ଦ୍ୱାରା ଯାଞ୍ଚବେଳେ ଏଭଳି ଜାଲିଆତି ହୋଇଥିବା ଜଣାପଡ଼ିଥିଲା। ତଥ୍ୟକୁ ଆଧାର କରି ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ଶୁଣାଣି ବିଭାଗର ସିଏମ୍‌ଜିଆଇ ପକ୍ଷରୁ ଏହାର ତଦନ୍ତ ନିମନ୍ତେ ଗତ ଅକ୍ଟୋବର ୨୭ ତାରିଖ ଚିଠିରେ ଗଣଶିକ୍ଷା ବିଭାଗ ଏବଂ ପଞ୍ଚାୟତରାଜ ବିଭାଗ ସହିତ ଜଗତସିଂହପୁର ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁଯାୟୀ, ତିର୍ତ୍ତୋଲ ବ୍ଲକ୍‌ରେ ଗ୍ରାମ ରୋଜଗାର ସେବକ ଭାବେ କାର୍ଯ୍ୟକରି ଅବସର ନେଇଥିବା ପ୍ରଦୀପ୍ତ କୁମାର ମଲ୍ଲିକ ୨୦୨୦ ମସିହା ଅଗଷ୍ଟ, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସରେ ତାଙ୍କର ଜମାଖାତାକୁ ପ୍ରକୃତ ଦରମା ଠାରୁ ଅଧିକ ଅର୍ଥ ଯାଇଥିବା ଏହି ଯାଞ୍ଚ ପ୍ରକ୍ରିୟା ବେଳେ ଧରାପଡ଼ିଛି। ସେହିପରି ପୂର୍ବରୁ ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟରେ କାର୍ଯ୍ୟ କରିଥିବା ନାଉଗାଁ ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଭ.କିଶୋର ବେହେରା ଗତ ୨୦୨୧ ମସିହା ମାର୍ଚ୍ଚ ମାସରୁ ମେ' ପର୍ଯ୍ୟନ୍ତ ନେଇଥିବା ଦରମା ପ୍ରକୃତ ଦରମାଠାରୁ ଯଥେଷ୍ଟ ଅଧିକ ବୋଲି ଏହି ତନଖି ବେଳେ ସାମ୍ନାକୁ ଅସିଛି। ଅନ୍ୟପକ୍ଷରେ ଏହି ବ୍ଲକ୍‌ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ଏବେ ଫୁଲବାଣୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ରାଜଦୀପ ହାଁସଦା ଗତ ୨୦୨୦ ମସିହା ଡିସେମ୍ବର ଓ ୨୦୨୧ ଜାନୁୟାରୀରେ ନେଇଥିବା ଦରମାରେ ଅସଙ୍ଗତି ଥିବା ସିଏମ୍‌ଜିଆଇଙ୍କ ତନଖି ସମୟରେ ଜଣାପଡ଼ିଛି। ସେହିପରି ତିର୍ତ୍ତୋଲ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ସହକାରୀ ଶିକ୍ଷକ ପ୍ରଦୀପ କୁମାର ସେଠୀ ମଧ୍ୟ ଗତ ୨୦୨୪ ଜୁଲାଇ ଓ ଅକ୍ଟୋବର ଏବଂ ଚଳିତବର୍ଷ ଏପ୍ରିଲ ମାସରେ ତାଙ୍କର ଜମାଖାତାକୁ ପ୍ରକୃତ ଦରମା ଠାରୁ ଅଧିକ ଅର୍ଥ ଯାଇଥିବା ଏହି ଯାଞ୍ଚ ବେଳେ ଜଣାପଡ଼ିଥିବା ସିଏମ୍‌ଜିଆଇଙ୍କ ଚିଠିରେ ଉଲ୍ଲେଖ ରହିଥିବା ସୂଚନା ମିଳିଛି।

**ତଦନ୍ତ ନିର୍ଦ୍ଦେଶ ଦେଲେ ସିଏମ୍‌ଜିଆଇ**

## ମୋବାଇଲ ଚୋରି ପରେ ଆକାଉଣ୍ଟରୁ ନେଇଗଲେ ଲକ୍ଷେ ଟଙ୍କା

ଅନୁଗୋଳ,୨୯ ।୧୦(ସମିସ): ମୋବାଇଲ ଚୋରି କରି ନେବା ପରେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ନେଇଯାଇଛନ୍ତି ଦୁର୍ବୃତ୍ତ। ଏ ନେଇ ଅନୁଗୋଳ ସାଇବର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଅନୁଗୋଳ ମଦନମୋହନପଡ଼ାର ଜଣେ ବ୍ୟକ୍ତି ଦୈନିକ ବଜାର ଯାଇଥିଲେ। ସେଠାରେ ତାଙ୍କ ମୋବାଇଲ ଚୋରି ହୋଇଯାଇଥିଲା। ଖୋଜାଖୋଜି ସତ୍ତ୍ୱେ ମୋବାଇଲ ମିଳି ନ ଥିଲା। ଏଣୁ ସେ ନୂଆ ମୋବାଇଲ ସହ ସିମ୍ କାର୍ଡ ନେଇଥିଲେ। ତେବେ ତାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଯାଇଥିଲା। ଦୁଇଟି କିସ୍ତିରେ ୫୦ ହଜାର ଟଙ୍କା ଲେଖାଏଁ ତାଙ୍କ ଆକାଉଣ୍ଟରୁ ଏକ ଲକ୍ଷ ଟଙ୍କା କଟିଯାଇଥିବା ଜାଣିବା ପରେ ଅନୁଗୋଳ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

## କଲେଜରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ




କିଶୋରନଗର,୨୯ ।୧୦(ସମିସ): କିଶୋରନଗର ଯୁକ୍ତଦୁଇ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଛାତ୍ରଛାତ୍ରୀମାନେ ବୁଧବାର ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହ ବର୍ଷାରେ ଭିଜିଭିଜି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଓଡ଼ିଆ ବିଭାଗରେ ଅଧ୍ୟାପକ ଅଭାବ ଯୋଗୁଁ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହୋଇପାରି ନାହିଁ। ଏ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିସହ ବିନା ନୋଟିସ ଓ ରସିଦରେ ରିଆଡମିଶନ ଫିସ୍ ନିଆଯିବା, ଭିଜ୍ଞାନ ବିଭାଗରେ ୨ ବର୍ଷ ପାଇଁ ଛାତ୍ରଛାତ୍ରୀଙ୍କଠାରୁ ୪୪ ହଜାର ଟଙ୍କା ନିଆଯିବା, ବାଣିଜ୍ୟ ବିଭାଗରେ ଅଧ୍ୟାପକ ଅଭାବ, ଶୌଚାଳୟ ସୁବିଧା କରିବା, ବାଳକ କମନରୁମ ବ୍ୟବସ୍ଥା କରିବା, ସଭାଘରର ସୁବନ୍ଦୋବସ୍ତ କରିବା, ଖାଲି ପଡ଼ିଥିବା ପଦବୀରେ ନୂତନ ଅଧ୍ୟାପକ ନିଯୁକ୍ତି ପର୍ଯ୍ୟନ୍ତ ଅତିଥି ଅଧ୍ୟାପକ ନିଯୁକ୍ତ କରି ପିଲାଙ୍କ ପାଠପଢ଼ା ପ୍ରତି ଧ୍ୟାନଦେବା ଆଦି ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। ପୂର୍ବରୁ ଏହି ଦାବି ସମ୍ବନ୍ଧରେ ପ୍ରିନ୍ସିପାଲଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ସେ କର୍ଣ୍ଣପାତ ନ କରିବାରୁ ଛାତ୍ରଛାତ୍ରୀମାନେ ବିକ୍ଷୋଭ କରିବାକୁ ବାଧ ହୋଇଥିବା କହିଛନ୍ତି। ଆନ୍ଦୋଳନସ୍ଥଳରେ ଥାନା ଆଇଆଇସି ବିଭୂତି ପ୍ରଧାନ ସଦଳବଳ ପହଞ୍ଚି ପିଲାଙ୍କୁ ବୁଝାସୁଝା କରିଥିଲେ। ପରେ ଅଧ୍ୟାପକଙ୍କ କମନରୁମରେ ଏକ ବୈଠକ କରି ଆଲୋଚନା କରିଥିଲେ। ସମସ୍ୟା ସମାଧାନ ପାଇଁ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଏବିଇଓ ରମଣୀ ରଞ୍ଜନ ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

### ୪ରେ କଳିଙ୍ଗ ବାଲିଯାତ୍ରା ଉଦ୍‌ଘାଟନ

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ ଓ ଏସ୍‌ପି

ପାରାଦୀପ,୨୯।୧୦(ସମିସ)



ଆସନ୍ତା ନଭେମ୍ବର ୪ ତାରିଖରେ କଳିଙ୍ଗ ବାଲିଯାତ୍ରା ଉଦ୍‌ଘାଟନ ହେବ। ୭ ଦିନ ଧରି ହେବାକୁ ଥିବା ଏହି କଳିଙ୍ଗ ବାଲିଯାତ୍ରା ଚଳିତ ବର୍ଷ ଧୁମଧାମରେ ପାଳନ କରାଯିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଜିଲ୍ଲାର ମୁଖ୍ୟ ଅଧିକାରୀମାନେ ପାରାଦୀପକୁ ଘନଘନ ଗସ୍ତକରି ସ୍ଥିତି ସମୀକ୍ଷା କରିଛନ୍ତି। ପାରାଦୀପ କଳିଙ୍ଗ ବାଲିଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଆଜି ମଧ୍ୟ ସ୍ଥିତି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ। ଏଥର ପାରାଦୀପ କଳିଙ୍ଗ ବାଲିଯାତ୍ରାର ରୂପରଙ୍ଗ ବଦଳିବ ବୋଲି ଜଣାପଡ଼ିଛି। ପୂର୍ବରୁ ରହିଆସିଥିବା ପରମ୍ପରା ଚଳିତବର୍ଷ ଦେଖିବାକୁ ମିଳିବ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦଘାଟନ ହେବ। ବାଲିଯାତ୍ରା କମିଟି ତରଫରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ବେଳେ ଏହାର ତଦାରଖ କରୁଛନ୍ତି କମିଟିର ଅଧ୍ୟକ୍ଷ ତଥା ଜଗତସିଂହପୁର ଜିଲ୍ଲାପାଳ। ପ୍ରତ୍ୟେକ ସନ୍ଧ୍ୟାକୁ ଆକର୍ଷଣୀୟ କରିବାପାଇଁ ଓଡିଶାର ଲୋକକଳା ସହିତ ବଲିଉଡ ଓ ଓଲିଉଡ଼ର ପ୍ରସିଦ୍ଧ କଳାକାରମାନଙ୍କ କଳାର ଯାଦୁଗରି ଦେଖିବାକୁ ପାଇବେ ଦର୍ଶକ। ପ୍ରତ୍ୟେକ ସନ୍ଧ୍ୟାରେ କଳିଙ୍ଗ ବାଲିଯାତ୍ରାରେ ଯୋଗଦେବେ ଓଡିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ। ବିଭିନ୍ନ ଷ୍ଟଲ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ୭ଦିନ ଧରି ଆୟୋଜିତ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରା କିପରି ଚଳିତ ବର୍ଷ ନୂଆ କୀର୍ତ୍ତିମାନ ସ୍ଥାପନ କରିବ ଏବଂ ଆଗାମୀ ଦିନରେ କଟକ ପରେ ପାରାଦୀପ ବାଲିଯାତ୍ରା ଓଡ଼ିଶାବାସୀଙ୍କ ଦ୍ୱିତୀୟ ବୃହତ୍ତମ ବାଲିଯାତ୍ରା ଭାବରେ ପରିଗଣିତ ହେବ ଏନେଇ ସମସ୍ତ ପ୍ରକାର ପଚେଷ୍ଟା ଜାରି ରହିଥିବା ନେଇ କହିଛନ୍ତି ପାରାଦୀପ କଳିଙ୍ଗ ବାଲିଯାତ୍ରାର ଅଧ୍ୟକ୍ଷ ତଥା ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ।

# ଶିବ ମନ୍ଦିର ଉପରେ ବଜ୍ରପାତ

**ଭକ୍ତ ଆହତ ପୂଜକ ଗୁରୁତର**

ଭୋଗରାଇ/କମର୍ଦ୍ଦା,୨୯।୧୦ (ସମିସ): ବାତ୍ୟା ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ପବନ ଲାଗିରହିଥିଲାବେଳେ ଆଜି ସକାଳେ ପୂଜକ ମନ୍ଦିରରେ ପୂଜା କରିବା ସମୟରେ ହଠାତ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତ ମନ୍ଦିର ଉପରେ ହେବାରୁ ମନ୍ଦିରର ଗର୍ଭ ଗୃହ ଫାଟିଯିବା ସହ ମନ୍ଦିର ଭିତରେ ଥିବା ପୂଜକ ଗୁରୁତର ହୋଇଥିବା ବେଳେ ଜଣେ ମହିଳା ଭକ୍ତ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧିନସ୍ଥ ଦୁଡ଼ପଳ ଗ୍ରାମପଂଚାୟତ ବାହାର୍ଦ୍ଦା ଗ୍ରାମରେ। ଗାଁ ମଝିରେ ଥିବା ବାବା ଗର୍ଭେଶ୍ୱର ଶିବ ମନ୍ଦିରରେ ଘଟିଛି ଏଭଳି ଘଟଣା । ପୂଜକ ବାଙ୍ଗରା ନନାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠା ଯାଇଥିଲାବେଳେ ମହିଳା ଭକ୍ତଙ୍କୁ ନିକଟସ୍ଥ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# ସାପ କାମୁଡ଼ାରେ ଯୁବକ ମୃତ

ରାଜଘାଟ, ୨୯।୧୦ (ସମିସ): ବସ୍ତା ଥାନା ଅନ୍ତର୍ଗତ ଗୋହିରାଗଡିଆ ଗ୍ରାମର ଜୈନିକ ଯୁବକର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଏହି ଗ୍ରାମର ସୁରେନ୍ଦ୍ର ହାତୀ। ଆଜି ଭୋର ସମୟରେ ସୁରେନ୍ଦ୍ର ପୂଜା କରିବା ପାଇଁ ଠାକୁର ଘର ସଫା କରୁଥିବା ସମୟରେ ଘର ଭିତରେ ଥିବା ଏକ ବିଷଧର ଗୋଖର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଡ଼ାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ଶବ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଟ୍ରେନ୍‌ରୁ ଖସିପଡ଼ି ଯୁବକ ମୃତ

ରାଜଘାଟ, ୨୯।୧୦ (ସମିସ): ଦକ୍ଷିଣ ପୂର୍ବ ରେଳପଥର ଅମର୍ଦ୍ଦାରୋଡ-ରାଜଘାଟ ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ପଞ୍ଚୁରୁଖି ରେଳଫାଟକ ନିକଟରେ ଟ୍ରେନରୁ ଖସିପଡ଼ି ଜଣେ ଯୁବକର ମୃତ୍ୟୁ ହୋଇଛି। ଆଜି ସକାଳ ସମୟରେ ଉକ୍ତ ରେଳଫାଟକର ଡାଉନ ଲାଇନ ନିକଟ ଘାସବୁଦାରେ ଉକ୍ତ ଯୁବକର ମୃତଦେହ ପଡ଼ିଥିବାର ଦେଖି ସ୍ଥାନୀୟଲୋକ ସମେତ ଫାଟକ କର୍ମଚାରୀ ଜିଆରପିକୁ ଖବର ଦେଇଥିଲେ। ଖବର ପାଇ ଜିଆରପି ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ଯୁବକର କୌଣସି ପରିଚୟ ମିଳିପାରି ନଥିବା ବେଳେ ଗତକାଲି କୌଣସି ଏକ୍ସପ୍ରେସ୍ ଟ୍ରେନରୁ ଖସିପଡ଼ି ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି।

# ଚୋରା ମଦ ଜବତ, ୫ ଗିରଫ



ଭୋଗରାଇ,୨୯।୧୦(ସମିସ): ଭୋଗରାଇ ବ୍ଲକ ଅବକାରୀ ଥାନା ପକ୍ଷରୁ ଭୋଗରାଇର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୮୬ ଲିଟର ଚୋରା ମଦ ସହିତ ୫ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ଦହମୁଣ୍ଡା ଗ୍ରାମର ମଧୁସୂଦନ ପଣ୍ଡାଙ୍କ ପୁଅ ଶରତ ପଣ୍ଡା, କଟିସାହି ଗ୍ରାମର ଗଙ୍ଗାଧର ଦତ୍ତଙ୍କ ପୁଅ ନିଗମାଗୁରୁ ଦତ୍ତ, ଖଡ଼ିବିଲ ଗ୍ରାମର ଭରତ ଚନ୍ଦ୍ର ଜେନା, ଚକସରବଣୀ ଗ୍ରାମର ଗୋପିନାଥ ପାତ୍ରଙ୍କ ପୁଅ ଜୟଦେବ ପାତ୍ର, ଖଡ଼ିବିଲ ଗ୍ରାମର ଝାଡେଶ୍ୱର ଦଳାଇଙ୍କ ପୁଅ ଶକ୍ତିପଦ ଦଳାଇ ପାଖରୁ ମଦ ଜବତ କରିଛି ଅବକାରୀ ବିଭାଗ। ଏ ନେଇ ଭୋଗରାଇ ଅବକାରୀ ଥାନାରେ ମାମଲା ରୁଜୁ ହୋଇଛି। ଏହି ଚଢ଼ଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

# ଜଳମଗ୍ନ ସମସ୍ୟାର ହେଲା ସମାଧାନ



ସୋର,୨୯।୧୦(ସମିସ): ବାତ୍ୟା ମୋନ୍ଥାର ପ୍ରଭାବ ସୋରରେ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା କାରଣରୁ ସୋର ପୌରପାଳିକାର ବିଭିନ୍ନ ସ୍ଥାନରେ ପାଣି ଜମିବା ସମେତ ଅନେକ ସ୍ଥାନରେ ଲୋକଙ୍କ ଘରେ ପାଣି ପଶିଥିବା ଦେଖିବକୁ ମିଳିଛି। ପୌର ପାଳିକା ଅନ୍ତର୍ଗତ ମାଟିଆପଲା ଛକ ନିକଟରେ ରହୁଥିବା ୧୦ରୁ ଅଧିକ ପରିବାର ଏହି ପାଣି ବୁଡିବା କାରଣରୁ ଜଳମଗ୍ନ ଅବସ୍ଥାରେ ଥିଲେ। ଏ ନେଇ ଆଜି ସକାଳେ ଗ୍ରାମବାସୀ ସୋର ତହସିଲଦାର ଦୈତାରୀ ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅପରାହ୍ନରେ ସୋର ତହସିଲଦାର ଶ୍ରୀ ମଲିକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ସ୍ଥାନୀୟ କାଉସିଲରଙ୍କ ଉପସ୍ଥିତିରେ ନାଳ ଚିରି ପାଣି ନିଷ୍କାସନର ବ୍ୟବସ୍ଥା କରିଥିଲେ।

**ବାତ୍ୟା 'ମୋନ୍ଥା' ପ୍ରଭାବରେ ବାଲେଶ୍ୱରରେ ଲଗାଣ ବର୍ଷା**

# ପାଣିରେ ବୁଡ଼ିଲା ପାଚିଲା ଧାନ

ବାଲେଶ୍ୱର, ୨୯ ।୧୦(ସମିସ)





ବାତ୍ୟା 'ମୋନ୍ଥା' ପ୍ରଭାବରେ ବାଲେଶ୍ୱର ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ଏଥିଯୋଗୁ ଧାନ ଫସଲ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି।

ଆଉ ଗୋଟିଏ ସପ୍ତାହ ଯାଇଥିଲେ ପାଚିଲା ଧାନ ସବୁ କଟା ହୋଇଥାଆନ୍ତା। କିନ୍ତୁ ଗତକାଲି ପବନ ସାଙ୍ଗକୁ ବର୍ଷା ହେବା ଫଳରେ ବିଲରେ ଧାନଗଛ ଗୁଡିକୁ ଶୁଆଇଦେଇଥିବା ବେଳେ ତାହା ଏବେ ପାଣିରେ ବୁଡି ରହିଛି। ଫଳରେ ଧାର କରଜ କରି ଧାନ ଚାଷ କରିଥିବା ଚାଷୀମାନେ ଏବେ ଚିନ୍ତାରେ ରହିଛନ୍ତି।

ବାତ୍ୟାର କିଛି ମାସ ପୂର୍ବରୁ ଚାଷୀ ବିଲରେ ତଳି ପକାଇଥିଲେ। ସେତେବେଳେ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ କିଛି ତଳି ମଧ୍ୟ ନଷ୍ଟ ହୋଇଯାଇଥିଲା। ଯାହା କିଛି ରହିଥିଲା ସେଥିରେ ଧାନ ଅମଳ ହୋଇଥିଲା। ହେଲେ ଠିକ ଧାନ କାଟିବା ସମୟରେ ଏହି ବାତ୍ୟା ଚାଷୀମାନଙ୍କର ଚାଷକୁ ଉଜାଡି ଦେଇଛି। ଗତକାଲି ରାତିରେ ଭୀଷଣ ବର୍ଷା ହେବା ଫଳରେ ବିଲରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି। ଆଉ ପବନ ହେବା ଫଳରେ ପାଚିଲା ଧାନ ଗୁଡିକୁ ଶୁଆଇଦେଇଛି। ଯାହାକି ସେଇ ଧାନ ଗୁଡିକୁ କାଟିବା ଏବେ କାଠିକର ପାଠ ହେବ। ଧାନର ଥୋଡ ଗୁଡିକ ପାଣିରେ ବୁଡି ରହିବା ଫଳରେ ଖୁବ କମ ଦିନରେ ତାହା ଗଜା ହୋଇଯିବା ନିଶ୍ଚିତ ହୋଇଛି। ପଦାବଡଗାଁ ଅଞ୍ଚଳର ଚାଷୀ ଉମାକାନ୍ତ ଭୂୟାଁ କହିଛନ୍ତି ଯେ ସେ ଚଳିତ ବର୍ଷ ୮ଏକର ଜମିରେ ୫୦କେଜି ଧାନର ତଳି ପକାଇଥିଲେ। ହେଲେ ତଳି ପକାଇବାର କିଛି ଦିନ ମଧ୍ୟରେ ବର୍ଷା ହୋଇଯିବାରୁ ଧାନ ସବୁ ଉପରକୁ ଉଠି ଆସିଥିଲା ଆଉ ଯାହାବି କିଛି ତଳି ହୋଇଥିଲା ତାହା ସବୁ ନଷ୍ଟ ହୋଇଯାଇଛି। ତେବେ ଚାଷୀଙ୍କ ଦୁଃଖ ପୂର୍ବରୁ ଲଗାଣ ବର୍ଷା ଆଉ ଏବେ ବାତ୍ୟା ବଢ଼ାଇଦେଇଥିବା ବେଳେ ଅମଳ ହେବାକୁ ଥିବା ଧାନ କିପରି ପାଇବେ ତାହାକୁ ନେଇ ଏବେ ଚିନ୍ତାରେ ବୋଲି ସେ କହିଛନ୍ତି। ସେହିପରି ଆଉ ଜଣେ ଚାଷୀ ବାବୁଲା ମାର୍ଣ୍ଡି କହିଛନ୍ତି ଯେ, ସେ୧୨ଏକର ଜମିରେ ତଳି ପକାଇଥିଲେ। ପୂର୍ବରୁ ଲଗାଣ ବର୍ଷା ଫଳରେ ତଳି ନଷ୍ଟ ହୋଇଥିଲା କିଛି ଆଉ ଯାହା ଥିଲା ତାକୁ ଚାଷ କରିଥିଲେ। ଏବେ ଚାଷ ଅମଳ ସମୟ। ସବୁ ଧାନ ଗୁଡିକ ପାଚିଯାଇଥିଲା। ବାକି ଗୋଟିଏ ସପ୍ତାହ ମଧ୍ୟରେ ତାହା ଅମଳ ହେବାରଥିଲା। ହେଲେ ଏହି ବାତ୍ୟା ସବୁ କିଛି ବିଗାଡି ଦେଲା। ପବନ ଓ ବର୍ଷା ଫଳରେ ଧାନ ଗଉ ଗୁଡିକ ଶୋଇଯାଇଥିବା ବେଳେ ଥୋଡ ଗୁଡିକ ପାଣିରେ ବୁଡି ରହିଛି। ଧାର କରଜ ଏବଂ ସୋସାଇଟିରୁ ଋଣ କରି ଏହି ଚାଷ କାର୍ଯ୍ୟ କରିଥିଲେ ଏବେ କିପରି ଭାବେ ତାହା ଭରଣ ହେବ ସେ ନେଇ ଚିନ୍ତାରେ ରହିଛନ୍ତି ବୋଲି କହିଛନ୍ତି। ଏ ବାବଦରେ ସଦର ବ୍ଲକ କୃଷି ଅଧିକାରୀ ଅଳକା ସାହୁ କହିଛନ୍ତି ଯେ ଆଜି ସେ ହଳଦୀପଦା, ରାଇସୁଆଁ, ଓଡ଼ଙ୍ଗୀ ଆଦି ସ୍ଥାନ ପରିଦର୍ଶନ କରିଛନ୍ତି। ପାଖାପାଖି ୪୨ ଏକର ଚାଷ ଜମି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଏହାଛଡା ଯେଉଁ ଧାନ ଗୁଡିକ ବିଲରେ ଶୋଇଯାଇଛି ଏହି ବର୍ଷା ଛାଡିବା ପରେ ତାହା ଠିକ ହୋଇଯିବ ବୋଲି ସେ କହିଛନ୍ତି।

# ସୋର ଗୋଶାଳାର ଗୋଷ୍ଠାଷ୍ଟମୀ ଉତ୍ସବ




ସୋର, ୨୯।୧୦(ସମିସ): ୧୯୨୪ ମସିହାରେ ସ୍ଥାପିତ ଓଡ଼ିଶାର ସର୍ବପୁରାତନ ସୋର ଗୋଶାଳର ୧୦୧ତମ ଗୋଷ୍ଠାଷ୍ଟମୀ ଉତ୍ସବ ମହାସମାରୋହରେ ପାଳନ ହୋଇଛି। ପୂର୍ବାହ୍ନରେ ସତ୍ୟସାଇ ସେବା ସମିତି ସୋରର ପରିଚାଳକ ଭଗବାନ ମହାପାତ୍ରଙ୍କ ନେତୃତ୍ୱରେ ସଂଗଠନର ପିଲାମାନେ "ରୁଦ୍ରାର୍ପିତମ୍' କାର୍ଯ୍ୟକ୍ରମରେ ୩ ଘଣ୍ଟା ଧରି ବେଦପାଠ କରିଥିଲେ। ଗୋପାଳ ମୂର୍ତ୍ତି ପୂଜନ ଓ ଗୋ ପୂଜନ ମଧ୍ୟ କରାଯାଇଥିଲା। ନୂତନ ଦୋକାନ ଗୃହ ନିର୍ମାଣ ନିମିତ୍ତ ଭୂମିପୂଜନ କରାଯାଇଥିଲା। ସାନ୍ଧ୍ୟ ଅଧିବେଶନରେ ଏକ ସାଧାରଣସଭା ଗୋଶାଳାର ସଭାପତି ଅବସରପ୍ରାପ୍ତ ପ୍ରାଧାପକ ପଦ୍ମଲୋଚନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଅବସରପ୍ରାପ୍ତ ପ୍ରଫେସର ଡା. ଶ୍ରୀକାନ୍ତ ପଣ୍ଡା ଓ ପୂର୍ବତନ ମୁଖ୍ୟ ପଞ୍ଚକର୍ମ ବିଭାଗ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ପୁରୀର ଡ. ଦେବପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶାରୀରିକ, ମାନସିକ ଓ ଆନିକ ସୁସ୍ଥତାରେ ପଞ୍ଚକର୍ମର ଉପଯୋଗିତା ଉପରେ ବିଶଦ ଆଲୋଚନା କରିଥିଲେ। ଗୋଶାଳାର ସଂପାଦକ ଡମ୍ବରୁଧର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ଗୋଶାଳା ପରିସରରେ ପ୍ରଥମ କରି ତୁଳା ଦାନ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଲ୍ଲୀପୁର, ପାଖର ଗ୍ରାମ ନିବାସୀ ଜୟଦେବ ପଣ୍ଡା ଓ ରୁଷୋ ଗ୍ରାମ ନିବାସୀ ସନାତନ ଯଶମୁଖ ଗୋସେବକ ଦ୍ୱୟଙ୍କୁ ମାନପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରିବେଣୀ କଳା କେନ୍ଦ୍ର, ସୋରର ଅଧ୍ୟକ୍ଷା ପୁଷ୍ପାରାଣୀ ନାୟକଙ୍କ ନେତୃତ୍ୱରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଦସ୍ୟା ଭାରତୀ ମହାନ୍ତି ଗୋମାହାତ୍ମ୍ୟ ଗାନ କରିଥିଲେ। ଉପସଭାପତି ଦାମୋଦର ଦାଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାଦମ୍ବିନୀ ପାଣିଗ୍ରାହୀ ଗୀତାପାଠ କରିଥିଲେ। ଗୋଶାଳା କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ ଅନୁଷ୍ଠାନର ଆୟ-ବ୍ୟୟ ବିବରଣୀ ଉପସ୍ଥାପନ କରିଥିବାବେଳେ ଉଦ୍ଧବ ଚରଣ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକ୍ଷୁ ଚିକିତ୍ସା ଶିବିର



ଜଳେଶ୍ୱର,୨୯।୧୦(ସମିସ): ଜାତୀୟ ରାଜପଥ ପ୍ରାଧିକରଣ ଏନ.ଏଚ. ୬୦ ବାଲେଶ୍ୱର ଖରଗପୁର ଏକ୍ସପ୍ରେସ ୱେ ଲିମିଟେଡ଼ ପକ୍ଷରୁ ରୋଟାରି କ୍ଲବ ଶାଶ୍ୱତ ସହଯୋଗରେ ସୂର୍ଯ୍ୟମଣି ନେତ୍ରାଳୟ ଭୋଗରାଇ ଦ୍ୱାରା ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିରକୁଲି ସେବା ସଦନର ଡାକ୍ତର ଜ୍ୟୋତି ପ୍ରକାଶ ମହାନ୍ତି ଉଦଘାଟନ କରିଥିଲେ। ବାଲେଶ୍ୱର ଖରଗପୁର ଏକ୍ସପ୍ରେସୱେ ର ଡେପୁଟି ପ୍ରୋଜେକ୍ଟ ମ୍ୟାନେଜେର ହେମନ୍ତ କୁମାର, ନିଶାନ୍ତ ମଣ୍ଡଳ, ଆର.ପି.ଓ ରଂଜିତ ଦାସ ସମେତ ଟୋଲପ୍ଲାଜାର ସମସ୍ତ କର୍ମଚାରୀ ଡ୍ରାଇଭର ମାନଙ୍କୁ ଅଟକାଇ ସେମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ କମଳ ଚକ୍ରବର୍ତ୍ତୀ, ରାଜୀବ ପରିଡା, ସୁଦାମ ପାତ୍ର, ରବୀନ୍ଦ୍ର ବାରିକ, ହରିଶଙ୍କର ଜେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ହିସାବରକ୍ଷକ ଦିଲ୍ଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଖିବୁଜିଲେ କାର୍ଯ୍ୟରତ ସାମ୍ବାଦିକ କିଶୋର ବେହେରା

ଖଇରା,୨୯ ।୧୦(ସମିସ): ବାଲେଶ୍ୱରଜିଲାଖଇରା ବ୍ଲକର କାର୍ଯ୍ୟରତ ସାମ୍ବାଦିକ କିଶୋର ବେହେରା (୪୫) କିଡ୍‌ନୀ ରୋଗରେ ଆଖିବୁଜିଛନ୍ତି। ସେ ଗତ ୪ବର୍ଷ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ଦିନ ସୋରରେ ଡାଇଲିସିସ୍ ଚାଲିଥିବା ବେଳେ ହୃଦଘାତରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ପହଞ୍ଚି ଶେଷ ଦର୍ଶନ କରିଥିବା ବେଳେ ବିଧାୟକ ପଦ୍ମଲୋଚନ ପଣ୍ଡା, ବିଜେଡି ନେତା ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସମାଜସେବୀ ଶଶିକୁମାର ସାହୁ, ପୂର୍ବତନ ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ, କଂଗ୍ରେସ ନେତା ହିମାଂଶୁ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁରେ ଖଇରା ସାମ୍ବାଦିକ ସଂଘ ତରଫରୁ ବୁଧବାର ଶୋକସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବରିଷ୍ଠ ଉପଦେଷ୍ଟା ଅନାମ ଚରଣ ପଣ୍ଡା, ସଭାପତି ଉତ୍କଳବନ୍ଧୁ ପଣ୍ଡା, ଉପସଭାପତି



ତପୋଧନ ବାରିକ, ସମ୍ପାଦକ ବଳରାମ ଲେଙ୍କା, କୋଷାଧ୍ୟକ୍ଷ ଧନଞ୍ଜୟ ପଣ୍ଡା, କୈଳାସ ଚନ୍ଦ୍ର ଦାସ, ସଞ୍ଜୟ କୁମାର ବେହେରା,ଉମେଶ ଜେନା,ମନୋଜ କୁମାର ପ୍ରଧାନ, ଛାୟାକାନ୍ତ ମହାନ୍ତି, ନିଶିକାନ୍ତ ମହାନ୍ତି, ବିସ୍ମୟ ବେହେରା ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ବେହେରାଙ୍କ ଗଣମାଧ୍ୟମ ଜଗତ ପ୍ରତି ଥିବା ନିଷ୍ଠା, କର୍ତ୍ତବ୍ୟବୋଧତା, ସଚ୍ଚୋଟପଣିଆ ଉପରେ ଆଲୋକପାତ କରିଥିଲେ। ଏହାଛଡା ଓଡିଶା ସାମ୍ବାଦିକ ୟୁନିଅନ ତରଫରୁ ଅନ୍ୟ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି।

# ଦୁର୍ଘଟଣାରେ ଗୁରୁତର ବିଜେପି ନେତ୍ରୀଙ୍କ ମୃତ୍ୟୁ

ଜଳେଶ୍ୱର ବ୍ଲକ, ୨୯।୧୦(ସମିସ): ଜଳେଶ୍ୱର ବ୍ଲକ ଅଧିନସ୍ଥ ଖୁଦିଆ ମାଝିସାହି ପଞ୍ଚାୟତର ବିଜେପି ସରପଞ୍ଚ ପ୍ରାର୍ଥୀନି ତଥା ନାରୀନେତ୍ରୀ ଲକ୍ଷ୍ମୀପ୍ରିୟା ସିଟଙ୍କ(୩୬)ଙ୍କ ଗତକାଲି ଦେହାନ୍ତ ହୋଇଯାଇଛି । ଚଳିତ ଅକ୍ଟୋବର ୧୬ ତାରିଖ ଦିନ ବାଇକରେ ବସି ହାତୀଗଡ଼ ବ୍ୟାଙ୍କରୁ ଫେରୁଥିବା ସମୟରେ ବାଇକରୁ ଖସି ତାଙ୍କ ମୁଣ୍ଡ ପଛ ପାଶ୍ୱର୍ରେ ଆଘାତ ଲାଗି ମୁଣ୍ଡରେ ରକ୍ତ ଜମାଟ ବାନ୍ଧିଯାଇଥିଲା । ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଯୁବନେତା ବିପ୍ଳବ ପ୍ରଧାନ, ତପନ ସାହୁ, ସଞ୍ଜୟ ଘୋଷ, ଖୁଦିଆମାଝିସାହି ନାଏବ ସରପଞ୍ଚ କ୍ଷିତୀଶ ଦେ, ସୁଶାନ୍ତ ଘୋଷ, ବିଜେପି ମଣ୍ଡଳ ସଭାପତି ଅନୁପ ପ୍ରଧାନ, ଅଜିତ ସିଂ, ଶଶାଙ୍କ ପାଳ, ଗଣେଷ ସିଂ ପ୍ରମୁଖ ତାଙ୍କ ପରିବାରକୁ ଭେଟି ସ୍ୱାମୀ ଗୌତମ ସିଟ, ୧୪ ବର୍ଷର ପୁଅ ଏବଂ ୬ ବର୍ଷର ଝିଅକୁ ସମବେଦନା ଜଣାଇଥିଲେ।

**Government of Odisha "e" Procurement**
**Notice Bid Identification No.37/2025-26**
C-1344

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Supertintending Engineer,
P.H. Division, Bhubaneswar

OIPR-13205/11/0040/2526

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
e-Procurement Notice No. ONLINE-BGH-11 OF 2025-26
O-1160

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.

Superintending Engineer
R.W. Division, Bargarh

OIPR-25062/11/0037/2526

# ମୋରମ ଓ ମାଟି ମାଫିଆଙ୍କ ପାଇଁ ବଢୁଛି ଦୁର୍ଦ୍ଦଶା

# ଭାରୀଯାନ ଚଳପ୍ରଚଳରେ ରାସ୍ତା ନଷ୍ଟ

ରୂପସା, ୨୯।୧୦ (ସମିସ)



**ନୂଆ ରାସ୍ତା ନିର୍ମାଣ କରିବାକୁ ଦେଉନାହାନ୍ତି ପଞ୍ଚାୟତବାସୀ**
**ପଡ଼ି ରହିଛି ୮ କୋଟି ଟଙ୍କା**

ବସ୍ତା ବ୍ଲକ ଗଡପଦା ପଞ୍ଚାୟତରେ ଏବେ ମାଟି ଓ ମୋରମ ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଛି। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଏହି ପଞ୍ଚାୟତ ପାଇଁ ଦୁଇଟି ନୂତନ ରାସ୍ତାର ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଦୁଇ ଠିକାଦାରଙ୍କୁ ପଞ୍ଚାୟତବାସୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦେଉ ନାହାନ୍ତି। ଯାହା ଫଳରେ ଏହି ଅଞ୍ଚଳରେ ଏବେ ଚାପା ଉତ୍ତେଜନା ଲାଗି ରହିଛି। ଏହି ପଞ୍ଚାୟତର ସୀମା ପଡୋଶୀ ମୟୂରଭଞ୍ଜ ଜିଲ୍ଲାକୁ ଲାଗିଛି। ଏହି ପଞ୍ଚାୟତରେ ପର୍ଯ୍ୟାପ୍ତ ପରିମାଣର ମୋରମ ମହଜୁଦ ରହିଛି। ଲଛମନଖୁଣ୍ଟାଠାରେ ଥିବା ଶହଶହ ଏକର ଜଙ୍ଗଲରୁ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ତଥା ମୋରମ ଓ ମାଟି ମାଫିଆ ମାନେ ସରକାରୀ ସଂରକ୍ଷିତ ଜଙ୍ଗଲ ଜମିରୁ ମାଟି ଓ ମୋରମ ଖନନ କରି ଡମ୍ଫର ଓ ହାଇୱା ଗାଡି ଦ୍ୱାରା ମାଟି ଓ ମୋରମ ଚାଲାଣ କରୁଛନ୍ତି। ଏହା ଦ୍ୱାରା ରାସ୍ତା ଗୁଡ଼ିକ ସଂପୂର୍ଣ୍ଣ ନଷ୍ଟ ହୋଇଯାଉ ଥିବା ବେଳେ ରାସ୍ତାପାଶ୍ୱର୍ରେ ଜଳନିଷ୍କାସନ ପାଇଁ ଥିବା ଡ୍ରେନ ଗୁଡିକ ମଧ୍ୟ ଭାଙ୍ଗିରୁଜି ଦେଇଛନ୍ତି। ଯାହା ଫଳରେ ବର୍ଷାଦିନରେ ଏହି ଡ୍ରେନ ଦ୍ୱାରା ଜଳ ନିଷ୍କାସନ ହୋଇନପାରି ଡ୍ରେନ ପାର୍ଶ୍ୱସ୍ଥ ଗୃହଗୁଡିକୁ ଏହି ବର୍ଷାଜଳ ପଶି ଜନଜୀବନ ଅସ୍ତବ୍ୟସ୍ତ କରିଦେଉଛି। ରାସ୍ତାରେ ଅସଂଖ୍ୟ ଖାଲ ହୋଇଯିବା ଯୋଗୁଁ ସାଧାରଣ ଲୋକଙ୍କ ସହିତ ପିଲାଙ୍କର ସ୍କୁଲ ଓ କଲେଜ ଯିବାରେ ନାନା ଅସୁବିଧା ସୃଷ୍ଟି ହେଉଛି। ଜରୁରୀ କାଳୀନ ସମୟରେ ଆମ୍ବୁଲାନ୍ସ ଓ ଦମକଳ ଗାଡି ମଧ୍ୟ ଏଥିରେ ଯିବାଆସିବା ଅସମ୍ଭବ ହୋଇପଡୁଛି। ଏପରିକି ପ୍ରତ୍ୟେକଦିନ ଛୋଟ ବଡ଼ ଦୁର୍ଘଟଣାମାନ ଘଟି ଲୋକମାନେ ଆହତ ହେଉଛନ୍ତି। ଘଟଣା ସମ୍ପର୍କରେ ଲୋକେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଜଙ୍ଗଲବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଯାବର କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ ଆଜି ସ୍ଥାନୀୟ ଲୋକମାନେ ବସ୍ତା ତହସିଲଦାର ସୁଶାନ୍ତ ପଟ୍ଟନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହିତ ଜିଲ୍ଲାପାଳ ଓ ଏସ୍ପିଙ୍କୁ ମଧ୍ୟ ଅବଗତ କରିଥିଲେ। ପ୍ରଶାସନ ଏହି ବିଷୟକୁ ଗୁରୁତ୍ୱର ସହ ବିଚାର କରି ଏକ ଉଚ୍ଚ କ୍ଷମତା ସଂପନ୍ନ କମିଶନ ଦ୍ୱାରା ଘଟଣାର ତଦନ୍ତ କରାଇ ମୋରମ ଓ ମାଟି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ମଧ୍ୟ କରିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ଆଜିଯାଏ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନଥିବା ପଞ୍ଚାୟତବାସୀ ଅଭିଯୋଗ ଆଣିଛନ୍ତି। ପୁଣିଥରେ ସରକାର ଲୋକଙ୍କ ସୁବିଧା ପାଇଁ କୋଟିକୋଟି ଟଙ୍କାର ରାଜସ୍ୱ ଖର୍ଚ୍ଚ କରି ରାସ୍ତା କରିବେ। ମାତ୍ର ଏଥିରୁ ଲାଭ କେବଳ ମାଟି ଓ ମୋରମ ମାଫିଆମାନେ ପାଇବେ। ପ୍ରଶାସନ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରିବାକୁ ଦିଆଯିବ ନାହିଁ ବୋଲି କଡା ଚେତାବନୀ ଦେଇଛନ୍ତି।

No. 4107 / Dated 25.10.2025
O-1203
**Government of Odisha "e" Procurement Notice**
**Bid Identification No. TENDER ONLINE SNPR-08 OF 2025-26**

1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
   (1) Other details can be seen from detailed notice
   (2) Inviting tenders available in website: www.tendersodisha.gov.in
   (3) Corrigendum, if any, shall only be published in the website: www.tendersodisha.gov.in

Executive Engineer
Rural Works Division, Sonepur

OIPR-25054/11/0045/2526